ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୭/୨୦୧୯ (୨୦ ପୃଷ୍ଠା) | Bhubaneswar, Friday, September 27/2019 | ★★★★
୪୫ଶ ଭାଗ ୩୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



## ପ୍ରମୋଦ କ୍ୱାର୍ଟର ଫାଇନାଲରେ

ଚାଇନାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ୧୯

୧୨

## ମଲାଇକା ସବୁବେଳେ 'ହଟ୍'

ମଲାଇକା ଅରୋରା ଏକ ହ୍ୱାଇଟ୍ ଗାଉନ୍ ପିନ୍ଧି ନିଜର ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଅର୍ଜୁନଙ୍କ 'ହଟ' କମେଣ୍ଟ ପରେ ପୁଣି ଦୁହିଁଙ୍କୁ ନେଇ ଚର୍ଚ୍ଚା ହୋଇଛି।



# ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ମିଳିବ ଟଙ୍କା

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ଧାନ ବିକୁଥିବା ଚାଷୀଙ୍କୁ ଏଣିକି ୨୪ରୁ ୪୮ ଘଣ୍ଟା ମଧ୍ୟରେ ସେମାନଙ୍କ ପ୍ରାପ୍ୟ ମିଳିବ। ଧାନ ବିକ୍ରି ବାବଦ ଅର୍ଥ ଅନ୍‌ଲାଇନ୍ ଜରିଆରେ ସିଧା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ପୈଠ କରାଯିବ। ପୂର୍ବରୁ ସେମାନଙ୍କୁ ୨୪ରୁ ୭୨ ଘଣ୍ଟା ମଧ୍ୟରେ ଧାନ ବିକା ଟଙ୍କା ମିଳୁଥିଲା। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହିତ ଖାଦ୍ୟ ଓ ସଂଗ୍ରହଣ ନୀତି୨୦୧୯-୨୦କୁ କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି।

କ୍ୟାବିନେଟ ବୈଠକ ଶେଷରେ ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଚଳିତବର୍ଷ ଖରିଫ ଓ ରବି ଋତୁରେ ୬୦ ଲକ୍ଷ ମେଟ୍ରିକ ଟନ୍ ଖରିଫ ଧାନ ସଂଗ୍ରହ ହେବ। ଏ ବାବଦରେ ୪୧ ଲକ୍ଷ ମେଟ୍ରିକ ଟନ୍ ଚାଉଳ ସଂଗ୍ରହ ହେବ ବୋଲି ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ତେବେ ଗତ ବର୍ଷଠାରୁ ଚଳିତ ବର୍ଷ ପ୍ରାୟ ୫ ଲକ୍ଷ ମେଟ୍ରିକ ଟନ୍ ଧାନ ଓ ଚାଉଳ କମ୍ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ୨୦୧୮-୧୯ରେ ୬୫.୪୯ ଲକ୍ଷ ମେଟ୍ରିକ ଟନ୍ ଧାନ ଓ ଏଥିରୁ ବାହାରୁଥିବା ୪୪.୪୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଆବଶ୍ୟକ ହେଲେ ସରକାର ଚାଷୀଙ୍କଠାରୁ ଆହୁରି ଅଧିକ ଧାନ କ୍ରୟ କରିବେ। ଆସନ୍ତା ନଭେମ୍ବର ପହିଲାରୁ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ୍ ଧାନ ସଂଗ୍ରହ କରାଯିବ। ସେହିପରି ୨୦୨୦ ମେ'ରୁ ଜୁନ୍ ମଧ୍ୟରେ ରବି ଧାନ ସଂଗ୍ରହ ହେବ। ଚଳିତ ବର୍ଷ ଧାନ କିଣିବା ପାଇଁ ୧୨ ଲକ୍ଷ ୪୦ ହଜାର ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ପ୍ରଥମ ଥର ପାଇଁ ଆଧାରକୁ ପରିଚୟ ପତ୍ର ଭାବେ ଧରି ଏହି ପଞ୍ଜୀକରଣ କରାଯାଇଛି। ୨୦୧୮-୧୯ରେ ଖରିଫ୍ ଋତୁରେ ୯ ଲକ୍ଷ ଚାଷୀ ଧାନ ବିକ୍ରି କରିଥିଲେ। ଚଳିତ ବର୍ଷ ୩ ଲକ୍ଷ ୪୦ ହଜାର ଅଧିକ ଚାଷୀ ଧାନ ବିକିବା ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ତେବେ ଚାଷୀମାନେ ଏବେ ଆଧାରକୁ ପରିଚୟପତ୍ର ଭାବେ ଦେଖାଇ ଧାନ ବିକି ପାରିବେ । ଆଧାର ନ ଥିଲେ ସରକାର ଚାଷୀଙ୍କଠାରୁ ଧାନ କିଣିବେ ନାହିଁ। ଚଳିତ ବର୍ଷ ଅଧିକ ସଂଖ୍ୟାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କିଣାରେ ସାମିଲ ହେବେ। ଏଥିସହିତ ପ୍ୟାକ୍ସ, ଲ୍ୟାମ୍ପସ ଏବଂ ପାଣିପଞ୍ଚାୟତଗୁଡିକ ମଧ୍ୟ ଚାଷୀଙ୍କଠାରୁ ଧାନ କିଣିବେ। ମାର୍କଫେଡ୍‌କୁ ଚଳିତ ବର୍ଷ ଧାନ କିଣାରୁ ବାଦ୍ ଦିଆଯାଇଛି। ଭାଗଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ ନିଜର ବଳକା ଧାନକୁ ବିକ୍ରି କରିପାରିବେ। ଚଳିତ ବର୍ଷ କେନ୍ଦ୍ର ସରକାର ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି)୧୮୧୫ ଟଙ୍କା ଏବଂ ଗ୍ରେଡ୍-ଏ ଧାନ ପାଇଁ ୧୮୩୫ ଟଙ୍କା ଧାର୍ଯ୍ୟ କରିଛନ୍ତି। ଗତ ବର୍ଷର ବକେୟା ଚାଉଳ ଫେରସ୍ତ କରି ନ ଥିବା ମିଲରମାନଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯିବ ନାହିଁ। ରାଜ୍ୟର ୩୧୦ଟି ବ୍ଲକରେ ପି-ପାସ୍ ମାଧ୍ୟମରେ ଧାନ କିଣାଯିବ। ରାଜ୍ୟର ସାଧାରଣ ବ୍ୟବସ୍ଥା ବଣ୍ଟନ ପାଇଁ ୨୪ ଲକ୍ଷ ମେଟ୍ରିକ ଟନ୍ ଚାଉଳକୁ ବାଦ୍‌ଦେଇ ବଳକା ଭାରତୀୟ ଖାଦ୍ୟ ନିଗମ ମାଧ୍ୟମରେ କେନ୍ଦ୍ରୀୟ ଭଣ୍ଡାରକୁ ପଠାଯିବ।

### କ୍ୟାବିନେଟ୍ ନିଷ୍ପତ୍ତି

- ୨୦୧୯-୨୦ ଖାଦ୍ୟ ଓ ସଂଗ୍ରହଣ ନୀତିକୁ କ୍ୟାବିନେଟର ମୋହର
- ନଭେମ୍ବର ୧ରୁ ହେବ ଧାନ କିଣା
- ଏଥର କମିଲା ଟାର୍ଗେଟ
- ଚଳିତ ବର୍ଷ ୬୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ କିଣିବେ ସରକାର
- ଆଧାର ନ ଥିଲେ ଧାନ ବିକିବା ମନା
- ଧାନ ଏମ୍‌ଏସ୍‌ପି ୧୮୧୫ ଟଙ୍କା
- ଅଧିକ ମହିଳା ଏସ୍‌ଏଚ୍‌ଜି ଧାନ କିଣାରେ ସାମିଲ ହେବେ

# ଆଜି ଆସୁଛନ୍ତି ରାଷ୍ଟ୍ରପତି



**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨ ଦିନିଆ ଓଡ଼ିଶା ଗସ୍ତରେ ଶୁକ୍ରବାର ଆସୁଛନ୍ତି। ଦିଲ୍ଲୀରୁ ସ୍ୱତନ୍ତ୍ର ବିମାନ ଯୋଗେ ଆସି କେତେକ କାର୍ଯ୍ୟକ୍ରମରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ତେବେ ପୂର୍ବ ନିର୍ଦ୍ଧାରିତ ଗସ୍ତ କାର୍ଯ୍ୟସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ରାଷ୍ଟ୍ରପତି ସନ୍ଧ୍ୟା ୬ଟା ୩୦ ପରିବର୍ତ୍ତେ ଅପରାହ୍ନ ୨ଟା ୩୦ରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିବେ। ସେଠାରେ ତାଙ୍କୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ☞ପୃଷ୍ଠା-୪




# ୧୫ ଦିନରେ ଆର୍‌ଟିଓ ହେବ ଦଲାଲମୁକ୍ତ

- ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
- ଭିଡିଓ କନଫରେନ୍ସିଂ ଜରିଆରେ କଲେ ଆଲୋଚନା
- ସଡ଼କ ସଚେତନତାକୁ ଗୁରୁତ୍ୱ

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ଆସନ୍ତା ୧୫ ଦିନ ମଧ୍ୟରେ ରାଜ୍ୟରେ ଥିବା ଆରଟିଓ ଦଲାଲମୁକ୍ତ କରାଯିବ। ଗ୍ରାମାଞ୍ଚଳରେ ଅଧିକ କାଉଣ୍ଟର ଖୋଲାଯାଇ ଶିବିର ଆୟୋଜନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର କହିଛନ୍ତି। ଲୋକସେବା ଭବନରୁ ଭିଡିଓ କନଫରେନ୍ସିଂ ଜରିଆରେ ବିଭିନ୍ନ ଜିଲାର ଜିଲାପାଳ, ଏସ୍‌ପି ଓ ଆରଟିଓମାନଙ୍କ ସହ ଆଲୋଚନା କରିବା ସମୟରେ ମୁଖ୍ୟମନ୍ତ୍ରୀ ଏହି କଥା କହିଛନ୍ତି। ସାଧାରଣଙ୍କ ଲୋକଙ୍କ ସୁବିଧା ପାଇଁ ଅଧିକ କାଉଣ୍ଟର ଖୋଲିବା ଓ ସଚେତନତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସଡ଼କ ସୁରକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ରାସ୍ତା ଦୁର୍ଘଟଣାରେ ହେଉଥିବା ଜୀବନହାନି ଆମର ସାମାଜିକ, ଅର୍ଥନୈତିକ ବିକାଶକୁ ପ୍ରଭାବିତ କରିଥାଏ। ରାଜ୍ୟର ପ୍ରାୟ ୫୦୦୦ ଲୋକ ପ୍ରତିବର୍ଷ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ଯୁବବର୍ଗ ରହୁଛନ୍ତି। ତେଣୁ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ହ୍ରାସ କରିବା ପାଇଁ ଯୋଜନାବଦ୍ଧ ଭାବେ ☞ପୃଷ୍ଠା-୪

## ୧୩ ଦଲାଲ ଗିରଫ

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ନୂଆ ମୋଟର ଯାନ ଆଇନ ଲାଗୁ ପରଠାରୁ ଆର୍‌ଟିଓଗୁଡ଼ିକରେ ଦଲାଲମାନେ ବେଶ୍ ସକ୍ରିୟ ହୋଇଉଠିଛନ୍ତି। ଏପରିକି ଏହା ନିକଟରେ ଟେବୁଲ ଚେୟାର ପକାଇ ଲୋକଙ୍କଠାରୁ ଟଙ୍କା ଲୁଟୁଛନ୍ତି। ଗୁରୁବାର ରାଜ୍ୟର ବିଭିନ୍ନ ଆର୍‌ଟିଓ ସମ୍ମୁଖରୁ ୧୩ଜଣ ଦଲାଲଙ୍କୁ ଧରିଛି ପୋଲିସ। ରାଉରକେଲା ଆର୍‌ଟିଓରୁ ୮ଜଣ ଓ ଅନ୍ୟ ଜିଲାରୁ ୫ଜଣଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ପୂର୍ବରୁ ମଧ୍ୟ ରାଉରକେଲା ଆର୍‌ଟିଓ ସମ୍ମୁଖରୁ ୧୨ଜଣ ଦଲାଲଙ୍କୁ ପୋଲିସ ଗିରଫ କରିଥିଲା। ଏବେ ଧରପଗଡ଼ ଜୋର୍‌ଦାର କରାଯିବା ପରେ ଦଲାଲମାନେ ଉଭାନ ହୋଇଯାଇଛନ୍ତି। ଭୁବନେଶ୍ୱରର ଦୁଇ ଆର୍‌ଟିଓ ଓ ଏହା ପରିସରରେ କୌଣସି ଦଲାଲ ଦେଖିବାକୁ ମିଳି ନ ଥିଲେ। କିନ୍ତୁ ଲୋକେ ଫର୍ମ ଫିଲଅପ୍ ଓ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ହଇରାଣ ହୋଇଥିଲେ। କିଭଳି ଲାଇସେନ୍ସ ଆବେଦନ କରିବେ, କେଉଁଠୁ ଲର୍ନିଂ ପରୀକ୍ଷା ଦେବେ ତାହା ଜାଣି ନ ପାରି ପଚାରି ପଚାରି ନିରାଶ ହେଉଥିଲେ। ଆର୍‌ଟିଓ-୧ ପ୍ରଦୀପ ମହାନ୍ତି କହିଛନ୍ତି, ଦଲାଲଙ୍କୁ ଦେଖିଲେ ଆମେ ତୁରନ୍ତ ପୋଲିସକୁ ଜଣାଇ ଦେଉଛୁ। ଏହାସହ କର୍ମଚାରୀମାନେ ଦଲାଲଙ୍କ ସହ ସମ୍ପର୍କ ରଖୁଥିବା ନଜରକୁ ଆସିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ତେବେ ଆର୍‌ଟିଓ କାର୍ଯ୍ୟରେ ଲୋକଙ୍କୁ ସହଯୋଗ ଯୋଗାଇ ଦେବାକୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାକୁ ଦାବି ହୋଇଛି।

### ଆଜିର ସମ୍ପାଦକୀୟ

**ଅନୁବର୍ତ୍ତୀ ପଦକ୍ଷେପ**

### ଆଜିର ମନ୍ତବ୍ୟ

"ଆତଙ୍କବାଦ ଓ ଦୁର୍ନୀତି ଭଳି ପ୍ରସଙ୍ଗର ସମାଧାନ ପାଇଁ ଗାନ୍ଧିବାଦୀ ମୂଲ୍ୟବୋଧ ପ୍ରାସଙ୍ଗିକ।
– ରାମନାଥ କୋବିନ୍ଦ, ରାଷ୍ଟ୍ରପତି

### କିଛି ତଥ୍ୟ

ସେପ୍ଟେମ୍ବର ୧୩ ପାକ୍ଷିକରେ ସୁଦ୍ଧା ବ୍ୟାଙ୍କ ଋଣ ଓ ଜମା ଯଥାକ୍ରମେ ୧୦.୨୬% ଓ ୧୦.୦୨ ବୃଦ୍ଧି ପାଇଛି। ପୂର୍ବ ପାକ୍ଷିକରେ ଋଣ ଓ ଜମା ଯଥାକ୍ରମେ ୧୦.୨୪% ଓ ୯.୭୩% ରହିଥିଲା।
– ଭାରତୀୟ ରିଜର୍ଭ ବ୍ୟାଙ୍କ

**ଓସିଏ ନିର୍ବାଚନ ଆଜି**
**ଭାଗ୍ୟ ନିର୍ଦ୍ଧାରଣ ଅପେକ୍ଷାରେ ୧୦ ପ୍ରାର୍ଥୀ**
........୧୯........

NECC NATIONAL EGG CO-ORDINATION COMMITTEE 26.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 64 | 111 | 121 |
| DKL | 63 | 110 | 120 |
| BDK | 62 | 109 | 119 |
| BLS | 62 | 109 | 119 |
| ANG | 65 | 113 | 123 |
| BHM | 58 | 103 | 113 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers

### ମାନ୍ଦାବସ୍ଥା ଦୂର ପାଇଁ ସୀତାରାମନ୍‌ଙ୍କ ଘୋଷଣା

# ଋଣମେଳାରେ ସାମିଲ ହେବେ ଘରୋଇ ବ୍ୟାଙ୍କ



**ନୂଆଦିଲ୍ଲୀ,୨୬-୯**

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗୁରୁବାର ଘରୋଇ ବ୍ୟାଙ୍କ,ଏନ୍‌ବିଏଫ୍‌ସି ଓ ହାଉସିଂ ଫାଇନାନ୍ସ କମ୍ପାନୀ ମୁଖ୍ୟମାନଙ୍କ ସହ ବୈଠକରେ ବସି ଋଣ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଭଳି ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମଧ୍ୟ ବ୍ୟକ୍ତିବିଶେଷ ତଥା ଏମ୍‌ଏସ୍‌ଏମ୍‌ଇ ସେକ୍ଟରକୁ ଋଣ ପ୍ରଦାନ ପାଇଁ ସାରା ଦେଶର ୪୦୦ ଜିଲାରେ ହେବାକୁ ଥିବା ଋଣ ମେଳାରେ ଯୋଗଦେବେ। ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ସୀତାରାମନ୍ କହିଛନ୍ତି ଯେ, ବ୍ୟାଙ୍କ ନିକଟରେ ଅର୍ଥର ଅଭାବ ନାହିଁ। ନଗଦ ସଙ୍କଟ ନେଇ ଆଲୋଚନା ହୋଇନାହିଁ। ସେ କହିଛନ୍ତି ଯେ, ଗ୍ରାମାଞ୍ଚଳରେ ଋଣର ବ୍ୟାପକ ଚାହିଦା ରହିଛି। ସେ କହିଛନ୍ତି ଯେ, ଦେଶରେ ନଗଦ ସଙ୍କଟ ଦୂର କରିବା ଲାଗି ସରକାର ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ ପାଇଁ ପ୍ରବର୍ତ୍ତାଉଛନ୍ତି। ନଗଦ ସଙ୍କଟ କାରଣରୁ ବ୍ୟବସାୟ ଓ ଚାହିଦା ପ୍ରଭାବିତ ହେଉଛି। ଅଟୋ ସେକ୍ଟରରେ ଦେଖାଦେଇଥିବା ମାନ୍ଦାବସ୍ଥା ଆବର୍ତ୍ତନୀୟ ବୋଲି ଉଲ୍ଲେଖ କରି ଅର୍ଥମନ୍ତ୍ରୀ କହିଛନ୍ତି ଯେ, ଲୋକେ ଏବେ ଗାଡ଼ି କିଣିବାରୁ ବିମୁଖ ହୋଇଥିବାରୁ ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଦେଖାଦେଇଛି। ସେ କହିଛନ୍ତି ଯେ, ପାର୍ବଣ ଋତୁରେ ଅଧିକ ପରିମାଣରେ ଋଣ ବିତରଣ ଓ ବ୍ୟାଙ୍କରୁ ନଗଦ ପ୍ରବାହକୁ ଏନ୍‌ବିଏଫ୍‌ସି ତଥା ଗ୍ରାହକଙ୍କ ପର୍ଯ୍ୟନ୍ତ ପହଞ୍ଚାଇବା ଲାଗି ପ୍ରୟାସ ଚାଲିଛି। ଶସ୍ତା ହାଉସିଂ ସ୍କିମ୍ ପାଇଁ ଋଣ ଚାହିଦା ବଢ଼ିଛି। ଋଣକୁ ୪୫ ଲକ୍ଷରୁ ୫୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଲାଗି ବ୍ୟାଙ୍କଗୁଡ଼ିକ ଦାବି କରୁଛନ୍ତି। ସେବା କ୍ଷେତ୍ରରେ ଋଣ ଚାହିଦା ବଢ଼ିବାରେ ଲାଗିଛି। କ୍ଷୁଦ୍ର ଋଣଗ୍ରହୀତାଙ୍କ ଚାହିଦା ବୃଦ୍ଧି କାରଣରୁ ଅର୍ଥନୀତି ବିକାଶ ହେଉଥିବା ଅନୁଭୂତ ହେଉଛି। ଦେଶର ୪୦୦ ଜିଲାରେ ଋଣ ମେଳା ଆୟୋଜନ କରିବାକୁ ସରକାର ନିଷ୍ପତ୍ତି ନେଇଥିଲେ। ତେବେ ଏହାକୁ ବୃଦ୍ଧି କରାଯିବ ବୋଲି ସୀତାରାମନ୍ କହିଛନ୍ତି।





"ଜମ୍ମୁ-କଶ୍ମୀରରେ ଆତଙ୍କବାଦ ନିରୋଧୀ ଅଭିଯାନକୁ ଜୋରଦାର କରାଯାଉ। କିନ୍ତୁ ଉପତ୍ୟକାବାସୀଙ୍କ ଯେପରି କିଛି କ୍ଷୟକ୍ଷତି ନ ହୁଏ ସେଦିଗରେ ଧାନ ଦେବାକୁ ପଡ଼ିବ।

-ଅଜିତ ଡୋଭାଲ, ଏନ୍ଏସ୍ଏ

## ସଂକ୍ଷେପରେ

### ପରଲୋକରେ ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଜାକ୍ ଶିରାକ୍



**ପ୍ୟାରିସ୍,୨୬।୯(ଆଇଏଏନ୍ଏସ୍):** ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ଜାକ୍ ଶିରାକ୍ଙ୍କ ଗୁରୁବାର ପରଲୋକ ହୋଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ୨୦୦୭ରୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଥିବା ଶିରାକ୍ଙ୍କ ଫୁସ୍‌ଫୁସ୍ ସଂକ୍ରମଣ ହେବା ପରେ ଦୀର୍ଘଦିନ ହେଲା ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେ ନିଜ ଆତ୍ମୀୟସ୍ୱଜନଙ୍କ ଗହଣରେ ଶାନ୍ତିରେ ଶେଷନିଃଶ୍ୱାସ ତ୍ୟାଗ କରିଥିବା ତାଙ୍କ ଜାମାତା ଫ୍ରେଡେରିକ୍ ସଲାଟବାରୋଉକ୍ସ ସୂଚନା ଦେଇଛନ୍ତି। ଶିରାକ୍ ୧୯୭୪-୧୯୭୬ ଓ ୧୯୮୬-୧୯୮୮ ଦୁଇଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ସେ ୧୯୯୫ରୁ ଦୁଇଥର ଫ୍ରାନ୍ସର ରାଷ୍ଟ୍ରପତି ହୋଇ ୨୦୦୭ରେ ପଦ ଛାଡ଼ିଥିଲେ। ଦେଶରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ୭ ବର୍ଷରୁ ୫ ବର୍ଷକୁ ହ୍ରାସ କରିବା ଥିଲା ତାଙ୍କର ଏକ ଉଲ୍ଲେଖନୀୟ କାର୍ଯ୍ୟ। ୨୦୦୩ରେ ଆମେରିକାର ଇରାକ୍ ଆକ୍ରମଣକୁ ସେ ବିରୋଧ କରିଥିଲେ।

### ୨ ରାଜ୍ୟ ସଭା ଆସନ ଲାଗି ଉପନିର୍ବାଚନ ୧୬ରେ

**ନୂଆଦିଲ୍ଲୀ,୨୬।୯(ପି.ଟି.):** ରାଜ୍ୟ ସଭାରେ ଖାଲିପଡ଼ିଥିବା ଦୁଇଟି ଆସନ ଲାଗି ଉପନିର୍ବାଚନ ଅକ୍ଟୋବର ୧୬ରେ ଅନୁଷ୍ଠିତ ହେବ। ସେହିଦିନ ଅପରାହ୍ନ ୫ଟାରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ ବୋଲି ନିର୍ବାଚନ କମିଶନ ଗୁରୁବାର ଘୋଷଣା କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅରୁଣ ଜେଟ୍‌ଲୀ ଏବଂ ରାମ ଜେଠ୍‌ମାଲାନିଙ୍କ ମୃତ୍ୟୁ ଯୋଗୁ ଏହି ଆସନ ଖାଲିପଡ଼ିଛି। ଏଥିପାଇଁ ଆସନ୍ତା ୨୭ରେ ବିଜ୍ଞପ୍ତି ପ୍ରକାଶ ପାଇବା ସହ ସେହିଦିନଠାରୁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହେବ। ଜେଟ୍‌ଲୀ ଉତ୍ତରପ୍ରଦେଶରୁ ଭାଜପା ପ୍ରାର୍ଥୀ ଭାବେ ଏବଂ ଜେଠ୍‌ମାଲାନି ବିହାରରୁ ଆର୍‌ଜେଡି ପ୍ରାର୍ଥୀ ଭାବେ ରାଜ୍ୟ ସଭାରେ ପ୍ରତିନିଧିତ୍ୱ କରୁଥିଲେ। ଜେଟ୍‌ଲୀଙ୍କ ରାଜ୍ୟ ସଭା କାର୍ଯ୍ୟକାଳ ୨୦୨୪ ଏପ୍ରିଲ ୨ରେ ଶେଷ ହେବାକୁ ଥିବାବେଳେ ଗତ ଅଗଷ୍ଟ ୨୪ରେ ତାଙ୍କର ପରଲୋକ ହୋଇଥିଲା। ସେହିପରି ଜେଠ୍‌ମାଲାନିଙ୍କ ରାଜ୍ୟ ସଭା ସଦସ୍ୟତା ୨୦୨୨ ଜୁଲାଇ ୭ ପର୍ଯ୍ୟନ୍ତ ଥିଲାବେଳେ ଗତ ୯ ତାରିଖରେ ତାଙ୍କର ଦେହାନ୍ତ ହୋଇଥିଲା।

### ଇଣ୍ଡୋନେସିଆରେ ଭୂକମ୍ପ: ୨୦ ମୃତ

**ଅମ୍ବନ ସିଟି,୨୬।୯:** ଇଣ୍ଡୋନେସିଆର ମାଲୁକୁ ଦ୍ୱୀପପୁଞ୍ଜରେ ଗୁରୁବାର ବଡ଼ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି। ଏଥିରେ ୨୦ ମୃତ ଓ ଶତାଧିକ ଆହତ ହୋଇଛନ୍ତି। ଭୂକମ୍ପ ଯୋଗୁ ଭୂସ୍ଖଳନ ଘଟି ଜଣେ ମାଟିତଳେ ପୋତିହୋଇଯାଇଛନ୍ତି। ଭୂକମ୍ପ ତୀବ୍ରତା ରିକ୍ଟର ସ୍କେଲରେ ୬.୫ ଥିଲା। ଭୟରେ ଲୋକେ ରାସ୍ତାକୁ ବାହାରିଆସିଥିବାବେଳେ ୨୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଅନେକ ଘର ଭାଙ୍ଗିଯାଇଛି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ରହିଥିବା ଜାତୀୟ ବିପର୍ଯ୍ୟୟ ପ୍ରଶମନ ବିଭାଗ କହିଛି। ଭୂକମ୍ପ ଝଟକା ଅମ୍ବନ ସହର ସମେତ ଆଖପାଖ ଅଞ୍ଚଳରେ ଅନୁଭୂତ ହୋଇଥିଲା। ମାଲୁକୁ ପ୍ରଦେଶର ଉତ୍ତରପୂର୍ବ ଦିଗରେ ୩୭ କି.ମି. ଦୂରରେ ୨୯ କିଲୋମିଟର ଗଭୀରରେ ଭୂକମ୍ପର କେନ୍ଦ୍ରସ୍ଥଳ ବୋଲି ଆମେରିକା ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ କୁହାଯାଇଛି।

### [ଇତିହାସର ଆଇନାରେ]

**ସେପ୍ଟେମ୍ବର ୨୭ର ପ୍ରମୁଖ ଘଟଣା**

୧୯୯୭ ସେପ୍ଟେମ୍ବର ୨୭ରେ ଜାପାନର ଏକ ବିମାନ ମାଲେସିଆରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୩୪ ବ୍ୟକ୍ତି ପ୍ରାଣ ହରାଇଥିଲେ ଓ ୭୯ ଆହତ ହୋଇଥିଲେ। ଜାପାନର ହାନେଡ଼ା ବିମାନବନ୍ଦରରୁ ଏହି ବିମାନଟି ସିଙ୍ଗାପୁରର ଚାଙ୍ଗି ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ଯାଉଥିଲା।

୨୦୦୧ ସେପ୍ଟେମ୍ବର ୨୭ରେ ଉତ୍ତର ସ୍ୱାଜରଲାଣ୍ଡରେ ଜଣେ ଯୁବକ ପୋଲିସ କୋଷାକ ପିନ୍ଧି ଆଖିବୁଜା ଗୁଳିମାଡ଼ କରିବାରୁ ୧୪ ଜଣ ପ୍ରାଣ ହରାଇଥିଲେ। ଏଥିରେ ୧୬ ଜଣ ଆହତ ହୋଇଥିବାବେଳେ ନିଜେ ବନ୍ଧୁକଧାରୀ ମଧ୍ୟ ଆତ୍ମହତ୍ୟା କରିଥିଲେ। ଏହା ପରେ ସ୍ୱାଜରଲାଣ୍ଡ ପାର୍ଲାମେଣ୍ଟରେ ସତୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିଲା।

# ମହାରାଷ୍ଟ୍ରରେ ଜଳ ତାଣ୍ଡବ

## ବର୍ଷାବିତ୍ପାତରେ ୧୯ ମୃତ, ୧୧ ନିଖୋଜ

**ପୁଣେ,୨୬।୯(ପି.ଟି.)**

ମହାରାଷ୍ଟ୍ରରେ ଲଗାଣବର୍ଷା ଯୋଗୁ ବିଭିନ୍ନ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ପୁଣେ, ଜଲଗାଓଁ ଓ ନାଶିକ୍‌ରରେ କାନ୍ଥ ଭୁଶୁଡ଼ିଯିବା ସହ ଗଛ ଓ ବିଦ୍ୟୁତ୍ ପୋଲ ଉପୁଡ଼ିଯାଇଛି। ଏଥିଯୋଗୁ ୧୯ ଜଣଙ୍କ ପ୍ରାଣହାନି ଘଟିବା ସହ ୧୧ ନିଖୋଜ ହୋଇଯାଇଛନ୍ତି।

ମହାରାଷ୍ଟ୍ରର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ସୂଚନାନୁସାରେ ବୁଧବାର ମୁମ୍ବାଇ-ବେଙ୍ଗାଲୁରୁ ଜାତୀୟ ରାଜପଥରେ ଥିବା ଏକ ଦରଘାରେ ଲୋକେ ଶୋଇଥିବାବେଳେ ବନ୍ୟାପାଣି ମାଡ଼ିଆସିଥିଲା। ଏଥିରେ ୫ ଜଣ ଲୋକ ଭାସିଯାଇଛନ୍ତି। ପୁଣେର କେତେକ ସ୍ଥାନରେ ଦୁଇ ମହଲା ଉପରକୁ ପାଣି ଚଢ଼ିଯାଇଥିଲା। ଏହାବ୍ୟତୀତ ଅରଣ୍ୟେଶ୍ୱର ସମେତ ବିଭିନ୍ନ ସ୍ଥାନରେ ୫ ମହିଳାଙ୍କ ସହ ୧୨ ଜଣ ପ୍ରାଣ ହରାଇଥିବା ମୁଖ୍ୟ ଅଗ୍ନିଶମ ଅଧିକାରୀ ପ୍ରଶାନ୍ତ ରଣପିସେ ସୂଚନା ଦେଇଛନ୍ତି। ନାଶିକ୍‌ର ଏକ ଗ୍ରାମରେ ଜଣେ ଅଟୋ ଡ୍ରାଇଭର ଶୋଇଥିବାବେଳେ ପାଣି ମାଡ଼ିଆସିବାରୁ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବୀସ ଏହାକୁ ନେଇ ଶୋକବ୍ୟକ୍ତ କରିବା ସହ ପ୍ରଭାବିତ ଲୋକଙ୍କୁ ସବୁ ପ୍ରକାର ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି। ୧୬ ହଜାର ଲୋକଙ୍କୁ ଉଦ୍ଧାର କରାଯାଇଛି। ପୁଣେ ଓ ବାରାମତି ତହସିଲରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଯବାନଙ୍କୁ ମୁତୟନ କରାଯାଇଛି। ସେନା ପକ୍ଷରୁ ୩୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ଯବାନମାନେ ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ଜରୁରୀ ସାମଗ୍ରୀ ଯୋଗାଇଦେଉଛନ୍ତି। ଗୁରୁବାର ସକାଳେ ବର୍ଷା ଛାଡ଼ିଯାଇଥିଲେ ହେଁ ସହରର ଅନେକ ସ୍ଥାନରେ ପାଣି ଜମା ହୋଇରହିଛି। ଡେଙ୍ଗୁ ବ୍ୟାପିବାର ଆଶଙ୍କା ଥିବାରୁ ଗୁରୁବାର ସ୍କୁଲ କଲେଜଗୁଡ଼ିକୁ ଛୁଟି ଘୋଷଣା କରାଯାଇଛି।

- ସାଧାରଣ ଜୀବନ ଯାତ୍ରା ବ୍ୟାହତ, ସ୍କୁଲ କଲେଜ ଛୁଟି
- ପୁଣେରେ ଦୁଇମହଲା କୋଠାକୁ ଚଢ଼ିଲା ପାଣି
- ୧୬ ହଜାର ଲୋକ ଉଦ୍ଧାର
- ଏନ୍‌ଡିଆର୍‌ଏଫ୍, ସେନା ନିୟୋଜିତ



# ସିଓଏସ୍‌ସି ଅଧ୍ୟକ୍ଷ ଭାବେ ଆଜି ଦାୟିତ୍ୱ ନେବେ ବିପିନ୍ ରାୱତ

**ନୂଆଦିଲ୍ଲୀ,୨୬।୯(ପି.ଟି.)**



ସେନାମୁଖ୍ୟ ଜେନେରାଲ ବିପିନ ରାୱତ ଶୁକ୍ରବାର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ବି.ଏସ୍. ଧନୋଆଙ୍କଠାରୁ ଚିଫ୍‌ସ ଅଫ୍ ଷ୍ଟାଫ୍ କମିଟି (ସିଓଏସ୍‌ସି) ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବେ। ତିନିବାହିନୀର ମୁଖ୍ୟଙ୍କୁ ନେଇ ଉକ୍ତ କମିଟି ଗଢ଼ାଯାଇଥିବାବେଳେ ସର୍ବବରିଷ୍ଠ ସଦସ୍ୟଙ୍କୁ ଏହାର ଅଧ୍ୟକ୍ଷ ନିଯୁକ୍ତ କରାଯାଇଥାଏ। ଏୟାର ଚିଫ୍ ମାର୍ଶାଲ ଆଗାମୀ ଡିସେମ୍ବର ୩୧ରେ ଅବସର ନେବାକୁ ଥିବାବେଳେ ଶୁକ୍ରବାର ସେ ସିଓଏସ୍‌ସି ଅଧ୍ୟକ୍ଷ ଦାୟିତ୍ୱ ଜେନେରାଲ ରାୱତଙ୍କୁ ପ୍ରଦାନ କରିବେ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସିଓଏସ୍‌ସି ଅଧ୍ୟକ୍ଷ ତିନି ବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ବାହ୍ୟ ସୁରକ୍ଷା ଚ୍ୟାଲେଞ୍ଜକୁ ନେଇ ମିଳିତ ରଣକୌଶଳ ପ୍ରସ୍ତୁତିରେ ସାମିଲ ହୋଇଥାନ୍ତି। ବାୟୁସେନା ମୁଖ୍ୟ ଧନୋଆ ମେ ୨୯ରେ ତତ୍କାଳୀନ ନୌସେନା ମୁଖ୍ୟ ଆଡମିରାଲ ସୁନିଲ ଲାନ୍‌ବାଙ୍କଠାରୁ ଏହି ଦାୟିତ୍ୱ ଗ୍ରହଣ କରିଥିଲେ।

# ହନିଟ୍ରାପ୍‌ରେ ୧୩ ଆଇଏଏସ୍ ଅଧିକାରୀ

**ଭୋପାଳ,୨୬।୯**



ମଧ୍ୟପ୍ରଦେଶ(ଏମ୍‌ପି)ରେ ହନିଟ୍ରାପ୍ ମାମଲା ସବୁ ସରହଦ ପାର୍ କରିଯାଇଛି। ଏହି ମାମଲାରେ ୧୩ ଆଇଏଏସ୍ ଅଫିସର ସମ୍ପୃକ୍ତ ଥିବା ଘଟଣା ଲୋକଲୋଚନକୁ ଆସିଛି। ଏହି ଆଇଏଏସ୍‌ମାନେ କୃଷି, ମତ୍ସ୍ୟ, ସଂସ୍କୃତି, ଶିଳ୍ପ, ନଗର ଉନ୍ନୟନ, ଶ୍ରମ, ଜଙ୍ଗଲ, ଜଳ ସମ୍ପଦ, ସାଧାରଣ ପ୍ରଶାସନ ବିଭାଗରେ କାମ କରୁଥିବା ଜଣାପଡ଼ିଛି। ଏସ୍‌ଆଇଟି ଦ୍ୱାରା ଏହି ମାମଲାର ତଦନ୍ତ ଜାରି ରହିଥିବାବେଳେ ଖୁବ୍‌ଶୀଘ୍ର ଏହି ଅଫିସରଙ୍କ ନାମ ଘୋଷଣା କରାଯିବ ବୋଲି ପୋଲିସ ଅଧିକାରୀ କହିଛନ୍ତି। କେତେକ ରାଜନେତା ଏଥିରେ ଥିବା ଚର୍ଚ୍ଚା ହେଉଛି। ଏହି ମାମଲାରେ ୧୮ ବର୍ଷୀୟା ମୋନିକା ଯାଦବ ଓ ଅନ୍ୟ ୫ ଜଣଙ୍କୁ ଗିରଫ କରାଯିବା ପରେ ହାଇ ପ୍ରୋଫାଇଲ ହନିଟ୍ରାପ୍ ମାମଲାର ଗଭୀରତା ସମ୍ପର୍କରେ ଜଣାପଡ଼ିଛି। ଏମାନଙ୍କୁ ସାକ୍ଷୀଭାବେ ବ୍ୟବହାର କରାଯିବ ବୋଲି ଏସ୍‌ଏସ୍‌ପି ରୁଚିବର୍ଦ୍ଧନ ମିଶ୍ର ପ୍ରକାଶ କରିଛନ୍ତି। ବଡ଼ବଡ଼ିଆଙ୍କୁ ଜାଲରେ ଫସାଇ କୋଟି କୋଟି ଟଙ୍କା କିପରି ହଡ଼ପ କରାଯାଉଥିଲା ସେଇ ଘଟଣା ଏବେ ଲୋକଲୋଚନକୁ ଆସିଛି। ମୋନିକାଙ୍କ ପରେ ପୋଲିସ ଆରତି ଦୟାଲ, ଶ୍ୱେତା ଜୈନ, ବର୍ଖା ସୋନି ଭଳି କେତେକ ଯୁବତୀଙ୍କୁ ମଧ୍ୟ ଗିରଫ କରିଛି। ଆଇଏମ୍‌ସି ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କୁ ବ୍ଲାକ୍‌ମେଲ କରି ୩ କୋଟି ଟଙ୍କା ଦାବି କରାଯାଇଥିବା ଘଟଣା ଜଣାପଡ଼ିଛି। ବଡ଼ବଡ଼ିଆଙ୍କୁ ଜାଲରେ ଫସାଇବା ଲାଗି ଆପତ୍ତିଜନକ ଭିଡିଓ ସୁଟ୍ କରାଯିବା, ସେମାନଙ୍କୁ ବ୍ଲାକ୍‌ମେଲ କରି ଜୋରଜବରଦସ୍ତି ମୋଟା ଅଙ୍କ ଆଦାୟ କରାଯାଉଥିବା ଜଣାପଡ଼ିଛି। ଖୋଳତାଡ ପରେ ଲାପ୍‌ଟପ୍ ଓ ମୋବାଇଲରୁ ୪୦୦ ଅନୁରୂପ ଫାଇଲ ଜବତ କରାଯାଇଛି। ଗିରଫ ଯୁବତୀମାନଙ୍କୁ ଜେରା ପରେ ସେମାନଙ୍କଠାରୁ ଅନେକ ଆପତ୍ତିଜନକ ହାର୍ଡଡିସ୍କ ଜବତ ମଧ୍ୟ କରାଯାଇଛି। ଏକ ଡାଏରୀରେ କୋଡ୍‌ନେମ୍ ଓ ଟିକ୍‌ମାର୍କ ଥିବା କେତେକ ନାମ ଲୋକଲୋଚନକୁ ଆସିଛି। ସେକ୍ସ କ୍ଲିପ୍ ଓ ଚାଟ୍‌କୁ ଅନୁଧ୍ୟାନ କରାଯାଉଛି ଓ ସେଗୁଡ଼ିକୁ ଫୋରେନ୍‌ସିକ ଆନାଲିସିସ୍ କରାଯିବ ବୋଲି ଜଣାପଡ଼ିଛି। ଖୁବ୍‌ଶୀଘ୍ର ସବୁ ତଥ୍ୟ ଲୋକଲୋଚନକୁ ଆସିଯିବ ବୋଲି ବରିଷ୍ଠ ପୋଲିସ ଅଧିକାରୀ ପ୍ରକାଶ କରିଛନ୍ତି।

**ଲାପ୍‌ଟପ୍ ଓ ମୋବାଇଲରୁ ମିଳିଲା ୪୦୦ ଫାଇଲ୍**

### ୪ ସପ୍ତାହରେ ଅଯୋଧ୍ୟା ରାୟ: ସିଜେଆଇ କହିଲେ

# ଚମତ୍କାର ହୋଇପାରେ ନିଷ୍ପତ୍ତି

**ନୂଆଦିଲ୍ଲୀ,୨୬।୯(ପି.ଟି.)**



ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ମାମଲାର ଶୁଣାଣି ଯେକୌଣସି ପ୍ରକାରେ ଅକ୍ଟୋବର ୧୮ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ପ୍ରଧାନ ବିଚାରପତି (ସିଜେଆଇ) ରଞ୍ଜନ ଗୋଗୋଇ ଉଭୟ ହିନ୍ଦୁ ଓ ମୁସଲମାନ ପକ୍ଷର ଓକିଲମାନଙ୍କୁ କହିଛନ୍ତି। ଯଦି ଆସନ୍ତା ୪ ସପ୍ତାହ ମଧ୍ୟରେ ଆମେ ଅଯୋଧ୍ୟା ମାମଲାର ରାୟ ପ୍ରକାଶ କରିପାରିବା ତେବେ ଏହା ଚମତ୍କାରୀ (ମିରାକଲ୍) ହେବ ବୋଲି ସେ କହିଛନ୍ତି।

ସିଜେଆଇଙ୍କ ଅଧ୍ୟକ୍ଷତାରେ ୫ ଜଣିଆ ସାମ୍ବିଧାନିକ ପୀଠ ଅଯୋଧ୍ୟା ଜମି ବିବାଦ ମାମଲାର ଦୈନନ୍ଦିନ ଶୁଣାଣି କରୁଛନ୍ତି। ଅଯୋଧ୍ୟାର ୨.୭୭ ଏକର ଜମିର ମାଲିକାନାକୁ ନେଇ ହିନ୍ଦୁ ଓ ମୁସଲମାନ ସଂଗଠନ ମଧ୍ୟରେ ଦୀର୍ଘବର୍ଷ ହେଲା ବିବାଦ ରହିଆସିଛି। ଅଦାଲତ ଅଧିକାଂଶ ଯୁକ୍ତି ଅକ୍ଟୋବର ୪ ସୁଦ୍ଧା ଏବଂ ସମ୍ପୂର୍ଣ୍ଣ ଶୁଣାଣି ଅକ୍ଟୋବର ୧୪ରେ ଶେଷ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ୧୮ ତାରିଖକୁ ଚୂଡ଼ାନ୍ତ ସମୟସୀମା ଧାର୍ଯ୍ୟ କରିଛନ୍ତି।

ଅଯୋଧ୍ୟା ଜମି ଦୁର୍ନୀତି ମାମଲାରେ ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ)ର ୨୦୦୩ ରିପୋର୍ଟକୁ ନେଇ ପ୍ରଶ୍ନ ଉଠାଇଥିବା ମୁସ୍‌ଲିମ ପକ୍ଷ ସୁପ୍ରିମକୋର୍ଟଙ୍କ ସମୟ ବରବାଦ କରିଥିବାରୁ ଏଥିପାଇଁ କ୍ଷମା ମାଗିଛନ୍ତି। ଏହି ମାମଲାରେ ଏଏସ୍‌ଆଇର କର୍ତ୍ତୃତ୍ୱକୁ ନେଇ ପ୍ରଶ୍ନ କରିବା ସେମାନେ ଚାହାନ୍ତି ନାହିଁ ବୋଲି ମୁସଲମାନ ପକ୍ଷର ଓକିଲ ରାଜୀବ ଧାୱନ ସାମ୍ବିଧାନିକ ପୀଠଙ୍କୁ କହିଥିଲେ। ଯଦି ଏଥିପାଇଁ ମାନ୍ୟବର ଅଦାଲତଙ୍କ ସମୟ ବରବାଦ ହୋଇଥାଏ ତେବେ ସେଥିପାଇଁ ଆମେ କ୍ଷମା ମାଗୁଛୁ ବୋଲି ଧାୱନ କହିଥିଲେ। ସୂଚନାଯୋଗ୍ୟ ବୁଧବାର ମୁସଲମାନ ପକ୍ଷର ବରିଷ୍ଠ ଆଇନଜୀବୀ ମୀନାକ୍ଷୀ ଆରୋରା ଏଏସ୍‌ଆଇ ରିପୋର୍ଟକୁ ନେଇ ପ୍ରଶ୍ନ କରିଥିଲେ।

### ଘୁଞ୍ଚିବ କର୍ଣ୍ଣାଟକ ଉପନିର୍ବାଚନ

**ନୂଆଦିଲ୍ଲୀ,୨୬।୯(ପି.ଟି.)**

କର୍ଣ୍ଣାଟକ ବିଧାନସଭାର ୧୫ଟି ଆସନରେ ହେବାକୁ ଥିବା ଉପନିର୍ବାଚନକୁ ଘୁଞ୍ଚାଯିବ ବୋଲି ନିର୍ବାଚନ କମିଶନ(ଇସି) ଗୁରୁବାର ସୁପ୍ରିମକୋର୍ଟଙ୍କୁ କହିଛନ୍ତି। ପୂର୍ବତନ ବାଚସ୍ପତି କେ.ଆର୍. ରମେଶ କୁମାର ୧୭ ବିଧାୟକଙ୍କୁ ଗୃହରୁ ଅଯୋଗ୍ୟ ଘୋଷଣା କରିଥିବାବେଳେ ସେମାନେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଉକ୍ତ ପିଟିଶନ୍‌ଗୁଡ଼ିକ ବିଚାରାଧୀନ ଥିବାରୁ ଇସିଙ୍କ ଓକିଲ ରାକେଶ ଦ୍ୱିବେଦୀ କୋର୍ଟଙ୍କୁ ଏହା ଜଣାଇଛନ୍ତି। ଉପନିର୍ବାଚନ ଘୁଞ୍ଚିଲେ ସେମାନଙ୍କର କୌଣସି ଆପତ୍ତି ନାହିଁ ବୋଲି ଅଯୋଗ୍ୟ ଘୋଷିତ ବିଧାୟକ ଓ ଅନ୍ୟପକ୍ଷମାନଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୨୨କୁ ଧାର୍ଯ୍ୟ କରାଯାଇଛି।

### ନାରଦା ଷ୍ଟିଙ୍ଗ୍ ମାମଲାରେ ପ୍ରଥମ କାର୍ଯ୍ୟାନୁଷ୍ଠାନ

# ଆଇପିଏସ୍ ଅଧିକାରୀ ମିର୍ଜା ଗିରଫ

**କୋଲକାତା,୨୬।୯(ପି.ଟି.):** ନାରଦା ଟେପ୍ ସ୍କାଣ୍ଡାଲର ତଦନ୍ତ କରୁଥିବା ସିବିଆଇ ପକ୍ଷରୁ ପ୍ରଥମ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବରିଷ୍ଠ ଆଇପିଏସ୍ ଅଧିକାରୀ ଏସ୍‌ଏମ୍‌ଏଚ୍ ମିର୍ଜାଙ୍କୁ ଗୁରୁବାର ସିବିଆଇ ଗିରଫ କରିଛି। ସ୍ୱାସ୍ଥ୍ୟପରୀକ୍ଷା ପରେ ତାଙ୍କୁ ଏକ ସ୍ୱତନ୍ତ୍ର ସିବିଆଇ ଅଦାଲତରେ ହାଜର କରାଯାଇଥିଲା। କୋର୍ଟଙ୍କ ଅନୁମତି ପରେ ସିବିଆଇ ତାଙ୍କୁ ୫ ଦିନିଆ ରିମାଣ୍ଡରେ ନେଇଛି। ୨୦୧୬ ମାର୍ଚ୍ଚରେ ନାରଦା ନ୍ୟୁଜ୍ ପୋର୍ଟାଲ ପକ୍ଷରୁ ଏକ ଷ୍ଟିଙ୍ଗ୍ ଅପରେଶନ କରାଯାଇଥିଲା। ତତ୍କାଳୀନ ବର୍ଦ୍ଧମାନ ଏସ୍‌ପି ଏସ୍‌ଏମ୍‌ଏଚ୍ ମିର୍ଜା ଏବଂ କେତେଜଣ ଟିଏମ୍‌ସି ନେତା ଜଣେ କାଳ୍ପନିକ କମ୍ପାନୀର ପ୍ରତିନିଧିଙ୍କୁ ଅନୁଗ୍ରହ ଦେବା ପାଇଁ ତାଙ୍କଠାରୁ ୫ ଲକ୍ଷ ଟଙ୍କା ଗ୍ରହଣ କରୁଥିବା ଏଥରେ ଦର୍ଶାଯାଇଥିଲା। ଖବରଦାତା ମାଥ୍ୟୁ ସାମୁଏଲ୍‌ସ ଏହି ଷ୍ଟିଙ୍ଗ୍ ଅପରେଶନ କରିଥିଲେ।



### ମନମୋହନ ସିଂଙ୍କୁ ୮୭

**ନୂଆଦିଲ୍ଲୀ,୨୬।୯:** ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ମନମୋହନ ସିଂ ଗୁରୁବାର ୮୭ ବର୍ଷରେ ପଦାର୍ପଣ କରିଛନ୍ତି। ଏଥିଲାଗି ତାଙ୍କୁ ବିଭିନ୍ନ ଆଡ଼ୁ ଅଭିନନ୍ଦନର ସୁଅ ଛୁଟିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଟୁଇଟ୍ କରି ମନମୋହନ ସିଂଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ସୁସ୍ଥ ଓ ଦୀର୍ଘଜୀବନ କାମନା କରିଛନ୍ତି। ସେହିଭଳି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ ପ୍ରମୁଖ ମନମୋହନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି।



# ମହାଭିଯୋଗର ତଦନ୍ତକୁ 'ଜୋକ୍' କହିଲେ ଟ୍ରମ୍ପ

**ନ୍ୟୁୟର୍କ,୨୬।୯(ଏଏଫ୍‌ପି)**



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଜନୈତିକ ଫାଇଦା ପାଇଁ ୟୁକ୍ରେନ୍ ପ୍ରତିପକ୍ଷଙ୍କ ଉପରେ ଚାପ ପକାଇଥିବା ଅଭିଯୋଗକୁ ନେଇ ଡେମୋକ୍ରାଟ ସଦସ୍ୟମାନେ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ଲାଗି ଉଦ୍ୟମ ଚଳାଇଥିବାବେଳେ ସେ ଏହାକୁ ପରିହାସ କରିଛନ୍ତି। ନିଜର ପ୍ରତିଦ୍ୱନ୍ଦ୍ୱୀ ଜୋ ବିଡେନଙ୍କ ବିରୋଧରେ ତଦନ୍ତ ଚଳାଇବା ଲାଗି ଟ୍ରମ୍ପ ୟୁକ୍ରେନ୍ ପ୍ରତିପକ୍ଷ ଭୋଲୋଡାଇମିର ଜେଲେନ୍‌ସ୍କିଙ୍କ ଉପରେ ଚାପ ପକାଇଥିଲେ ବୋଲି ଜଣେ ହ୍ୱିସିଲ୍‌ବ୍ଲୋୟରଙ୍କ ଅଭିଯୋଗ ଉପରେ ମହାଭିଯୋଗ ତଦନ୍ତ ଆରମ୍ଭ ହୋଇଥିବା ଆମେରିକା ପ୍ରତିନିଧି ସଭାର ବାଚସ୍ପତି ନାନ୍ସୀ ପୋଲେସି ଘୋଷଣା କରିଛନ୍ତି। ତେବେ ହ୍ୱିସିଲ୍‌ବ୍ଲୋୟରଙ୍କ ତଥ୍ୟ ଉପରେ ସ୍ୱଚ୍ଛତା ରକ୍ଷା କରାଯିବ ବୋଲି ଟ୍ରମ୍ପ ପ୍ରତିଶ୍ରୁତି ଦେଇଛନ୍ତି। ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହ ଟ୍ରମ୍ପଙ୍କ ଫୋନ୍ କଲ୍‌ର ସବିଶେଷ ତଥ୍ୟକୁ ତାଙ୍କ ପ୍ରଶାସନ ଲୁଚାଇବାକୁ ଉଦ୍ୟମ କରିଥିବା ହ୍ୱିସିଲ୍‌ବ୍ଲୋୟର ଅଭିଯୋଗ କରିଛନ୍ତି। ହାଉସ୍ ଇଣ୍ଟେଲିଜେନ୍ସ କମିଟି ସୂଚନା ଅନୁଯାୟୀ ଡେମୋକ୍ରାଟ ରାଷ୍ଟ୍ରପତି ପ୍ରାର୍ଥୀ ଆଶାୟୀ ଜୋଙ୍କ ପୁଅ ହଣ୍ଟରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ଲାଗି ଟ୍ରମ୍ପ ଜେଲେନ୍‌ସ୍କିଙ୍କ ଉପରେ ଚାପ ପକାଇଥିବା ଅଭିଯୋଗ ହୋଇଛି।

**ହ୍ୱିସିଲ୍‌ବ୍ଲୋୟରଙ୍କ ଅଭିଯୋଗ**

**ୟୁକ୍ରେନ୍ ରାଷ୍ଟ୍ରପତି-ଟ୍ରମ୍ପଙ୍କ ଫୋନ୍ କଲ୍ ତଥ୍ୟକୁ ଚପାଇବାକୁ ହୋଇଛି ଉଦ୍ୟମ**



### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୩ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୮.୦ | ୨୨.୨ |
| ଚାନ୍ଦବାଲି | ୨୭.୨ | ୨୩.୬ |
| କଟକ | ୩୦.୦ | ୨୦.୫ |
| ପାରାଦ୍ୱୀପ | ୨୭.୫ | ୨୫.୭ |
| ଭୁବନେଶ୍ୱର | ୨୮.୨ | ୨୨.୫ |
| ଗୋପାଳପୁର | ୨୮.୧ | ୨୨.୮ |
| ପୁରୀ | ୨୮.୪ | ୨୨.୪ |
| ଅନୁଗୋଳ | ୩୧.୧ | ୨୦.୦ |
| ବାରିପଦା | ୨୮.୬ | ୨୩.୦ |
| ଝାରସୁଗୁଡ଼ା | ୩୧.୪ | ୨୪.୪ |
| କେନ୍ଦୁଝର | ୨୮.୬ | ୨୨.୨ |
| ସମ୍ବଲପୁର | ୩୪.୪ | ୨୩.୬ |
| ସୁନ୍ଦରଗଡ଼ | ୩୧.୦ | ୨୨.୦ |
| ହୀରାକୁଦ | ୩୧.୧ | ୨୪.୩ |
| ତାଳଚେର | ୩୦.୩ | ୨୩.୭ |
| ଭବାନୀପାଟଣା | ୩୧.୫ | ୨୪.୪ |
| ବଲାଙ୍ଗୀର | ୩୧.୦ | ୨୪.୫ |
| କୋରାପୁଟ | ୨୭.୦ | ୧୯.୬ |
| ଫୁଲବାଣୀ | ୩୦.୪ | -- |
| ଟିଟିଲାଗଡ଼ | ୩୩.୪ | ୨୧.୧ |
| ମାଲକାନଗିରି | ୩୧.୦ | -- |
| ସୋନପୁର | ୩୧.୮ | ୨୦.୬ |
| ଦାରିଙ୍ଗିବାଡ଼ି | ୨୫.୫ | ୧୮.୦ |

ଡିଗ୍ରୀ ସେଲ୍‌ସିୟସ୍

ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ମୋଦି

# ପୁଲ୍‌ୱାମା, ଖ୍ରୀଷ୍ଟଚର୍ଚ୍ଚ ଆକ୍ରମଣକୁ ନିନ୍ଦା

**ନ୍ୟୁୟର୍କ,୨୬।୯(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଜାସିଣ୍ଡା ଆର୍ଡେନଙ୍କୁ ଭେଟି ଆତଙ୍କବାଦ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଉଭୟ ନେତା ୪୦ ଯବାନ ଶହୀଦ ହୋଇଥିବା ଜୈଶ୍‌ର ପୁଲ୍‌ୱାମା ଆକ୍ରମଣକୁ ନିନ୍ଦା କରିବା ସହ ଆତଙ୍କବାଦ ନିରୋଧୀ ଲଢ଼େଇରେ ପରସ୍ପରକୁ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ମାର୍ଚ୍ଚରେ ନ୍ୟୁଜିଲାଣ୍ଡର ଖ୍ରୀଷ୍ଟଚର୍ଚ୍ଚ ଟାଉନର ଦୁଇଟି ମସ୍‌ଜିଦ ଉପରେ ଅଷ୍ଟ୍ରେଲିଆର ମୁସଲିମ ଆତଙ୍କବାଦୀ ଆକ୍ରମଣ କରିଥିଲେ। ୫ ଭାରତୀୟଙ୍କ ସମେତ ୪୭ ନିହତ ହୋଇଥିବା ଏହି ଆକ୍ରମଣକୁ ମଧ୍ୟ ଦୁଇ ନେତା ନିନ୍ଦା କରିଛନ୍ତି।

ଜାତିସଂଘ ସାଧାରଣ ପରିଷଦ ସମ୍ମିଳନୀ ଅବସରରେ ଉଭୟେ ପରସ୍ପରକୁ ଭେଟି ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିବା ସହ ରାଜନୈତିକ, ଅର୍ଥନୈତିକ, ପ୍ରତିରକ୍ଷା, ସୁରକ୍ଷା କ୍ଷେତ୍ରରେ ସହଯୋଗ ଏବଂ ଜନସମ୍ପର୍କ ବଢ଼ାଇବା ନେଇ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ମୋଦି ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ ପାଶିନ୍ୟାନ୍‌ଙ୍କୁ ଭେଟି ଆଲୋଚନା କରିଥିଲେ। ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ସ୍ଥାୟୀ ସଦସ୍ୟତା ପ୍ରାର୍ଥିତ୍ୱକୁ ଆର୍ମେନିଆର ସମର୍ଥନ ଲାଗି ମୋଦି ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ପାଶିନ୍ୟାନ୍ ମୋଦିଙ୍କୁ ଆର୍ମେନିଆଯିବାପାଇଁନିମନ୍ତ୍ରଣକରିଥିଲେ।



ନ୍ୟୁଜିଲାଣ୍ଡ ପ୍ରତିପକ୍ଷ ଜାସିଣ୍ଡା ଆର୍ଡେନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

MARUTI SUZUKI

NEXA

# THE BEST OFFERS OF THE YEAR




## LIMITED PERIOD OFFERS ONLY

VALID TILL 30th SEPTEMBER 2019

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹15,000 | ₹20,000+5 YEAR WARRANTY | ₹30,000 | ₹50,000+5 YEAR WARRANTY | ₹25,000 | ₹25,000+5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹20,000 | ₹30,000 | ₹30,000 | ₹30,000 |
| CORPORATE OFFER | ₹5,000 | ₹10,000 | ₹7,000 | ₹10,000 | ₹10,000 | ₹10,000 |
| TOTAL SAVINGS# | **₹35,000** | **₹62,400** | **₹57,000** | **₹1,12,900** | **₹65,000** | **₹87,700** |

Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**BHUBANESWAR: NEXA CYBER CITY** (JYOTE MOTORS PH: 8338033884),
**NEXA TWIN CITY** (SKY AUTOMOBILES PH: 9776497764, 7064400101),
**NEXA RAJ BHAVAN ROAD** (NARAYANI MOTORS PH: 9583022008, 7381094898).

SUZUKI connect ADVANCED TELEMATICS SOLUTION
A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

*Offered separately as Genuine NEXA Accessory*

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and 5 year warranty (2 year standard warranty + 3 year extended warranty) on NEXA Diesel cars.

Hero

# ଫାଷ୍ଟର ସ୍ମାର୍ଟର

ଇଣ୍ଡିଆର ପ୍ରଥମ ସ୍କୁଟର
PROGRAMMED Fi
ସହିତ

ସ୍ମାର୍ଟ ଫ୍ୟୁଲ ଇଞ୍ଜେକସନ ଟେକ୍ନୋଲଜି ଅନ-ବୋର୍ଡ ସେନ୍ସର୍ସ ସହିତ, ଯାହା ଫ୍ୟୁଲ ବ୍ୟବହାର କରିଥାଏ ଆବଶ୍ୟକତା ଅନୁଯାୟୀ ଏବଂ ଆପଣଙ୍କୁ ଦିଏ ରାଇଡିଂର ଉତ୍ତମ ଅନୁଭୂତି ।

ଅତୁଳନୀୟ ପିକ୍ଅପ୍ | ଉଠାଣୀରେ ବି ଦ୍ରୁତ | ସହଜ ଷ୍ଟାର୍ଟ ପ୍ରତିଟି ଋତୁରେ




ଆସନ୍ତାକାଲି ସହିତ ଗ୍ଲନ୍ତୁ!
ଆଜ ହିଁ ଟେଷ୍ଟ ଡ୍ରାଇଭ୍ କରନ୍ତୁ

MAESTRO EDGE 125

— ଆସନ୍ତାକାଲି ସହିତ ଗ୍ଲନ୍ତୁ —

₹1500* Exchange Bonus

ଭାରତର ପ୍ରଥମ 5 ବର୍ଷ ୱାରେଣ୍ଟି*
*ସର୍ତ୍ତାବଳୀ ଲାଗୁ ।

- ଷ୍ଟାଇଲିଂ LED ଇନସିଗ୍ନିଆ
- LED ଟେଲ ଲ୍ୟାମ୍ପ
- ଡାୟମଣ୍ଡ କଟ୍ ଆଲୟ ହୁଇଲ୍ସ
- ଡିସ୍କ ବ୍ରେକ IBS ସହିତ
- ସର୍ଭିସ ରିମାଇଣ୍ଡର
- ଏକ୍ସଟରନାଲ ଫ୍ୟୁଲ ଫିଲିଙ୍ଗ୍
- ମୋବାଇଲ ଚାର୍ଜିଂ ପୋର୍ଟ

Hero MotoCorp Ltd. Regd. Office: 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact the nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Accessories and features shown may not be a part of standard fitment. Always wear a helmet while riding. *Applicable on Scooters and Premium Motocycles only.

Hero MILEAGE THODA EXTRA KILOMETERS PER LITRE | HeroFinCorp. | HeroMotoCorp.com | HeroMotoCorpIndia | HeroMotoCorp | HeroMotoCorpLimited | TheHeroMotoCorp

For Institutional and Bulk Sales please write to Kolkata@heromotocorp.com

**ଅଥରାଇଜ୍ଡ ଡିଲର : ଭୁବନେଶ୍ୱର:** ରୋହନ ହୀରୋ – 7799766422. ଭାରତ ହୀରୋ – 7799766378. ଡିଡି ହୀରୋ – 7799566329. **ବାଲେଶ୍ୱର:** ନୀଲମ ହୀରୋ – 7799766393. **ବାରିପଦା :** ଆଦିତ୍ୟ ହୀରୋ – 7799766370. **ଭଦ୍ରକ :** ସଞ୍ଜୀବ ହୀରୋ – 7799766380. **ଚଣ୍ଡୀଖୋଲ:** ଏସ୍.କେ. ହୀରୋ – 7799766362. **କଟକ:** ଜ୍ୟେମଜି ହୀରୋ – 7799766366. ସନୀ ହୀରୋ – 7799766401. ଏସେନ୍ ହୀରୋ – 7799766425. **ଜଗତସିଂହପୁର:** ତ୍ରିଶୁଳ ହୀରୋ – 7799766383. **ଯାଜପୁର ରୋଡ:** ସୌମିକ ହୀରୋ – 7799766410. **ଜଳେଶ୍ୱର:** ସାଇ ହୀରୋ – 7799766407. **କଟଣୀ:** ବିଶାଳ ହୀରୋ – 7799766398. **କେନ୍ଦୁଝର:** ସୁପ୍ରିମ ହୀରୋ – 7799766360. **ନୟାଗଡ଼:** ଭଗବତୀ ହୀରୋ – 7799766417. **ପୁରୀ:** ସଞ୍ଜୀବ ହୀରୋ – 06752-255881, 8448389695. **ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ :** ବାବା ମୋଟର୍ସ – 253841, 9438757377. **ବାଲୁଗାଁ:** ମହାମୟୀ ମୋଟର୍ସ – (06756) 250280, 9337774624. **ଯାଜପୁର:** ଆୟୁଷ ଅଟୋମୋବାଇଲ୍ସ – 223864. **କେନ୍ଦ୍ରାପଡ଼ା:** ବୈଷ୍ଣବୀ ମୋଟର୍ସ – 221083. **ଖୋର୍ଦ୍ଧା:** ଦିନେଶ ଟ୍ରେଡିଂ କମ୍ପାନୀ – 221511. **ନିମାପଡ଼ା:** ବାସୁଦେବ ଅଟୋମୋବାଇଲ୍ସ – 252725. **ପାରାଦୀପ:** ପ୍ରଦୀପ ମୋଟର୍ସ – 9238120001. **ପଟ୍ଟାମୁଣ୍ଡାଇ:** ମିଶ୍ର ଅଟୋ – 220430. **ପିପିଲି:** ଶ୍ରୀରାମ ମୋଟର୍ସ – 240687. **ପୁରୀ:** ଲକ୍ଷ୍ମୀ ପ୍ରିୟା ମୋଟର୍ସ – 225552. **ରାହାମା:** ଶରଜା ଅଟୋମୋବାଇଲ୍ସ – 248001, 248002. **ରାଇରଙ୍ଗପୁର:** ନା ସାକରୀ ମୋଟର୍ସ – 7008906387. **ସୋରୋ:** ଦୁର୍ଲଭିଲ ମୋଟର୍ସ – 221711, 9337375571.

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଶୁଭଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶ୍ରୀଲିଙ୍ଗରାଜ ମନ୍ଦିର ଦଧିନଉତିରେ ଫାଟ

**ପୁରୁଣା ଭୁବନେଶ୍ୱର, ୨୬।୯ (ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜଙ୍କ ମୁଖ୍ୟ ମନ୍ଦିର ଦଧିନଉତିରେ ଫାଟ ସୃଷ୍ଟି ହୋଇଛି। ଏଥିସହ ଅନ୍ୟ ପାର୍ଶ୍ୱ ଦେବଦେବୀ ଯଥା ପାର୍ବତୀ ମନ୍ଦିର, ଜଗମୋହନ, ରୋଷଶାଳା, ଭୋଗମଣ୍ଡପ, ବିଶ୍ୱକର୍ମା ମନ୍ଦିର, ଭୁବନେଶ୍ୱରୀ ମନ୍ଦିର, ଗଣେଶ ମନ୍ଦିର ଇତ୍ୟାଦିରେ ଫାଟ ସହ ବର୍ଷା ସମୟରେ ମନ୍ଦିରରୁ ପାଣି ଗଳୁଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ରାଜ୍ୟର ବହୁ କୀର୍ତ୍ତିରାଜି ଓ ମନ୍ଦିରଗୁଡ଼ିକର ସୁରକ୍ଷା ଓ କାର୍ଯ୍ୟଶୈଳୀକୁ ନେଇ ରାଜ୍ୟ ସରକାରଙ୍କ ଦେବୋତ୍ତର ଆୟୁକ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଗତ ୨୫।୯।୨୦୧୯ରେ ଚିଠି ନଂ. ୬୭୬୪ରେ ୬ ଫର୍ଦ୍ଦ ବିଶିଷ୍ଟ ଚିଠି ଜାରି କରି ଦେବୋତ୍ତର ଆୟୁକ୍ତ ଚିତ୍ତରଞ୍ଜନ ମହାପାତ୍ର ଏଏସ୍ଆଇ ଅଧୀକ୍ଷକଙ୍କୁ ବିଭାଗୀୟ ଅବହେଳା ଦର୍ଶାଇ ଏକାଦଶ ଶତାବ୍ଦୀର ଶ୍ରୀଲିଙ୍ଗରାଜ ମନ୍ଦିର ପ୍ରତି ଅଧିକ ଯତ୍ନଶୀଳ ହେବାକୁ ଅନୁରୋଧ କରିଛନ୍ତି।

# ହୃଷୀକେଶ ମଲ୍ଲିକଙ୍କୁ ଡି.ଲିଟ୍

**ଭୁବନେଶ୍ୱର, ୨୬।୯(ବ୍ୟୁରୋ)**



ଉତ୍କଳ ବିଶ୍ୱବିଦ୍ୟାଳୟରୁ ସାହିତ୍ୟରେ ଡି.ଲିଟ୍ ଉପାଧି ପାଇବାକୁ ଡ. ହୃଷୀକେଶ ମଲ୍ଲିକ ଯୋଗ୍ୟ ବିବେଚିତ ହୋଇଛନ୍ତି। ତୁଳନାତ୍ମକ ଭାରତୀୟ ସାହିତ୍ୟରେ ଉଚ୍ଚତର ଗବେଷଣା ପାଇଁ ବିଶ୍ୱବିଦ୍ୟାଳୟର ଏହି ସର୍ବୋଚ୍ଚ ଡିଗ୍ରୀ ଡ. ମଲ୍ଲିକଙ୍କୁ ପ୍ରଦାନ କରାଯିବ ବୋଲି ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବଙ୍ଗଳା ଭାଷାର କିମ୍ବଦନ୍ତୀପ୍ରତିମ କବି ଶକ୍ତି ଚଟ୍ଟୋପାଧ୍ୟାୟ ଓ ଜ୍ଞାନପୀଠ ବିଜେତା ଓଡ଼ିଆ କବି ଡ. ସୀତାକାନ୍ତ ମହାପାତ୍ରଙ୍କ କବିତାର ତୁଳନାତ୍ମକ ଅଧ୍ୟୟନ ସମ୍ବନ୍ଧିତ ଡ. ମଲ୍ଲିକଙ୍କ ଗବେଷଣା ସନ୍ଦର୍ଭ ଉତ୍କଳ, ବ୍ରହ୍ମପୁର ଓ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ପ୍ରକାଶଥାଉ କି, ତୁଳନାତ୍ମକ ଭାରତୀୟ ସାହିତ୍ୟରେ ଉଲ୍ଲେଖନୀୟ ଗବେଷଣା ପାଇଁ ଡ. ମଲ୍ଲିକଙ୍କୁ ୨୦୦୭ରେ 'ବିଶ୍ୱଭାରତୀ' କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ଡ. ମଲ୍ଲିକ ହେଉଛନ୍ତି ଓଡ଼ିଆ ସାହିତ୍ୟରେ ଏଇ ସମୟର ଚର୍ଚ୍ଚିତ କବି ଓ ଉଚ୍ଚମାନର ସମାଲୋଚକ। କବିତା ପାଇଁ ଡ. ମଲ୍ଲିକ ୧୯୮୮ରେ 'ଓଡ଼ିଶା ସାହିତ୍ୟ ଏକାଡେମୀ' ପୁରସ୍କାର ଓ ୨୦୧୬ରେ ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର'ରେ ସମ୍ମାନିତ ହୋଇଥିଲେ।

# ମାଟ୍ରିକ୍ ବୃତ୍ତି ପରୀକ୍ଷା: ୨୭ରୁ ଅନ୍‌ଲାଇନରେ ଆବେଦନ

**କଟକ ଅଫିସ, ୨୬।୯**

ଆଲ୍‌ପି ଏଜୁକେଶନ ଟ୍ରଷ୍ଟ ପକ୍ଷରୁ ଅରୁଣୋଦୟ ମାର୍କେଟସ୍ଥିତ ଟ୍ରଷ୍ଟର ସମ୍ମେଳନ କକ୍ଷରେ ଗୁରୁବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ପକ୍ଷରୁ ବାର୍ଷିକ ମାଟ୍ରିକ ବୃତ୍ତି ପରୀକ୍ଷା ଆୟୋଜନ ହେବ। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ଦେଇପାରିବେ। ଏହା ମାଧ୍ୟମିକ ଶିକ୍ଷା ପରିଷଦର ଦଶମ ଶ୍ରେଣୀ ନୂଆ ସିଲାବସ୍ ଓ ପାର୍ଟର୍ନ ଅନୁସାରେ କରାଯିବ। ପ୍ରତିବର୍ଷ କେବଳ କଟକ ଜିଲାରେ ଏହି ପରୀକ୍ଷା ଅନୁଷ୍ଠିତ ହେଉଥିଲା। ଚଳିତବର୍ଷ ଟ୍ରଷ୍ଟ ପକ୍ଷରୁ ରାଜ୍ୟର ସମସ୍ତ ଜିଲାରେ ପରୀକ୍ଷା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ପରୀକ୍ଷା ରାଜ୍ୟରେ ଗୋଟିଏ ଦିନ ଅନୁଷ୍ଠିତ ହେବ। ପ୍ରତି ଜିଲାର ଗୋଟିଏ କେନ୍ଦ୍ରରେ ପରୀକ୍ଷା କରାଯିବ। ଆସନ୍ତା ୨୭ରୁ ଡିସେମ୍ବର ୭ ମଧ୍ୟରେ ଛାତ୍ରୀଛାତ୍ରମାନେ www.aalpee.in ୱେବସାଇଟ୍ AMSE-2020 ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ କରିପାରିବେ। ଡିସେମ୍ବର ୧୫ରେ ଛାତ୍ରୀଛାତ୍ରମାନଙ୍କୁ ଆଡ୍‌ମିଟ୍ କାର୍ଡ ମିଳିବ। ଏହାପରେ ପରୀକ୍ଷା ପାଇଁ ତାରିଖ ଘୋଷଣା କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। ଟ୍ରଷ୍ଟ ପକ୍ଷରୁ ଶ୍ରେଷ୍ଠ ୫୦ଜଣ ପରୀକ୍ଷାର୍ଥୀଙ୍କୁ ବୃତ୍ତିରାଶି ଓ ମାନପତ୍ର ପ୍ରଦାନ କରାଯିବ। ଚଳିତବର୍ଷ ପରୀକ୍ଷା ପାଇଁ ଦେଢ ଲକ୍ଷ ଟଙ୍କା ବୃତ୍ତି ରାଶି ରହିଛି। ଛାତ୍ରୀଛାତ୍ରମାନେ ମାଟ୍ରିକ ପରୀକ୍ଷାରେ କିଭଳି ଭଲ କରିବେ, ସେଥିପାଇଁ ଏହା ଏକ ପୂର୍ବ ପ୍ରସ୍ତୁତି ବୋଲି ଟ୍ରଷ୍ଟର ପ୍ରତିଷ୍ଠାତା ପ୍ରଭାତ କୁମାର ତ୍ରିପାଠୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏଏମଏସଇ ବୋର୍ଡର ସଭ୍ୟ ମନୋଜ କୁମାର ଷଡଙ୍ଗୀ, ଡ. କିଶୋର ଚନ୍ଦ୍ର ଶତପଥୀ, ଅଜୟ କୁମାର ପୃଷ୍ଟି, ଉତ୍କଳ ରଞ୍ଜନ ଦାସ ଓ ସ୍ୱାଧୀନ ଶେଖର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ୧୫ ଦିନରେ ଆରଟିଓ...

ପଦକ୍ଷେପ ନିଆଯାଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ଦ୍ରୁତ ତଥା ନିଶାସେବନ କରି ଗାଡି ଚାଳନା କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ରହିଛି। ଏଥିପାଇଁ ନିୟମିତ କଡ଼ାକଡ଼ି ଯାଞ୍ଚ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସଡକ ଦୁର୍ଘଟଣାଜନିତ ଆହତ ବ୍ୟକ୍ତିଙ୍କ ଆଶୁ ଚିକିତ୍ସା ଜରୁରୀ। ତେଣୁ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଇଛି। ଟ୍ରାଫିକ ସଚେତନତା ଦୁର୍ଘଟଣା ରୋକିବାରେ ସହାୟକ ହୋଇଥାଏ। ତେଣୁ ସ୍କୁଲ, କଲେଜଠାରୁ ଆରମ୍ଭ କରି ସବୁ ଫୋରମରେ ସଚେତନତାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ସଚେତନତା କାର୍ଯ୍ୟକ୍ରମଗୁଡ଼ିକର ସୁପରିଚାଳନା ପାଇଁ ପରିବହନ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ନେଇଛନ୍ତି। କୌଣସି ଗାଡିର କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ ଆଦି ଯେପରି ଲୋକ ସୁବିଧାରେ କରିପାରିବେ, ସେଥିପାଇଁ ଅଧିକ କାଉଣ୍ଟର ଖୋଲିବା ଉପରେ ଗୁରୁତ୍ୱ ଦିଆଯାଇଛି। ସାମ୍ପ୍ରତିକ ସମୟରେ ଆରଟିଓ କର୍ମଚାରୀମାନେ ଛୁଟିଦିନରେ ସେବା ଯୋଗାଇ ଦେଉଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି।

### ଆଜି ଆସୁଛନ୍ତି...

ବ୍ୟକ୍ତି ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବେ। ଏହାପରେ ସିଧା ହେଲିକପ୍ଟର ଯୋଗେ ବ୍ରହ୍ମପୁରର ଗୋପାଳପୁର ଆର୍ମି ଏଡି କଲେଜ ଅଭିମୁଖେ ଯିବେ। ରାଷ୍ଟ୍ରପତି ସେଠାରେ ରାତ୍ରିଯାପନ କରିବେ। ଶନିବାର କଲେଜର ପାସିଂଆଉଟ୍ ସେରିମନିରେ ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ଫ୍ଲାଗ୍ ପ୍ରଦାନ କରିବେ। ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରରେ ପହଞ୍ଚି ସିଧା ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି। ତେବେ ରାଷ୍ଟ୍ରପତି କୋବିନ୍ଦଙ୍କ ଗସ୍ତ ପରିପ୍ରେକ୍ଷୀରେ ବ୍ଲୁ-ବୁକ୍ ଅନୁସାରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ଓ ୨୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି କମିଶନରେଟ ପୋଲିସ ପକ୍ଷରୁ କୁହାଯାଇଛି। ଯଦି ପାଗ ଖରାପ ରହିବ ତେବେ ରାଷ୍ଟ୍ରପତି ବାଇ ରୁଟ୍ ଦେଇ ବ୍ରହ୍ମପୁର ଯିବେ। ରାଷ୍ଟ୍ରପତିଙ୍କୁ କାର୍‌କେଡ୍ ମାଧ୍ୟମରେ ଖଣ୍ଡଗିରିରୁ ଖୋର୍ଦ୍ଧା ଦେଇ ବ୍ରହ୍ମପୁର ଯିବାର ବିକଳ୍ପ ବ୍ୟବସ୍ଥା କରାଯାଇଥିବା ସୂଚନା ମିଳିଛି।

ରାଷ୍ଟ୍ରପତି ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିବା କାର୍ଯ୍ୟକ୍ରମ ବାତିଲ କରାଯିବା ନେଇ ଗୁରୁବାର ଦିଲ୍ଲୀରୁ କମିଶନରେଟ ପୋଲିସକୁ ଏକ ଫୋନ୍ କଲ୍ ଆସିଥିଲା। ଫୋନ୍ କଲ୍ ପାଇବା ପରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଥିଲେ। ଟ୍ରାଫିକ ଡିସିପି ଓ ଏସିପିଙ୍କ ସହ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ରହି ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ଗସ୍ତ ପରିପ୍ରେକ୍ଷୀରେ କମିଶନରେଟ ପୋଲିସ ପକ୍ଷରୁ ମଧ୍ୟାହ୍ନ ୧୨ଟାରେ କାର୍‌କେଡ୍ ରିହର୍ସାଲ କରାଯାଇଥିଲା। ଏଥିରେ ଏସ୍କର୍ଟ-୧, ଏସ୍କର୍ଟ-୨ ଗାଡି, ଜାମର ଗାଡି, ଫାୟାର ଭ୍ୟାନ, ଆମ୍ବୁଲାନ୍ସ, ବୁଲେଟ ପ୍ରୁଫ୍, ମେଡିକାଲ ଗାଡି ଓ ଅନ୍ୟଏକ ଗାଡ଼ି ସାମିଲ ଥିଲା। ଏହାପୂର୍ବରୁ ଏସ୍‌ଭିଆଇ ପକ୍ଷରୁ ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଅନୁମତି ମିଳିବା ପରେ କାର୍‌କେଡ୍ ବିମାନ ବନ୍ଦରରୁ ରାଜଭବନ ଓ ରାଜଭବନରୁ ବିମାନ ବନ୍ଦର ପର୍ଯ୍ୟନ୍ତ ରିହର୍ସାଲ କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ସମ୍ମୁଖରେ ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ। ପରିବାରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ। ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ବନ୍ଧୁଙ୍କ ଜରିଆରେ ପାଇବେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟାର ସମାପ୍ତି ଘଟିବ।

**ବୃଷ**
ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ ଓ କାମଟି ସୁବିଧାରେ ହୋଇଯିବ। ଅଫିସରେ କିମ୍ବା ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରି ପାରିବେ ନାହିଁ। ଆନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିପାରନ୍ତି। ସନ୍ତାନ ହେତୁକ ପୀଡ଼ା କିମ୍ବା ଅନୁପସ୍ଥିତିର ଅଭାବ ଅନୁଭବ କରିବେ।

**ମିଥୁନ**
ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ ଓ କାମଟି ମଧ୍ୟ କରିବେ। ବିଶେଷ ଭାବରେ ପ୍ରଶାସନ, ପ୍ରକାଶନ, ରାଜନୀତି, ସଙ୍ଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ମିଳିବ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିବେ।

**କର୍କଟ**
ଭାଇ, ବନ୍ଧୁ ଓ କୁଟୁମ୍ବ ଲୋକମାନଙ୍କ ସହ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇପାରେ। ଆକସ୍ମିକ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ**
ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ନୂତନ କାମ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭବାନ ହେବେ।

**କନ୍ୟା**
ଦୀର୍ଘ ଦିନରୁ ଜମା ପଡ଼ୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। ଆଜିର ଯାତ୍ରାରେ ଅଭିଳଷିତ କାମ ମଧ୍ୟ ହୋଇଯିବ। ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା**
ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବ, ଫଳରେ ନିଜ କାମଗୁଡ଼ିକୁ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢ଼ିଯାଇପାରେ। ଅଫିସ୍ କାମରେ ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ଶିଳ୍ପ, ବାଣିଜ୍ୟରେ ସଫଳତା ପାଇବେ।

**ବିଛା**
ବନ୍ଧୁଙ୍କଠାରୁ ଯେତେ ପାଇଲେ ବି ଆହୁରି ପାଇବା ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିବେ। ପରିବାରର ସଦସ୍ୟ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରିବେ।

**ଧନୁ**
ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗି ରହିବ, ଅବଶ୍ୟ ସମାଧାନର ପନ୍ଥା ଖୋଜି ପାଇବେ। ଅଫିସରେ ସହକର୍ମୀଙ୍କ ସହ ମିଷ୍ଟାଳାପରେ ମାତି ରହିବେ ଓ ସମୟ ଅବଶ୍ୟ ଖୁସିରେ କଟିଯିବ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର**
ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ଆପଣଙ୍କ ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ,ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ବନ୍ଧୁଙ୍କ ପ୍ରତାରଣାପୂର୍ଣ୍ଣ କଥାରେ ମନ ଅସ୍ଥିର ରହିବ।

**କୁମ୍ଭ**
ତର୍କବିତର୍କରୁ ସାଧାରଣ କଥାରେ ହଠାତ୍ କଳହ ସୃଷ୍ଟି ହୋଇପାରେ। ପାରିବାରିକ ସମସ୍ୟାର ସମାଧାନ ଲାଗି ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ**
ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ପରିସ୍ଥିତିବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ୍ୟ ହେବେ। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ। କୌଣସି ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ଆଶ୍ୱିନ କୃଷ୍ଣ ଚତୁର୍ଦ୍ଦଶୀ ଶୁକ୍ରବାର, ସେପ୍ଟେମ୍ବର ୨୭ ତାରିଖ ,ବିଶ୍ୱ ପର୍ଯ୍ୟଟନ ଦିବସ, ରାଶି ନକ୍ଷତ୍ର-ପୂର୍ବାଫାଲ୍‌ଗୁନୀ/ସିଂହ, ଚତୁର୍ଦ୍ଦଶୀର ଶ୍ରାଦ୍ଧ, ଦିବା ଘ୬।୨୮ମି. ମଧ୍ୟେ, ଘ୭।୧୫ମି. ଗତେ ଘ୯।୩୭ମି. ମଧ୍ୟେ, ଘ୧୧।୫୮ମି. ଗତେ ଘ୩।୦୭ମି. ମଧ୍ୟେ, ଘ୩।୫୪ମି. ଗତେ ଘ୫।୨୯ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୧୧ମି. ଗତେ ଘ୮।୪୧ମି. ମଧ୍ୟେ, ଘ୧୧।୪୧ମି. ଗତେ ଘ୧।୧୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୧୦।୦୮ମି. ଗତେ ଘ୧୧।୩୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

SMLI SUZU- 13seater AC coach- 2012, 27seater AC executive coach- 2012 in excellent condition for sale. Ph: 9040087574, 8908153123. D-14492

12nos of Tata Magic, 8nos Mahindra Maximo, 8nos Tata Winger & 40 seater Mahindra School bus latest model in excellent condition with brand new tyres for immediate sale. Contact: 8249319806. D-68009




**SALE**

1BHK simplex 9,99,000/- corehouse Bhingarpur, Plot 300sqft. Atala- 9337155580. D-67075

ଭୁବନେଶ୍ୱର IIT ଅରଗୁଳ ରେଲଓ୍ୱେଷ୍ଟେସନ ଠାରେ 1200 କୁ 2,00,000/- registry free, Puja offer. Outright / Installment. 9348817649. D-66783

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ **possession** ଥାଇ **plot sqft. 399/-**ରେ ମିଳୁଅଛି। **9090963952.** D-66774

**5000sqft gharabari plot for sale at Pokhariput (Near DAV School) Bhubaneswar. Contact- Deepak: 9937329999.** D-68004

**4000sqft plot sale at Patia (Near Big Bazar), Bhubaneswar, Directly Buyer Contact- Deepak: 9937329999.** D-68005

**Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871.** D-67393

9230 sqft yellowzone, Gharabari stitiban plot connecting 60ft road, close to 200ft wideroad, Mouza- Sundarpur, Bhubaneswar. Contact Owner: 9338342502. D-67394

**2400 sqft GA plot sale at Bharatpur (Sum Hospital) Bhubaneswar, contact- Deepak- 9937329999 (Broker excuse).** D-68008

50 x 41', residential sthitiban plot 30' road, 400 mtr from Times Gurukul, Nuagaon, Bhubaneswar, Contact: 6371358272. D-68102

Land measuring 16,000sqft (single plot) at Satya vihar housing colony, Rasulgarh with complete boundary wall for immediate sale @ 2,000/- sqft. Contact- 9090912012. D-68011

**Gharabari boundary plot near Kalinganagar DAV School, Sum hospital (Nuagaon) (size-2024) sqft. 1950/-, Patrapada 600mtr distance from NH- sqft. 2200/-. 9937044887, 8249240653.** D-66790

8000 sqft house hold land can be utilised for commercial purpose infront of CIFA, Puri NH side for immediate sale @ 1800/- sqft. Contact- 9090912012. D-68010

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-68103




Structural Design Consultancy (RCC/ Steel) by Prof. GP Meher available. 6309629747. Bhubaneswar. D-14509




Commercial space 2500sqft.,5rooms, attached toilet, first floor, Bapujinagar, Bhubaneswar, 9556700943. D-65694

3BHK, Sriram Nagar, Maruti Lane, Old Bhubaneswar. Contact: 9853627104. D-65695

Newly built 2200sft. available for corporates at M-7 Samanta Vihar, Nalco Square, Bhubaneswar. 9911426633. D-14525




Shivam logistic packers movers. Household/ car relocation countrywide. 9777044177, 9338461133. D-14523




Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic full body massage ladies/gents smart experts therapist: 8480939300. D-66966

Ayurvedic herbal body massage trend therapist. Mob: 8018246332. D-66968

Ayurvedic herbal body massage and thend therapist Mobile: 6371537969. D- 67395

AQUA SPA prepare you to enjoy the festive season with an exclusive offer @ 999/- any 60 min msg, 9937205483. D-66787

Herbal full body massage by smart / expert therapist. Contact: 8338067247. D-67397

Summer special mesmerizing offer expert therapeutic refreshing massage appointment. 9668374480. D-67398

Experience full body massage with us (expert). Call: 7377048581, 06742597822. D-67400

Full body herbal massage with refreshment expert therapist. 7381239385, 06742540855. D-67399

Refresh your mind and soul with best therapy at Orchid Salon/ Spa. 9937287222. D-66970

Kajal ayurvedic massage club fully relaxed by smart lady, home service available. 9937637219. D-66971




ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

**LOST**

Snehanjali Moharana, aged about 31 years, W/o: Raghunath Moharana, Chandrasekharpur, Bhubaneswar-16, Odisha. I have passed Graduation in year 2008 from Ravenshaw University, Cuttack bearing Roll No. D06/ HT-015 and obtained College Leaving Certificate (CLC). The above CLC has been lost on 25.9.2019. On the way between KIIT to Sikharchandi Road which could not be traced out best of my effort. If any person will get it please contact me.
Snehanjali Moharana
Mob:9776104854
D-14527

**AFFIDAVIT**

Chacalya Kisan S/o Makunda Kisan, R/o Kadopada, Tainsar, Sambalpur, Odisha-768227 have changed my name as Chasalya Kisan. D-14528


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




## ୪ ଟଙ୍କା ବଢ଼ିଲା ଓମ୍‌ଫେଡ୍ କ୍ଷୀର ଦର

**ଭୁବନେଶ୍ୱର,୨୬।୯(ବ୍ୟୁରୋ):** ଓଡ଼ିଶା ରାଜ୍ୟ ଦୁଗ୍ଧ ସମବାୟ ସହାସଂଘ (ଓମଫେଡ) ପ୍ୟାକେଟ କ୍ଷୀର ଦର ବୃଦ୍ଧି କରିଛି। ଲିଟର ପିଛା ୪ ଟଙ୍କା ବୃଦ୍ଧି କରାଯାଇଛି। ଏ ନେଇ ଓମଫେଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଟୋନଡ୍ କ୍ଷୀର ଲିଟର ପିଛା ୩୬.୭୦ ଟଙ୍କା ଥିବା ବେଳେ ଏହା ୩୮ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ପ୍ରିମିୟମ କ୍ଷୀର ଲିଟର ପିଛା ୪୧.୭୫ ଟଙ୍କା ଏବଂ ଗୋଲଡ ପ୍ରିମିୟମ ଲିଟର ୪୦.୭୫ ଟଙ୍କା ପ୍ରତି ଲିଟର ବିକ୍ରି କରାଯାଉଥିବା ବେଳେ ବର୍ଦ୍ଧିତ ପରେ ତାହା ୪୪ ଟଙ୍କାରେ ବିକ୍ରି କରାଯିବ। ଏହି ବୃଦ୍ଧି ପରେ ଓମଫେଡ ଏଜେଣ୍ଟମାନେ ଲିଟର ପିଛା ୨୫ ପଇସା ଲାଭ ପାଇବେ। ଏହାଛଡା ଓମଫେଡ ମଧ୍ୟ ଲିଟର ପିଛା ୨୦ ପଇସା ଏଜେଣ୍ଟମାନଙ୍କ ସଞ୍ଚୟ ଯୋଜନାରେ ଜମା କରିବ। ଏହି ବୃଦ୍ଧି ଯୋଗୁ ଚାଷୀମାନେ ଲିଟର ପିଛା ୩ ଟଙ୍କା ପାଇବେ। ଶୁକ୍ରବାରଠାରୁ ଏହି ବର୍ଦ୍ଧିତ ଦର ଲାଗୁ ହେବ। ସୂଚନାଯୋଗ୍ୟ ଯେ ରାଜ୍ୟରେ ଥିବା ଘରୋଇ ସଂସ୍ଥା ଗତ ଦୁଇମାସ ହେବ କ୍ଷୀର ଓ ଅନ୍ୟାନ୍ୟ ଦୁଗ୍ଧ ଜାତ ଦ୍ରବ୍ୟର ଦର ବୃଦ୍ଧି କରିସାରିଛନ୍ତି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ଗୋବିନ୍ଦ ସାହୁ


ପ୍ରୀତି ପ୍ରିୟଦର୍ଶିନୀ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ନିୟମିତ ହେଲେ ୩୨ କୋର୍ଟ ମ୍ୟାନେଜର

ଭୁବନେଶ୍ୱର,୨୬।୯(ବ୍ୟୁରୋ)

**କ୍ୟାବିନେଟ ନିଷ୍ପତ୍ତି**

- ନୀଳଗିରି ବ୍ଲକର ୯୦ ହଜାର ଲୋକଙ୍କ ପାନୀୟ ଜଳ ବାବଦ ଖର୍ଚ୍ଚହେବ ୧୪୯.୧୨ କୋଟି
- ଯାଜପୁର ଜିଲା ଟମକା-ମଙ୍ଗଳପୁର ରାସ୍ତା ୪ ଲେନ୍ ହେବ
- ଖର୍ଚ୍ଚହେବ ୧୧୭ କୋଟି
- ବାଲେଶ୍ୱର, ବଲାଙ୍ଗୀର ଡାକ୍ତରଖାନା ନିର୍ମାଣ ପାଇଁ ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ
- ଓଡ଼ିଶା ଟିକସ ସେବା ନିୟମ ସଂଶୋଧନ
- ବାଙ୍କୁଆଲରେ ନିର୍ମାଣ ହେବ ଆଞ୍ଚଳିକ ଶିକ୍ଷା ଓ ତାଲିମ କେନ୍ଦ୍ର

ରାଜ୍ୟର ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକଙ୍କୁ ସରକାର ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଇ ଦେଉଛନ୍ତି। ଏହି କ୍ରମରେ ବାଲେଶ୍ୱର ଜିଲାର ନୀଳଗିରି ବ୍ଲକ ଅଧୀନରେ ଥିବା ୧୭ ପଞ୍ଚାୟତର ୯୦ ଗ୍ରାମକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିରେ ୯୦ ହଜାର ୨୧୯ ଜଣ ଲୋକ ଉପକୃତ ହେବେ। ଏହି ପ୍ରକଳ୍ପକୁ ଗୁରୁବାର ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ୧୦ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ନୀଳଗିରି ପାନୀୟ ଜଳ ପ୍ରକଳ୍ପ ଟେଣ୍ଡର ଜୁବେରୀ ଇଞ୍ଜିନିୟରିଂ କମ୍ପାନୀ ନେକନ୍ ପାୱାଲ ଇନ୍‌ଫ୍ରାକୁ ୧୪୯ କୋଟି ୧୨ ଲକ୍ଷ ଟଙ୍କାରେ ଦିଆଯାଇଛି। ଉକ୍ତ ପ୍ରକଳ୍ପ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଛି।

ହାଇକୋର୍ଟରେ କାର୍ଯ୍ୟରତ ଅସ୍ଥାୟୀ କୋର୍ଟ ମ୍ୟାନେଜରଙ୍କୁ ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି ପ୍ରଦାନ କରିଛନ୍ତି। କ୍ୟାବିନେଟ ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଇଛି। ଏଥିରେ ୩୨ଜଣ କୋର୍ଟ ମ୍ୟାନେଜର ଉପକୃତ ହେବେ। ତ୍ରୟୋଦଶ ଅର୍ଥ କମିଶନଙ୍କ ସୁପାରିସ କ୍ରମେ ଜିଲା ଜଜ୍‌ଙ୍କୁ ପ୍ରଶାସନିକ କ୍ଷେତ୍ରରେ ସହାୟତା କରିବା ପାଇଁ କୋର୍ଟ ମ୍ୟାନେଜରଙ୍କୁ ରାଜ୍ୟ ସରକାର ଚୁକ୍ତିଭିତ୍ତିକ ନିଯୁକ୍ତି ଦେଇଥିଲେ। ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦିଆଯାଇଛି।

ଯାଜପୁର ଜିଲାର ଟମକା-ମଙ୍ଗଳପୁର ରାସ୍ତାକୁ ୪ ଥାକିଆ କରାଯିବ। ଜାତୀୟ ରାଜପଥ ନଂ. ୫୩ର ମଙ୍ଗଳପୁର ପର୍ଯ୍ୟନ୍ତ ୪୩ କିମି ରାସ୍ତାକୁ ୪ ଲେନ୍ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ରାସ୍ତାଟି କଳିହାଁ ଓ ସୁକିନ୍ଦା ଖଣି ଅଞ୍ଚଳରୁ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସିଧାସଳଖ ସଂଯୋଗ କରିବ। ଏଥିସହିତ ଏହି ରାସ୍ତା ପାରାଦୀପ ଓ ଧାମରାକୁ ମଧ୍ୟ ସଂଯୋଗ କରିବ। ଜନଗହଳି ଓ ଯାତାୟାତକୁ ଦୃଷ୍ଟିରେ ରଖି ଏହି ରାସ୍ତାକୁ ୪ ଲେନ୍ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଦୁର୍ଗା କଣ୍ଟେଭ ପ୍ରାଇଭେଟ୍ ଲିମିଟେଡ୍ ଏହି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ନେଇଛି। ଏହାକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ରାସ୍ତା ବାବଦରେ ୧୧୭ କୋଟି ଟଙ୍କା ଖର୍ଚ୍ଚ ହେବ ଓ ୨ ବର୍ଷରେ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

ବାଲେଶ୍ୱର ଓ ବଲାଙ୍ଗୀରଠାରେ ୫ଶହ ଶଯ୍ୟା ବିଶିଷ୍ଟ ସରକାରୀ ହସ୍ପିଟାଲ ନିର୍ମାଣ ହେବ। ବାଲେଶ୍ୱର ଡାକ୍ତରଖାନା ପାଇଁ ୧୪୮.୧୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆଇରନ୍ ଟ୍ରିଆଙ୍ଗଲ୍ ଲିଃ. ଏହାକୁ ୧୪୪.୯୯ କୋଟି ଟଙ୍କାରେ ଟେଣ୍ଡର ନେଇଛି। ଆସନ୍ତା ୨ ବର୍ଷ ୬ ମାସ ମଧ୍ୟରେ ଏହି ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଶେଷ ହେବ। ସେହିପରି ବଲାଙ୍ଗୀର ଡାକ୍ତରଖାନା ପାଇଁ ୧୪୫.୬୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ସମ୍ପୃକ୍ତ ସଂସ୍ଥା ଏହାକୁ ୧୪୨.୪୬ କୋଟି ଟଙ୍କାରେ ଟେଣ୍ଡର ନେଇଛି। ଏହି ହସ୍ପିଟାଲ ମଧ୍ୟ ୨ ବର୍ଷ ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁର କରିଛି।

ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦବୀ ନାମ ପରିବର୍ତ୍ତନ କରାଯାଇଛି। ଏଣିକି ଏହି ଅଧିକାରୀମାନଙ୍କୁ ଛୋଟ ସଞ୍ଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଅଧିକାରୀ ଭାବେ ନାମିତ କରାଯିବ। ରାଜ୍ୟ କ୍ୟାବିନେଟ୍ ଓଡ଼ିଶା ଟିକସ ଓ ହିସାବ ସେବା ନିୟମ-୨୦୧୧ ସଂଶୋଧନକୁ ଅନୁମୋଦନ କରିଛି। ଏହି ସଂଶୋଧନ ପରେ ଆର୍ଥିକ ସୁପରିଚାଳନା ନିମନ୍ତେ ଏହି ସେବା ନିୟମର ଧାରା (୪) ଉପଧାରା (ଗ) ଅନୁଯାୟୀ ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା ୭୫୩ର ୨୦ ପ୍ରତିଶତ ପଦବୀରେ ହେଉଥିବା ନିଯୁକ୍ତିକୁ ରଦ୍ଦ କରାଯାଇଛି।

ଏଥିସହିତ ଆର୍ଥିକ ପରିଚାଳନା କ୍ଷେତ୍ରରେ ଦକ୍ଷତା ଥିବା ଓଡ଼ିଶା ଅଧସ୍ତନ ଆର୍ଥିକ ସେବା ବର୍ଗର କର୍ମଚାରୀଙ୍କ ଦ୍ୱାରା ଧାରା (୪) ଉପଧାରା (ଖ) ଅନୁଯାୟୀ ପଦୋନ୍ନତି ମାଧ୍ୟମରେ ପୂରଣ ହେଉଥିବା ମଞ୍ଜୁରୀ ପ୍ରାପ୍ତ ପଦବୀ ସଂଖ୍ୟା ୭୩୫ର ୩୦ ପ୍ରତିଶତ ପଦବୀକୁ ବୃଦ୍ଧି କରାଯାଇ ମଞ୍ଜୁରୀ ପ୍ରାପ୍ତ ପଦବୀରେ ୫୦ ପ୍ରତିଶତରେ ସୀମିତ ରଖାଯାଇଛି। ପଦୋନ୍ନତି ନିମନ୍ତେ ପ୍ରାର୍ଥୀ ନ ଥିଲେ ଉକ୍ତ ପଦବୀଗୁଡ଼ିକୁ ସିଧାସଳଖ ପୂରଣ କରାଯିବ। ପଦୋନ୍ନତି ମାଧ୍ୟମରେ ନିଯୁକ୍ତି ପାଉଥିବା ଓଡ଼ିଶା ଅଧସ୍ତନ ଆର୍ଥିକ ସେବା ବର୍ଗର କର୍ମଚାରୀମାନଙ୍କର ପ୍ରତିନିଧିତ୍ୱକୁ ସୁସଂଗଠିତ କରିବା ପାଇଁ ଉର୍ଦ୍ଦିଷ୍ଟ ପଦବୀଗୁଡ଼ିକୁ ଉକ୍ତ ସେବା ଅଧିନସ୍ଥ ସହକାରୀ ବାଣିଜ୍ୟକର ଅଧିକାରୀ, ସ୍ଥାନୀୟ ପାଣ୍ଠି ସମୀକ୍ଷକ/ସମୀକ୍ଷା ଅଧୀକ୍ଷକ ଓ କୋଷାଗାର ହିସାବ ରକ୍ଷକଙ୍କ ମଧ୍ୟରେ ଯଥାକ୍ରମେ ୫:୪:୧ ଅନୁପାତରେ ଆବଣ୍ଟନ କରାଯିବ।

ରାଜ୍ୟ ସରକାର ଖୋର୍ଦ୍ଧା ଜିଲା ଭୁବନେଶ୍ୱର ତହସିଲ ଅନ୍ତର୍ଗତ ବାଙ୍କୁଆଲରେ ଆଞ୍ଚଳିକ ଶିକ୍ଷା ଓ ତାଲିମ ଅନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନକୁ ମାଗଣାରେ ଏ୨.୪୭୮ ଡିସିମିଲ ସରକାରୀ ଜମି ଯୋଗାଇ ଦେବେ। ବର୍ଷକୁ ଟିକସ ଓ ସେସ୍ ବାବଦରେ ୧ ଟଙ୍କା ନେବେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

## ଘର କାନ୍ଥ ପଡ଼ି ଯୁବକ ମୃତ

ଗୋଷାଣୀ,୨୬।୯(ଡି.ଏନ୍.ଏ.)

ଲଗାଣ ବର୍ଷା ଯୋଗୁ ଅନେକ କଚ୍ଚାଘର ଦୁର୍ବଳ ହୋଇଯାଇଥିବାବେଳେ ଗୁରୁବାର ବିଳମ୍ବିତ ରାତିରେ ଘରର କାନ୍ଥ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଗୁରାଣ୍ଡି ଥାନା ଅନ୍ତର୍ଗତ କଇଠଡ଼ା ଗ୍ରାମର ଏମ୍. ରାଜା(୩୫)। ଘଟଣାରୁ ପ୍ରକାଶ ଯେ, ରାଜା ହାଇଦ୍ରାବାଦରେ ମିସ୍ତ୍ରିଭାବେ କାମ କରୁଥିଲେ। କିଛି ଦିନ ହେଲା ସେ ଶ୍ୱଶୁର ପାଇଥିବା ପ୍ରଧାନମନ୍ତ୍ରୀ ଆବାସ ଗୃହ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଥିଲେ। ବୁଧବାର ରାତିରେ ରାଜା, ତାଙ୍କ ସ୍ତ୍ରୀ ଏବଂ ଝିଅ ନିର୍ମାଣାଧୀନ ଘର ସାମ୍ନାରେ ଥିବା ଏକ କଚ୍ଚା ଘରେ ଶୋଇବାକୁ ଯାଇଥିଲେ। ହେଲେ ପ୍ରବଳ ବର୍ଷା ଯୋଗୁ ରାତି ୨ଟାରେ ଘରର କାନ୍ଥ ପଡ଼ିଯାଇଥିଲା। ଫଳରେ କାନ୍ଥ ତଳେ ଚାପିହୋଇ ରାଜାଙ୍କର ମୃତ୍ୟୁ ଘଟିଥିଲା। ହେଲେ ସ୍ତ୍ରୀ ଏବଂ ଝିଅ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି। ଏ ନେଇ ଥାନାରେ ୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ମୁକେଶ ଲାକ୍ରା କହିଛନ୍ତି। ପାରଳାଖେମୁଣ୍ଡି ତହସିଲଦାର ଅଚ୍ୟୁତାନନ୍ଦ ଜାନୀ, ବିଡିଓ ସଂଗ୍ରାମ ପଣ୍ଡା ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପକ୍ଷରୁ ୨୦ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଛି।

## ■ ପ୍ରବଳ ବର୍ଷାରେ କାନ୍ଥ ଭୁଶୁଡ଼ିଲା
# ନାବାଳିକା ମୃତ, ୨ ଗୁରୁତର

ବାହାନଗା, ୨୬।୯(ଡି.ଏନ.ଏ.)


ଭାଙ୍ଗି ପଡ଼ିଥିବା ଘର କାନ୍ଥ।

ପ୍ରବଳ ବର୍ଷା ଯୋଗୁ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ବାଜିପୁର ଗ୍ରାମରେ ଏକ ଘର କାନ୍ଥ ଭୁଶୁଡି ପଡିବାରୁ ଭିତରେ ଶୋଇଥିବା ଜଣେ ନାବାଳିକାଙ୍କ ମୃତ୍ୟୁ ହୋଇଛି। ପାଖରେ ଥିବା ତାଙ୍କ ଜେଜେମା ଓ ଆଉ ଜଣେ ନାବାଳିକା(ପିଉସୀ ଝିଅ) ଗୁରୁତର ହୋଇପଡିଛନ୍ତି। ଆହତଦ୍ୱୟଙ୍କୁ ଚିକିତ୍ସା ଲାଗି ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ବୁଧବାର ରାତିରେ ଗ୍ରାମର ସଞ୍ଜୟ ନାୟକଙ୍କ ମାଟି ଘର ଭିତରେ ତାଙ୍କ ମା' ସୁବାସିନୀ ନାୟକ, ୧୧ବର୍ଷର ଝିଅ ଟୁଇଁକିଲ ଓ ତାଙ୍କ ଭଉଣୀଙ୍କ ୧୧ବର୍ଷର ଝିଅ ଶୁଭଲକ୍ଷ୍ମୀ ଶୋଇଥିଲେ। ରାତି ପ୍ରାୟ ୧ଟା ବେଳେ ହଠାତ ଘରର କାନ୍ଥ ସମେତ ମାଟି ଆଟୁ ଭୁଶୁଡି ପଡିଥିଲା। ଟୁଇଁକିଲଙ୍କ ଉପରେ ଫ୍ୟାନ ସମେତ ମାଟି ସବୁ ଓଜାଡି ହୋଇପଡିଥିଲା। ସେ ଗୁରୁତର ହୋଇପଡିଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ଗୋପାଳପୁର ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶୁଭଲକ୍ଷ୍ମୀଙ୍କ ଗୋଡ ଭାଙ୍ଗିଯାଇଛି। ବାହାନଗା ତହସିଲଦାର ଦେବଯାନୀ ଭୂୟାଁ ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସ୍ ଫଣ୍ଡରୁ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଗୋପାଳପୁର ସରପଞ୍ଚ ଯୋଗେଶ ଚନ୍ଦ୍ର ପତି ପହଞ୍ଚି କିପରି ପରିବାରକୁ ସରକାରୀ ସହାୟତା ମିଳିପାରିବ ସେ ବାବଦରେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ଅକ୍ଟୋବର ୩ ଯାଏ ଗ୍ରହଣ ହେବ ଆପତ୍ତି ଅଭିଯୋଗ

ଭୁବନେଶ୍ୱର,୨୬।୯(ବ୍ୟୁରୋ)

**ଖରିଫ୍ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ**

ଚଳିତ ଆର୍ଥିକ ବର୍ଷ(୨୦୧୯-୨୦)ରେ ଖରିଫ୍ ଧାନ ସଂଗ୍ରହ ପାଇଁ ଏକ ନିର୍ଭୁଲ ଚାଷୀମାନଙ୍କ ନାମ ପଞ୍ଜୀକରଣ ତାଲିକା ପ୍ରସ୍ତୁତ କରିବା ଉପରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୁରୁତ୍ୱାରୋପ କରିଛନ୍ତି। ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମ ପଞ୍ଜୀକରଣ କାର୍ଯ୍ୟକ୍ରମ ଚଳିତ ମାସ ୧୭ରେ ଶେଷ ହୋଇଛି । ସଂଗୃହୀତ ଦରଖାସ୍ତଗୁଡ଼ିକର ସଂପୃକ୍ତ ପ୍ରାଥମିକ କୃଷି ସମବାୟ ସମିତି ଓ ଲ୍ୟାମ୍ପସ୍‌ରେ ଅନ୍‌ଲାଇନ୍ ପ୍ରକ୍ରିୟାରେ କମ୍ପ୍ୟୁଟରୀକୃତ (ଡିଜିଟାଇଜେଶନ୍) କରାଯିବା କାର୍ଯ୍ୟ ଗତ ୨୨ରେ ସମାପ୍ତ ହୋଇଛି। ପଞ୍ଜୀକୃତ ଚାଷୀମାନେ ଖରିଫ୍ ଧାନ ଚାଷ କରିଥିବା ଜମିର ପରିମାଣ ବାବଦ ତଥ୍ୟ ସମ୍ବଳିତ ଚିଠା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯିବ । ଏହି ତଥ୍ୟ ପଞ୍ଜୀକରଣ କାର୍ଯ୍ୟ ସମ୍ପାଦନ କରୁଥିବା ସଂପୃକ୍ତ ସମିତି, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ କଣ୍ଟ୍ରୋଲ୍ ଦୋକାନରେ ସେପ୍ଟେମ୍ବର ୨୫ରୁ ୩୦ ମଧ୍ୟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ କରାଯାଉଛି। ସବିଶେଷ ତଥ୍ୟ ସଂପୃକ୍ତ ପଞ୍ଜୀକରଣକାରୀ ପ୍ୟାକ୍ସ/ଲ୍ୟାମ୍ପସ୍ ଆଦିରେ ଉପଲବ୍ଧ କରାଯିବ ଏବଂ ପଞ୍ଜୀକୃତ ଚାଷୀ ଓ ସର୍ବସାଧାରଣ ତାହା ନିରୀକ୍ଷଣ କରିପାରିବେ । ଯଦି ପ୍ରକାଶିତ ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହେଉଥାଏ, ତତ୍‌ସମ୍ବନ୍ଧୀୟ ଅଭିଯୋଗ ଯେ କୌଣସି ନାଗରିକ ସଂପୃକ୍ତ ପ୍ରକାଶନ ସ୍ଥଳରେ ଆସନ୍ତା ଅକ୍ଟୋବର ୩ ତାରିଖ ସୁଦ୍ଧା ଦରଜ କରିପାରିବେ ।


ଶପଥ ଗ୍ରହଣ ଉତ୍ସବରେ ହାଇକୋର୍ଟ ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତିଙ୍କ ସହ ଶପଥ ପାଠ କରିଥିବା ଦେୱାନୀ ନ୍ୟାୟାଧୀଶମାନେ।

# ଶପଥ ନେଲେ ୪୧ ଦେୱାନୀ ନ୍ୟାୟାଧୀଶ

କଟକ ଅଫିସ, ୨୬।୯

ଓଡ଼ିଶା ନ୍ୟାୟିକ ଏକାଡେମୀସ୍ଥିତ ଗତିକୃଷ୍ଣ ମିଶ୍ର ପ୍ରେକ୍ଷାଳୟରେ ୨୦୧୮ ବ୍ୟାଚ୍‌ର ନବନିଯୁକ୍ତ ୪୧ ଜଣ ଶିକ୍ଷାନବିସ ଦେୱାନୀ ନ୍ୟାୟାଧୀଶମାନଙ୍କ ଶପଥ ଗ୍ରହଣ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍. ଝାବେରୀ ଏହାକୁ ଉଦ୍‌ଘାଟନ କରି ନବନିଯୁକ୍ତ ଶିକ୍ଷାନବିସ ଦେୱାନୀ ନ୍ୟାୟାଧୀଶମାନଙ୍କୁ ଶପଥ ପାଠ କରାଇଥିଲେ। ଏହି ଅବସରରେ ମୁଖ୍ୟ ବିଚାରପତି, ଓଡ଼ିଶା ନ୍ୟାୟିକ ଏକାଡେମୀ ସମିତି ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପାଠ୍ୟ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ହାଇକୋର୍ଟ ବିଚାରପତି ତଥା ଓଡ଼ିଶା ନ୍ୟାୟିକ ଏକାଡେମୀ ତାଲିମ ସମିତିର ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇ ପ୍ରଶିକ୍ଷଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏଥିରେ ହାଇକୋର୍ଟ ବିଚାରପତି ଏବଂ ଅଧିକାରୀ, ନବନିଯୁକ୍ତ ଶିକ୍ଷାନବିସ ଦେୱାନୀ ନ୍ୟାୟାଧୀଶମାନଙ୍କ ପରିବାର ସଦସ୍ୟ ଓ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଏକାଡେମୀର ନିର୍ଦ୍ଦେଶକ ଗୌରୀଶଙ୍କର ଶତପଥୀ ଧନ୍ୟବାଦ ଦେଇଥିଲେ।

# ଗଣନା ସରିଲା: ଭିତରକନିକାକୁ ପକ୍ଷୀ ଆଗମନ ହ୍ରାସ

ରାଜନଗର, ୨୬।୯ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନରେ ଦେଶୀୟ ପକ୍ଷୀ ଗଣନା ଗତ ୨୪ ତାରିଖରୁ ଶେଷ ହୋଇଥିବା ବେଳେ ଗୁରୁବାର ବନ ବିଭାଗ ପକ୍ଷରୁ ରିପୋର୍ଟ ପ୍ରକାଶ ପାଇଛି। ଗତବର୍ଷ ତୁଳନାରେ ଏ ବର୍ଷ ଜାତୀୟ ଉଦ୍ୟାନକୁ ୨,୬୧୦ ପକ୍ଷୀ କମ୍ ଆସିଛନ୍ତି। ୨୦୧୮ରେ ୯୧,୨୨୪ ପକ୍ଷୀଙ୍କ ସମାଗମ ହୋଇଥିବା ବେଳେ ଚଳିତ ବର୍ଷ ଏହି ସଂଖ୍ୟା ୮୮,୬୧୪କୁ ଖସି ଆସିଛି। ମଠଆଡ଼ିଆରେ ୪୬୨ଟି ବସାରେ ୯୨୪ଟି ବଡ଼ପକ୍ଷୀ ଓ ୧୧୫୫ ପକ୍ଷୀ ଶାବକ ଥିବା ବେଳେ ନୂତନ ଠିକଣା ଲକ୍ଷ୍ମୀପ୍ରସାଦଡିଆରେ ୧୮,୮୩୪ଟି ବସାରେ ୩୭,୬୬୮ ବଡପକ୍ଷୀ ଓ ୪୮,୮୬୭ ପକ୍ଷୀ ଶାବକ ଭିଡ଼ ଜମାଇଛନ୍ତି। କନିକା ଅତିରିକ୍ତ ବନ ସଂରକ୍ଷକ ସୁବ୍ରତ ପାତ୍ର ଓ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ୩ଟି ଟିମ୍‌ରେ ୧୫ଜଣ ବନ କର୍ମଚାରୀ ଏହି ଗଣନାରେ ସାମିଲ ହୋଇଥିଲେ।


ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ସମାଗମ।

**ଖଣ୍ଡଗିରିରେ ନିର୍ମାଣ ହେବ ବସ୍ ଡିପୋ**

# ବରମୁଣ୍ଡା ବସ୍‌ଷ୍ଟାଣ୍ଡ ବସ୍ ଟର୍ମିନାଲ ଟେଣ୍ଡରକୁ କ୍ୟାବିନେଟ ମଞ୍ଜୁରୀ

ଭୁବନେଶ୍ୱର,୨୬।୯(ବ୍ୟୁରୋ)

- ପ୍ରକଳ୍ପ ପାଇଁ ଖର୍ଚ୍ଚହେବ ୧୬୦.୬୬ କୋଟି
- ୨୪ ମାସରେ ନିର୍ମାଣ ଶେଷ ପାଇଁ ଲକ୍ଷ୍ୟ
- ବସ୍ ଓ ଯାତ୍ରୀଙ୍କୁ ମିଳିବ ଅତ୍ୟାଧୁନିକ ସୁବିଧା

ବରମୁଣ୍ଡା ବସ୍‌ଷ୍ଟାଣ୍ଡର ଆଧୁନିକୀକରଣ ହେବ। ଏହାକୁ ଅତ୍ୟାଧୁନିକ ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲରେ ପରିଣତ କରାଯିବ। ଏଥିସହିତ ବରମୁଣ୍ଡାଠାରେ ଥିବା ରାଜ୍ୟ ସଡ଼କ ପରିବହନ ନିଗମର ବସ୍ ଡିପୋକୁ ଖଣ୍ଡଗିରିକୁ ସ୍ଥାନାନ୍ତର କରାଯିବ। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଦିଆଯାଇଥିବା ଏହି ୨ ପ୍ରସ୍ତାବକୁ ଗୁରୁବାର କ୍ୟାବିନେଟ ମଞ୍ଜୁରୀ ଦେଇଛି। ବରମୁଣ୍ଡାଠାରେ ବସ୍ ଓ ଯାତ୍ରୀମାନଙ୍କ ପାଇଁ ୧ ଲକ୍ଷ ୩୧ ହଜାର ୭୩୦ ବର୍ଗଫୁଟର ଟର୍ମିନାଲ ନିର୍ମାଣ କରାଯିବା ସହିତ ୧ଲକ୍ଷ ୭୦ ହଜାର ୯୧୨ ବର୍ଗଫୁଟ ବ୍ୟବସାୟିକ ପ୍ରତିଷ୍ଠାନ, ୩୫ଟି ବସ୍ ବେ ଏବଂ ୧୯୦ଟି ବସ୍ ପାର୍କିଂ କରିବା ପାଇଁ ବ୍ୟବସ୍ଥା କରାଯିବ। ଏଥିସହିତ ଜନସାଧାରଣଙ୍କ ସୁବିଧା ପାଇଁ ୨୫୦ରୁ ଊର୍ଦ୍ଧ୍ୱ ଚାରିଚକିଆ ଯାନ ଏବଂ ୧୭୫ ଦୁଇ ଚକିଆ ଯାନ ରଖିବା ପାଇଁ ପାର୍କିଂ ସୁବିଧା ହେବ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଦ୍ୱାରା କରାଯାଇଥିବା ଟେଣ୍ଡର ମାଧ୍ୟମରେ ଏହାର ନିର୍ମାଣ ଦାୟିତ୍ୱ ବ୍ରିଜ୍ ଆଣ୍ଡ ରୁଫ୍ କମ୍ପାନୀ, ଇଣ୍ଡିଆ ନାମକ ଏକ ସଂସ୍ଥାକୁ ଦିଆଯାଇଛି। ଏହି ୨ଟି ପ୍ରକଳ୍ପ ନିର୍ମାଣ ପାଇଁ ୧୬୦ କୋଟି ୬୬ ଲକ୍ଷ ୫୪ ହଜାର ଟଙ୍କା ଖର୍ଚ୍ଚ ହେବ। ଏହି ଦୁଇଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨ ବର୍ଷ ମଧ୍ୟରେ ଶେଷ ହେବ। ଏହାଛଡ଼ା ଉକ୍ତ ସଂସ୍ଥା ଉଭୟ ବସ୍ ଟର୍ମିନାଲ ଓ ବସ୍ ଡିପୋର ୫ ବର୍ଷ ପାଇଁ ରକ୍ଷଣାବେକ୍ଷଣା ଦାୟିତ୍ୱ ତୁଲାଇବ। ଏହି ଆନ୍ତଃ ରାଜ୍ୟ ବସ୍ ଟର୍ମିନାଲରେ ଯାତ୍ରୀମାନଙ୍କୁ ୱାଇଫାଇ, ପାନୀୟ ଜଳ, ଶପିଂମଲ, ଇ-ଟିକେଟିଂ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହେବ।

# ଅନୁବର୍ତ୍ତୀ ପଦକ୍ଷେପ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗତ ସପ୍ତାହରେ କର୍ପୋରେଟ୍ ଟିକସ ୨୨ ପ୍ରତିଶତକୁ ହ୍ରାସ କରିଛନ୍ତି, ଯାହା କମ୍ପାନୀଗୁଡ଼ିକ ପାଇଁ ଏକ ବଡ଼ ଆଶ୍ୱସ୍ତି। ସରକାରଙ୍କ ଏହି ନିଷ୍ପତ୍ତିକୁ ବିତ୍ତ ବଜାର ଉଚ୍ଛ୍ୱସିତ ସ୍ୱାଗତ ଜଣାଇଛି। ସରକାର ଭାବିଲେ ଟିକସ ହ୍ରାସ ହେଲେ କମ୍ପାନୀଗୁଡ଼ିକ ଅଧିକ ପୁଞ୍ଜିନିବେଶ କରିପାରିବେ, ଯାହା ଫଳରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇପାରିବ। ଭାରତରେ କର୍ପୋରେଟ୍ ଟିକସ ହାରରେ ପରିବର୍ତ୍ତନ ଧୀରମନ୍ଥର ପ୍ରକ୍ରିୟାରେ ଘଟିଛି। ୧୯୯୧ ମସିହାରେ ଏହା ୪୫ ପ୍ରତିଶତ ଥିବା ବେଳେ ୨୦୧୯ରେ ୨୨ ପ୍ରତିଶତକୁ ଖସିଯାଇଛି, ଅର୍ଥାତ୍ ୨୮ ବର୍ଷରେ ଏହା ୫୧ ପ୍ରତିଶତ ହ୍ରାସ ପାଇଛି। ବ୍ୟକ୍ତିଗତ ଆୟକର ବିପରୀତ କ୍ରମେ ସମ୍ପୂର୍ଣ୍ଣ ଭିନ୍ନ ପଥ ନେଇଛି। ବ୍ୟକ୍ତିଗତ ଆୟକରର ସର୍ବୋଚ୍ଚ ହାର (ସରଚାର୍ଜ ଓ ସେସ୍ ବ୍ୟତୀତ) ୧୯୯୧ରେ ୫୦ ପ୍ରତିଶତ ଥିବାବେଳେ ମାତ୍ର ୬ ବର୍ଷରେ ଏହା ୪୦ ପ୍ରତିଶତ ହ୍ରାସ ପାଇ ୧୯୯୭ରେ ୩୦ ପ୍ରତିଶତକୁ ଖସିଆସିଛି। କିନ୍ତୁ ଏହି ସର୍ବୋଚ୍ଚ ହାର ସେବେଠାରୁ ଆଉ ହ୍ରାସ ନ ପାଇ ସେହି ସ୍ତରରେ ହିଁ ରହିଛି। ତା' ସହ ଏହି ସମୟ ଭିତରେ ବିଭିନ୍ନ ସରଚାର୍ଜ ଓ ସେସ୍ ବି ଲାଗୁ ହୋଇଛି। ଯେଉଁ ଯୁକ୍ତି ଦର୍ଶାଇ କର୍ପୋରେଟ୍ ଟିକସ ହ୍ରାସ କରାଗଲା, ବ୍ୟକ୍ତିଗତ ଆୟକର କ୍ଷେତ୍ରରେ ମଧ୍ୟ ସମାନ ଯୁକ୍ତି ପ୍ରଯୁଜ୍ୟ। ପ୍ରତ୍ୟକ୍ଷ କର ଉପରେ ନିଷ୍ପତ୍ତି ନେବା ପାଇଁ ଗଠିତ ଟାସ୍କ ଫୋର୍ସର ସୁପାରିସକୁ ସରକାର ବିଚାରକୁ ନେବେ ବୋଲି ଆଶା କରାଯାଏ। ଉକ୍ତ ଟାସ୍କ ଫୋର୍ସ ଅନ୍ୟାନ୍ୟ ପ୍ରସ୍ତାବ ମଧ୍ୟରେ ବ୍ୟକ୍ତିଗତ ଆୟକର ହାର ଓ ସ୍ଲାବ୍ ହ୍ରାସ କରିବା ପାଇଁ ପ୍ରସ୍ତାବ ଦେଇଛି।

ଖାଉଟି ଚାହିଦା ବୃଦ୍ଧି କରିବା ପାଇଁ କର୍ପୋରେଟ୍ ଟିକସ ହ୍ରାସ କରିବା ପରେ ସରକାର ବ୍ୟକ୍ତିଗତ ଆୟକର ହ୍ରାସ କରିବାକୁ ଟାସ୍କଫୋର୍ସର ପ୍ରଦତ୍ତ ପ୍ରସ୍ତାବ ଉପରେ ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି। ବ୍ୟକ୍ତିଗତ ଆୟକରରେ ଏକ ବଡ଼ ଧରଣର ହ୍ରାସ ଘଟିବା ସହ ଟିକସ ସ୍ଲାବ୍‌ରେ ବୃଦ୍ଧି ଘଟିପାରେ, ଯାହାଦ୍ୱାରା ଟିକସ ହ୍ରାସ ପାଇପାରେ। ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ମଧ୍ୟବିତ୍ତ ବର୍ଗ, ବିଶେଷତଃ ବେତନଭୋଗୀ କର୍ମଚାରୀମାନେ ସବୁଠାରୁ ଅଧିକ ଉପକୃତ ହେବେ। ଏହାଫଳରେ ସେମାନେ ଘରକୁ ନେଉଥିବା ଦରମା ପରିମାଣ ବୃଦ୍ଧି ପାଇବ ଏବଂ ସାମ୍ପ୍ରତିକ ମାନ୍ଦାବସ୍ଥା ଯୋଗୁ ସେମାନଙ୍କର ହ୍ରାସପ୍ରାପ୍ତ କ୍ରୟକ୍ଷମତାରେ ଉନ୍ନତି ଆସିବ। ବର୍ତ୍ତମାନ ରହିଥିବା ଛାଡ଼ସୀମା ୨.୫୦ ଲକ୍ଷ ଟଙ୍କାରୁ ସରକାର ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିପାରନ୍ତି ବୋଲି ବିଶ୍ୱାସ କରାଯାଉଛି। ସେହିପରି ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ଭିତରେ ଆୟ କରୁଥିବା ଲୋକମାନେ ବର୍ତ୍ତମାନର ୨୦ ପ୍ରତିଶତ ବଦଳରେ ୧୦ ପ୍ରତିଶତ ଟିକସ ଦେବାକୁ ନିଷ୍ପତ୍ତି ନିଆଯାଇପାରେ। ୧୦ ଲକ୍ଷରୁ ୨୦ ଲକ୍ଷ ଭିତରେ ଆୟ କରୁଥିବା ଲୋକମାନଙ୍କ ପାଇଁ ଆୟକର ଦେୟ ୨୦ ପ୍ରତିଶତ ଧାର୍ଯ୍ୟ କରାଯାଇପାରେ। ୨୦ ଲକ୍ଷରୁ ୨ କୋଟି ପର୍ଯ୍ୟନ୍ତ ଆୟ କରୁଥିବା ଲୋକଙ୍କ ପାଇଁ ୩୦ ପ୍ରତିଶତ ଏବଂ ତଦୂର୍ଦ୍ଧ୍ୱ ଆୟକାରୀଙ୍କ ପାଇଁ ୩୫ ପ୍ରତିଶତ ଆୟକର ଧାର୍ଯ୍ୟ କରାଯାଇପାରେ। ପୁନଶ୍ଚ ଆୟକର ଉପରେ ଲାଗୁଥିବା ବିଭିନ୍ନ ପ୍ରକାର ସରଚାର୍ଜ ଓ ସେସ୍ ବ୍ୟବସ୍ଥା ମଧ୍ୟ ଉଠେଇ ଦିଆଯାଇପାରେ। ଆୟକର ହ୍ରାସ ପାଇଲେ ଅଧିକ ଲୋକ ଆୟକର ଦାଖଲ କରିବାକୁ ଉତ୍ସାହିତ ହୋଇପାରନ୍ତି ଏବଂ ଏହା ଅଧିକ ଲୋକଙ୍କୁ ଆୟକର ରିଟର୍ନ ଦାଖଲ କରିବା ପାଇଁ ଅନୁପ୍ରେରିତ କରିପାରେ।

ତେବେ ଆୟକର ହ୍ରାସ ପାଇଲେ ଯେ ଖାଉଟି ଚାହିଦା ବୃଦ୍ଧି ପାଇବ, ବିଶେଷତଃ ଏକ ମାନ୍ଦାବସ୍ଥା–ବାଧିତ ଅର୍ଥନୀତି କ୍ଷେତ୍ରରେ, ତାହା ନୁହେଁ। ଅର୍ଥନୈତିକ ଚଳଚଞ୍ଚଳତାରେ ପରିବର୍ତ୍ତନ ଅନେକ କାରକ ଉପରେ ନିର୍ଭର କରେ। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିକଟରେ ପ୍ରକାଶିତ ବାର୍ଷିକ ରିପୋର୍ଟ ଅନୁସାରେ ଖାଉଟି ଚାହିଦା ବୃଦ୍ଧି କରିବା ପାଇଁ ହେଲେ ବ୍ୟାଙ୍କିଙ୍ଗ୍ ଓ ଅଣ–ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଅଭିବୃଦ୍ଧି ଆବଶ୍ୟକ। ତା' ଛଡ଼ା ଭିତ୍ତିଭୂମି କ୍ଷେତ୍ରରେ ବ୍ୟୟବୃଦ୍ଧି ଏବଂ ଶ୍ରମ ଆଇନ ଓ ଟିକସ ଧାର୍ଯ୍ୟ ଉପରେ ରଚନାତ୍ମକ ସଂସ୍କାର ସହ ଅନ୍ୟାନ୍ୟ ଆଇନଗତ ସଂସ୍କାରର ଆବଶ୍ୟକତା ରହିଛି। ହାତରେ ଅଧିକ ଟଙ୍କା ରହିଲେ ଯେ ଲୋକମାନେ ତାକୁ ବିଭିନ୍ନ ଦ୍ରବ୍ୟ ଓ ସେବା କ୍ରୟ କରିବାରେ ବିନିଯୋଗ କରିବେ ତାହା ନୁହେଁ। ଅର୍ଥନୈତିକ ମାନ୍ଦାବସ୍ଥା ସମୟରେ ଲୋକମାନଙ୍କ ବ୍ୟବହାରରେ ପରିବର୍ତ୍ତନ ଘଟେ। ସେମାନେ ହାତରେ ଟଙ୍କା ରଖି ମାପିଚୁପି ଖର୍ଚ୍ଚ କରିବାକୁ ଚାହାନ୍ତି। ଭବିଷ୍ୟତର ଆବଶ୍ୟକତାକୁ ନଜରରେ ରଖି ସେମାନେ ହିସାବ କରି ଖର୍ଚ୍ଚ କରନ୍ତି। ତଥାପି ବ୍ୟକ୍ତିଗତ ଆୟକର ସ୍ଲାବ୍ ହ୍ରାସ କରିବା ଏକ ଉତ୍ତମ ଅନୁବର୍ତ୍ତୀ (ଫଲୋ–ଅପ୍) ପଦକ୍ଷେପ ହେବ ଏବଂ ଆଗାମୀ ପାର୍ବଣ ଋତୁ ପରିପ୍ରେକ୍ଷୀରେ ଏହା ଲୋକଙ୍କୁ ଅଧିକ ଜିନିଷ କ୍ରୟ କରିବା ପାଇଁ ଉତ୍ସାହିତ କରିବ, ଯାହା ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ତେବେ ବର୍ତ୍ତମାନ ସବୁଠୁ ବଡ଼ ଆବଶ୍ୟକତା ହେଉଛି ରଚନାତ୍ମକ ସଂସ୍କାର ଆଣି ଉତ୍ପାଦକତା ବୃଦ୍ଧି କରିବା।

## ଆଜିର ଅର୍ଥନୀତି

## ୨୫ ବର୍ଷ ତଳର ଧରିତ୍ରୀ

**୨୭ ସେପ୍ଟେମ୍ବର ୧୯୯୪**

- ଭାରତ ଆନ୍ତର୍ଜାତିକ ଆଣବିକ ଶକ୍ତି ଏଜେନ୍ସିର ଅଧ୍ୟକ୍ଷ ରୂପେ ନିର୍ବାଚିତ।
- ଆଙ୍ଗୋଲାର ଦକ୍ଷିଣାଞ୍ଚଳ ଲୁବାଙ୍ଗେ ସହରରେ ଏକ ଟ୍ରେନ୍ ଦୁର୍ଘଟଣାରେ ୭୦ ମୃତ।
- ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଗବେଷଣା ପାଇଁ ଆଲୋକ ଭଟ୍ଟାଚାର୍ଯ୍ୟଙ୍କ ସମେତ ୧୧ ଜଣଙ୍କୁ ୧୯୯୪ ବର୍ଷର ସମ୍ମାନଜନକ ଶାନ୍ତି ସ୍ୱରୂପ ଭଟ୍ଟନଗର ପୁରସ୍କାର ପ୍ରଦାନ।

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 6 | | | D | 7 | 0 | 8 | | | | E | | |
| | | E | 5 | B | 3 | 2 | | | | 0 | | 4 | | |
| 4 | D | | | | | A | | 5 | | | 3 | | | |
| | 1 | C | | | | | E | | | | D | | | 7 |
| | | A | | 9 | | | | 1 | | 8 | 5 | | | |
| | 4 | | A | | 9 | | 3 | | E | | | | C | B |
| | | | | 7 | | | | A | 4 | D | | 0 | 2 | |
| | | | | 0 | C | | | B | 3 | | A | | | D |
| | | | | | 4 | 5 | 9 | | | | 6 | | | 3 |
| | | | | | B | | 1 | 4 | | | | 5 | 6 | |
| | 3 | | C | 4 | | | D | | 0 | A | | 7 | | |
| | A | | | | | | | | | B | 9 | | | 2 |
| 9 | | | | | | | | | | | | C | | 8 |
| | | B | | | | 1 | 5 | | D | | 7 | | | 0 |
| 7 | | | | | 5 | 9 | B | 2 | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 0 | 1 | 6 | 5 | E | A | 3 | 9 | 4 | B | 7 | 8 | C | 2 |
| 6 | 2 | 4 | 0 | 7 | 3 | E | C | D | 8 | A | 1 | 5 | B | 9 |
| B | 8 | E | 9 | D | 2 | 4 | 6 | 7 | 3 | C | 5 | A | 0 | 1 |
| 7 | 5 | A | B | 1 | C | 8 | 2 | 0 | E | 6 | 9 | D | 4 | 3 |
| C | 9 | 3 | A | 8 | 4 | 5 | B | 1 | 2 | 0 | D | 7 | E | 6 |
| E | B | 7 | 8 | 4 | 6 | C | 5 | 2 | 0 | 1 | 3 | 9 | D | A |
| 5 | C | 2 | E | 9 | 0 | B | 8 | 3 | 7 | D | A | 1 | 6 | 4 |
| 1 | A | 0 | 5 | B | D | 7 | 9 | 4 | 6 | 8 | E | 2 | 3 | C |
| 3 | 6 | D | C | 2 | 7 | 1 | A | E | B | 9 | 4 | 0 | 5 | 8 |
| 9 | 4 | 8 | 3 | A | 1 | D | 0 | 6 | 5 | 2 | C | B | 7 | E |
| 0 | 1 | C | D | 3 | 8 | 9 | 4 | B | A | 7 | 6 | E | 2 | 5 |
| 2 | 3 | B | 7 | C | 9 | 6 | 1 | 5 | D | E | 8 | 4 | A | 0 |
| 8 | D | 6 | 4 | 0 | A | 2 | E | C | 9 | 5 | B | 3 | 1 | 7 |
| A | E | 5 | 2 | 6 | B | 3 | 7 | 8 | 1 | 4 | 0 | C | 9 | D |
| 4 | 7 | 9 | 1 | E | 5 | 0 | D | A | C | 3 | 2 | 6 | 8 | B |

ଗତକାଲିର ଉତ୍ତର

# ସ୍ୱଚ୍ଛତା ପାଇଁ ପ୍ଲାଷ୍ଟିକ ପ୍ରତିବନ୍ଧକ

ଡ. ଆଶୁତୋଷ ଦେବତା

ସ୍ୱଚ୍ଛତା ହିଁ ସୁସ୍ଥତାର ହେତୁ। ବିଶ୍ୱରେ ଆବର୍ଜନାର ପରିମାଣ ଗତ ୨୦ ବର୍ଷ ମଧ୍ୟରେ ୫ ଗୁଣରୁ ଅଧିକ ହୋଇଯାଇଛି। ମହାତ୍ମା ଗାନ୍ଧୀ ଯଥାର୍ଥରେ କହିଛନ୍ତି ଯେ, ଦେଶର ସ୍ୱାଧୀନତାର ସୁରକ୍ଷା ଯେପରି ଆବଶ୍ୟକ ସେହିପରି ସ୍ୱଚ୍ଛତା ପ୍ରତି ସଯତ୍ନ ପ୍ରଚେଷ୍ଟା ଆବଶ୍ୟକ। ତାଙ୍କ ମତରେ ଯେ ପର୍ଯ୍ୟନ୍ତ ଆମେ ଝାଡୁ ଓ ବାଲ୍‌ଟି ଧରି ନିଜ ନିଜର ଗୃହ, ଗ୍ରାମ ଓ ସହର ସଫା କରିବା ପାଇଁ ଆଗଭର ନ ହୋଇଛେ ଏକ ଶାନ୍ତ, ସ୍ୱଚ୍ଛ, ସବୁଜ, ସୁନ୍ଦର ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଜ ଗଠନ ଅସମ୍ଭବ। ମୁଖ୍ୟତଃ ଆବର୍ଜନା ମଧ୍ୟରେ କଠିନ, ତରଳ, ଗ୍ୟାସୀୟ, ଇଲେକ୍ଟ୍ରୋନିକ୍, କୃଷିଜାତ ଓ ବିଶେଷତଃ ପ୍ଲାଷ୍ଟିକ ଅନ୍ତର୍ଭୁକ୍ତ। ସମ୍ପ୍ରତି ଜୀବନ ଜୀବିକାରେ ପ୍ଲାଷ୍ଟିକର ବ୍ୟବହାର ଅପରିହାର୍ଯ୍ୟ ହୋଇଯାଇଛି। ଖ୍ରୀଷ୍ଟପୂର୍ବ ୧୬୬୦ରେ ଉତ୍ତର ଆମେରିକାର କିଛି ଅଞ୍ଚଳର ଅଧିବାସୀ ରବରରୁ ଚୁଇଙ୍ଗମ ପରି ପ୍ରାକୃତିକ ପଲିମର ପ୍ରସ୍ତୁତ କରିଥିଲେ। ୱାଲେସ୍ ଏଚ୍. କାରୋଥର୍ସ ନାମକ ଜଣେ ରସାୟନବିତ୍ ପ୍ଲାଷ୍ଟିକକୁ ଲୋକଲୋଚନକୁ ଆଣିଥିଲେ। ପ୍ଲାଷ୍ଟିକ 'ପଲିମର' ପରିବାରର ଅନ୍ତର୍ଭୁକ୍ତ। ଯେଉଁ ପଲିମରଗୁଡ଼ିକ ନମନୀୟତା ଗୁଣ ଧାରଣ କରନ୍ତି ସେଗୁଡ଼ିକୁ ଆମେ ପ୍ଲାଷ୍ଟିକ କହିଥାଉ। ଏଥିରେ ଦୈନନ୍ଦିନ ଜୀବନରେ ବ୍ୟବହୃତ ସୁନ୍ଦର, ସହଜ ଓ ସୁଲଭ ମୂଲ୍ୟର ପଦାର୍ଥ ଉପଲବ୍ଧି ହୁଏ। ପଲିଥିନ ନାମକ ପଲିମର ୧୯୩୩ ମସିହାରେ ଇଂଲଣ୍ଡର ନର୍ଥ ଉଇଚର ନାମକ ରସାୟନିକ କାରଖାନାରେ ଆବିଷ୍କୃତ ହୋଇଥିଲା। ବ୍ରିଟିଶ ସୈନିକମାନେ ଏହି ପଲିମରକୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ୟବହାର କରିଥିଲେ। ପ୍ରଥମେ ସିନ୍ଥେଟିକ ପ୍ଲାଷ୍ଟିକକୁ ବେକେଲାଇଟ କୁହାଯାଉଥିଲା ଏବଂ ଏହାକୁ ଜୀବାଶ୍ମ ଇନ୍ଧନରୁ ବାହାର କରାଯାଇଥିଲା। ବିଭିନ୍ନ ପ୍ରକାର ପ୍ଲାଷ୍ଟିକ ବଜାରରେ ଉପଲବ୍ଧ ହେଉଛି।

ପ୍ଲାଷ୍ଟିକ ସାମଗ୍ରୀ ଦୈନନ୍ଦିନ ଜୀବନରେ ଜାଲ ବିସ୍ତାର କରିସାରିଛି। ପ୍ଲାଷ୍ଟିକର ବ୍ୟବହାର ବୃଦ୍ଧିପାଇବା ଜୀବଜଗତ ପ୍ରତି ବିପଜ୍ଜନକ। ୧୯୬୦ରେ ବିଶ୍ୱରେ ୫୦ ଲକ୍ଷ ଟନ୍ ପ୍ଲାଷ୍ଟିକ ପ୍ରସ୍ତୁତ କରାଯାଇଥିଲା। ଏବେ ଏହା ୪୦୦ ମିଲିଅନ୍ ଟନ୍‌ରେ ପହଞ୍ଚିଛି। ଅର୍ଥାତ୍ ସମସ୍ତ ଲୋକଙ୍କ ପାଇଁ ପ୍ରତ୍ୟେକ ବର୍ଷ ବିଶ୍ୱରେ ୨୮କି.ଗ୍ରା. ଓ ଭାରତରେ ବାର୍ଷିକ ୧୧ କି.ଗ୍ରା. ପ୍ଲାଷ୍ଟିକ୍ ପ୍ରସ୍ତୁତ କରାଯାଉଛି। ଇକୋନୋମିକ୍ ଫୋରମର ଏକ ରିପୋର୍ଟ ଅନୁଯାୟୀ ଭାରତରେ ପ୍ରତିଦିନ ୧୬ ହଜାର ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ସୃଷ୍ଟି ହେଉଛି। ପୃଥିବୀରେ ଏକ ମିନିଟ୍‌କୁ ପ୍ରାୟ ଏକ ମିଲିୟନ ପ୍ଲାଷ୍ଟିକ୍ ପାଣିବୋତଲ ଓ ପ୍ରତିବର୍ଷ ୫ ଟ୍ରିଲିଅନ୍ ପ୍ଲାଷ୍ଟିକ ବ୍ୟାଗ ଥରେ ବ୍ୟବହାର କରି ଫୋପାଡି ଦିଆଯାଉଛି। ପଲିଥିନ୍ ଆବର୍ଜନାକୁ ଗାଈଗୋରୁ ଖାଇ ମରୁଛନ୍ତି। ଏଣେତେଣେ ପ୍ଲାଷ୍ଟିକ୍ ଓ ପଲିଥିନ ଗଦାହୋଇ ରହିବାରୁ ମଶାମଂଶ ବୃଦ୍ଧି ପାଇ ଡେଙ୍ଗୁ, ଚିକୁନଗୁନିଆ, ମ୍ୟାଲେରିଆ ପ୍ରଭୃତି ମାରାତ୍ମକ ରୋଗ ସୃଷ୍ଟି ହେଉଛି। ଆମ ଶରୀରରେ ପ୍ଲାଷ୍ଟିକ ବର୍ଜ୍ୟର ପରିମାଣ ବଢ଼ିବାରେ ଲାଗିଛି। ଫଳରେ ଆମେ ଏକ ନୀରବ ମୃତ୍ୟୁ ଆଡକୁ ଅଗ୍ରସର ହେଉଛେ। ନିକଟରେ ପ୍ରକାଶିତ ବିଶ୍ୱ ବନ୍ୟଜନ୍ତୁ ପାଣ୍ଠି (ଡବ୍ଲ୍ୟୁଡବ୍ଲ୍ୟୁଏଫ୍)ର ଏକ ରିପୋର୍ଟ ଅନୁଯାୟୀ ଜଣେ ବ୍ୟକ୍ତି ଶରୀରରେ ସପ୍ତାହକୁ ୨ ହଜାର ଅତି କ୍ଷୁଦ୍ର ପ୍ଲାଷ୍ଟିକ୍ ଖଣ୍ଡ ପ୍ରବେଶ କରୁଛି। ବଡ଼ ବଡ଼ ପ୍ଲାଷ୍ଟିକ ଖଣ୍ଡ ଉତ୍ତାପ ଓ ବାୟୁ ଦ୍ୱାରା ଛୋଟ ଛୋଟ ମାଇକ୍ରୋପ୍ଲାଷ୍ଟିକରେ ପରିଣତ ହୋଇ ନାଳ ନର୍ଦ୍ଦମା ଓ ସମୁଦ୍ରରେ ମିଶୁଛି। ସମୁଦ୍ର ଜଳରେ ଛୋଟ ଛୋଟ ଭାସୁଥିବା ପ୍ଲାଷ୍ଟିକ ଖଣ୍ଡ ଦେଖିବାକୁ 'ଜୁ ପ୍ଲାଙ୍କଟନ୍' ଭଳି। ଏହାକୁ ଖାଦ୍ୟ ବୋଲି ଭାବି ଜେଲି ଫିସ୍‌ମାନେ ଗିଳିଦିଅନ୍ତି। ସର୍ବେକ୍ଷଣରୁ ଜଣାପଡ଼ିଛି ୨୦୫୦ ମସିହା ସୁଦ୍ଧା ସମୁଦ୍ରରେ ମାଛ ଅପେକ୍ଷା ପ୍ଲାଷ୍ଟିକ୍ ଖଣ୍ଡର ସଂଖ୍ୟା ଅଧିକ ହେବ। ସମୁଦ୍ରର ପ୍ରତି ବର୍ଗ ମାଇଲ ପରିସୀମାରେ ପ୍ରାୟ ୪୬ ଲକ୍ଷ ହଜାର ପ୍ଲାଷ୍ଟିକ୍ ଭାସୁଛି। ଆମେ ନିୟମିତ ଖାଉଥିବା ଲୁଣ, ଚାଉଳ ଓ ଅଣ୍ଡାରେ ବି ପ୍ଲାଷ୍ଟିକର ଅଂଶ ଥିବା ଚର୍ଚ୍ଚାରେ ଆସୁଛି। ଏସିଆ ମହାଦେଶ ହିଁ ପ୍ଲାଷ୍ଟିକ୍ ପ୍ରଦୂଷଣର ଅନ୍ତୁଡ଼ିଶାଳ କହିଲେ ଅତ୍ୟୁକ୍ତି ହେବନାହିଁ। ଏସିଆ ମହାଦେଶର ବୃହତ୍ତମ ନଦୀ ଚାଇନାର ଚ୍ୟାଙ୍ଗଜିଆଙ୍ଗରେ ସର୍ବାଧିକ ଚଉଦ ଲକ୍ଷ ଟନ୍‌ରୁ ଅଧିକ ପ୍ଲାଷ୍ଟିକ୍ ରହିଛି। ବୈଜ୍ଞାନିକମାନେ ମାରିନା ଟ୍ରେଞ୍ଚରେ ସମୁଦ୍ର ପତ୍ତନର ୩୬ ହଜାର ଫୁଟ ତଳେ ପ୍ଲାଷ୍ଟିକ୍ ଆବର୍ଜନା ଠାବ କରିଛନ୍ତି। ସମୁଦ୍ର ବେଳାଭୂମିରେ ପ୍ଲାଷ୍ଟିକ୍‌ମୟ ଆବର୍ଜନା ଠୁଳ ଯୋଗୁ ପର୍ଯ୍ୟଟକମାନଙ୍କ ସଂଖ୍ୟା କମିଯାଉଛି। ପ୍ଲାଷ୍ଟିକ୍ ଆବର୍ଜନାରୁ ପାଖାପାଖି ୮୫୦ ମିଲିଅନ୍ ଟନ୍ ଅଙ୍ଗାରକାମ୍ଳ ବାୟୁମଣ୍ଡଳକୁ ପ୍ରବେଶ କରି ସବୁଜ ଗୃହକୁ ବହୁମାତ୍ରାରେ ପ୍ରଭାବିତ କରୁଛି। କ୍ଲୋରିନେଟେଡ୍ ପ୍ଲାଷ୍ଟିକ୍ ପାରିପାର୍ଶ୍ୱିକ ମୃତ୍ତିକାରେ କ୍ଷତିକାରକ ରାସାୟନିକ ପଦାର୍ଥ ନିର୍ଗତ କରିଥାଏ, ଯାହା ଭୂତଳ ଜଳକୁ ପ୍ରଦୂଷଣ କରୁଛି। ଏହାକୁ ପାନ କରି ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟହାନି ହେଉଛି। ଯେହେତୁ ପଲିମର ଜୈବ ବିଘଟନଯୋଗ୍ୟ ନୁହେଁ, ଶତକଡା ପ୍ରାୟ ୮୦ ଭାଗ ପ୍ଲାଷ୍ଟିକ୍ ବା ପଲିଥିନ ଆବର୍ଜନା ସହର ଓ ଗ୍ରାମ ଉପକଣ୍ଠରେ ଇତସ୍ତତଃ ଗଦାହୋଇ ରହେ। ସେଥିରୁ ଶତକଡା ୧୨ ଭାଗ ଆମେ ପୋଡ଼ି ନଷ୍ଟ କରି ଦେଉଛେ, ଯାହାଫଳରେ ଡାଇଓକ୍ସିନ ଓ ବେଞ୍ଜିନ୍ ଭଳି ବିଷାକ୍ତ ବାଷ୍ପ ବାୟୁମଣ୍ଡଳରେ ମିଶି ପ୍ରତିକୂଳ ପ୍ରଭାବ ପକାଏ। ମାତ୍ର ଶତକଡା ୧୦ ଭାଗ ପ୍ଲାଷ୍ଟିକର ବିଘଟନ ହୋଇପାରୁଛି। ଏତଦ୍‌ବ୍ୟତୀତ ପ୍ରକାରାନ୍ତରେ ପ୍ଲାଷ୍ଟିକ୍ ପ୍ରଦୂଷଣ ଯୋଗୁ ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ, ବାୟୁମଣ୍ଡଳ, ଜଳମଣ୍ଡଳ ଓ ମୃତ୍ତିକା ପ୍ରଦୂଷଣ, ଭୂତଳ ଜଳ ପ୍ରଦୂଷଣ, ଶ୍ୱାସରୋଗଠାରୁ ଥାଇରଏଡ୍ ହରମୋନ୍ ବୃଦ୍ଧି, କର୍କଟ ଭଳି ମାରାତ୍ମକ ରୋଗ ହେଉଥିବା ପ୍ରମାଣିତ। ୨୦୧୬ ଗାନ୍ଧୀ ଜୟନ୍ତୀରେ କେନ୍ଦ୍ର ସରକାର 'ପ୍ୟାରିସ ପରିବେଶ ଚୁକ୍ତି'କୁ ସମର୍ଥନ କରି ଗ୍ରାମ ଓ ସହରରୁ ପ୍ଲାଷ୍ଟିକ୍ ବର୍ଜନ ଅଧିନିୟମ କରିଛନ୍ତି। ଓଡ଼ିଶା ସରକାର ୨୦୧୮ ଅକ୍ଟୋବର ୨ରୁ ରାଜ୍ୟରେ ୫ ମହାନଗର ନିଗମ ଓ ପୁରୀ ପୌରପରିଷଦ ଅଞ୍ଚଳରେ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରିଛନ୍ତି। ଚଳିତବର୍ଷ ରାଜ୍ୟର ସବୁ ମ୍ୟୁନିସିପାଲିଟି, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଗ୍ରାମାଞ୍ଚଳରେ ଏହାକୁ କଡ଼ାକଡ଼ି ଲାଗୁ କରାଯିବା ପାଇଁ ସିଦ୍ଧାନ୍ତ ନେଇଛନ୍ତି। ୫୦ ମାଇକ୍ରନରୁ କମ୍ ମୋଟେଇବିଶିଷ୍ଟ ପ୍ଲାଷ୍ଟିକ୍ ବା ପଲିଥିନ୍, ୨୦୦ମିଲିମିଟରରୁ କମ୍ ପାଣି ବୋତଲ, ଥର୍ମୋକୁଲ, ପ୍ଲାଷ୍ଟିକ୍ ଚାମଚ, କପ୍, ପ୍ଲେଟ୍, ଗ୍ଲାସ୍, ଥାଳିଆ, ପାଣି ପାଉଚ୍ ଆଦି ସାମଗ୍ରୀ ବ୍ୟବହାର ଉପରେ କଟକଣା ଜାରିହେବା ସହ ଉଲ୍ଲଂଘନକାରୀଙ୍କ ପାଇଁ ଦଣ୍ଡବିଧାନର ମଧ୍ୟ ବ୍ୟବସ୍ଥା ରହିଛି। ଗ୍ରାମ ଓ ସହରାଞ୍ଚଳରେ ଏ ଦିଗରେ ଜନସାଧାରଣଙ୍କ ମାନସିକତାରେ ପରିବର୍ତ୍ତନ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟାଲ ଷ୍ଟଡିଜ୍ ତରଫରୁ ଇକୋ–କ୍ଲବ୍ ଦ୍ୱାରା ୨୦୧୭ ମସିହାରୁ ବିବିଧ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ପ୍ରତି ଇକୋ–କ୍ଲବ୍‌କୁ ପ୍ଲାଷ୍ଟିକ୍‌ମୁକ୍ତ ଅନୁଷ୍ଠାନରେ ପରିଣତ କରିବାକୁ ପରାମର୍ଶ ଦିଆଯାଉଛି। ବୈଜ୍ଞାନିକମାନେ ସମ୍ପ୍ରତି ଏକପ୍ରକାର ଅଣୁଜୀବ ଉଦ୍ଭାବନ କରିଛନ୍ତି, ଯାହାଦ୍ୱାରା ପ୍ଲାଷ୍ଟିକ୍ ବିଘଟିତ ହେବ। ଜାପାନର ବୈଜ୍ଞାନିକମାନେ ପ୍ଲାଷ୍ଟିକ କ୍ଷୟ ପାଇଁ DPETASE ଅଣୁଘଟକ ଉଦ୍ଭାବନ କରିଛନ୍ତି। ଅପରନ୍ତୁ ପଲିମରର ବିକଳ୍ପ ରୂପେ ଝୋଟ, କାଚ, ବାଉଁଶ, ଆଲୁମିନିୟମ୍ ଇତ୍ୟାଦି ପଦାର୍ଥରେ ପ୍ରସ୍ତୁତ ଜିନିଷ ବ୍ୟବହାର ପାଇଁ ପ୍ରୋତ୍ସାହନ ଦିଆଯାଉଛି। ପ୍ଲାଷ୍ଟିକ ଆବର୍ଜନାରୁ ଇନ୍ଧନ, ରାସ୍ତା ପ୍ରସ୍ତୁତି କଙ୍କ୍ରିଟ୍, ଗୃହନିର୍ମାଣ ଇଟା ପ୍ରସ୍ତୁତି ପାଇଁ ଶିଳ୍ପୋଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି।

ନିର୍ଦ୍ଦେଶକ, ସେଣ୍ଟର ଫର୍ ଏନ୍‌ଭାଇରନମେଣ୍ଟାଲ ଷ୍ଟଡିଜ୍, ଜଙ୍ଗଲ ଓ ପରିବେଶ ବିଭାଗ,
ମୋ–୯୯୩୮୯୩୨୬୭୧

# ଭାଷାକୋଷ ପ୍ରଣେତା

ଡ. ଉଦ୍ଧବ ଚରଣ ନାୟକ

ରାୟବାହାଦୁର ଗୋପାଳ ଚନ୍ଦ୍ର ପ୍ରହରାଜ ବିଂଶ ଶତକର ପ୍ରଥମ ପାଦର ପ୍ରସିଦ୍ଧ ଗଦ୍ୟ ସାହିତ୍ୟିକ ଓ ଅଭିଧାନ ସଂକଳକ। ଗଳ୍ପ ଛଳରେ ତତ୍କାଳୀନ ସମାଜକୁ ପରିହାସ କରିବା ହେଲା ପ୍ରହରାଜଙ୍କ ବୈଶିଷ୍ଟ୍ୟ। ତାଙ୍କର ଏହି ଶ୍ରେଣୀର ରଚନା ମଧ୍ୟରେ ଭାଗବତ ଟୁଙ୍ଗିରେ ସନ୍ଧ୍ୟା, ବାଇ ମହାନ୍ତି ପାଞ୍ଜି ଓ ନନାଙ୍କ ବସ୍ତାନି ଆଦି ପୁସ୍ତକ ପ୍ରଧାନ। ତାଙ୍କର ଅନ୍ୟାନ୍ୟ ରଚନାଗୁଡ଼ିକ ହେଲା ଉତ୍କଳ କାହାଣୀ, ଓଡ଼ିଆ ଢଗଢ଼ମାଳି ଓ ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ। ବିରାଟ ଚାତୁର୍ଭାଷିକ ଭାଷାକୋଷଟି ସାତଖଣ୍ଡରେ ବିଭକ୍ତ ଏକ ବିରାଟ ଗ୍ରନ୍ଥ।

ପ୍ରହରାଜ ଥିଲେ କଟକର ଜଣେ ଖ୍ୟାତନାମା ଓକିଲ। ପୁରୀରେ ସରକାରୀ ଓକିଲ ଭାବେ ମଧ୍ୟ ସେ ଖ୍ୟାତି ଅର୍ଜନ କରିଥିଲେ। ୧୯୦୧ ମସିହାରେ କେବଳ ଦେଢ଼ମାସ ପାଇଁ ସେ ଥିଲେ ରେଭେନ୍ସା କଲେଜ ସଂସ୍କୃତ ବିଭାଗର ଅଧ୍ୟାପକ। ୧୮୭୪ ମସିହାରେ ସେ ଜନ୍ମ ହୋଇଥିଲେ କଟକ ଜିଲାର ସିଦ୍ଧେଶ୍ୱରପୁର ଗ୍ରାମରେ। ପିତା ନରସିଂହ ପ୍ରହରାଜ ଥିଲେ ଜଣେ ଧର୍ମନିଷ୍ଠ ବ୍ୟକ୍ତି। ମାତାଙ୍କ ନାମ ସୂର୍ଯ୍ୟମଣି ଦେବୀ। ବିଦ୍ୟାଳୟରେ ଅଧ୍ୟୟନ କାଳରେ ସେ ଥିଲେ ଜଣେ ସାଧାରଣ ଛାତ୍ର। ବନାନ ଭୁଲ୍ କରି ଲେଖିବା ଥିଲା ତାଙ୍କର ବହୁଦିନ ଯାଏ ଅଭ୍ୟାସ। ସେ ନିଜେ ଲେଖିଯାଇଛନ୍ତି, ମୁଁ ଜଣେ ଇଂଲିଶ ଉଚ୍ଚ ଶିକ୍ଷାପ୍ରାପ୍ତ ଯୁବକ ହୋଇ ବି ନିଜ ଲେଖାରେ ଇ, ଈ, ଋ, ରୁ ଓ ଶ, ଷ, ସ ବର୍ଣ୍ଣମାଳା ପ୍ରୟୋଗରେ ଭୁଲ୍ କରିବସୁଥିଲି ଅନେକ ଦିନ ଯାଏ। ୧୮୯୧ ମସିହାରେ ସେ ଏଣ୍ଟ୍ରାନ୍‌ସ ପାସ୍ କଲେ। ଦୁଇ ଥରରେ ଆଇ.ଏ. ପାସ୍ କଲେ। କଲିଜିଏଟ ସ୍କୁଲରେ ପଢୁଥିବା ବେଳେ ସେ ପ୍ରବନ୍ଧ ପ୍ରତିଯୋଗିତାରେ ପୁରସ୍କାର ପାଇଥିଲେ। ତାଙ୍କର ସହପାଠୀ ଥିଲେ କବିବର ରାଧାନାଥ ରାୟଙ୍କ ସୁପୁତ୍ର ଶଶିଭୂଷଣ ରାୟ। ଆଇ.ଏ. ପାସ୍ କରି ଇଞ୍ଜିନିୟରିଂ ପଢ଼ିବା ପାଇଁ କଲିକତାରେ ଶିବପୁର ଇଞ୍ଜିନିୟରିଂ କଲେଜରେ ନାମ ଲେଖାଇଲେ। ବର୍ଷେ ଖଣ୍ଡେ ଅଧ୍ୟୟନ କରି ଦେହ ଖରାପ ହେବାରୁ କଟକ ଫେରିଆସି ରେଭେନ୍ସା କଲେଜରେ ବି.ଏ. ଶ୍ରେଣୀରେ ନାମ ଲେଖାଇଲେ। ୧୯୧୮ ମସିହାରେ ବି.ଏ. ପାସ୍ ପରେ ଓକିଲାତି ପଢ଼ି କଟକରେ ଓକିଲାତି ଆରମ୍ଭ କଲେ। ଓକିଲାତି ବ୍ୟବସାୟରେ ତାଙ୍କର ଗୁରୁ ଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ।

ଉତ୍କଳ ସାହିତ୍ୟ ପତ୍ରିକାରେ ସେ ଲେଖିଲେ ଆମ ଘରର ହାଲଚାଲ, ଦୁନିଆର ହାଲଚାଲ, ନନାଙ୍କ ବସ୍ତାନି, ବାଇନନାଙ୍କ ବୁଜୁଳି, ମିଆଁ ସାହେବଙ୍କ ରୋଜନାମଚା, ଜେଜେବାବାଙ୍କ ଗୁଣିଗୁଣି ଓ ଦୁନିଆର ରୀତି ଆଦି, ଯାହା ଧାରାବାହିକ ଭାବରେ ପ୍ରକାଶ ପାଇଲା। ସେହି ସମୟରେ ଚାଲିଥାଏ ଢେଙ୍କାନାଳ ଗଡ଼ଜାତରେ

### ଗୋପାଳ ପ୍ରହରାଜଙ୍କ ଜୟନ୍ତୀ ଉପଲକ୍ଷେ



ଅନ୍ଧାରିଶାସନ। ଦିନେ କଟକରେ ଢେଙ୍କାନାଳ ରାଜା ଶଙ୍କର ପ୍ରତାପଙ୍କ ସହ ତାଙ୍କର ଭେଟ ହୋଇଗଲା। ପ୍ରହରାଜେ ରାଜାଙ୍କୁ ସିଧାସଳଖ ଢେଙ୍କାନାଳ ରାଜ୍ୟ ଶାସନର ଦୋଷଦୁର୍ବଳତା ଓ ଅତ୍ୟାଚାର କଥା ପଚାରିଲେ। ରାଜା ଶଙ୍କର ପ୍ରତାପ ପ୍ରହରାଜଙ୍କୁ ପାନେ ଚଖାଇବା ପାଇଁ ତାଙ୍କ ରାଜ୍ୟ ଢେଙ୍କାନାଳକୁ ନିମନ୍ତ୍ରଣ କଲେ। ପ୍ରହରାଜେ ରାଜାଙ୍କର ମନ୍ଦ ଉଦ୍ଦେଶ୍ୟ ବୁଝି ନ ପାରି ଢେଙ୍କାନାଳ ଗଲେ। ସେଠାରେ ରାଜା ପ୍ରହରାଜଙ୍କୁ ଯେପରି ବ୍ୟବହାର ଦେଖାଇଲେ ସେ କଥା ହେବ ବୋଲି ସେ ଜାଣି ନ ଥିଲେ। ଯାହାହେଉ ଢେଙ୍କାନାଳରୁ କୌଶଳକ୍ରମେ ଚାଲି ଆସିଲେ କଟକ ସହରକୁ। ହେଲେ ପ୍ରହରାଜେ କି ଛାଡ଼ିବାର ଲୋକ। ରାଜା ଶଙ୍କର ପ୍ରତାପଙ୍କ ଅତ୍ୟାଚାରର ଅଙ୍ଗେନିଭା କାହାଣୀ ଓ ପ୍ରଜାମାନଙ୍କ ଉପରେ ଚାଲିଥିବା ଅନ୍ୟାୟ ଅତ୍ୟାଚାରର କାହାଣୀଗୁଡ଼ିକୁ ଏକତ୍ର କରି ସ୍ୱପ୍ନରେ ରାଜଯୋଗ ଶୀର୍ଷକରେ ଧୁର୍ମୁଷଧର୍ମୀ ଗୁପ୍ତ ନାମରେ ନବଭାରତ ମାସିକ ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶ କଲେ। ନବଭାରତର ସମ୍ପାଦକ ଥାଆନ୍ତି ପଣ୍ଡିତ ନୀଳକଣ୍ଠ ଦାସ। ଦୁଇ ତିନୋଟି ଲେଖା ବାହାରିବା ପରେ ଓଡ଼ିଶାରେ ଚାଞ୍ଚଲ୍ୟ ଖେଳିଗଲା। ଲେଖା ପ୍ରକାଶନ ବନ୍ଦ କରିବା ପାଇଁ ପଣ୍ଡିତ ନୀଳକଣ୍ଠଙ୍କ ଉପରେ ଚାପ ପଡ଼ିଲା। ହେଲେ ପଣ୍ଡିତେ ଦୃଢ଼ ଭାବରେ ଲେଖାଗୁଡ଼ିକ ପ୍ରକାଶ କରିବାରେ ଲାଗିଲେ।

୧୯୧୬ ମସିହାରେ ଗୋପାଳ ପ୍ରହରାଜ ଭାଷାକୋଷ ପ୍ରଣୟନ ଆରମ୍ଭ କଲେ। ଦିନକୁ ଅଠର ଘଣ୍ଟା ପରିଶ୍ରମ କରି ଦଶବର୍ଷରେ ଅର୍ଥାତ୍ ୧୯୨୭ ମସିହା ସୁଦ୍ଧା ମୂଳ ପାଣ୍ଡୁଲିପି ପ୍ରସ୍ତୁତି ସମାପନ କଲେ। ପ୍ରଥମେ ଏହାର ମୁଦ୍ରଣ ବ୍ୟୟ ୨୮,୪୦୦ ଟଙ୍କା ହେବ ବୋଲି ଅଟକଳ କରାଗଲା। ଓଡ଼ିଶାର ପ୍ରଥମ ଲାଟ୍‌ସାହେବ ହବାକ ସାହେବ ଭାଷାକୋଷ ପ୍ରକାଶ ନିମନ୍ତେ ୧୯,୨୦୦ ଟଙ୍କା ଅନୁଦାନ କରାଇଦେଲେ। ହେଲେ ପ୍ରାଥମିକ ଅଟକଳଠାରୁ ବ୍ୟୟଭାର ବଢ଼ିଯିବାରୁ ପ୍ରହରାଜେ ନିଜ ଘର ବନ୍ଧା ପକାଇ ଛାପାକାର୍ଯ୍ୟ ତ୍ୱରାନ୍ୱିତ କଲେ। ମୟୂରଭଞ୍ଜର ତତ୍କାଳୀନ ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କଠାରୁ ସେ ପ୍ରାପ୍ତ ହେଲେ ୧୩,୦୦୦ ଟଙ୍କା। ଫଳରେ ମୟୂରଭଞ୍ଜର ସ୍ୱର୍ଗତ ରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରକ୍ଷା ପାଇଁ ଭାଷାକୋଷର ନାମ ହେଲା ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ। ଭାଷାକୋଷ ପ୍ରକାଶ ପାଇଲା ସାତଖଣ୍ଡରେ। ଏଥିପାଇଁ ଖର୍ଚ୍ଚ ହେଲା ଦୁଇଲକ୍ଷ ଟଙ୍କା। ଏହି ଭାଷାକୋଷରେ ରହିଲା ୧,୮୪,୦୦୦ ଶବ୍ଦ। ଭାରତବର୍ଷର ତତ୍କାଳୀନ ବହୁ ବିଶିଷ୍ଟ ବ୍ୟକ୍ତି ଏହି ଭାଷାକୋଷର ଉପାଦେୟତା ସମ୍ପର୍କରେ ଉପଯୁକ୍ତ ସୂଚନାମାନ ପ୍ରଦାନ କଲେ।

ଗୋପାଳ ପ୍ରହରାଜଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ମର୍ଯ୍ୟାଦାପୂର୍ଣ୍ଣ ଉପାଧିମାନ ପ୍ରଦାନ କରାଯାଇଥିଲା। ୧୯୩୩ ମସିହାରେ ସେ 'କୈସର–ଇ–ହିନ୍ଦ୍' ପଦକ ପ୍ରାପ୍ତ ହେଲେ। ୧୯୩୭ ମସିହାରେ ସରକାରଙ୍କ ତରଫରୁ ତାଙ୍କୁ ରାୟବାହାଦୁର ଉପାଧି ମିଳିଲା।

ମୋ– ୯୪୩୮୨୯୯୧୭୪

## ଏଇ ଭାରତରେ

ରାଜସ୍ଥାନ ମେୱାଡ୍–ମାରୱାଡ୍‌ରେ ରହୁଥିବା ଗାଡୋଲିୟା ଲୋହାରଙ୍କ ସହ ଯୋଡି ହୋଇ ରହିଛି ଏକ ଅଜବ କାହାଣୀ। ପାଞ୍ଚଶହ ବର୍ଷ ପୂର୍ବେ ନେଇଥିବା ଶପଥକୁ ପାଳନ କରି ଏବେ ସୁଦ୍ଧା ଯାଯାବର ଜୀବନ ଜିଉଛନ୍ତି ଏହି ଜାତି। ଏମାନେ ମେୱାର ରାଜା ରାଣାପ୍ରତାପଙ୍କ ସୈନିକ ଥିଲେ। ଯେପର୍ଯ୍ୟନ୍ତ ମେୱାର ସ୍ୱାଧୀନ ହୋଇନାହିଁ ସେ ପର୍ଯ୍ୟନ୍ତ ପକ୍କାଘରେ ନ ରହି ଯାଯାବର ଜୀବନ ବିତାଇବେ ବୋଲି ଶପଥ ନେଇଥିଲେ। ମୋଗଲ ଶାସନ ଭାରତରେ ପ୍ରତିଷ୍ଠା ହେଲା ପରେ ଏମାନଙ୍କୁ ଯୁଦ୍ଧ ଅପରାଧୀର ପରିଚୟ ମିଳିଥିଲା। ଏହାପରେ ବ୍ରିଟିଶ ଶାସନରେ ଏମାନଙ୍କୁ ସମାନ ବ୍ୟବହାର କରାଯାଇଥିଲା। ଭାରତ ସ୍ୱାଧୀନ ହେଲା,କିନ୍ତୁ ଏମାନେ ପିଢି ପରେ ପିଢି ଶପଥକୁ ମନେରଖିଛନ୍ତି ଓ ଲୁହା ଜିନିଷ ବିକ୍ରି କରିବା ପାଇଁ ସବୁ ରାଜ୍ୟରେ ବୁଲୁଛନ୍ତି। ପ୍ରଥମେ ଏମାନେ କାଠ ତିଆରି ଗାଡ଼ିରେ ରହୁଥିଲେ। ଏବେ ଲୁହାନିର୍ମିତ ଯାନ ବା ମୋଟରଯାନରେ ରହୁଛନ୍ତି ପରିବାର ସହ। ପିଲାମାନଙ୍କ ଶିକ୍ଷା ଓ ସବୁ ଯୋଜନାରୁ ଏମାନେ ବହୁ ଦୂରରେ। ସବୁଠାରୁ ବଡ଼କଥା ହେଉଛି ଏମାନଙ୍କ ମଧ୍ୟରୁ କିଛି ଶିକ୍ଷାଲାଭ କଲେଣି ସତ, କିନ୍ତୁ ଜଣେ ହେଲେ ବି ସରକାରୀ ଚାକିରି କରିପାରିନାହାନ୍ତି। ରାଜସ୍ଥାନ ସରକାର ଏମାନଙ୍କୁ ସ୍ଥାୟୀ ବାସଗୃହ ଯୋଗାଇ ଦେବା ପାଇଁ ଯୋଜନା କରି ଗ୍ରାମାଞ୍ଚଳରେ ୧୫୦ ବର୍ଗଫୁଟ ଓ ସହରରେ ୫୦ ବର୍ଗଫୁଟ ଜାଗା ଯୋଗାଇଦେବା ସହ ୩୫ ହଜାର ଟଙ୍କା ଅନୁଦାନ ଦେଲେ ବି ସେମାନେ ରହୁନାହାନ୍ତି। ଏମାନଙ୍କୁ ଖୋଜି ସ୍ଥାୟୀବାସର ବ୍ୟବସ୍ଥା କରିବା ଦାୟିତ୍ୱ ରହିଥିଲେ ମଧ୍ୟ ଏଯାବତ ସରକାରଙ୍କ ପାଖରେ ରାଜ୍ୟରେ କେତେ ଗାଡୋଲିୟା ଲୋହାର ରହିଛନ୍ତି ତା'ର ହିସାବ ନାହିଁ।

## ଚିରନ୍ତନୀ

ନିରାକାର କୋଳେ ମୋର
ସାକାର ଜୀବନ ଯିବି ରଚି,
ନାହିଁ ମଧେ ଚିତ୍କାରିବି
ଅଛି ସବୁ ଅଛି! ଅଛି! ଅଛି!
(ଶୂନ୍ୟ ଚିନ୍ତା)

ଧରାରେ ନାଚଇ ନିଦାଘର ମରୀଚିକା
ଆକାଶେ ଉଠଇ ତୀବ୍ର ତପନ ଶିଖା
ଶୂନ୍ୟ ବିପିନ ନାହିଁ ଜନପଥ ଘାଟେ
ପଶୁ ବିହଙ୍ଗ ନ ଦିଶଇ ବିଲ ବାଟେ।
(ଜୀବନର ସ୍ୱର୍ଶ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପତ୍ତି ତାଲିକା ପ୍ରଦାନକୁ ବାଧ୍ୟତାମୂଳକ କରାଯାଉ

ମହାଶୟ,

ପ୍ରତି ସରକାରୀ କର୍ମଚାରୀ ନିଜ ଦାୟିତ୍ୱ ସୁଚାରୁରୂପେ ଓ ନିର୍ଦ୍ଧାରିତ ସମୟ ଭିତରେ ସମ୍ପାଦନା କରିବା ଆବଶ୍ୟକ। ଏଥିପାଇଁ ସେମାନଙ୍କୁ ମାସିକ ବେତନ ସହ ବିବିଧ ସୁବିଧା ସୁଯୋଗ ଓ ଅବସର ପରେ ପେନସନ ପ୍ରଦାନ କରାଯାଏ। କିନ୍ତୁ ଦେଖାଯାଏ ଯେ, କାର୍ଯ୍ୟ ସମ୍ପାଦନ କରିବାକୁ କିଛି ସରକାରୀ କର୍ମଚାରୀ ଲାଞ୍ଚ ନେବା ବେଳେ ଧରାପଡି ନିଲମ୍ବିତ ହୋଇଥାଆନ୍ତି। ସେମାନଙ୍କ ନିକଟରୁ କୋଟି କୋଟି ଟଙ୍କାର ଆୟବହିର୍ଭୂତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ମିଳେ। ବେଳେ ବେଳେ ସ୍ୱଳ୍ପ ଅବଧିର ଚାକିରି ଭିତରେ ପ୍ରଭୂତ ସମ୍ପତ୍ତିର ଅଧିକାରୀ ହୋଇଥାଆନ୍ତି ଯାହାକି ଚାକିରି ସର୍ତ୍ତାବଳୀର ପ୍ରକାଶ୍ୟ ଉଲ୍ଲଂଘନ। ଅସ୍ୱଚ୍ଛ କାର୍ଯ୍ୟଶୈଳୀ ହିଁ ଏଭଳି ବେଆଇନ ଓ ବେନିୟମ କାର୍ଯ୍ୟର ଜନ୍ମଦାତା। ପ୍ରତିବର୍ଷ ସରକାରୀ କର୍ମଚାରୀମାନେ ନିଜର ତଥା ନିକଟ ସମ୍ପର୍କୀୟ (ଡିପେଣ୍ଡାଣ୍ଟ)ମାନଙ୍କର ସମ୍ପତ୍ତି ଓ ଋଣ ତାଲିକା (ଆସେଟ ଆଣ୍ଡ ଲାଏବିଲିଟି ଷ୍ଟେଟମେଣ୍ଟ) ଦାଖଲ କରିବାର ନିୟମ ଥିଲେ ବି ଏହା କ୍ୱଚିତ୍ ପାଳିତ ହୁଏ। ତେଣୁ ପ୍ରତ୍ୟେକ କର୍ମଚାରୀ– ଚତୁର୍ଥ ଶ୍ରେଣୀ କର୍ମଚାରୀଠାରୁ ମୁଖ୍ୟ ଶାସନ ସଚିବ ଯାଏ ପ୍ରତିବର୍ଷ ଏପ୍ରିଲ ମାସରେ ସମ୍ପତ୍ତି ଓ ଋଣ ତାଲିକା ବିଭାଗୀୟ ପୋର୍ଟାଲରେ ବାଧ୍ୟତାମୂଳକଭାବେ ଦାଖଲ କରନ୍ତୁ। ଅନ୍ୟଥା ଇନକ୍ରିମେଣ୍ଟ, ପ୍ରମୋଶନ, ବଦଳି, ଋଣ, ନିୟମିତ ଦରମା ଏପରିକି ଛୁଟି ପ୍ରଦାନ ବନ୍ଦ କରାଯାଉ। ଏହା ସବୁ କାର୍ଯ୍ୟାଳୟ, ନିଗମ, ନଗର ନିଗମ ପାଇଁ ଲାଗୁ କରାଯାଉ। ଏହା ଅବଶ୍ୟ ମୁଖ୍ୟମନ୍ତ୍ରୀଙ୍କର ୫–ଟି ମନ୍ତ୍ରର ଅନ୍ତର୍ଭୁକ୍ତ। ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ଦ୍ୱାରା ସ୍ୱଚ୍ଛ ଓ ନିର୍ମଳ ପ୍ରଶାସନ ଜନସାଧାରଣଙ୍କୁ ଯୋଗାଇଦେବାରେ ଏକ ଯୁଗାନ୍ତକାରୀ ପଦକ୍ଷେପ। ନୂତନ ମୁଖ୍ୟ ଶାସନ ସଚିବ ଏହା କାର୍ଯ୍ୟକାରୀ କରିବେ ବୋଲି ବିଶ୍ୱାସ।

ପ୍ରତାପ ନାୟକ, କଳିଙ୍ଗବିହାର, ପାତ୍ରପଡ଼ା, ଭୁବନେଶ୍ୱର

### ଆହାର ଖାଦ୍ୟ ଯାହାର

ସହରକୁ ଆସୁଥିବା ଗ୍ରାମାଞ୍ଚଳ ଲୋକଙ୍କ ସୁବିଧା ପାଇଁ ସରକାର ଆହାର କେନ୍ଦ୍ର ସ୍ଥାନୀୟ ସୁଚାରୁରୂପେ ଚାଲୁରଖିଛନ୍ତି। କିଛି ଲୋକଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତି ମିଳିଥିବା ବେଳେ ଆଉ କିଛି ଲୋକ ପାଞ୍ଚଟଙ୍କାରେ କେମିତି ଖାଦ୍ୟ ମିଳୁଛି ଜାଣିବା ପାଇଁ ଚାଖୁଛନ୍ତି। ବହୁ ଲୋକ ଅସଲରେ ଉପକୃତ ହେଉଛନ୍ତି। ରାତିରେ ମଧ୍ୟ ଦିନ ଭଳି କେବଳ ଭାତଡାଲମା ମିଳୁଛି। ରୁଟି, ପିଆଜ ଓ ଆଚାର ବ୍ୟବସ୍ଥା ଏହି ଖାଦ୍ୟ ସହିତ ହୋଇପାରିଲେ ଭଲହୁଅନ୍ତା। ଖର୍ଚ୍ଚ ତ ବଢିବ କିନ୍ତୁ ଆହାର ସୁନାମ ଗାଁ ଗାଁରେ ଆହୁରି ମହକିବ।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବହୁ ଚର୍ଚ୍ଚିତ କୁଶକିଳା ଡବଲ ମର୍ଡର ଓ ମାଉସୀ ପୁତୁରା ହତ୍ୟା ମାମଲାର ଏକମାତ୍ର ଅଭିଯୁକ୍ତ ଝସକେତନ ରାଉତଙ୍କୁ ଅନୁଗୋଳ ଜିଲା ଓ ଦୌରାଜଜ୍ ଗୁରୁବାର ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରପଡା ଥାନା କୁଶକିଳା ଗାଁର ଦୁଇ ଭାଇ ଯୋଗେଶ୍ୱର ସାହୁ(୩୬) ଏବଂ ହିରଣାକ୍ଷ ସାହୁ(୩୨)ହତ୍ୟା ମାମଲାରେ ଅଦାଲତ ଏହି ଦଣ୍ଡାଦେଶ ପ୍ରଦାନ କରିଥିବା ବେଳେ ଅନ୍ୟ ୨ ହତ୍ୟା ମାମଲା ଏବେ ବି ବିଚାରାଧୀନ ରହିଛି।





## ଜିଲା ଚିଠି
### ନୟାଗଡ଼

# ସେଇଠି ଅଟକିଛି ଟ୍ରେନ୍

ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ୨୦୧୭ ଜୁନ୍ ୧୯ରେ ନୟାଗଡ଼କୁ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିଲା। ଇତିମଧ୍ୟରେ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଛି। ହେଲେ ଟ୍ରେନ୍ ଯେଉଁ ନୟାଗଡ଼ ଟାଉନ ଷ୍ଟେଶନକୁ ଚଳାଚଳ କରିଥିଲା ସେଇଠାରେ ହିଁ ଅଟକିଛି। ଖୋର୍ଦ୍ଧା-ବଲାଙ୍ଗୀର ରେଳପଥରେ ନୟାଗଡ଼ ଷ୍ଟେଶନର ୧୨ କିଲୋମିଟର ଦୂରରେ ମହୀପୁର ଷ୍ଟେଶନ ନିର୍ମାଣ ହୋଇଛି। ତଥାପି ସେ ପର୍ଯ୍ୟନ୍ତ ଟ୍ରେନ୍ ଚଳାଚଳ ହୋଇପାରିନାହିଁ। ମହୀପୁର ଷ୍ଟେଶନକୁ ୨ ମାସ ତଳେ ପରୀକ୍ଷାମୂଳକ ଭାବେ ଏକ ପାସେଞ୍ଜର ଟ୍ରେନ୍ ଗଡ଼ିଥିଲା। ତା'ର ଫଳ କ'ଣ ହେଲା ତାହା ଆଜି ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏଥିଯୋଗୁ ବୋଧହୁଏ ଆଜି ଯାଏଁ ଟ୍ରେନ ଆଗକୁ ଗଡ଼ିନାହିଁ। ଫଳରେ ନୟାଗଡ଼ରେ ଟ୍ରେନ୍ ଅଟକିଛି ବୋଲି ଆଲୋଚନା ହେଉଛି। ମିଳିଥିବା ତଥ୍ୟ ଅନୁଯାୟୀ, ଗତ ଦୁଇ ବର୍ଷରେ ଭଡ଼ା ବାବଦକୁ ନୟାଗଡ଼ ଟାଉନ ଷ୍ଟେଶନରୁ ଆୟ ହୋଇଛି ୩୪ ଲକ୍ଷ ୭୯ ହଜାର ଟଙ୍କା। ଭଲ ଆୟ ହେଉଥିଲେ ମଧ୍ୟ ନୟାଗଡ଼ ଟାଉନ ଷ୍ଟେଶନରୁ ସ୍ପେଶାଲ ଟ୍ରେନ୍ ଚଳାଚଳ ହେବା ଜିଲାବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ପ୍ରଥମରୁ ଯେଉଁ ଦୁଇ ପାସେଞ୍ଜର ଟ୍ରେନ୍ ଚାଲିଥିଲା ତାହା ଏବେ ବି ଚାଲିଛି। ସିଧାସଳଖ ଭୁବନେଶ୍ୱରକୁ ଟ୍ରେନ୍ ଚଳାଚଳ ହୋଇପାରୁ ନ ଥିବାରୁ ଲୋକମାନେ ପୂର୍ବରୁ ଯେଉଁଭଳି ଭାବେ ବସ୍‌ରେ ଯାଉଥିଲେ ତାହା ଅପରିବର୍ତ୍ତିତ ରହିଛି। ନୟାଗଡ଼ ଜିଲାରେ ପାଳିତ ହେଉଥିବା ବିଭିନ୍ନ ପର୍ବପର୍ବାଣି ସମୟରେ ଲୋକମାନଙ୍କ ଗହଳି ଜମେ। ସେହି ସମୟରେ ଏକ ସ୍ପେଶାଲ ଟ୍ରେନ୍ ଚଳାଚଳ କରିବା ପାଇଁ ଜିଲାବାସୀ ବହୁ ଦିନରୁ ଦାବି କରି ଆସିଛନ୍ତି। ହେଲେ ଏହାକୁ ରେଳ ବିଭାଗ ଗୁରୁତ୍ୱ ଦେଉ ନ ଥିବା ଦେଖିବାକୁ ମିଳିଛି। ବହୁ ବିଳମ୍ବରେ ହେଲେ ମଧ୍ୟ ନୟାଗଡ଼କୁ ରେଳ ଚଳାଚଳ ହୋଇଥିବାରୁ ଜିଲାବାସୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ହେଲେ ତାହା ଧୀରେ ଧୀରେ କମିବାରେ ବସିଛି। ନୟାଗଡ଼ ଷ୍ଟେଶନ ପୂର୍ବରୁ ଚମ୍ପତିପୁର ଓ ବାଉଁଶିଆପଡ଼ାଠାରେ ପାସେଞ୍ଜର ହଲ୍ଟ (ପିଏଚ୍) ନିର୍ମାଣ ପାଇଁ ବିଭିନ୍ନ ସଙ୍ଗଠନଗୁଡ଼ିକ ତରଫରୁ ଦାବି କରାଯାଇଛି। ଏଥିପାଇଁ ଏକାଧିକବାର ଦାବି ଉପସ୍ଥାପନ କରାଯାଇଛି। ହେଲେ ଏ ପର୍ଯ୍ୟନ୍ତ କୌଣସି ପିଏଚ୍ କାମର ଅଗ୍ରଗତି ହୋଇପାରିନାହିଁ। ମହୀପୁରପରେ ଜିଲା ଦେଇ ଯାଇଥିବା ରେଳଲାଇନ୍‌ରେ ନୂଆଗାଁ, ଦଶପଲ୍ଲା, ବୁଗୁଡ଼ା ଓ ବାଣିଗୋଛାଠାରେ ରେଳ ଷ୍ଟେଶନ ନିର୍ମାଣ ହେବ ବୋଲି ପ୍ରତିଶ୍ରୁତି ମିଳିଛି। ହେଲେ ସେହି କାମ କେବେ ଶେଷହେବ ଓ କେବେ ଟ୍ରେନ୍ ଚଳାଚଳ କରିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରତିବର୍ଷ କେନ୍ଦ୍ର ସରକାର ରେଳ ବଜେଟରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ ପାଇଁ ମୋଟା ଅଙ୍କର ଅର୍ଥ ରାଶି ମଞ୍ଜୁର କରୁଛନ୍ତି। ରାଜ୍ୟ ସରକାର ରେଳ ଲାଇନ୍ ପାଇଁ ଜମି ଅଧିଗ୍ରହଣ କରୁଥିବା ନେଇ କହୁଛନ୍ତି। ହେଲେ ଜିଲାରେ କାହିଁକି ରେଳ କାର୍ଯ୍ୟ ଆଗେଇପାରୁ ନାହିଁ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

– ରଞ୍ଜନ କୁମାର ପ୍ରଧାନ

**ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଉଚ୍ଛେଦ ପ୍ରସଙ୍ଗ**

# ୫ ମୌଜାରେ ଲାଗିଲା ନୋଟିସ

ପୁରୀ ଅଫିସ,୨୬।୯

- ଜମି ଅଧିଗ୍ରହଣ ପାଇଁ ଆଜିଠୁ ସର୍ଭେ, ୫ଟିମ୍ ଗଠିତ
- ପ୍ରତି ଟିମ୍‌ରେ ଶିକ୍ଷାନବିସ ଆଇଏଏସ୍, ଓଏଏସ୍ ଅଧିକାରୀ
- ତଥାପି ଲୋକଙ୍କ ମଧ୍ୟରେ ଅସନ୍ତୋଷ ଥମୁନି
- ସହଯୋଗ ପାଇଁ ଜିଲାପାଳଙ୍କ ଅନୁରୋଧ

ଶ୍ରୀମନ୍ଦିର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ମେଘନାଦ ପାଚେରିଠାରୁ ୭୫ ମିଟର ସୁରକ୍ଷା ଜୋନରେ ସର୍ଭେ କରାଯିବ। ରାଜ୍ୟ ସରକାର ଏହି ସର୍ଭେ ପାଇଁ ବିଜ୍ଞପ୍ତି ପ୍ରକାଶ କରିବା ପରେ ଜମି ଅଧିଗ୍ରହଣ ହେବାକୁ ଥିବା ୫ ମୌଜାରେ ଗୁରୁବାର ନୋଟିସ୍ ଲାଗିଛି। ହେଲେ ଲୋକଙ୍କ ମଧ୍ୟରେ ଏବେ ବି ଅସନ୍ତୋଷ ଲାଗି ରହିଛି। ଭିଟାମାଟି ଛାଡ଼ିବେ ନାହିଁ ବୋଲି ସେମାନେ ଜିଦ୍ ଧରିଛନ୍ତି। ତେବେ ଶୁକ୍ରବାରଠାରୁ ସର୍ଭେ କାର୍ଯ୍ୟ ଆରମ୍ଭ ହେବ। ଏ ନେଇ ଗୁରୁବାର ଅନୁଷ୍ଠିତ ବୈଠକରେ ଜିଲାପାଳଙ୍କ ସହ ସର୍ଭେ ଦାୟିତ୍ୱରେ ଥିବା ନବକୃଷ୍ଣ ଚୌଧୁରୀ ବିକାଶ ଶିକ୍ଷାକେନ୍ଦ୍ରର ଅଧିକାରୀମାନେ ଆଲୋଚନା କରିଛନ୍ତି। ସର୍ଭେରେ ସହଯୋଗ କରିବା ପାଇଁ ଜିଲାପାଳ ବଲୱନ୍ତସିଂ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

ଭୂ ଅର୍ଜନ, ପୁନର୍ବାସ ଥଇଥାନ ଓ ସ୍ୱଚ୍ଛତା ଅଧିକାର ଆଇନ-୨୦୧୩ ଧାରା ୪ ଅନୁଯାୟୀ, ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ରାଜ୍ୟ ସରକାର ଅଧିସୂଚନା ଜାରି କରିଛନ୍ତି। ପୁରୀ ଜିଲା ପ୍ରଶାସନ ଦ୍ୱାରା ହେବାକୁ ଥିବା ଜମି ଅଧିଗ୍ରହଣ ପାଇଁ ବାସେଳି ସାହି, ମଣିକର୍ଣ୍ଣିକା ସାହି, କାଳିକାଦେବୀ ସାହି, ଦୋଳମଣ୍ଡପ ସାହି ଓ ତୁଡ଼ଙ୍ଗ ସାହିର ୧୫.୧୯୧ ଏକର ଜମିରେ ସର୍ଭେ କରାଯିବ। ଜିଲାପାଳ କହିଛନ୍ତି, ଶୁକ୍ରବାରଠାରୁ ସର୍ଭେ ଆରମ୍ଭ ହେବ। ୧୦ରୁ ୧୫ ଦିନ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବ ବୋଲି ଆଶା ରଖିଛୁ। ସୁରକ୍ଷିତ ଜୋନ ମଧ୍ୟରେ ପ୍ରାୟ ୨୯୦ ପ୍ଲଟ ଥିବାବେଳେ ଏଥିରେ ସରକାରୀ, ମଠ, ମନ୍ଦିର ଏବଂ ଘରୋଇ ଲୋକଙ୍କ ଜମି ରହିଛି। ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ଭେ ପାଇଁ ୫ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମ୍ ସହିତ ସେମାନଙ୍କ ଟେକ୍ନିକାଲ କର୍ମଚାରୀ ରହିବେ। ସାମାଜିକ ପ୍ରଭାବ ନିର୍ଦ୍ଧାରଣର ନିର୍ଦ୍ଦିଷ୍ଟ ଫର୍ମାଟ ରହିଛି। ସେହି ଫର୍ମାଟ ଅନୁଯାୟୀ ଗୋଟିଏ ପରିବାରର ଜମି ଓ କେତେ ଜମି ଉପରେ ନିର୍ମାଣ ରହିଛି ତାହାର ମାପଚୁପ କରାଯିବ। ଏଥିସହ ଘରର ସଦସ୍ୟ ଓ ଗଛ ସଂଖ୍ୟା ଇତ୍ୟାଦି ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବ। ୭୫ ମିଟର ମଧ୍ୟରେ ଥିବା ପ୍ରତ୍ୟେକ ଘରକୁ ବୁଲି ସର୍ଭେ କରାଯିବ। ମାପଚୁପ୍ ବେଳେ ଯଥା ସମ୍ଭବ ମାନୁଆଲ ପଦ୍ଧତିକୁ କମ୍ କରାଯାଇ ଡିଭାଇସ୍ ପଦ୍ଧତିକୁ ଅନୁସରଣ କରାଯିବ। ଏହାଦ୍ୱାରା ମାପଚୁପ ନିର୍ଭୁଲ ରହିପାରିବ। ପ୍ରତି ଟିମ୍‌କୁ ଜଣେ ଲେଖାଏ ଶିକ୍ଷାନବିସ ଆଇଏଏସ୍ ଏବଂ ଓଏଏସ୍ ଅଧିକାରୀ ସହଯୋଗ କରିବେ। ଏମାନଙ୍କ ସହ ପୂର୍ତ୍ତ ବିଭାଗର ଅଫିସର ରହିବେ। କ୍ଷତିପୂରଣ, ପୁନର୍ବାସ ଓ ଥଇଥାନ ସହାୟତା ରାଶି ସମ୍ପର୍କରେ ଯେପରି କାହା ମନରେ କୌଣସି ପ୍ରକାର ସନ୍ଦେହ ନ ରହିବ ତାହା ଉପରେ ଟିମ୍ ସଦସ୍ୟମାନେ ଗୁରୁତ୍ୱ ଦେବେ। ପ୍ରତ୍ୟେକ ପରିବାର ସହିତ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା କରାଯିବ। ୭୫ ମିଟର ମଧ୍ୟରେ ବାସଗୃହ, ଦୋକାନ, ଲଜ୍ ଏବଂ ମଠ ମନ୍ଦିର ଏହି ଚାରି ପ୍ରକାର ନିର୍ମାଣ ଆସିବ। ମଠ, ମନ୍ଦିର କ୍ଷତିପୂରଣ ସହାୟତା ସମ୍ପର୍କରେ ନିଷ୍ପତ୍ତି ନେବା ଲାଗି ରାଜ୍ୟ ସରକାର ଜିଲା ପ୍ରଶାସନକୁ ଦାୟିତ୍ୱ ଦେଇଛନ୍ତି। ବାସଗୃହ, ଦୋକାନ ଏବଂ ଲଜ୍ କ୍ଷେତ୍ରରେ ସରକାର ପୂର୍ବରୁ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ବାସଗୃହ ସମ୍ପର୍କରେ ଜିଲାପାଳ କହିଥିଲେ, ଜମି ଓ ସେଥିରେ ଥିବା କୋଠାର ମୂଲ୍ୟ ନିର୍ଦ୍ଧାରଣ କରାଯାଇ ତାହାର ଦୁଇଗୁଣା କ୍ଷତିପୂରଣ ଦିଆଯିବ। ୫ ମୌଜାରେ ଯେଉଁଠି ଜମି ଦର ସର୍ବାଧିକ ଥିବ ସବୁ ମୌଜାର ଜମି ଦର ସର୍ବୋଚ୍ଚ ମୂଲ୍ୟକୁ ହିଁ ନିଆଯିବ। ସେହିପରି ପୁନର୍ବାସ ଓ ଥଇଥାନ ସହାୟତା ସମ୍ପର୍କରେ ଏକ ଉଦାହରଣ ଦେଇ ଜିଲାପାଳ କହିଲେ, ଗୋଟିଏ ପ୍ଲଟରେ ରହୁଥିବା ଜଣେ ବ୍ୟକ୍ତିଙ୍କର ୩ ପୁଅ ବିବାହିତ ଏବଂ ଜଣେ ପୁଅ ଓ ଜଣେ ଝିଅ ପ୍ରାପ୍ତ ବୟସ୍କ ଯଦି ହୋଇଥାନ୍ତି, ସେ କ୍ଷେତ୍ରରେ ୫ ସନ୍ତାନଙ୍କୁ ଅଲଗା ଅଲଗା ଭାବେ ସହାୟତା ମିଳିବ। କିନ୍ତୁ ପ୍ଲଟ ବଣ୍ଟନ କ୍ଷେତ୍ରରେ ସମ୍ପୃକ୍ତ ପରିବାରକୁ ଗୋଟିଏ ପ୍ଲଟ ଦିଆଯିବ। ପିଲାମାନେ ଯଦି ଚାହିଁବେ ପ୍ରତ୍ୟେକ ୩୦ଲକ୍ଷ ଟଙ୍କା କିମ୍ବା ପୁନର୍ବାସ ଥଇଥାନ କଲୋନୀରେ ଘର ନେଇପାରିବେ। କିନ୍ତୁ ଏହି ପରିବାରର ବିବାହିତ କିମ୍ବା ପ୍ରାପ୍ତବୟସ୍କ ପୁଅ, ଝିଅ ଯଦି ବାହାରେ ରହୁଥିବେ ତାଙ୍କୁ ପୁନର୍ବାସ ଓ ଥଇଥାନ ସହାୟତାରେ ସାମିଲ କରାଯିବ ନାହିଁ।



ପାଣିଟାଙ୍କି ଛକସ୍ଥିତ ଭଗବତୀ କୋଟ ଆଖଡ଼ାରେ ଲଗାଯାଇଥିବା ନୋଟିସ୍‌କୁ ସ୍ଥାନୀୟ ବାସିନ୍ଦା ଦେଖୁଛନ୍ତି।

# ମଠ, ମନ୍ଦିର ଆୟବ୍ୟୟ ହିସାବ ରଖିବେ ଏଜି

ପୁରୁଣା ଭୁବନେଶ୍ୱର, ୨୬। ୯ (ଡି.ଏନ.ଏ.)

ରାଜ୍ୟରେ ବିଭିନ୍ନ ସମୟରେ ମଠ, ମନ୍ଦିର ସମ୍ପତ୍ତି ଓ ଆୟବ୍ୟୟ ହେରଫେର ଅଭିଯୋଗ ଆସିବା ପରେ ଏବେ ସରକାରଙ୍କ ଆଇନ ବିଭାଗ ଏସବୁ ରୋକିବାକୁ ନୂଆ ନିର୍ଦ୍ଦେଶ ଦେଇଛନ୍ତି। ହିନ୍ଦୁ ଦେବୋତ୍ତର ଆଇନ ୧୯୫୧ ମୁତାବକ ରାଜ୍ୟ ସରକାର ପ୍ରତ୍ୟେକ ଧର୍ମାନୁଷ୍ଠାନ ଯେଉଁଗୁଡ଼ିକ ଦେବୋତ୍ତର ବିଭାଗର ଅଧୀନରେ ରହିଛି, ଏସବୁର ଆୟ ବ୍ୟୟ ଅଟକଳ ଆକାଉଣ୍ଟ ଜେନେରାଲ(ଏଜି)ଙ୍କ ଦ୍ୱାରା କରାଯିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଉପକୂଳବର୍ତ୍ତୀ ଜିଲା ମନ୍ଦିର ସମେତ ସୋନପୁର, କଳାହାଣ୍ଡି, ଜୟପୁର, ବାରିପଦା, ନୟାଗଡ଼, ଢେଙ୍କାନାଳ, କେନ୍ଦୁଝର ଓ ପାଟଣାଗଡ଼ ଦେବୋତ୍ତର ବିଭାଗ ଅଧୀନରେ ରହିଥିବା ୫୩ଟି ମଠ, ମନ୍ଦିର କର୍ମକର୍ତ୍ତାଙ୍କୁ ଅବଗତ କରାଯାଇଛି। ଭୁବନେଶ୍ୱରର ରାମ ମନ୍ଦିରକୁ ନେଇ ଯେଉଁ ବିବାଦ ମୁଣ୍ଡ ଟେକିଥିଲା ଏହାକୁ ସମାଧାନ ପୂର୍ବକ ଏହି ସବୁ ମନ୍ଦିର ସମେତ ଶ୍ରୀକପିଳେଶ୍ୱର, ଜଗତ୍‌ସିଂହପୁର ଜିଲାର ସାରଳା, ଗୋରଖନାଥ ମନ୍ଦିର, କେନ୍ଦ୍ରପଡ଼ା ବଳଦେବଜୀଉ ମନ୍ଦିର, ଯାଜପୁର ବିରଜା ମନ୍ଦିର, ଭଦ୍ରକ ଆଖଣ୍ଡଳମଣି ମନ୍ଦିର, ବାଲେଶ୍ୱର କ୍ଷୀରଚୋରା ଗୋପୀନାଥ ଜୀଉ ମନ୍ଦିର, ସମ୍ବଲପୁର ମା' ସମଲାଇ ମନ୍ଦିର, କେନ୍ଦୁଝରର ମା' ତାରିଣୀ ମନ୍ଦିର, ସୁନ୍ଦରଗଡ଼ର ବେଦବ୍ୟାସ ମନ୍ଦିର, ଗଞ୍ଜାମର ମା'ତାରାତାରିଣୀ ମନ୍ଦିର, ରାୟଗଡ଼ାର ମା' ମଝି ଘରିଆଣି ମନ୍ଦିର, ପୁରୀ ଜିଲାର ବରାଳ ବାଲୁଙ୍କେଶ୍ୱର ମନ୍ଦିର ସମେତ ଏମାର ମଠ ଉତ୍ତରପାର୍ଶ୍ୱ ମଠ ଆଦି ପ୍ରମୁଖ ଧର୍ମାନୁଷ୍ଠାନ ରହିଛି।

# ସୁଶୀଲ ଲୋହାନି ପରବର୍ତ୍ତୀ ସିଇଓ

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ବରିଷ୍ଠ ଆଇଏଏସ୍ ଅଧିକାରୀ ସୁଶୀଲ କୁମାର ଲୋହାନି ରାଜ୍ୟର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଭାବେ ଦାୟିତ୍ୱ ତୁଲାଇବେ। ସାଧାରଣ ନିର୍ବାଚନ ପରେ ସିଇଓ ସୁରେନ୍ଦ୍ର କୁମାର ଏହି ପଦବୀରୁ ଅବ୍ୟାହତି ନେବାକୁ ଚାହିଁଥିଲେ। ଏହା ପରେ ରାଜ୍ୟ ସରକାର ଏକାଧିକ ବରିଷ୍ଠ ଅଧିକାରୀଙ୍କ ନାମ କେନ୍ଦ୍ରକୁ ପଠାଇଥିଲେ। ନିର୍ବାଚନ କମିଶନ(ଇସି)ଙ୍କ ପକ୍ଷରୁ ତର୍ଜମା କରାଯାଇ ସୁଶୀଲ ଲୋହାନିଙ୍କ ନାମ ବଛାଯାଇଥିଲା। ତେଣୁ ସେ ପରବର୍ତ୍ତୀ ନିର୍ବାଚନ ଅଧିକାରୀଭାବେ ଦାୟିତ୍ୱ ତୁଲାଇବେ। ଉଲ୍ଲେଖଯୋଗ୍ୟ, ସୁଶୀଲ ୧୯୯୫ ବ୍ୟାଚ୍‌ର ଆଇଏଏସ୍ ଅଧିକାରୀ। ସେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଭାବେ କାର୍ଯ୍ୟରତ। ଏଥିସହିତ ଓଏସ୍‌ବିସିଏଲ୍ ଅଧକ୍ଷଭାବେ ଦାୟିତ୍ୱ ତୁଲାଉଛନ୍ତି। ସିଇଓ ଭାବେ ବିଧିବଦ୍ଧ ଦାୟିତ୍ୱ ନେବା ପୂର୍ବରୁ ତାଙ୍କୁ ଏହି ଦାୟିତ୍ୱରୁ ମୁକ୍ତ ହେବାକୁ ପଡ଼ିବ।

# ଡିସେମ୍ବର ୩୧ ଯାଏ ହେବ ଅନ୍‌ଲାଇନ, ଅଫ୍ ଲାଇନ ପରୀକ୍ଷା

ଭୁବନେଶ୍ୱର,୨୬।୯(ବ୍ୟୁରୋ)

**ପ୍ରଦୂଷଣ ଯାଞ୍ଚ**

ଆସନ୍ତା ଡିସେମ୍ବର ୩୧ ତାରିଖ ଯାଏ ଯାନବାହନ ପ୍ରଦୂଷଣ ପରୀକ୍ଷା ଉଭୟ ଅନଲାଇନ ଓ ଅଫଲାଇନରେ ହେବ। ଏ ନେଇ ଗୁରୁବାର ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଜିଲାପାଳ, ଏସ୍‌ପି ଓ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କୁ ଚିଠି ମାଧ୍ୟମରେ ଜଣାଇ ଦିଆଯାଇଛି।

ଆସନ୍ତା ଅକ୍ଟୋବର ପହିଲାରୁ ପ୍ରଦୂଷଣ ନିୟନ୍ତ୍ରଣାଧୀନ (ପିୟୁସି) ସାର୍ଟିଫିକେଟ ଅନଲାଇନରେ କରାଯିବ। ଅଫ୍ ଲାଇନ ବା ମାନୁଆଲ ବ୍ୟବସ୍ଥା ଉଚ୍ଛେଦ ହେବ ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ କୁହାଯାଇଥିଲା। ଅକ୍ଟୋବର ପହିଲାକୁ ଆଉ ମାତ୍ର ୪ ଦିନ ବାକି ରହିଛି। ପର୍ଯ୍ୟାପ୍ତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ର ନ ଥିବାରୁ ଅନଲାଇନ ପିୟୁସି ସମସ୍ୟା ଅସମ୍ଭାଳ ହେବା ଆଶଙ୍କାରେ ବିଭାଗ ଅଫଲାଇନ ମାଧ୍ୟମରେ ପ୍ରଦୂଷଣ ଯାଞ୍ଚ କରିବାକୁ ପୁଣିଥରେ ନିଷ୍ପତ୍ତି ନେଇଛି।

କେନ୍ଦ୍ର ସରକାରଙ୍କ ସଡକ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ବିଜ୍ଞପ୍ତି ଅନୁଯାୟୀ 'ବାହନ' ଅନଲାଇନ ବ୍ୟବସ୍ଥା ଜରିଆରେ ୨୦୧୯ ଏପ୍ରିଲ ପହିଲାରୁ ପିୟୁସି ସାର୍ଟିଫିକେଟ ଦେବାକୁ ବାଧ୍ୟତାମୂଳକ କରାଯାଇଥିଲା। ତେବେ ରାଜ୍ୟରେ ଆବଶ୍ୟକ ଭିତ୍ତିଭୂମି ନ ଥିବାରୁ ଏହାକୁ ଅକ୍ଟୋବର ପହିଲା ଯାଏ ବୃଦ୍ଧି କରାଯାଇଥିଲା। ପ୍ରଦୂଷଣ ପରୀକ୍ଷା କେନ୍ଦ୍ରଗୁଡ଼ିକ ଇଲେକ୍ଟ୍ରୋନିକ ଫର୍ମାଟରେ ସାର୍ଟିଫିକେଟ ଇସ୍ୟୁ କରିବାକୁ ବାଧ୍ୟତାମୂଳକ କରାଯାଇଥିଲା । ଏହି ସମୟ ସୀମାକୁ ରାଜ୍ୟ ସରକାର ପୁଣି ୨ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।

ରାଜ୍ୟରେ ୧୬୩ଟି ପଞ୍ଜୀକୃତ ପ୍ରଦୂଷଣ ପରୀକ୍ଷା କେନ୍ଦ୍ର କାର୍ଯ୍ୟ କରୁଛି। ସେଥିରୁ ୧୦୬ଟିକୁ ବାହନ ସହ ଲିଙ୍କ୍ କରାଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏହାଛଡା ଆହୁରି ୧୪ଟି ନୂତନ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରକୁ ପିୟୁସି ସାର୍ଟିଫିକେଟ ଦେବାକୁ ପଞ୍ଜୀକୃତ କରାଯାଇଛି। ଭୁବନେଶ୍ୱରରେ ୩୧ଟି ପ୍ରଦୂଷଣ ଯାଞ୍ଚ ୟୁନିଟ କାର୍ଯ୍ୟ କରୁଛି। ପିୟୁସି ସାର୍ଟିଫିକେଟ ପାଇଁ ଦୁଇ ଚକିଆ ଓ ତିନି ଚକିଆ ଯାନବାହନ ପାଇଁ ୬୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ହାଲୁକା ଯାନ ପାଇଁ ୧୦୦ ଟଙ୍କା ଏବଂ ମଧ୍ୟମ ଓ ଭାରି ଯାନ ପାଇଁ ସାର୍ଟିଫିକେଟ ବାବଦରେ ୧୫୦ ଟଙ୍କା ସହ ଜିଏସଟି ଦେବାକୁ ଧାର୍ଯ୍ୟ କରାଯାଇଛି। କେଉଁ ପ୍ରଦୂଷଣ ପରୀକ୍ଷା କେନ୍ଦ୍ରଗୁଡ଼ିକ ପଞ୍ଜୀକୃତ ହୋଇଛି ସେଗୁଡ଼ିକର ସମସ୍ତ ବିବରଣୀ www.odishatransport.gov.in ଏବଂ www.orissatransport.nic.inରୁ ଜାଣି ପାରିବେ ବୋଲି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

## ମନେ ପଡ଼ନ୍ତି

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଇଂ. ଫକୀର ମୋହନ ସାହୁ
ଆବିର୍ଭାବ: ୦୧।୦୬।୧୯୩୮
ତିରୋଧାନ: ୧୮।୦୯।୨୦୧୭

ଆପଣଙ୍କୁ ଭୁଲିବା ଅତି କଷ୍ଟକର ବ୍ୟାପାର। ଚାହୁଁଚାହୁଁ ଦୁଇବର୍ଷ ହୋଇଗଲା ଆପଣ ଆମଠାରୁ ଦୂରେଇ ଭଗବାନଙ୍କ ପାଖରେ ଲୀନ ହୋଇଗଲେ। ଆପଣଙ୍କ ସ୍ମୃତିକୁ ସାଉଁଟି ଆମର ବାକି ଜୀବନ ଅତିବାହିତ କରିବୁ। ଜଗନ୍ନାଥଙ୍କ ପାଖରେ ନିବେଦନ ଯେଉଁଠାରେ ଥାଅ ଭଲରେ ଥାଅ। ଆପଣଙ୍କର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

ଶୋକସନ୍ତପ୍ତ ପରିବାର ବର୍ଗ:
ପୁତ୍ର ସିନୁ (ଶ୍ରୀନିବାସ ସାହୁ)

ଧ-୩୫୮୪

**ଶ୍ରଦ୍ଧାଞ୍ଜଳୀ**
(୨ୟ ବର୍ଷ)



✓କେଶବ ପଧାନ
ପାଟନାଗଡ଼, ଜି. ବଲାଙ୍ଗିର
ଆବିର୍ଭାବ : 17.06.1969
ତିରୋଧାନ : 27.09.2017

"ମାଁ ମାଟିର ଶିକ୍ଷାର ଲାଗି ଥିଲା କେତେ ସପନ, ତୁମର ଆର୍ଶିବାଦ ଥାଉ ଛାତ୍ରଛାତ୍ରୀ କର୍‌ବେ ପୁରନ୍"

ସୁରତା କରୁଛନ୍
ପଧାନ ପରିବାର, ଲାଗେଲେସର୍, ସାଙ୍ଗସାଥି, ଛାତ୍ର ଛାତ୍ରୀ ଆର୍ ଶୁଭେଚ୍ଛୁ
ପାଟନାଗଡ଼

ଧ-୧୪୫୨୯

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ରେଣୁବାଳା ମହାନ୍ତି
ଭୁବନେଶ୍ୱର
ଆବିର୍ଭାବ : ୦୨.୦୩.୧୯୫୧
ତିରୋଧାନ : ୦୭.୧୦.୨୦୧୮

ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ :
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।

ଧ-୧୪୫୨୬

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତ ପ୍ରଶାନ୍ତ କୁମାର ସାମନ୍ତରାୟ
ପ୍ଲଟ ନଂ.- ୧୨୦, କାପୁଳୀନଗର, ଭୁବନେଶ୍ୱର
ଆବିର୍ଭାବ: ୨୮।୧୧।୧୯୪୯
ତିରୋଧାନ: ୨୫।୦୯।୨୦୧୪

ତୁମର ସ୍ନେହ, ଆଦର୍ଶ ଓ ତ୍ୟାଗ ଆମମାନଙ୍କ ପାଇଁ ନିରନ୍ତର ପଥପ୍ରଦର୍ଶକ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ତୁମର ଅମରାତ୍ମା ଶାନ୍ତି ଲାଭ କରୁ ଏହା ହିଁ ଆମର ପ୍ରାର୍ଥନା।

ଶୋକସନ୍ତପ୍ତ: ସ୍ତ୍ରୀ- ସ୍ନେହପ୍ରଭା, ଝିଅ- ସୁଲକ୍ଷଣା, ଜ୍ୱାଇଁ- ବିଶ୍ୱଜିତ୍, ବଡ଼ପୁଅ- ଉତ୍ତମ, ସାନପୁଅ- ଉତ୍କଳ, ସାନବୋହୂ- ଶ୍ରଦ୍ଧା, ନାତି- ଅଙ୍କିତ, ନାତୁଣୀ- ଆଦିଶ୍ରୀ।

ଧ-୬୭୦୭୭

# ଆଜି ପ୍ରଦର୍ଶିତ ହେବ ଫନୀ ସମ୍ପର୍କିତ ବୃତ୍ତଚିତ୍ର

ଭୁବନେଶ୍ୱର,୨୬।୯(ବ୍ୟୁରୋ)

ଚଳିତ ବର୍ଷ ମେ ୩ରେ ଓଡ଼ିଶା ଉପକୂଳ ସାମୁଦ୍ରିକ ଝଡ ଫନୀ ଦ୍ୱାରା ଘୋର ପ୍ରଭାବିତ ହୋଇଥିଲା। ଏହାକୁ ମୁକାବିଲା କରିବା ପାଇଁ ରାଜ୍ୟ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇଥିଲା। ଠିକ୍ ସମୟରେ ଉଚିତ ପଦକ୍ଷେପ କାରଣରୁ ଅନେକ ଧନଜୀବନକୁ ରକ୍ଷା କରାଯାଇପାରିଥିଲା। ଏଥିପାଇଁ ଜାତିସଂଘଠାରୁ ଆରମ୍ଭ କରି ବିଭିନ୍ନ ଅନ୍ତର୍ଜାତୀୟ ଏବଂ ଜାତୀୟ ସଂସ୍ଥା ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ଫନୀ ଭଳି ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା ଉପରେ ପର୍ଯ୍ୟବସିତ ଏକ ବୃତ୍ତଚିତ୍ର ଶୁକ୍ରବାର(୨୭ ସେପ୍ଟେମ୍ବର)ପ୍ରଦର୍ଶିତ ହେବାକୁ ଯାଉଛି। ନ୍ୟାଶନାଲ ଜିଓଗ୍ରାଫିକ୍ ଚ୍ୟାନେଲରେ ରାତି ୯ଟାରେ ପ୍ରସାରିତ ହେବାକୁ ଥିବା ଏହି ବୃତ୍ତଚିତ୍ରର ନାମ 'ମେଗା ସାଇକ୍ଲୋନ୍ ଫନୀ: ରେସକ୍ୟୁଙ୍ଗ୍ ଏ ମିଲିୟନ' ରହିଛି।

# ଖବରଦାତାଙ୍କ ପିତୃ ବିୟୋଗ

ବ୍ରହ୍ମପୁର ଅଫିସ,୨୬।୯

ଧରିତ୍ରୀ ବ୍ରହ୍ମପୁର ଖବରଦାତା ଆଶୀର୍ବାଦ ରାଉତଙ୍କ ବାପା ସନ୍ତୋଷ କୁମାର ରାଉତ(୫୮)ଙ୍କର ଗୁରୁବାର ପୂର୍ବାହ୍ନରେ ତାଙ୍କ ପାଣିଗ୍ରାହୀପେଣ୍ଠସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘ ଦିନରୁ ଅସୁସ୍ଥ ଥିଲେ। ବ୍ରହ୍ମପୁର ବଡ଼ ମେଡ଼ିକାଲରେ ତାଙ୍କର ନିୟମିତ ଚିକିତ୍ସା ଚାଲିଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ରାଜଲକ୍ଷ୍ମୀ, ପୁଅ ଆଶୀର୍ବାଦ, ବୋହୂ ସ୍ୱାଗତିକା, ଝିଅ ମୋନାଲିସା ଓ ମଧୁସ୍ମିତା, ଜ୍ୱାଇଁ କୃଷ୍ଣଚନ୍ଦ୍ର ଏବଂ ରାଜୀବଙ୍କ ସମେତ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ । ଖବରପାଇ ବିଭିନ୍ନ ମହଲର ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧିମାନେ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା।



ସନ୍ତୋଷ କୁମାର ରାଉତ(ଫାଇଲ ଫଟୋ)

CLASSIFIED DISPLAY


















## ସଂକ୍ଷେପରେ

### ଗାନ୍ଧୀ ଜୟନ୍ତୀ ସମାରୋହ ପ୍ରସ୍ତୁତି

**ତିର୍ତ୍ତୋଲ,୨୬।୯(ଡି.ଏନ.ଏ.):** ଆସନ୍ତା ଅକ୍ଟୋବର ୨ରେ ତେନ୍ତୁଳିପଦା ସ୍ଥିତ ଆଦିକବି ସାରଳା ଦାସଙ୍କ ସମାଧିପୀଠରେ ୧୫୦ତମ ଗାନ୍ଧୀ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଅବସରପ୍ରାପ୍ତ ଉପଜିଲାପାଳ ସୁରେଶ ଚନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ଗାନ୍ଧୀ ଜୟନ୍ତୀରେ ସକାଳେ ପ୍ରଭାତ ଫେରୀ, ରାମଧୁନ ଓ ପରେ ପ୍ରାଥମିକ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା କରାଯିବାକୁ କୁହାଯାଇଥିଲା। ଏଥିସହ ଗାନ୍ଧିଜୀଙ୍କ ଫଟୋଚିତ୍ର ଓ ଗାନ୍ଧୀ ବ୍ୟବହାର କରୁଥିବା ବିଭିନ୍ନ ସମାଗ୍ରୀର ପ୍ରଦର୍ଶନୀ, ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଆଲୋଚନାଚକ୍ର ଓ ଗାନ୍ଧିଜୀଙ୍କ ଜୀବନାଦର୍ଶ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦାନ କରିବା ପାଇଁ ଅନୁଷ୍ଠାନ ତରଫରୁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରାଇବୁନାଲର ଅବସରପ୍ରାପ୍ତ ଉପାଧ୍ୟକ୍ଷ ମନୋରଞ୍ଜନ ମହାନ୍ତି ଅନୁରୋଧ କରିଥିଲେ। ବୈଠକରେ ସଭାପତି ବିରଜା ପ୍ରସନ୍ନ ପରିଜା, ସମ୍ପାଦକ ଚିତ୍ତରଞ୍ଜନ ପରିଜା, କମଳାକାନ୍ତ ପରିଜା, ଝଙ୍କଡ଼ ସାହିତ୍ୟ ସଂସଦ ସମ୍ପାଦକ ଗୋଲୋକ ବିହାରୀ ପଲାଇ, ବାସବ କୁମାର ନନ୍ଦ, ପରମାନନ୍ଦ ମିଶ୍ର, ନିତ୍ୟାନନ୍ଦ ନାୟକ, ରତ୍ନପୂର୍ଣ୍ଣା କଳାସାହିତ୍ୟ ସଂସଦ ସଭାପତି ନିତ୍ୟାନନ୍ଦ ଜେନା, ସମ୍ପାଦିକା ରାଜଶ୍ରୀ ସ୍ୱାଇଁ, ଅବିନାଶ ଦାସ, ସୁରେନ୍ଦ୍ର ସାହୁ, ଭାଗିରଥୀ ମହାନ୍ତି, ତିଳକ କୁମାର ପରିଜା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାଧୁଚରଣ ମୁଦୁଲି ଧନ୍ୟବାଦ ଦେଇଥିଲେ।

### ଜୀବନ ଯୁଦ୍ଧରେ ଅଭାବୀ ଦମ୍ପତି



**କୁଜଙ୍ଗ,୨୬।୯(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ଡିଅସାହି ଗ୍ରାମର ଏକ ଅଭାବୀ ଦମ୍ପତି ଏବେ ଜୀବନ ଯୁଦ୍ଧରେ ଯୁଝିହେଉଛନ୍ତି। ସେମାନେ ହେଲେ ବିଜୟ କୁମାର ବିଶ୍ୱାଳ ଓ ତାଙ୍କ ସ୍ତ୍ରୀ ଝୁନାରାଣୀ। ଏହି ନିଃସନ୍ତାନ ଦମ୍ପତି ଏବେ ବହୁ ଅଭାବ ଅନଟନ ମଧ୍ୟରେ କାଳାତିପାତ କରୁଛନ୍ତି। ଝୁନାରାଣୀ ହୃଦ୍‌ରୋଗରେ ଆକ୍ରାନ୍ତ। ୨୦୧୬ ମସିହାରେ ଝୁନାରାଣୀଙ୍କ ଛାତିରେ ଯନ୍ତ୍ରଣା ହେବାରୁ ବିଜୟ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ପରୀକ୍ଷା ନିରୀକ୍ଷା ପରେ ତାଙ୍କୁ ହୃଦ୍‌ରୋଗ ହୋଇଥିବା କହିଥିଲେ। ଏଥିପାଇଁ ଅସ୍ତ୍ରୋପଚାର କରିବାକୁ ପରାମର୍ଶ ଦେଇଥିଲେ। ବିଜୟ ବହୁ କଷ୍ଟରେ ନିଜର ସମସ୍ତ ସମ୍ପତ୍ତି ବିକି ୨ ଲକ୍ଷ ଟଙ୍କା ଯୋଗାଡ଼ କରି ସ୍ତ୍ରୀଙ୍କ ଅସ୍ତ୍ରୋପଚାର କରାଇଥିଲେ। ଭାବିଥିଲେ ସେ ଭଲ ହୋଇଗଲେ ତାଙ୍କର ସବୁ ଦୁଃଖ ଦୂର ହୋଇଯିବ। ମାତ୍ର ଅସ୍ତ୍ରୋପଚାରର ୧ ବର୍ଷ ପରେ ମଧ୍ୟ ଝୁନାରାଣୀ ସିଧା ହୋଇ ଛିଡ଼ାହୋଇ ପାରୁନାହାନ୍ତି। ସେପଟେ ସ୍ତ୍ରୀଙ୍କ ଅସୁସ୍ଥତା ଯୋଗୁ ବିଜୟ ମୂଲ ଲାଗି ଯାଇପାରୁନାହାନ୍ତି। କେତେଜଣ ବଦାନ୍ୟ ବ୍ୟକ୍ତି ଯାହା ସହାୟତା ଦେଇଥିଲେ ତାହା ସରିଯିବା ପରେ ଏବେ ସେମାନେ ଦୁର୍ଦ୍ଦିନରେ ଚଳୁଛନ୍ତି। ଇତିମଧ୍ୟରେ ଝୁନାରାଣୀଙ୍କ ପେଟରେ ଏକ ଟ୍ୟୁମର ଅସ୍ତ୍ରୋପଚାର ହୋଇଛି। ଏହି ଅଭାବି ପରିବାରକୁ ତୁରନ୍ତ ସରକାରୀ ସହାୟତା ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ବୀରକିଶୋର ରାଉତ, ସୁବଳ ମଲ୍ଲ, ପବିତ୍ର ପରିଡ଼ା, ଶିବ ସାହୁ, ନରହରି ବିଶ୍ୱାଳ, ସଚ୍ଚିଦାନନ୍ଦ ମଲ୍ଲ ପ୍ରମୁଖ ଜିଲାପାଳଙ୍କୁ ନିବେଦନ କରିଛନ୍ତି।

### ମରଣାନ୍ତକ ଆକ୍ରମଣ, ୩ ଗୁରୁତର

**ଆଠଗଡ,୨୬।୯(ସ୍ୱ.ପ୍ର.):** ଆଠଗଡ ଏନଏସି ଅନ୍ତର୍ଗତ କନ୍ତୋଲ ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବୁଧବାର ବିଳମ୍ବିତ ରାତିରେ ଜଣେ ଯୁବକ ୨ ଭାଇଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଗୁରୁତର ଅବସ୍ଥାରେ ସେମାନଙ୍କୁ ପ୍ରଥମେ ଆଠଗଡ ଓ ପରେ କଟକସ୍ଥିତ ଏକ ଘରୋଇ ନର୍ସିଂହୋମଙ୍କୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ ପୂର୍ବତନ ଏନଏସି ଉପାଧ୍ୟକ୍ଷ ଲଳିତ ମୋହନ ନାୟକଙ୍କ ଭାଇ ଧ୍ରୁତିନାଥ ଓ ଦୀନନାଥ। ସେହିପରି ୨ ଭାଇଙ୍କ ପାଲଟା ଆକ୍ରମଣରେ ବଉଳମଣ୍ଡପ ସାହିର ସଞ୍ଜୟ ନାୟକ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

### ଦେବୋତ୍ତର କମିଶନରଙ୍କ ଗୋରଖନାଥ ପୀଠ ପରିଦର୍ଶନ

# ପ୍ରକଳ୍ପ ବ୍ୟୟ ଅଟକଳ ପଠାଇବାକୁ ନିର୍ଦ୍ଦେଶ

**ରଘୁନାଥପୁର, ୨୬। ୯ (ଡି.ଏନ.ଏ.)**

ଦେବୋତ୍ତର କମିଶନର ଚିତ୍ତରଞ୍ଜନ ମହାପାତ୍ର ଗୁରୁବାର ରଘୁନାଥପୁର ବ୍ଲକ କେରେକେରାସ୍ଥିତ ଗୋରଖନାଥ ପୀଠ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ପୀଠର ବିଭିନ୍ନ ସମସ୍ୟା ବୁଝିବା ସହ ଯଥାଶୀଘ୍ର ବିଭିନ୍ନ ଉନ୍ନୟନ କାର୍ଯ୍ୟର ବ୍ୟୟ ଅଟକଳ ପଠାଇବା ପାଇଁ ଟ୍ରଷ୍ଟ ବୋର୍ଡକୁ ନିର୍ଦ୍ଦେଶ ଦେଇଥିଲେ। ମଧ୍ୟାହ୍ନରେ କମିଶନର ମହାପାତ୍ର ଓ ଆସିଷ୍ଟାଣ୍ଟ କମିଶନର ଦେବାଶିଷ ଦାଶ ପୀଠରେ ପହଞ୍ଚିଥିଲେ। ସେମାନଙ୍କୁ ଟ୍ରଷ୍ଟବୋର୍ଡ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ କେଶରୀ ଭଳଙ୍କ ସହ ଅନ୍ୟ ସଭ୍ୟମାନେ ପୀଠର ଉନ୍ନତି ପାଇଁ ରିଜୋଲେଶନ ମାଧ୍ୟମରେ ପଠାଯାଇଥିବା ବିଭିନ୍ନ ପ୍ରକଳ୍ପ ଦେଖାଇଥିଲେ। ପୋଖରୀ ପୁନରୁଦ୍ଧାର, ଯାତ୍ରୀ ନିବାସ, ଭୋଗ ଓ ଦୀପ ଦୋକାନ ଗୃହ, ଚଟାଣ ଉନ୍ନତିକରଣ, ହନୁମାନ ଓ ଗଣେଶ ମୂର୍ତ୍ତି ସ୍ଥାପନ ନିମନ୍ତେ ମନ୍ଦିର, ଅଧିକ ପ୍ରସାଦ ମଣ୍ଡପ, ଟ୍ରଷ୍ଟ ବୋର୍ଡ ସଭାଗୃହ ନିର୍ମାଣ ସମେତ ଅନେକ କାର୍ଯ୍ୟ ପାଇଁ ୩ ବର୍ଷ ତଳୁ ଟ୍ରଷ୍ଟବୋର୍ଡ ପକ୍ଷରୁ ରିଜୋଲେଶନ ମାଧ୍ୟମରେ ଅବଗତ କରାଯାଇବା ସେମାନେ କହିଥିଲେ। ତେବେ ଉକ୍ତ କାର୍ଯ୍ୟରେ ପ୍ଲାନ ଓ ବ୍ୟୟ ଅଟକଳ ସରକାରୀ ବିଭାଗର ଯନ୍ତ୍ରୀଙ୍କ ଦ୍ୱାରା କରି ପଠାଇବା ପାଇଁ କମିଶନର ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ।

ଏଥିସହ ପୀଠର ପୂଜକଙ୍କ ପକ୍ଷରୁ ହୋଇଥିବା ବିଭିନ୍ନ ସମସ୍ୟାର ନିରାକରଣ ପାଇଁ ଉଦ୍ୟମ କରାଯିବ ବୋଲି ପ୍ରତିଶ୍ରୁତି ରଖିଥିଲେ। ପୂଜକମାନଙ୍କ ବଂଶାବଳୀ ତାଲିକା ଟ୍ରଷ୍ଟ ବୋର୍ଡକୁ ପ୍ରଦାନ ଏବଂ ସେମାନଙ୍କୁ ପୂଜକ ଭାବେ ପରିଚୟପତ୍ର ପ୍ରଦାନ କରାଯିବାକୁ କମିଶନର ମହାପାତ୍ର ମତପ୍ରକାଶ କରିଥିଲେ। ଶେଷରେ ପ୍ରଭୁଙ୍କ ପୂଜାନୀତି ସୂଚାରୁ ରୂପେ ତୁଲାଇବାକୁ ଉଭୟ ଟ୍ରଷ୍ଟ ବୋର୍ଡ ଓ ପୂଜକମାନେ ଯତ୍ନବାନ ହେବା ପାଇଁ ପରାମର୍ଶ ରଖିଥିଲେ। ଟ୍ରଷ୍ଟ ବୋର୍ଡ ସଭ୍ୟ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ସୁରେନ୍ଦ୍ରନାଥ ସ୍ୱାଇଁ, ସୁଶାନ୍ତ କୁମାର ଦାଶ, କ୍ଷୀରୋଦ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ବାଦଲ ଯୋଗାଣିଆ, କିରାଣି ସରୋଜ ସାହାଣୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଟ୍ରଷ୍ଟବୋର୍ଡ ସଭ୍ୟମାନେ ଅପରାହ୍ନରେ ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତିଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ଯଥାଶୀଘ୍ର ପ୍ଲାନ ଏଷ୍ଟିମେଣ୍ଟ ପ୍ରସ୍ତୁତ କରିବା ସପକ୍ଷରେ ମତ ରଖିଛନ୍ତି।

## ବି.ସି. କଲେଜ ନବାଗତ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ



ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଉପସ୍ଥିତ କଲେଜ ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀମାନେ।

**ରଘୁନାଥପୁର, ୨୬। ୯ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରେଢୁଆ ସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଅର୍ଥନୀତି, ଓଡ଼ିଆ ଓ ସଂସ୍କୃତ ବିଭାଗର ନବାଗତ ଅନର୍ସ ଛାତ୍ରୀଛାତ୍ରଙ୍କ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୩ ବିଭାଗର ମିଳିତ ସ୍ୱାଗତ ଉତ୍ସବରେ କଲେଜ ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି, ନୀତି ଆଦର୍ଶକୁ ପାଥେୟ କରି ବାଟ ଚାଲିବାକୁ ଆହ୍ୱାନ କରିଥିଲେ। ନିଜ ଜୀବନରେ ଏପରି କାର୍ଯ୍ୟ କର ସଫଳତା ଅପଣାଛାଏଁ ଆସିବ। କିନ୍ତୁ ଏପରି କିଛି କରନି ଯାହାକି ସମାଜ ତୁମକୁ ଘୃଣା ବୋଧ କରିବ ବୋଲି ଅଧ୍ୟକ୍ଷ ପଣ୍ଡା ନବାଗତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ରଖିଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ପ୍ରସନ୍ନ କୁମାର ତ୍ରିପାଠୀଙ୍କ ପରିଚାଳନାରେ ଆୟୋଜିତ ଉତ୍ସବରେ ଅଧ୍ୟାପିକା ସୁଜାତା ଦାସ ଆଦି ଭାଷା ସଂସ୍କୃତ ଓ ଆର୍ଯ୍ୟ ସଭ୍ୟତା ଉପରେ ମନ୍ତବ୍ୟ ରଖିଥିଲେ। ଏହି ଅବସରରେ ଯୁକ୍ତ ୩ ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ରମାନେ ନବାଗତ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଢଗଢମାଳି, ପ୍ରହେଳିକା ଓ କୌତୁକ ପ୍ରାନ ମାଧ୍ୟମରେ ସ୍ୱାଗତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ବଳାରାମ ପାଳ, ପ୍ରତାପ କୁମାର ଲେଙ୍କା, ବୀରକିଶୋର ପରିଡା, କେଦାର ମୁଦୁଲି, ସରୋଜକାନ୍ତ ମିଶ୍ର ଓ ରଞ୍ଜିତ କୁମାର ଦାସ ପ୍ରମୁଖ ଶିକ୍ଷା ଓ ସଂସ୍କାର ସମ୍ବନ୍ଧୀୟ ଦିଗଦର୍ଶନ ଦେଇଥିଲେ। ଅଧ୍ୟାପିକା ସୌମ୍ୟଶ୍ରୀ ମହାନ୍ତି ସଭା ସଞ୍ଚାଳନ କରି ନବାଗତ ଛାତ୍ରୀଛାତ୍ରଙ୍କୁ ନିଜର ଅନୁଭୂତି ରଖିବା ପାଇଁ ଆହ୍ୱାନ କରିଥିଲେ। ଅଧ୍ୟାପିକା ଡ. ବିରସ କୁମାରୀ ନାୟକ, ଡ. ଯାଜ୍ଞସେନୀ ରାଉତ, ଶାଶ୍ୱତୀ ନନ୍ଦ ପ୍ରମୁଖ ସେମାନଙ୍କ ସୁଚିନ୍ତିତ ପରାମର୍ଶ ରଖିଥିବା ବେଳେ ସ୍ମିତାରାଣୀ ପ୍ରଧାନ ଧନ୍ୟବାଦ ଦେଇ ସଭାଶେଷ କରିଥିଲେ।

### ପର୍ଶୁରାମ କ୍ଷେତ୍ର ତୀର୍ଥମଠରେ ପାର୍ବଣ ପୂଜା

**ତିର୍ତ୍ତୋଲ,୨୬।୯(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ତୁଳଙ୍ଗ ପଞ୍ଚାୟତ ତଅଁରାସ୍ଥିତ ପର୍ଶୁରାମ କ୍ଷେତ୍ର ତୀର୍ଥ ମଠଠାରେ ପବିତ୍ର ମୂଳାଷ୍ଟମୀରୁ ମା'ଭଗବତୀ ଓ ମା' ରେଣୁକାଙ୍କ ପାର୍ବଣ ପୂଜା ଆରମ୍ଭ ହୋଇଛି। ମୂଳାଷ୍ଟମୀ ଦିନ କଳସ ଯାତ୍ରା ପରେ ଶ୍ରୀ ପର୍ଶୁରାମଙ୍କ ମନ୍ଦିରରେ ପୂଜା ପାଉଥିବା ଦୁର୍ଗାମାଧବ ମା'ଙ୍କ ସିଂହାସନରେ ବିଜେ ହୋଇଥାନ୍ତି। ଏହି ଉପଲକ୍ଷେ ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋପୂଜା, ପାଞ୍ଜିପାଠ, ଚଣ୍ଡୀପାଠ, ଷୋଡ଼ଶ ଉପଚାର ପୂଜା କରାଯାଉଛି। ନିତ୍ୟ ପୂଜା କାର୍ଯ୍ୟ ପୂଜକ ମନୋଜ ପଣ୍ଡା ଓ ପ୍ରଭାତ କର ନିର୍ବାହ କରୁଛନ୍ତି। ଚଣ୍ଡୀପାଠ ପଣ୍ଡିତ ମହେଶ୍ୱର ତ୍ରିପାଠୀଙ୍କ ଦ୍ୱାରା ସମ୍ପାଦିତ ହେଉଛି। ଆସନ୍ତା ୫ ତାରିଖ ମହାଷ୍ଟମୀ ପର୍ଯ୍ୟନ୍ତ ଏହି ପାର୍ବଣ ପୂଜା ଚାଲିବ। ଷଷ୍ଠୀ, ସପ୍ତମୀ ଓ ମହାଷ୍ଟମୀ ସନ୍ଧ୍ୟାରେ ମହାଲକ୍ଷ୍ମୀ ବେଶ ଅନୁଷ୍ଠିତ ହେବ। ୫ତାରିଖ ମହାଷ୍ଟମୀ ଦିନ ପାର୍ବଣ ପୂଜାର ମଧ୍ୟରାତ୍ରରେ କୁଷ୍ମାଣ୍ଡ ବଳି ପ୍ରଦାନ କରାଯିବ। ୭ତାରିଖ ଦଶହରା ଦିନ ଶ୍ରୀରାମ ଲାଖ ବିନ୍ଧିବେ। ପୂଜାକୁ ମହନ୍ତ ଶ୍ରୀ ଜଗନ୍ନାଥ ଦାସ ଗୋସ୍ୱାମୀ ପରିଚାଳନା କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୋଷାପୁଅ ଗୁଞ୍ଜା ରୁଅ**
**ଡାକିଲା ବେଳେ ନ କରଇ ଉଅ ।**

ନିଜର ଜନ୍ମିତ ପୁଅ ଯେମିତି ଦଡ଼ିମଡ଼ି ସହିବ, ପରଠୁ ପୁଅଟିଏ କରି ଆଣିଲେ ସେ ସେମିତି ସହିବନି। ସେ ତା'ର ସୁବିଧା ଦେଖିବ। ବାପା ମା'ଙ୍କର ଦୁଃଖ କଷ୍ଟ ବୁଝିବ ନାହିଁ। ପାଳିତ ପୁତ୍ର ଭରସାଯୋଗ୍ୟ ନୁହେଁ। ସେହିପରି ଘର ତିଆରି ବେଳେ ଲାଗିଥିବା ରୁଅ ଠିକ୍ ଭାବେ ଭିଡ଼ା ହୋଇଥାଏ, ଟାଣ ହୋଇଥାଏ। ତା' ଜାଗାରେ ଆଉ ଗୋଟିଏ ରୁଅ ଗୁଞ୍ଜି ଦେଲେ ତାହା ଖାପ ଖାଇ ନ ଥାଏ କି ସେଭଳି ମଜଭୁତ୍ ହୋଇ ପାରି ନ ଥାଏ। ଜନ୍ତାଜନ୍ତି କାମ ବା ତାଳିପକା କାମ କେବେ ମୂଳ କାମ ସହିତ ସମାନ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପିତାମାତା ସୁକୃତରୁ ପୁତ୍ର ହୁଏ ସୁଖୀ,**
**ପୁତ୍ର ଯଦି ସୁଖୀ ହୁଏ କୁଳପାଳ ରଖି ।**

ପିତାମାତାଙ୍କ ସୁକୃତରୁ ପୁତ୍ର ସୁଖୀ ହୋଇଥାଏ। ଏପରି ସୁପୁତ୍ର ଘରର ଟେକ ବା ମାନ ବଢ଼ାଇବା ସହ କୁଳଧର୍ମ ଠିକ୍ ରକ୍ଷା କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରାଚୀନ କଳା, ସଂସ୍କୃତିକୁ ବଞ୍ଚାଇ ରଖିବାକୁ ଆହ୍ୱାନ

**ବାଲିଆ,୨୬।୯**

ଓଡ଼ିଆ ଭାଗବତ କଥା ପ୍ରଚାରକ ବାବା ଦିବାକର ଦାସଙ୍କ ପୌରୋହିତ୍ୟରେ ବିରିଡ଼ି ବ୍ଲକ ବାଲିଆ ଭଗବତୀ ପୀଠରେ ପ୍ରାଚୀନ କଳା ଓ ସଂସ୍କୃତି ବଞ୍ଚାଇ ରଖିବା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏହି ଆଲୋଚନାରେ ଓଡ଼ିଶୀ ସଙ୍ଗୀତ ଗୁରୁ ପୂଜାରାଣୀ ଦାସ, ନୃତ୍ୟଗୁରୁ ଦୟାନିଧି ଦାସ, ଶିବପ୍ରସାଦ ଦାସ, ଜଗନ୍ନାଥ ସାହୁ, ବିଭୁତି ଭୁଷଣ ଦାସ ଅଂଶଗ୍ରହଣ କରି ବର୍ତ୍ତମାନ ସମାଜକୁ ଚାକଚକ୍ୟ ଭରା ପରିବେଶ କଳୁଷିତ କରିବାରେ ଲାଗିଛି ବୋଲି କହିଥିଲେ। ପୂର୍ବ ପରମ୍ପରାକୁ ଧିରେ ଧିରେ ସମସ୍ତେ ଭୁଲିଯିବାକୁ ବସିଲେଣି। ତେଣୁ ପ୍ରାଚୀନ କଳା ଓ ସଂସ୍କୃତିକୁ ଉଦ୍‌ଜୀବୀତ ରଖିବା ପାଇଁ ସମସ୍ତେ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି ସେମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବାଲିଆ ମାର୍କେଟଠାରେ ଖୁବ୍‌ଶୀଘ୍ର ଓଡ଼ିଶୀ ନୃତ୍ୟ, ସଙ୍ଗୀତ ବିଦ୍ୟାଳୟ ସ୍ଥାପନ ପାଇଁ ଉଦ୍ୟମ କରାଯିବ ବୋଲି ବାବା ଶ୍ରୀ ଦାସ ସୂଚନା ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9450741373
B-34/7 A Block Vijay Enclave, Burari, New Delhi

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT 7750840136 9658224887
Plot No.4720, Shahnajaf Rd, Chandigarh-226002, At-Hemamura, Luhapank, Rairakhol, Sambalpur-768106

REQUIRED / LOAN
HARI OM FINANCE
ସମଗ୍ର ଭାରତରେ କମ୍ପାନୀକୁ ଆବଶ୍ୟକତା ଅଛି, ଏଜେଣ୍ଟ, ଲୋନ୍ ଏଜେଣ୍ଟ, ଟିମ୍‌ଲିଡ଼ର।
୨୫,୦୦୦ – ୩୦,୦୦୦ ମାସିକ
ଆଧାରକାର୍ଡ, ପ୍ରପର୍ଟି, ପର୍ସନାଲ ଲୋନ୍
8394004932
8394004961
8394004898

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଧରେ ଦିଆଯାଉଛି। ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ। ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲି: Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

FINANCE
କ୍ୟାପିଟାଲ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୪୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894251618

ଋଣ ଧମାକା
ଋଣ ପାଇବା ହେଲା ସହଜ ଦୁଇ ଘଣ୍ଟାରେ ଗୃହ ଋଣ, ବ୍ୟବସାୟ, କୁକୁଡ଼ା ପାଳନ, ପଶୁପାଳନ ଋଣ 1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ। ସୁଧ 1% ବାର୍ଷିକ।
ଯୋଗାଯୋଗ କରନ୍ତୁ
7079574972
7491845997
toofanfinance.in
New Ashok Nagar, East Delhi, Delhi

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

ଋଣ
ପ୍ରଥମ 100 କଲରଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

BUSINESS

Tower Vision Network Company
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/-, ଭଡ଼ା 30,000/- ଟଙ୍କା ପାଆନ୍ତୁ ଜଣକୁ ଚାକିରି ମିଳିବ। ଦରମା 18,000 + ଅନ୍ୟାନ ସୁବିଧା। ମହିଳା ମାନଙ୍କ ପାଇଁ ବିଶେଷ ରିହାତି।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9813608775
7453837435

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ। ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka-Pin Code 570008

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

DEALER WANTED
At all major locations across Odisha for :- FASTBUILD AAC BLOCKS
Mail : dealership.fastbuild@gmail.com
Mob : 9073678360


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





## ବିଦେଶରେ ବଢୁଛନ୍ତି ଭାରତୀୟ ପର୍ଯ୍ୟଟକ



# ଦେଶ ହରାଉଛି ବର୍ଷକୁ ୯ ହଜାର କୋଟି

ଭୁବନେଶ୍ୱର, ୨୬।୯(ବ୍ୟୁରୋ)

ଭାରତୀୟଙ୍କ ମଧ୍ୟରେ ଦିନକୁ ଦିନ ବିଦେଶ ବୁଲା ଆଗ୍ରହ ବଢ଼ିବାରେ ଲାଗିଛି। ବିଶେଷକରି ମଧ୍ୟବିତ୍ତ ଶ୍ରେଣୀର ଲୋକେ ସର୍ବାଧିକ ବିଦେଶ ଭ୍ରମଣରେ ଯାଉଛନ୍ତି। ଗୋଟିଏପଟେ ଭାରତରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା କମୁଥିବାବେଳେ ଅନ୍ୟପଟେ ବିଦେଶ ମାଟିରେ ଭାରତୀୟ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବିଶେଷକରି ଥାଇଲାଣ୍ଡ, ମାଳଦ୍ୱୀପ, ଦୁବାଇ ଭଳି ରାଷ୍ଟ୍ରକୁ ଭାରତୀୟମାନେ ଅଧିକ ପସନ୍ଦ କରୁଛନ୍ତି। ଦକ୍ଷିଣ-ପୂର୍ବ ଏସିଆ ରାଷ୍ଟ୍ରମାନଙ୍କ ପାଇଁ ଭାରତ ପର୍ଯ୍ୟଟକ ଯୋଗାଉଥିବା ଶ୍ରେଷ୍ଠ ୧୦ ରାଷ୍ଟ୍ର ମଧ୍ୟରେ ରହୁଛି। ଅନ୍ୟପକ୍ଷରେ ଓଡ଼ିଶାରୁ ସର୍ବାଧିକ ପର୍ଯ୍ୟଟକ ଥାଇଲାଣ୍ଡ, ବ୍ୟାଙ୍କକ୍, ସିଙ୍ଗାପୁର, ମାଲେସିଆ ଭଳି ରାଷ୍ଟ୍ରକୁ ଭ୍ରମଣ ପାଇଁ ଯାଉଥିବା ଜଣାପଡ଼ିଛି। ନିକଟରେ ହୋଟେଲ୍ ଆଣ୍ଡ ରେସ୍ତୋରାଁ ଆସୋସିଏଶନ୍ ଅଫ୍ ଓଡ଼ିଶା(ଏଚ୍‌ଆର୍‌ଏଓ) ପକ୍ଷରୁ ଦିଆଯାଇଥିବା ଏକ ତଥ୍ୟରୁ ଏହା ଜଣାପଡ଼ିଛି। ତେବେ ଭାରତୀୟଙ୍କ ଏହି ବିଦେଶ ବୁଲା ନିଶା ପାଇଁ ବର୍ଷକୁ ଭାରତ ପ୍ରାୟ ୯୦୦୦ କୋଟି ଟଙ୍କାର ଅର୍ଥ ହରାଉଥିବା ଜଣାପଡ଼ିଛି।

ପର୍ଯ୍ୟଟନ ଶିଳ୍ପକୁ ଗୁରୁତ୍ୱ ଦେଉଥିବା ବିଶ୍ୱର ଅଧିକାଂଶ ରାଷ୍ଟ୍ର ଏବେ ଭାରତୀୟ ପର୍ଯ୍ୟଟକଙ୍କ ଉପରେ ଆଖି ପକାଇବା ସହ ନିଜ ଟାର୍ଗେଟ୍ ବଜାରରେ ଭାରତକୁ ପ୍ରାଥମିକତା ଦେଉଛନ୍ତି। ବିଶେଷକରି ଯୁବ ଭାରତୀୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଏଠାରେ ନିଜ ନିଜର ଅଫିସ ଖୋଲିବା ସହ ଏକାଧିକ ଟୁର୍ ପ୍ୟାକେଜର ସୁବିଧା ଦେଉଛନ୍ତି। ସୂଚନା ମୁତାବକ, ୨୦୧୯ ଜାନୁୟାରୀରୁ ମେ' ମାସ ମଧ୍ୟରେ ମାଳଦ୍ୱୀପରେ ସର୍ବାଧିକ ୯୬.୪% ଭାରତୀୟ ପର୍ଯ୍ୟଟକ ବୃଦ୍ଧି ପାଇଥିବାବେଳେ ଏହା ତଳକୁ ରହିଛି ଥାଇଲାଣ୍ଡ।

- ଓଡ଼ିଶା ପର୍ଯ୍ୟଟକଙ୍କ ପସନ୍ଦ ଥାଇଲାଣ୍ଡ, ମାଲେସିଆ ଓ ବ୍ୟାଙ୍କକ୍
- ଦାୟୀ ହେଉଛି ଦୁର୍ବଳ ପର୍ଯ୍ୟଟନ ଭିତ୍ତିଭୂମି
- ଆଡ୍‌ଭେଞ୍ଚର୍ ଓ ଏକ୍ସପେରିମେଣ୍ଟାଲ ଟୁରିଜମ୍ ପ୍ରତି ଆକର୍ଷଣ

ଗତବର୍ଷ ଏଠାକୁ ଅଧିକ ୨୨% ଭାରତୀୟ ବୁଲିବାକୁ ଯାଇଛନ୍ତି। ସେହିଭଳି ଦୁବାଇରେ ୧୩%, ଜାପାନରେ ୧୪.୬%, ଅଷ୍ଟ୍ରେଲିଆରେ ୧୨% ଭାରତୀୟ ପର୍ଯ୍ୟଟକ ବୃଦ୍ଧି ପାଇଛନ୍ତି। ଏସିଆ ପାସିଫିକ୍ ବା ଦକ୍ଷିଣ, ପୂର୍ବ ଓ ଦକ୍ଷିଣ-ପୂର୍ବ ଏସିଆରେ ମଧ୍ୟବିତ୍ତ ଶ୍ରେଣୀ ପର୍ଯ୍ୟଟକଙ୍କ ସଂଖ୍ୟା ୨୦୩୦ ସୁଦ୍ଧା ୨୧୦ କୋଟି ଟପିବାକୁ ଥିବାବେଳେ ସମସ୍ତଙ୍କ ନଜର ଏବେ ଭାରତ ଉପରେ ରହିଛି। ତେବେ ଭାରତର ଯୁବ ପର୍ଯ୍ୟଟକଙ୍କୁ ଆଡ୍‌ଭେଞ୍ଚର୍ ଓ ଏକ୍ସପେରିମେଣ୍ଟାଲ ପର୍ଯ୍ୟଟନରେ ଆଗ୍ରହ ଥିବାବେଳେ ଥାଇଲାଣ୍ଡ, ମାଲେସିଆ, ବ୍ୟାଙ୍କକ୍ ଭଳି ରାଷ୍ଟ୍ର ଏସବୁ ଯୋଗାଇଦେଉଛନ୍ତି। ହେଲେ ଭାରତ ଏ କ୍ଷେତ୍ରରେ ବହୁ ପଛରେ ରହିଛି। ଗୋଆ, ଆଣ୍ଡାମାନ, ଉତ୍ତରାଖଣ୍ଡ ଭଳି କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ଛାଡ଼ିଦେଲେ ପର୍ଯ୍ୟଟନ ଭିତ୍ତିଭୂମି, ବିମାନ ଯୋଗାଯୋଗ, ଷ୍ଟାର୍ ହୋଟେଲ, ଆଡ୍‌ଭେଞ୍ଚର୍ ଓ ଏକ୍ସପେରିମେଣ୍ଟାଲ ଟୁରିଜମ୍ କ୍ଷେତ୍ରରେ ସମସ୍ତେ ପଛରେ ରହିଛନ୍ତି। ଏହାଛଡ଼ା ମଧ୍ୟବିତ୍ତ ଶ୍ରେଣୀର ପର୍ଯ୍ୟଟକଙ୍କ ପାଇଁ ବିଦେଶ ବୁଲିବା ଏକ ସ୍ୱପ୍ନ ହୋଇଥିବାବେଳେ ସେମାନେ ସପରିବାର ଭ୍ରମଣକୁ ପସନ୍ଦ କରୁଛନ୍ତି। ଏନେଇ ଏଚ୍‌ଆର୍‌ଏଓ ଅଧ୍ୟକ୍ଷ ଜେ.କେ. ମହାନ୍ତି କହିଛନ୍ତି, ଭାରତୀୟମାନେ ବିଦେଶ ବୁଲିବାରେ ଖର୍ଚ୍ଚ କରୁଥିବା ୯ ହଜାର କୋଟି ଟଙ୍କାରେ ଯଦି ଆମେ ଏଠାରେ ପର୍ଯ୍ୟଟନର ଭିତ୍ତିଭୂମି ବିକାଶ କରିପାରିବା ତା'ହେଲେ ଭାରତୀୟମାନେ ବିଦେଶ ଯିବା ପରିବର୍ତ୍ତେ ଏଠାରେ ବୁଲିବେ। ୩ବର୍ଷର ଟାର୍ଗେଟ୍ ରଖି ଯଦି ଆମେ ପର୍ଯ୍ୟଟନ ଓ ହୋଟେଲ ଶିଳ୍ପର ବିକାଶ କରିପାରିବା, ତେବେ ଆମ ଅର୍ଥ ଆମ ପାଖରେ ରହିବ ବୋଲି ମହାନ୍ତି କହିଛନ୍ତି।

# ନୂଆ ସୁଯୋଗ 'ଇକୋ-ଟୁରିଜମ୍'

**ଭୁବନେଶ୍ୱର, ୨୬।୯(ବ୍ୟୁରୋ):** ପୁରୀ, କୋଣାର୍କ, ଭୁବନେଶ୍ୱରରୁ ବାହାରି ଓଡ଼ିଶାରେ ଥିବା ଉତ୍କୃଷ୍ଟ ପରିବେଶ, ଜଙ୍ଗଲ ଓ ପ୍ରାକୃତିକ ପର୍ଯ୍ୟଟନସ୍ଥଳୀ ମାଧ୍ୟମରେ କିଭଳି ଓଡ଼ିଶା ପର୍ଯ୍ୟଟନକୁ ଏକ ନୂଆ ପରିଚୟ ମିଳିବ ସେଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ରାଜ୍ୟର ପାରମ୍ପରିକ, ଆଧ୍ୟାତ୍ମିକ ଓ ଐତିହ୍ୟ ପର୍ଯ୍ୟଟନରୁ ବାହାରି ଉପକୂଳ ପର୍ଯ୍ୟଟନ, ପରିବେଶ ପର୍ଯ୍ୟଟନ, ୱାଇଲ୍ଡଲାଇଫ୍ ବା ବନ୍ୟଜନ୍ତୁ ପର୍ଯ୍ୟଟନ, ଏଥ୍‌ନିକ୍ ଓ ହସ୍ତଶିଳ୍ପ ପର୍ଯ୍ୟଟନ ଉପରେ ଅଧିକ ଫୋକସ୍ କରାଯାଉଛି। ତେବେ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶା ନିକଟରେ ପର୍ଯ୍ୟଟକଙ୍କ ପାଇଁ ଅନେକ କିଛି ରହିଛି। ଯେପରି ଭିତରକନିକା ଓ ଶିମିଳିପାଳ ଭଳି ଦୁଇଟି ଜାତୀୟ ଉଦ୍ୟାନକୁ ମିଶାଇ ୧୯ଟି ସଂରକ୍ଷିତ ଜଙ୍ଗଲ ଓ ପରିବେଶ ପର୍ଯ୍ୟଟନସ୍ଥଳୀ ରହିଛି। ଏହା ମାଧ୍ୟମରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପର୍ଯ୍ୟଟନ ବିଭାଗ ସହାୟତାରେ 'ଇକୋଟୁର୍ ଓଡ଼ିଶା' ପ୍ରକଳ୍ପ ଆରମ୍ଭ କରାଯାଇଛି। ଏଥିପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ୪୭ଟି ଲକ୍ଜ୍ୟୁରି ନେଚର୍ କ୍ୟାମ୍ପ୍ କରାଯିବା ସହ ଜଙ୍ଗଲ, ପରିବେଶ, ବେଳାଭୂମି, ବନ୍ୟଜନ୍ତୁ, ଆଦିବାସୀ ଓ ଗ୍ରାମାଞ୍ଚଳ ପର୍ଯ୍ୟଟନର ପ୍ରଚାର ପ୍ରସାର କରାଯାଉଛି। କେବଳ ଏତିକି ନୁହେଁ, ଦୀର୍ଘସ୍ଥାୟୀ ପର୍ଯ୍ୟଟନ ବିକାଶରେ 'ଇକୋଟୁର୍ ଓଡ଼ିଶା' ଏକ ଟ୍ରେଣ୍ଡସେଟର୍‌ରେ ପରିଣତ ହୋଇପାରିଛି। ରାଜ୍ୟରେ ଥିବା ସମସ୍ତ ୪୦ଟି ନେଚର୍ କ୍ୟାମ୍ପ୍ ଦେଶ ଓ ବିଦେଶରୁ ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବାବେଳେ ୨୦୧୯ ଆର୍ଥିକବର୍ଷରେ କେବଳ ଶିମିଳିପାଳ ଓ ସାତକୋଶିଆ ନେଚର କ୍ୟାମ୍ପ୍ ପ୍ରତ୍ୟେକ ୧ କୋଟି ଲେଖାଁଏ ଆୟ କରିଛନ୍ତି। କ୍ୟାମ୍ପିଂ, ମାଉଣ୍ଟେନିଂ, ଟ୍ରେକିଂ, ବାର୍ଡିଂ, ସାଇକ୍ଲିଂ, ବୋଟିଂ, ଜଙ୍ଗଲ ସଫାରି, ୱାଇଲ୍ଡଲାଇଫ୍ ୱାଚ୍ ଆଦି ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଯୁବ ପର୍ଯ୍ୟଟକମାନେ ଆକୃଷ୍ଟ ହେଉଛନ୍ତି। ସବୁଠାରୁ ବଡ଼କଥା ହେଲା ସମସ୍ତ ନେଚର୍ କ୍ୟାମ୍ପ୍ ପ୍ରଶିକ୍ଷିତ ସ୍ଥାନୀୟ ଅଧିବାସୀମାନଙ୍କ ଦ୍ୱାରା ପରିଚାଳିତ ହେଉଛି।



## ଓଡ଼ିଶା ପର୍ଯ୍ୟଟନ

# ହେରିଟେଜ୍ ପ୍ୟାଲେସ୍ ଟୁରିଜମ୍‌କୁ ଗୁରୁତ୍ୱ

'ରୟାଲ ହେରିଟେଜ୍ ଟୁର୍ ପ୍ୟାକେଜ୍' ମାଧ୍ୟମରେ ଓଡ଼ିଶା ପର୍ଯ୍ୟଟନକୁ ଆଉ ପାଦେ ଆଗକୁ ନେବାକୁ ରାଜ୍ୟ ସରକାର 'ହେରିଟେଜ୍ ପ୍ୟାଲେସ୍ ଟୁରିଜମ୍' ଯୋଜନା ଆରମ୍ଭ କରିଛନ୍ତି, ଯାହାର ବିଶେଷ ଚାହିଦା ମଧ୍ୟ ଦେଖିବାକୁ ମିଳୁଛି। ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଗୁଜରାଟ ଆଦି ରାଜ୍ୟ ଭଳି ରୟାଲ ଟୁରିଜମ୍ ଉପରେ ଏବେ ଓଡ଼ିଶା ଫୋକସ୍ କରିଛି। ଫଳରେ ରାଜ୍ୟରେ ଥିବା ଐତିହାସିକ ରାଜପ୍ରାସାଦଗୁଡ଼ିକରେ ରହିବା ସହ ପର୍ଯ୍ୟଟକମାନେ ରାଜକୀୟ ଅନୁଭୂତି ସାଉଁଟି ପାରୁଛନ୍ତି। ଓଡ଼ିଶାରେ ଏବେ ୫୧ଟି ହେରିଟେଜ୍ ପ୍ରପର୍ଟି ତଥା ରାଜପ୍ରାସାଦ ରହିଥିବାବେଳେ ସେଥିରୁ ୧୯ଟି ପ୍ରାସାଦକୁ ଆଗାମୀ ଦୁଇବର୍ଷ ମଧ୍ୟରେ ବୁଟିକ୍ ହେରିଟେଜ୍ ହୋଟେଲ ଏବଂ ହେରିଟେଜ୍ ହୋମ୍ ଷ୍ଟେ' ଭାବେ ବିକଶିତ କରିବାକୁ ଯୋଜନା ରହିଛି। ଢେଙ୍କାନାଳ, ଆଳି ଓ ନୀଳଗିରି ଭଳି ଏବେ ୬ ପ୍ରାସାଦରେ ପର୍ଯ୍ୟଟକ ରହୁଥିବାବେଳେ ଆଉ ୩କୁ ଆସନ୍ତା ଡିସେମ୍ବର ସୁଦ୍ଧା ହେରିଟେଜ୍ ହୋଟେଲ ଏବଂ ହୋମ୍ ଷ୍ଟେ'ରେ ପରିଣତ କରିବାକୁ ଲକ୍ଷ୍ୟ ରହିଛି। ସେହିଭଳି ବଳକା ୧୦ଟି ପ୍ରାସାଦକୁ ୨୦୨୧ ସୁଦ୍ଧା ହୋଟେଲ ରୂପ ଦିଆଯିବ ବୋଲି ପର୍ଯ୍ୟଟନ ସଚିବ ବିଶାଳ ଦେବ କହିଛନ୍ତି।








ଲାଗିପଡ଼ି ଯଦି ଜଳଭଣ୍ଡାର କାନ୍ଥକୁ ଖୋଳିବ, ତେବେ ମୂଷାଟିଏ ମଧ ଗୋଟିଏ ଦେଶକୁ ବୁଡ଼ାଇ ଦେଇପାରିବ।
- ବର୍କ୍



## ସଂକ୍ଷେପରେ

### ଚୋରା ବ୍ୟାଟେରି ଭର୍ତ୍ତି ପିକ୍‌ଅପ୍ ଜବତ

**କୋରେଇ,୨୬।୯(ସ୍ୱ.ପ୍ର):** ଭଦ୍ରକ ଜିଲା ଧାମନଗର ଅଞ୍ଚଳରୁ ଟାୱାର ଓ ଟ୍ରକ ବ୍ୟାଟେରି ବୋଝେଇ ପିକ୍‌ଅପ୍ ( ଓଡି୨୨ଡି ୬୮୧୦) ବସ୍ ଯୋଗେ କଲିକତା ପଠାଇବା ପାଇଁ ଅପେକ୍ଷା କରିଥିବାବେଳେ ପାଣିକୋଇଲି ପୋଲିସ ହାବୁଡରେ ପଡିଥିଲା । ପିକଅପ ଚାଳକ ଧମାନଗର ଅଞ୍ଚଳର ଜିଲାନି ଖାଁକୁ ପୋଲିସ ଅଟକ ରଖି ମାମଲାର ତଦନ୍ତ ଜାରି ରଖିଛି । ପୋଲିସ ବ୍ୟାଟେରୀ ଚୋରା ଚାଲାଣ ଖବର ବିଶେଷ ସୂତ୍ରରୁ ପାଇ ଚଢାଉ କରି ପିକଅପ ସହ ବ୍ୟାଟେରୀ ଧରିବାକୁ ସକ୍ଷମ ହୋଇଥିଲା। ଧାମନଗରର ଏକ କବାଡିଆ ଦୋକାନରୁ ଏହା ଆସିଥିବା ଜିଲାନି କହୁଥିବାବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

### ୨ ମଦ୍ୟପ ବାଇକ ଆରୋହୀ କୋର୍ଟ ଚାଲାଣ

**କୋରେଇ, ୨୬।୯ (ସ୍ୱ.ପ୍ର):** ପାଣିକୋଇଲି ପୋଲିସ ୨ଜଣ ମଦ୍ୟପ ବାଇକ ଆରୋହୀଙ୍କୁ ଗାଡି ଚଳାଉଥିବା ଅବସ୍ଥାରେ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଣିକୋଇଲି ଥାନା ମାଳଆନନ୍ଦପୁର ପଞ୍ଚାୟତ ବ୍ରଜନଗର ଗ୍ରାମର ସୁଶାନ୍ତ ମଲିକ (୨୫) ଓ ଶଙ୍ଖଚିଲା ବଢେଇଟିକର ଗ୍ରାମର ସୌମ୍ୟରଞ୍ଜନ ବିନ୍ଧାଣୀ (୨୬)।

### ବର୍ଷାରେ ଭାଙ୍ଗିଗଲା ମାଟିଘର କାନ୍ଥ
### ଅସହାୟ ଅବସ୍ଥାରେ ମା, ଛୁଆ

**ଯାଜପୁର ଟାଉନ,୨୬।୯(ଡିଏନଏ):** ଯାଜପୁର ଜିଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ୩ ଦିନ ବ୍ୟାପୀ ଲାଗି ରହିବାରୁ ଝାଟିମାଟି ଘରେ ରହୁଥିବା ପରିବାରଗୁଡିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। କାହାର ମାଟି କାନ୍ଥ ଭାଙ୍ଗି ପଡିଛି ତ କାହାର ଚାଳ ଛପର ଭାଙ୍ଗି ଯାଇଛି। ଯାଜପୁର ବ୍ଲକ ଉପର ବରୁଆଁ ପଞ୍ଚାୟତ ୭ନଂ ୱାର୍ଡରେ ୨ଟି ପରିବାରର ମାଟିକାନ୍ଥ ଭାଙ୍ଗିପଡିବା ଦ୍ୱାରା ସମ୍ପୃକ୍ତ ପରିବାର ବେଘର ହୋଇଯାଇଛନ୍ତି। ଉପର ବରୁଆଁ ଗ୍ରାମର ସେକ୍ ସମିମ୍ ବକସଙ୍କ ଘର କାନ୍ଥ ୨ଟି ଭାଙ୍ଗିଯିବା ଦ୍ୱାରା ୩ଟି ଛୋଟ ପିଲାଙ୍କୁ ଧରି ତାଙ୍କ ସ୍ତ୍ରୀ ସୁଲତାନା ପରୱିନ ପଡୋଶୀଙ୍କ ଘର ବାରଣ୍ଡାରେ ମୁଣ୍ଡ ଗୁଞ୍ଜିଛନ୍ତି। ସେହିପରି ଏହି ଗ୍ରାମର ରାଜ ଜେନାଙ୍କ ଘର ଲଗାଣ ବର୍ଷାରେ ଭାଙ୍ଗିଯିବା ଦ୍ୱାରା ୪ଜଣ ଜରି ପାଲ ତଳେ ଅଶ୍ରୟ ନେଇଥିବା ଜଣାପଡିଛି। ଗ୍ରାମର କରିମ୍ ବକସଙ୍କ ମାଟିଘର କାନ୍ଥ ଭାଙ୍ଗିଯିବା ଦ୍ୱାରା ଛୁଆପିଲାଙ୍କୁ ଧରି ପଡୋଶିଙ୍କ ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ଉପର ବରୁଆଁ ପଞ୍ଚାୟତର ୧୦ ନଂ. ୱାର୍ଡରେ ରମେଶ ମଲିକଙ୍କ ଘର ଲଗାଣ ବର୍ଷରେ ଭାଙ୍ଗିଯିବା ଦ୍ୱାରା ସେ ମଧ ତାଙ୍କ ପଡୋଶି ଘରେ ଆଶ୍ରୟ ନେଇଥିବା ଜଣାପଡିଛି। ଏହି ଅସହାୟ ପରିବାରଗୁଡିକ ଘର ଖଣ୍ଡେ ପାଇଁ ସରପଞ୍ଚଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ଗୁହାରି କରୁଥିଲେ ମଧ ଲାଞ୍ଚ ଟଙ୍କା ନ ଥିବାରୁ କେବଳ ପ୍ରତିଶ୍ରୁତି ମିଳୁଛି, କିନ୍ତୁ ଘର ମିଳିପାରୁ ନାହିଁ। ଲଗାଣ ବର୍ଷାରେ ଭାଙ୍ଗି ଯାଇଥିବା ମାଟିଘର ପାଇଁ ଅସହାୟ ଅବସ୍ଥାରେ ଥିବା ପରିବାରଗୁଡିକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଗର୍ଭବତୀ ମହିଳା, ଶିଶୁ ମୃତ୍ୟୁହାର ଉଦ୍‌ବେଗଜନକ

- ଏନ୍‌ଏଚ୍‌ଆର୍‌ସିରେ ମାମଲା
- ପଞ୍ଚାୟତିରାଜ ବିଭାଗ ତତ୍ପର
- ଯାଜପୁର ଜିଲାରେ ଚଳିତ ବର୍ଷ ୧୭୬ ନବଜାତ ଶିଶୁ, ୨୬ ପ୍ରସୂତିଙ୍କ ମୃତ୍ୟୁ

**ଯାଜପୁର ଅଫିସ,୨୬।୯**

ରାଜ୍ୟର ବିଭିନ୍ନ ଜିଲାରେ ନବଜାତ ଶିଶୁ ଓ ପ୍ରସୂତି ମହିଳା ମୃତ୍ୟୁହାର ଉଦ୍‌ବେଗଜନକ ସ୍ଥିତିରେ ରହିଛି। ଉପଯୁକ୍ତ ଭାବେ ଶିଶୁ ଯତ୍ନ ଓ ପୁଷ୍ଟିକର ଖାଦ୍ୟର ଅଭାବ ଏବଂ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣରେ ବିଫଳତା ଏହାର ପ୍ରମୁଖ କାରଣ ସାଜିଛି। ଏହି ମର୍ମରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ(କେଶ ନମ୍ବର ୪୩୯୪/୨୦୧୬)ରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲା ଉପରେ ଗତ ଅଗଷ୍ଟ ୨୧ତାରିଖରେ ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ରାଜ୍ୟ ମୁଖ୍ୟ ଶାସନସଚିବଙ୍କୁ ତାଗିଦ୍ କରିବା ପରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଏବଂ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ(ଆରଡବ୍ଲ୍ୟୁଏସ୍‌ଏସ୍) ବିଭାଗ ଏବେ ଗୁରୁତ୍ୱର ସହ ଗ୍ରହଣ କରିଛି । ପଞ୍ଚାୟତିରାଜ ବିଭାଗର ଅଧସ୍ଥନ ସଚିବ ତାଙ୍କ ପତ୍ରସଂଖ୍ୟା ୨୧।୯।୨୦୧୯ ରେ ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ତୁରନ୍ତ ଏହି ମାମଲା ଉପରେ ସବିଶେଷ ତଥ୍ୟ ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ଉପରେ ଆରଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ ଗୁରୁତ୍ୱର ସହ ନେଇ ଏନ୍‌ଏଚ୍‌ଆର୍‌ସି ମାମଲା ଉପରେ ଆସନ୍ତା ୩୦।୯।୨୦୧୯ ସୁଦ୍ଧା ଆବଶ୍ୟକ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନ୍‌ଏଚ୍‌ଆର୍‌ସି ମାମଲାରେ ଯାଜପୁର ଜିଲାର ନଗଡ଼ା ଅପପୁଷ୍ଟି ଶିଶୁଙ୍କ ସମ୍ପର୍କରେ ମଧ ଉଲ୍ଲେଖ ରହିଛି। ଏଠାରେ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ହେଉ ନ ଥିବା କୁହାଯାଇଛି।



୬ବର୍ଷରୁ କମ୍ ଶିଶୁଙ୍କ ଓଜନ ବୃଦ୍ଧି ରିପୋର୍ଟ ଅନୁସାରେ ଯାଜପୁର ଜିଲାରେ ୩୫ ହଜାରରୁ ଉର୍ଦ୍ଧ୍ୱ ଶିଶୁଙ୍କ ସ୍ୱାଭାବିକ ଓଜନଠାରୁ କମ୍ ରହିଛି । ଯାଜପୁର ଜିଲାରେ ଏଯାଏ ୯୬,୧୪୨ ଶିଶୁ ପଞ୍ଜିକୃତ ହୋଇଛନ୍ତି । ତେବେ ୨୦୧୯ରେ ବର୍ତ୍ତମାନ ସୁଦ୍ଧା ୧୨,୨୬୯ ଶିଶୁ ଜନ୍ମ ହୋଇଥିବାବେଳେ ଗତ ଜୁଲାଇ ମାସରେ ୨୦୨୦ ଶିଶୁ ଜନ୍ମ ହୋଇଥିଲେ। ତେବେ ଜୁଲାଇ ମାସ ସୁଦ୍ଧା ୧୭୬ ଜଣ ନବଜାତ ଶିଶୁ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ୩୧,୭୨୨ ପ୍ରସୂତିଙ୍କ ମଧ୍ୟରୁ ବିବିଧ କାରଣରୁ ୨୬ଜଣଙ୍କ ମୃତ୍ୟୁ ଘଟିଛି। ଯାହାକି ଉଦ୍‌ବେଗର ବିଷୟ ବୋଲି ମତପ୍ରକାଶ ପାଇଛି। ଗ୍ରାମାଞ୍ଚଳ ଓ ଡାକ୍ତରଖାନା ମଧ୍ୟରେ ଯୋଗାଯୋଗ କରି ଗର୍ଭବତୀ ମହିଳାଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ଲକ୍ଷ୍ୟରେ ଜିଲାରେ ମୋଟ ୨୮୦୬ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟ କରୁଛି। ଏଥିରେ ୨୭୨୮ କର୍ମୀ କାର୍ଯ୍ୟରତ ଥିବାବେଳେ ୭୮ ଟି ପଦବୀ ଖାଲି ରହିଛି। ସେହିପରି ୨୬୯୩ ହେଲ୍‌ପର ରହିଥିବାବେଳେ ୬୭ଟି ପଦବୀ ଖାଲି ଅଛି। ବିଭିନ୍ନ କୋର୍ଟରେ ମାମଲା ଥିବାରୁ କେତକ ପଦବୀ ପୂରଣ ହୋଇପାରୁ ନାହିଁ। ଏହାସହ ଆଶା କର୍ମୀ ମଧ ନିଯୁକ୍ତି ହୋଇଛନ୍ତି। ମମତା ଯୋଜନାରେ ୪୬,୮୧୬ ଗର୍ଭବତୀ ମହିଳାଙ୍କୁ ପ୍ରଥମ କିସ୍ତି ଅର୍ଥ ପ୍ରଦାନ କରାଯାଇଥିବାବେଳେ ୨ୟ କିସ୍ତିରେ ୨୩,୮୫୩ ମହିଳାଙ୍କୁ ଅର୍ଥ ପ୍ରଦାନ କରାଯାଇଛି। ଏତେସବୁ ଯୋଜନା ପରେ ବି ମା ଓ ଶିଶୁ ମୃତ୍ୟୁହାର କମିବାର ନାଁ ଧରୁନାହିଁ । ପୁଷ୍ଟିହୀନତା ରୋକିବାକୁ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ପୁଷ୍ଟିକର ଖାଦ୍ୟ ଛତୁଆ ବ୍ୟବସ୍ଥା ହେଉଛି। ହେଲେ ଜିଲାରେ ଅତି ନିମ୍ନମାନର ଛତୁଆ ତିଆରି କରି ବ୍ୟବସାୟ ଚାଲିଥିବାରୁ ପୁଷ୍ଟିହୀନତା ଦୂର ହୋଇପାରୁ ନାହିଁ। ଫଳରେ ଗର୍ଭବତୀ ମହିଳା ଓ ନବଜାତ ଶିଶୁ ପୁଷ୍ଟିହୀନତାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିବା ବହୁ ନଜିର ରହିଛି। କେବଳ ଯାଜପୁର ଜିଲା ନୁହେଁ ରାଜ୍ୟରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଶିଶୁ ସ୍ୱାଭାବିକଠାରୁ କମ୍ ଓଜନ, ୫୦ହଜାରରୁ ଉର୍ଦ୍ଧ୍ୱ ଅପପୁଷ୍ଟିରେ ଆକ୍ରାନ୍ତ ହୋଇଥିବା ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ ହୋଇଛି। ଏନ୍‌ଏଚ୍‌ଆର୍‌ସି ପକ୍ଷରୁ ରାଜ୍ୟ ମୁଖ୍ୟଶାସନ ସଚିବଙ୍କୁ ଦେଇଥିବା ପତ୍ରରେ ଦର୍ଶାଯାଇଛି ଯେ, ଏବେ ବି ଗ୍ରାମାଞ୍ଚଳରେ ନିରାପଦ ପାନୀୟ ଜଳ ସମସ୍ୟା ରହିଛି। ଏହି ସମସ୍ୟା ଉପରେ ସମ୍ପୂର୍ଣ୍ଣ ସମାଧାନ କରିବା ସହିତ ଶିକ୍ଷା, ଶୌଚାଳୟ, ଭୂତଳ ଜଳ ସଂରକ୍ଷଣ ଆଦି ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ତେବେ ପୁଷ୍ଟିହୀନତାରେ ଆକ୍ରାନ୍ତ ଶିଶୁଙ୍କ ପୁଷ୍ଟି ସାଧନ ସହ ବର୍ଷା ଋତୁ ପାଇଁ ସମସ୍ତ ଶିଶୁଙ୍କୁ ସ୍ୱାସ୍ଥ୍ୟର ଯତ୍ନ ନେବାପାଇଁ ସଚେତନ କରାଇବାକୁ ଜିଲାପାଳ ରଞ୍ଜନ କୁମାର ଦାସ ବିଭିନ୍ନ ସମୟରେ ପରାମର୍ଶ ଦେଇଛନ୍ତି ।

### ବ୍ୟାସନଗର ପୌର ପରିଷଦରେ ହେବ ପଲିଥିନ୍ ନିଷେଧ

**ଯାଜପୁର ରୋଡ,୨୬।୯(ନି.ପ୍ର)**

ବ୍ୟାସନଗର ପୌର ପରିଷଦରେ ପଲଥିନ୍ ସମ୍ପୂର୍ଣ୍ଣ ନିଷେଧ କରାଯିବା ନେଇ ବାରମ୍ବାର ତାଗିଦ୍ କରାଯାଇଥିଲା। କିନ୍ତୁ ପଲଥିନ ବହୁଳଭାବେ ବ୍ୟବହାର ହୋଇଚାଲିଛି । ଜିଲା ପ୍ରଶାସକଙ୍କ ନିର୍ଦ୍ଦେଶକୁ ବ୍ୟବବସାୟୀମାନେ ନ

**ପୌରପରିଷଦ ପକ୍ଷରୁ ସ୍କ୍ୱାଡ୍ ଗଠନ**

ମାନିବାରୁ ପୌର ପ୍ରଶାସନ ପକ୍ଷରୁ ପଲିଥିନ ନିଷେଧକୁ କଡାକଡି କରାଯାଇଛି । ଏଥିପାଇଁ ଏକ ସ୍କ୍ୱାର୍ଡ ଗଠନ କରାଯାଇଛି । ବୁଧବାରଠାରୁ ଏହି ସ୍କ୍ୱାଡ ପୌର ପରିଷଦର ବିଭିନ୍ନ ଅଞ୍ଚଳରେ ଚଢାଉ ଆରମ୍ଭ କରିଛନ୍ତି। ଗୁରୁବାର ଗ୍ରୀନ ମାର୍କେଟ, ଧବଳଗିରି, କୁସୁନୁପୁର ସମେତ ବିଭିନ୍ନ ଅଞ୍ଚଳ ଚଢାଉ କରି ୫କିଲୋ ପଲିଥିନ ଜବତ କରିବା ସହିତ ପଲିଥିନ୍ ବ୍ୟବହାର କରୁଥିବା ବ୍ୟବସାୟୀ ଅନୁଷ୍ଠାନଗୁଡ଼ିକରୁ ୮୪୦୦ ଟଙ୍କା ଜରିମାନା ଆଦାୟ କରିଥିବା ପୌର ପରିଷଦ ନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ସୂଚନା ଦେଇଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି

**ବିଞ୍ଝାରପୁର,୨୬।୯(ଡି.ଏନ୍.ଏ)**

ବିଞ୍ଝାରପୁର ବ୍ଲକ ପରିସର ସଭାଗୃହ ପ୍ରକୋଷ୍ଠରେ ଗୁରୁବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅନ୍ତର୍ଗତ ବ୍ଲକସ୍ତରୀୟ ଜନଶୁଣାଣି ଓ ସାମାଜିକ ସମୀକ୍ଷା ବୈଠକ ଗୁରୁବାର ପୂର୍ବାହ୍ନରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ମିନତୀ ଜଗଦେବ, ବ୍ଲକ ଅଧକ୍ଷ ନନ୍ଦକିଶୋର ସାମଲ, ଅତିରିକ୍ତ ବିଡିଓ ଜ୍ଞାନେନ୍ଦ୍ର ଲେଙ୍କା ସହକାରୀ ଯନ୍ତ୍ରୀ ରଞ୍ଜନ କୁମାର ସାମଲ ସାମାଜିକ କର୍ମୀ ଚନ୍ଦ୍ରଶେଖର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏପିଓ ସୁନିତା ନାୟକ ବ୍ଲକରେ ୨୦୧୮-୧୯ ଆର୍ଥିକ ବର୍ଷରେ ବିଭିନ୍ନ ପଞ୍ଚାୟତରେ ହୋଇଥିବା ଏମ୍‌ଜିଏନ୍‌ଆରଇଜିଏସ୍ ଅନ୍ତର୍ଗତ ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବ୍ଲକରେ ୨୦୧୮-୧୯ ଆର୍ଥିକ ବର୍ଷରେ ବିଭିନ୍ନ ପଞ୍ଚାୟତରେ ୮କୋଟି ୧୫ଲକ୍ଷ ୮୪ହଜାର ଟଙ୍କା ବ୍ୟୟ କରାଯାଇଥିବାବେଳେ ୯୦୬୮ଗୋଟି ପରିବାରର ୨୧୨୧୮ ଜବକାର୍ଡ ମାଧ୍ୟମରେ ୩୧୪୯୮୪ ଶ୍ରମଦିବସ ସୃଷ୍ଟି କରାଯାଇପାରିଛି। ସେହିପରି ବିଭିନ୍ନ ପଞ୍ଚାୟତର ୭୧ଟି ପରିବାରକୁ ୧୦୦ଦିନର କାର୍ଯ୍ୟଦିବସ ଯୋଗାଇ ଦିଆଯାଇଥିବା ଏପିଓ ନାୟକ ସୂଚନା ଦେଇଥିଲେ । ସେହିପରି ଏହି ବ୍ଲକର ମାଁସଡା ଗ୍ରାପରେ ସର୍ବାଧିକ ୬୨ଲକ୍ଷ ୬୨ହଜାର ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଅରେଇ ପଞ୍ଚାୟତରେ ସର୍ବନିମ୍ନ ୮ଲକ୍ଷ ୩୯ହଜାର ଟଙ୍କା ବିଭିନ୍ନ ପ୍ରକଳ୍ପରେ ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଏହି ବୈଠକରେ ସରକାର ଧାର୍ଯ୍ୟ ଦୈନିକ ମଜୁରୀ ୧୮୮ଟଙ୍କା ହୋଇଥିବାରୁ ଯେଜନାରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନି ବୋଲି ଆଉଁରୀ ସରପଞ୍ଚ ସମରେନ୍ଦ୍ର ସାହୁ ମତ ପ୍ରକାଶ କରିଥିବାବେଳେ ବାଛୋଳ ସମିତିସଭ୍ୟ ସୁରେନ୍ଦ୍ର ସାହୁ ଏହି ଦୈନିକ ମଜୁରିକୁ ୩୦୦ଟଙ୍କାକୁ ବୃଦ୍ଧି କରିବାକୁ ବୈଠକରେ ଦାବି କରିଥିଲେ। ଏହି ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଯୋଗଦେଇଥିବାବେଳେ କାର୍ଯ୍ୟକ୍ରମକୁ ସମାଜ ମଙ୍ଗଳ ଅଧିକାରୀ ଧର୍ମେନ୍ଦ୍ର ସାହୁ, ସାମାଜିକ ସମିକ୍ଷିକା ଅଞ୍ଜଳୀ ଦାସ ସହଯୋଗ କରିଥିଲେ।



ବ୍ଲକସ୍ତରୀୟ ଜନଶୁଣାଣିରେ ଉପସ୍ଥିତ ଅଧିକାରୀ।

**କନିଷ୍ଠ ବିଶ୍ୱ ପେନକାକ୍ ସିଲଟ ପ୍ରତିଯୋଗିତା**

### ଯଶ୍ମିନ ଗେରୁଆଲଙ୍କୁ ବ୍ରୋଞ୍ଜ, ୨.୬୬ ଲକ୍ଷ ଟଙ୍କା ପୁରସ୍କାର

**ଯାଜପୁର ରୋଡ,୨୬।୯(ନି.ପ୍ର)**

ଗତ ଏପ୍ରିଲରେ ଥାଇଲାଣ୍ଡଠାରେ କନିଷ୍ଠ ୱାର୍ଲ୍ଡ ପେନକାକ୍ ସିଲଟ୍ ପ୍ରତିଯୋଗିତାରେ ଯାଜପୁର ରୋଡର ଝିଅ ଯଶ୍ମିନ୍ ଗେରୁଆଲ ବ୍ରୋଞ୍ଜପଦକ ହାସଲ କରିଛନ୍ତି । ଯଶ୍ମିନ୍ ଭାରତ ପାଇଁ ପ୍ରତିନିଧିତ୍ୱ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କୃତୀ ଯଶ୍ମିନ୍‌ଙ୍କୁ କ୍ରୀଡା ମନ୍ତ୍ରାଳୟ ପକ୍ଷରୁ ୨.୬୬ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି । ଏହି ଖବର ପ୍ରକାଶ ପାଇବା ପରେ ଯାଜପୁର ରୋଡ ସହରରେ ଓ ସେ ପଢୁଥିବା ସ୍କୁଲରେ ଖୁସିର ଲହରୀ ଖେଳିଯାଇଛି । ଯଶ୍ମିନ ଯାଜପୁରସ୍ଥିତ ସେଣ୍ଟମେରି ସ୍କୁଲର ୧୦ମ ଶ୍ରେଣୀର ଛାତ୍ରୀ । ଓଡ଼ିଶା ପେନକାକ୍ ସାଧାରଣ ସମ୍ପାଦକ ପ୍ରେମ ସିଂ ଥାପା, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ଭଞ୍ଜ, ଓଡ଼ିଶା ଓ ଯାଜପୁର ପେନକାକ୍ ସିଲଟ କର୍ମକର୍ତ୍ତାମାନେ ଯଶ୍ମିନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

### ଯୌତୁକ ଦାବିରେ ନବବଧୂଙ୍କୁ ବିଷ ପିଆଇ ହତ୍ୟା ଅଭିଯୋଗ

**ରସୁଲପୁର,୨୬।୯(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଜାବରା ପଞ୍ଚାୟତ ଶିଆଳିଆ ଗ୍ରାମରେ ଲିସା ମଲିକ(୨୦) ନାମକ ଜଣେ ନବବଧୂଙ୍କୁ ହତ୍ୟା କରାଯାଇଥିବା ନେଇ ବୁଧବାର ରାତିରେ କୁଆଖିଆ ଥାନାରେ ଅଭିଯୋଗ ହୋଇଛି । ମୃତ ମହିଳାଙ୍କ ବାପା ଗାନ୍ଧୀ ମଲିକ ତାଙ୍କ ଝିଅକୁ ଶାଶୁ ଘରଲୋକେ ଯୌତୁକ ଦାବିକରି ବିଷ ପିଆଇ ମାରି ଦେଇଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଏ ସମ୍ପର୍କରେ ଥାନାରେ ଏକ ମାମଲା(ନଂ- ୨୩୭/୧୯) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ଘଟଣାରୁ ପ୍ରକାଶ ୨୦୧୮, ଏପ୍ରିଲ ୧୦ତାରିଖରେ ପାଣିକୋଇଲି ଥାନା ଅନ୍ତର୍ଗତ ମସୁଦପୁର ଗ୍ରାମର ଗାନ୍ଧୀଙ୍କ ଝିଅ କୁଆଖିଆ ଥାନା ଅନ୍ତର୍ଗତ ସିଆଳିଆ ଗ୍ରାମର ଅମୁଲ୍ୟ ମଲିକଙ୍କ ପୁଅ ମୁନା(୨୩)ଙ୍କ ସହ ବୈଦିକ ରୀତିନୀତିରେ ବିବାହ ସମ୍ପନ୍ନ ହୋଇଥିଲା । ବିବାହ ସମୟରେ ଝିଅ ଘର ପକ୍ଷରୁ ଦାବି ମୁତାବକ ଜାନିଯୌତୁକ ଦିଆଯାଇଥିଲା । ମାତ୍ର ଶାଶୁଘର ଲୋକେ ଅଧିକ ଯୌତୁକ ଦାବିକରି ଲିସାଙ୍କୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ବୁଧବାର ଲିସା ବିଷପିଇ ଦେଇଛି ବୋଲି ଶ୍ୱଶୁର ଅମୁଲ୍ୟ ସମୁଦି ଗାନ୍ଧୀଙ୍କୁ ଫୋନ ଯୋଗେ ଜଣାଇବା ସହ ତାକୁ ଚିକିତ୍ସା ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ଆଣିଛନ୍ତି ବୋଲି କହିଥିଲେ। ଏହି ଖବର ଜାଣି ଝିଅ ଘର ଲୋକେ ଡାକ୍ତରଖାନାରେ ପହଞ୍ଚି ସେମାନଙ୍କୁ ନ ପାଇ ଫୋନ ଯୋଗେ ଯୋଗାଯୋଗ କରିଥିଲେ। ତେବେ ଡାକ୍ତର ଫେରାଇ ଦେବାରୁ ସେମାନେ କଟକସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଲିସାଙ୍କୁ ଭର୍ତ୍ତି କରିଥିଲେ ଏବଂ ସେଠାରେ ତାର ମୃତ୍ୟୁ ହୋଇଯାଇଛି ବୋଲି ସୂଚନା ଦେଇଥିଲେ। ଏହା ଜାଣି ଝିଅକୁ ଶ୍ୱଶୁର ଘର ଲୋକ ବିଷ ଦେଇ ହତ୍ୟା କରିଥିବା ନେଇ ଗାନ୍ଧୀ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। କଟକରେ ଶବ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଶାର୍ଟରେ ମଇଳା ଲାଗିଛି କହି ଦେଢ଼ଲକ୍ଷ ଲୁଟି ନେଲେ

**ଚଣ୍ଡିଖୋଲ,୨୬।୯(ଡି.ଏନ୍.ଏ.)**

ବଡ଼ଚଣା ଥାନା ନିକଟସ୍ଥ ବଡ଼ଚଣା ବଜାରରୁ ଗୁରୁବାର ଦୁଇଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କଠାରୁ ଅଭିନବ ଉପାୟରେ ଦେଢ଼ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିତଳ ଗ୍ରାମର ଶ୍ୟାମସୁନ୍ଦର ଦାସ ବିଞ୍ଝାରପୁର ତହସିଲ ଅଧିନରେ ରାଜସ୍ୱ ନୀରିକ୍ଷକ ଭାବେ କାର୍ଯ୍ୟ କରନ୍ତି। ସେ ଗୁରୁବାର ଜାରକାସ୍ଥିତ ୟୁକୋ ବ୍ୟାଙ୍କ ଶାଖାରୁ ଦେଢ଼ଲକ୍ଷ ଟଙ୍କା ଉଠାଇ ବସ୍ ଯୋଗେ ଆସି ବଡ଼ଚଣା ଛକରେ ଓହ୍ଲାଇଥିଲେ। ବାଇକ ଯୋଗେ ଆସିଥିବା ୨ରୁ ୩ଜଣ ଅପରିଚିତ ଯୁବକ ତୁମ ଶାର୍ଟରେ ମଇଳା ଲାଗିଛି ବୋଲି କହିଥିଲେ। ଏହା ଶୁଣି ଶ୍ୟାମସୁନ୍ଦର ନିକଟରେ ଥିବା ଏକ ନଳକୂପରେ ସାର୍ଟକୁ ଧୋଉଥିବାବେଳେ ହଠାତ ଯୁବକମାନେ ତାଙ୍କ ଟଙ୍କା ବ୍ୟାଗକୁ ଝାମ୍ପି ନେଇ ବାଇକ ଯୋଗେ ପଳାଇଯାଇଥିଲେ। ବଜାର ବନ୍ଦ ଥିବାରୁ ଶ୍ୟାମସୁନ୍ଦର ପାଟି କରିଥିଲେ ମଧ ସେଠାରେ କେହି ପହଞ୍ଚି ପାରି ନ ଥିଲେ। ଫଳରେ ଦୁର୍ବୃତ୍ତମାନେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଏ ସମ୍ପର୍କରେ ଶ୍ୟାମସୁନ୍ଦର ବଡ଼ଚଣା ଥାନାରେ ଅଭିଯୋଗ କରିଥିଲେ ମଧ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ନାବାଳିକା ଅପହରଣ, ଥାନାରେ ମାମଲା

**ରସୁଲପୁର,୨୬।୯(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତ ସାହାପଡ଼ା ଗ୍ରାମର ଜନୈକ ନାବାଳିକାଙ୍କୁ ମଙ୍ଗଳବାର ରାତିରେ ଅପହରଣ କରାଯାଇଥିବା ନେଇ ଗୁରୁବାର ନାବାଳିକାଙ୍କ ବାପା ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

### ବ୍ଲକରେ ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ୩ ବିଧାୟକ

**ରସୁଲପୁର,୨୬।୯(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଅପରାହ୍ନରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ କୁମାର ବଳ, ବରୀ ବିଧାୟିକା ସୁନନ୍ଦା ଦାସ ବ୍ଲକର ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ସମୀକ୍ଷାରେ ବିଧାୟକମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗୋପବନ୍ଧୁ ଗ୍ରାମ୍ୟ ଜ୍ୟୋତି ଯୋଜନା, ୪ର୍ଥ ରାଜ୍ୟ ଅର୍ଥ କମିଶନ, ୧୪ତମ କେନ୍ଦ୍ରୀୟ ଅନୁଦାନ, ସ୍ୱତନ୍ତ୍ର ସମସ୍ୟା ଓ ଉନ୍ନୟନ ମୂଳକ ଯୋଜନା ପାଣ୍ଠି,ସାଂସଦ, ବିଧାୟକ ପାଣ୍ଠି, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ପାଣ୍ଠି, ସିମେଟ କଂକ୍ରିଟ ରାସ୍ତା ଅନୁଦାନରେ ଛୋଟ ପୋଲ ମରାମତି, ଆଇଏପି ପାଣ୍ଠି, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ଭଳି ଯୋଜନାରେ ଅଗ୍ରଗତି ସମ୍ପର୍କରେ ପଚାରି ବୁଝିଥିଲେ। ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୫-ଟିକୁ କାର୍ଯ୍ୟକାରୀ କରିବା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ବୈଠକରେ କୁହାଯାଇଥିଲା। ଉକ୍ତ ସମୀକ୍ଷା କାର୍ଯ୍ୟରେ ପଞ୍ଚାୟତ ସମିତି ଅଧକ୍ଷା ସାରତୀ ଜେନା, ରସୁଲପୁର ବିଡିଓ ଉମାକାନ୍ତ ପରିଡା, ଏବିଡିଓ ଅସିତ୍ କୁମାର ପାତ୍ର ପ୍ରମୁଖ ଯୋଗଦେଇ ବିଧାୟକଙ୍କୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।


ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଗୁରୁବାର ଧର୍ମଶାଳା, କୋରେଇ ଓ ବରୀ ବିଧାୟକ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

# ଦୁର୍ଘଟଣା ହ୍ରାସ କରିଛି ବ୍ୟାପକ ଧରପଗଡ଼

**ଯାଜପୁର ଜିଲାରେ ସଡ଼କ ଦୁର୍ଘଟଣା**

- ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଅସହଯୋଗ
- ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ୧୦୧ ମୃତ

**ଯାଜପୁର ଅଫିସ,୨୬।୯**

ଯାଜପୁର ଜିଲାରେ ଗତ ଏପ୍ରିଲ ଠାରୁ ଅଗଷ୍ଟ ପର୍ଯ୍ୟନ୍ତ ୨୦୮ଟି ଦୁର୍ଘଟଣା ଘଟିଛି। ସଂଘଟିତ ହୋଇଛି । ଏଥିରେ ୧୦୧ଜଣଙ୍କ ମୃତ୍ୟୁ ଘଟିଛି। ତେବେ ଚଳିତ ମାସ ପ୍ରଥମରୁ ନୂଆ ମୋଟର ଯାନ ଆଇନ କଡ଼ାକଡ଼ି ଲାଗୁ ହେବା ପରଠାରୁ ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଅପେକ୍ଷାକୃତ ହ୍ରାସ ପାଇଛି। ଅର୍ଥାତ୍ ଗତ ୨୬ଦିନରେ ଦୁର୍ଘଟଣାରେ ମାତ୍ର ୧୪ଜଣଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ତେବେ ଏନ୍‌ଏଚ୍‌ଏଆଇ(ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ) କର୍ତ୍ତୃପକ୍ଷଙ୍କ ମନମାନି, ଅବହେଳା ଓ ଜିଲା ପ୍ରଶାସନକୁ ଅସହଯୋଗ ସଡକ ସୁରକ୍ଷା ପ୍ରତି ଅବମାନନା ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଆହୁତ ବୈଠକରେ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ଆଲୋଚନାରେ ଭାଗ ନେଉ ନ ଥିବାରୁ ନିଷ୍ପତ୍ତି ସବୁ ଅଧପନ୍ତରିଆ ରହୁଛି ବୋଲି ଜିଲାପାଳ ରଞ୍ଜନ କୁମାର ଦାସ ପ୍ରକାଶ କରିବା ସହ କ୍ଷୋଭବ୍ୟକ୍ତ ମଧ କରିଛନ୍ତି। ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସଡ଼କ ସୁରକ୍ଷା ସମ୍ପର୍କିତ ମାସିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଅଧକ୍ଷତା କରି ଗତ ମାସ ଅପେକ୍ଷା ଅଗଷ୍ଟ ଓ ସେପ୍ଟେମ୍ବରରେ ସଡ଼କ ଦୁର୍ଘଟଣା ଓ ମୃତ୍ୟୁ ହାର ହ୍ରାସ ହେବା ଏକ ଶୁଭ ସୂଚନା ବୋଲି କହିଥିଲେ। ବ୍ୟାପକ ମାତ୍ରାରେ ଧରପଗଡ ହେଉଛି ସବୁଠୁ ବଡ଼ ସଚେତନତା। ସରକାର ୩ମାସ ପାଇଁ ବିଭିନ୍ନ କାଗଜ ପତ୍ର ପ୍ରସ୍ତୁତ କରିବାକୁ ମହଲତ ଦେଇଛନ୍ତି, କିନ୍ତୁ ଚଢାଉ ଜାରି ରଖାଯାଉ। ଏହି ଚଢାଉରେ ହେଲ୍‌ମେଟ୍, ଦ୍ରୁତ ଗାଡ଼ି ଚାଳନା, ଓଭରଟେକିଂ, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର ଓ ମଦ୍ୟପାନ କରି ଗାଡ଼ି ଚାଳନାକୁ କଠୋର ଭାବେ ଯାଞ୍ଚ କରାଯିବା ଆବଶ୍ୟକ । ନିୟମ ଉଲ୍ଲଂଘନକାରୀଙ୍କୁ ଆର୍ଥିକ ଦଣ୍ଡ ହିଁ ସଚେତନ କରାଇପାରିବ। ସେହିପରି ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷ ନିୟମିତ ବୈଠକରେ ଯୋଗ ନ ଦେବା, ସେମାନଙ୍କ ରାସ୍ତାଗୁଡ଼ିକୁ ମରାମତି କରିବା, ବିଭିନ୍ନ ସଚେତନତାମୂଳକ ସାଇନ ଏଜ ବା ଫଳକ ଲଗାଇବା, ଆବଶ୍ୟକୀୟ ଲାଇଟ ବ୍ୟବସ୍ଥା ଇତ୍ୟାଦି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସଡ଼କ ସୁରକ୍ଷା ପାଇଁ ସେମାନଙ୍କର ଆକ୍ସନ ପ୍ଲାନ ପ୍ରସ୍ତୁତ କରି ସେପ୍ଟେମ୍ବର ୩୦ସୁଦ୍ଧା ଜଣାଇବା ସହ ଅକ୍ଟୋବର ୧୫ସୁଦ୍ଧା ସମସ୍ତ ମରାମତି ଓ ନିରାପତ୍ତା କାର୍ଯ୍ୟକୁ ସମାପ୍ତ କରିବାକୁ ଜିଲାପାଳ ଚେତାବନୀ ଦେଇଥିଲେ। ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା ଯୋଗଦେଇ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କ ଅସହଯୋଗ ଦୁଃଖଦାୟକ ବୋଲି କହିବା ସହ ଗୋଟିଏ ବିଭାଗର ଅବହେଳା ଅନ୍ୟ ସମସ୍ତ ବିଭାଗର ସଫଳତାକୁ କ୍ଷତି ପହଞ୍ଚାଏ ବୋଲି ମତ ଦେଇଥିଲେ। ଗତ ୨ମାସରେ ପୋଲିସ ଓ ପରିବହନ ବିଭାଗର ମିଳିତ ଚଢ଼ାଉ ବେଶ୍ ଫଳପ୍ରଦ ହୋଇଛି ଓ ଏହା ଜାରି ରହିବ ବୋଲି ସେ କହିଥିଲେ। ଜୁଲାଇ ଓ ଅଗଷ୍ଟ ମାସରେ ଜିଲାରେ ମୋଟ ୧୧୭୮ଟି ଓଭର ସ୍ପିଡ ଧରାହୋଇ ୧୮୩ ଜଣଙ୍କ ଲାଇସେନ୍ସ ବାତିଲ ହୋଇଛି । ୬୦ଜଣ ମଦ୍ୟପାନ କରିଥିବା ଚାଳକଙ୍କୁ ଧରାଯାଇ ୨୨ ଜଣଙ୍କ ଲାଇସେନ୍ସ ବାତିଲ ହୋଇଛି। ମୋବାଇଲ ବ୍ୟବହାର କରି ଗାଡ଼ି ଚାଳନା କ୍ଷେତ୍ରରେ ୨୪୦ ଜଣଙ୍କୁ ଧରାଯାଇ ୧୬୪ ଜଣଙ୍କ ଲାଇସେନ୍ସ ବାତିଲ, ଓଭରଲୋଡିଂ କ୍ଷେତ୍ରରେ ୧୧୭ ଟିରୁ ୪୪ ଜଣଙ୍କର ଲାଇସେନ୍ସ ବାତିଲ, ସାମଗ୍ରୀ ନେବା ଗାଡିରେ ପାସେଞ୍ଜର ନେଉଥିବା ୭୬ ଗାଡ଼ିରୁ ୪୬ ଜଣଙ୍କ ଲାଇସେନ୍ସ ବାତିଲ, ବିନା ହେଲ୍‌ମେଟରେ ଗାଡି ଚାଳନାରେ ୭୫୦୪ ଜଣଙ୍କୁ ଧରପଗଡ଼, ଟ୍ରାଫିକରେ ରେଡ ଲାଇଟ୍ ଟପି ଥିବାରୁ ୬ ଜଣଙ୍କୁ, ସିଟ୍ ବେଲ୍ଟ ବାନ୍ଧି ନ ଥିବାରୁ ୧୦୮୭ ଜଣଙ୍କୁ ଧରାଯାଇଥିବା ବେଳେ ଭୁଲ ରାସ୍ତାରେ ଡ୍ରାଇଭିଂ ବା ପାର୍କିଂ କରିଥିବାରୁ ୩୦ ଜଣଙ୍କୁ ଧରାଯାଇ ୭ ଜଣଙ୍କର ଲାଇସେନ୍ସ ବାତିଲ କରାଯାଇଥିଲା । ଏହି ଧରପଗଡରେ ମୋଟ ୨୭,୮୦,୪୮୨ ଟଙ୍କା ଆଦାୟ ହୋଇଛି ବୋଲି ସୂଚନା ଦିଆଯାଇଛି ।


ଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଆରକ୍ଷୀ ଅଧୀକ୍ଷକଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ।



ରାଗ, ଦ୍ୱେଷ, ଈର୍ଷା ମନ ଭିତରେ ଥିଲେ
ପୂଜାପାଠ, ଭଜନ କୀର୍ତ୍ତନ ନିରର୍ଥକ।
-ସନ୍ଥ ଏକନାଥ



## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ, ଯୁବକ ଗିରଫ

**ସୁକିନ୍ଦା,୨୬।୯ (ଡି.ଏନ୍.ଏ.):** ଯାଜପୁର ଜିଲା ସୁକିନ୍ଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପରହଣ କରାଯାଇଥିବା ନେଇ ଗତ ୧୯ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ନାବାଳିକାଙ୍କ ବାପାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନ.°୨୨୫/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ବୁଧବାର ଯୁବକ ଜଣଙ୍କ ନାବାଳିକାଙ୍କୁ ନେଇ ଗ୍ରାମକୁ ଆସିଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ଯୁବକ ଜଣଙ୍କ ନିରଞ୍ଜନ ମହାନ୍ତି। ଗୁରୁବାର ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ପରେ ନିରଞ୍ଜନଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ଏଥିସହ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ବିଚିତ୍ରା ନନ୍ଦ ସେଠୀ ସୂଚନା ଦେଇଛନ୍ତି। ଗତ ୧୮ ତାରିଖରେ ନିରଞ୍ଜନ ନାବାଳିକାଙ୍କୁ ଅପହରଣ କରି ନେଇଥିଲେ।

### ମୋ ସରକାର ଯୋଜନା ତଦାରଖ କଲେ ଜିଲାପାଳ

**ବିଞ୍ଝାରପୁର,୨୬।୯(ଡି.ଏନ୍.ଏ.):** ବିଞ୍ଝାରପୁର ବ୍ଲକରେ ମୋ ସରକାର ଯୋଜନା କିପରି ଚାଲିଛି ତାହା ତଦାରଖ କରିବାକୁ ବୁଧବାର ପୂର୍ବାହ୍ନରେ ଜିଲାପାଳ ରଞ୍ଜନ କୁମାର ଦାସ ଅଚାନକ ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ଗସ୍ତ କରିଥିଲେ। ଏହି ଗସ୍ତ ସମୟରେ ଜିଲାପାଳ ଦାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବିଞ୍ଝାରପୁର ଥାନା, ବ୍ଲକ ଓ ତହସିଲ ଗସ୍ତ କରି ସେଠାରେ ଉପସ୍ଥିତ ଲୋକଙ୍କୁ ସେମାନଙ୍କ ସମସ୍ୟା କଥା ପଚାରି ବୁଝିଥିଲେ। ଏଥିସହ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ମୋ ସରକାର ଯୋଜନାରେ ଆପତ୍ତି ଅଭିଯୋଗ ନେଇ ଆସୁଥିବା ଲୋକଙ୍କ ସହିତ କିଭଳି ଅଧିକାରୀମାନେ ବ୍ୟବହାର ପ୍ରଦର୍ଶନ କରିବେ ଓ ସେମାନଙ୍କୁ କିପରି ଉତ୍ତମ ସେବା ଯୋଗାଇ ଦେବେ ସେନେଇ ଜିଲାପାଳ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଏହି ଗସ୍ତରେ ଜିଲାପାଳଙ୍କ ସହିତ ବିଞ୍ଝାରପୁର ବିଡିଓ ମିନତୀ ଜଗଦେବ, ଥାନା ଅଧିକାରୀ ଶିବଚରଣ ବେହେରା ଉପସ୍ଥିତ ରହିଥିଲେ। ଜିଲାପାଳ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଅଚାନକ ଗସ୍ତ କରି ୫-ଟି ଉପରେ ଗୁରୁତ୍ୱ ଦେଇଥିବାରୁ ସାଧାରଣରେ ଲୋକେ ଜିଲାପାଳଙ୍କୁ ସ୍ୱାଗତ ଜଣାଇଛନ୍ତି।

# ବଜାରରେ ବିକ୍ରି ହେଉଛି ନକଲି ସାର

## ଚିନ୍ତାରେ ଚାଷୀ

**ଚଣ୍ଡିଖୋଲ, ୨୬।୯(ଡି.ଏନ.ଏ)**

ବର୍ତ୍ତମାନ ଧାନ ଚାଷ ପାଇଁ ସାରର ଆବଶ୍ୟକତାକୁ ଦୃଷ୍ଟିରେ ରଖି କିଛି ଖଳ ପ୍ରକୃତିର ବ୍ୟବସାୟୀ ସାରର କଳାବଜାର କରୁଛନ୍ତି। ଏହା ସହ ଚାଷୀଙ୍କୁ ଠକିବା ପାଇଁ ନକଲି ସାର ବଜାରରେ ପସରା ଖୋଲିଛି। ଆଉ ଏହି ସାରକୁ ଚାଷୀମାନେ ଜମିରେ ପକାଇଲା ପରେ କୌଣସି ସୁଫଳ ନ ପାଇବାରୁ ସେମାନଙ୍କ ଚିନ୍ତା ବଢ଼ିଯାଇଛି। ଗତ କିଛି ଦିନ ଧରି ବଡ଼ଚଣା ବ୍ଲକ ଅନ୍ତର୍ଗତ ଚଣ୍ଡିଖୋଲ, ଛତିଆ, ବାଲିଚନ୍ଦ୍ରପୁର, ବାଲିକୁଦା ଆଦି ବଜାରରେ ନକଲି ସାର ବିକ୍ରି ହେଉଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ଗ୍ରୋମର ୨୮/୨୮ ସାରର ମୂଲ୍ୟ ବଜାରରେ ୧୪୫୦ ଟଙ୍କା ବସ୍ତା ପ୍ରତି ବିକ୍ରି ହେଉଥିବାବେଳେ ଏହାର ନକଲି କରାଯାଇ ୧୨୫୦ ଟଙ୍କା ବସ୍ତା ପ୍ରତି ବିକ୍ରି କରାଯାଉଛି। ସରକାରୀ ଧାର୍ଯ୍ୟ ମୂଲ୍ୟ ୧୩୫୦ ଟଙ୍କା ହୋଇଥିବା ବେଳେ ଏହାକୁ କିପରି କମ୍ ଦାମରେ ବିକ୍ରୟ କରାଯାଉଛି ତାହା ସନ୍ଦେହ ଘେରକୁ ଚାଲି ଆସିଛି। ବିଶେଷକରି ସାରର ଗୁଣବତ୍ତା ନେଇ ପ୍ରଶ୍ନ ଉଠୁଛି। ସେହିଭଳି ଗ୍ରୋମର ୨୦/୨୦, ପଟାସ, ନବରତ୍ନ ଓ ଡିଏପି ସାର ର ବ୍ୟାପକ ନକଲି କରାଯାଉଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଜଗତପୁରଠାରେ ଏହି ନକଲି ସାରର କାରଖାନା ରହିଛି। ସେଠାରେ ବିଭିନ୍ନ ସାରକୁ ମିଶ୍ରଣ କରାଯାଇ ଏହାକୁ ନୂଆ ପ୍ୟାକେଟରେ ଭର୍ତ୍ତି କରାଯାଇ ଛଡ଼ା ଯାଉଛି। ତେବେ ଗ୍ରୋମର ଓ ନବରତ୍ନରେ ଯୁରିଆ ସାର ମିଶ୍ରଣ କରାଯାଉଛି। ଏହି ନକଲି ସାରର ବଜାର ଚାହିଦା ପାଇଁ କେତେକ ସ୍ଥାନରେ ଗୋଦାମ ଘର କରାଯାଇ ମହଜୁଦ ରଖାଯାଇଛି। ଚଣ୍ଡିଖୋଲରେ ଏହି ନକଲି ସାରର ଗୋଦାମ ରହିଥିବାବେଳେ ଏଠାରୁ ବିଭିନ୍ନ ଗାଡ଼ିରେ ବାହାରକୁ ଚାଲାଣ ହେଉଛି। ଗ୍ରାମାଞ୍ଚଳରେ ଖୋଲା ଯାଇଥିବା ଛୋଟଛୋଟ ସାର ଦୋକାନୀଙ୍କୁ ନକଲି ସାର ଯୋଗାଇ ଦେଇ ବଡ଼ବଡ଼ ମୁନାଫା ଖୋର କଳା ବ୍ୟବସାୟୀମାନେ ବ୍ୟାପକ ଲାଭବାନ ହେଉଛନ୍ତି। ଚାଷୀମାନେ ଯେପରି ନକଲି ସାର ନ ଜାଣି ପାରିବେ ସେଥିପାଇଁ କମ୍ପାନୀ ଦ୍ୱାରା ପ୍ରସ୍ତୁତ ଅବିକଳ ଅଖାର ନକଲ କରାଯାଇ ସେଥିରେ ପ୍ୟାକିଙ୍ଗ କରାଯାଇ ବଜାରକୁ ଛଡ଼ାଯାଉଛି। ଚାଷୀ ଏହି ସାରକୁ ନେଇ ଜମିରେ ବ୍ୟବହାର କରୁଥିଲେ ସୁଦ୍ଧା କୌଣସି ସୁଫଳ ପାଇ ପାରି ନାହାନ୍ତି। କୃଷି ବିଭାଗ ତରଫରୁ ଏ ସମ୍ପର୍କରେ ତଦନ୍ତ କରାଯାଉ ନ ଥିବାରୁ ଚାଷୀମାନେ ଠକାମୀର ଶିକାର ହେଉଥିବା ନବନିର୍ମାଣ କୃଷକ ସଂଗଠନ ଅଭିଯୋଗ କରିଛି। ଏହି ନକଲି ସାର ଓ ସାରର କଳାବଜାରକୁ ବନ୍ଦ କରିବାକୁ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ନବନିର୍ମାଣ କୃଷକ ସଂଗଠନର ସହ ସଂଯୋଜକ ଅଶୋକ କୁମାର ଶାନ୍ତି ଓ ବଡ଼ଚଣା ବ୍ଲକ ସଂଯୋଜକ ନଗେସ କୁମାର ଜେନା ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଶରତ ଚନ୍ଦ୍ର ପୃଷ୍ଟିଙ୍କୁ ପଚାରିବାରେ ସେ ସାରର କଳାବଜାର ନେଇ ବିଭିନ୍ନ ସ୍ଥାନରେ ବିଭାଗୀୟ ଅଧିକାରୀମାନେ ଚଢ଼ାଉ କରୁଛନ୍ତି। ତେବେ ନକଲି ସାର ସମ୍ପର୍କରେ ଆମେ ଖବର ପାଇନାହୁଁ ତେବେ ଏ ସମ୍ପର୍କରେ ତଦନ୍ତ କରାଯିବ ବୋଲି ପୃଷ୍ଟି କହିଛନ୍ତି।

### ମଦଦୋକାନରୁ ପୁଣି ଚୋରି

**ଦଶରଥପୁର,୨୬।୯(ଡିଏନ୍ଏ)**

ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତରେ କିଛି ମାସ ତଳେ ଖୋଲା ଯାଇଥିବା ଏକ ସରକାରୀ ମଦ ଦୋକାନରୁ ଲଗାତର ଦୁଇଥର ଚୋରି ହେଲାଣି। ବୁଧବାର ରାତିରେ ପୁଣିଥରେ ଚୋରି ହୋଇଥିଲେ ହେଁ ମାତ୍ର ପୋଲିସ ଲୁଟେରାଙ୍କୁ ଠାବ କରିପାରୁ ନାହିଁ। ଏହି ସରକାରୀ ମଦ ଦୋକାନ ପକ୍ଷରୁ ଦୋକାନ ପରିଚାଳକ ନଟବର ସାହୁ ଦେଇଥିବା ଏତଲାରେ ଦର୍ଶାଇଛନ୍ତି ଯେ, ବୁଧବାର ରାତି ୧୦ଟା ପରେ ଦୋକାନ ବନ୍ଦ କରି ସମସ୍ତ କର୍ମଚାରୀ ଘରକୁ ଚାଲି ଯାଇଥିଲେ। ମାତ୍ର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମଦ ଦୋକାନ ଛାତର ଟିଣକୁ ବାହାର କରି ଦୋକାନରୁ ଲକ୍ଷାଧିକ ଟଙ୍କାର ମଦ ସହ ସିସି ଟିଭିର କ୍ୟାମେରା ଏବଂ ଏଥିରେ ବ୍ୟବହୃତ ହାର୍ଡ଼ଡିସ୍କକୁ ଲୁଟେରାମାନେ ନେଇ ଚାଲିଯାଇଥିଲେ। ଗୁରୁବାର ନଟବର ଏନେଇ ମଙ୍ଗଳପୁର ଥାନାରେ ଏତଲା ଦେଇଥିଲେ।

### ୩୦ବର୍ଷ ଧରି ବନ୍ଦ କୋଠାରିରେ ରମାକାନ୍ତ

# ସହାୟତାର ହାତ ବଢ଼ାଇଲେ ଜିଲାପାଳ

**ଯାଜପୁର ଟାଉନ,୨୬।୯(ଡିଏନଏ)**

ଏକ ବନ୍ଦ କୋଠରିରେ ୩୦ବର୍ଷ ଧରି ପଡ଼ି ରହିଥିବା ମାନସିକ ବିକାରଗ୍ରସ୍ତ ଯୁବକ ରମାକାନ୍ତ ବେହେରାଙ୍କ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସହାୟତାର ହାତ ବଢ଼ାଇଛି ଜିଲା ପ୍ରଶାସନ। ଗୁରୁବାର ଅପରାହ୍ନରେ ଜିଲାପାଳ ରଞ୍ଜନ କୁମାର ଦାସ ରମାକାନ୍ତଙ୍କ ପରିବାରବର୍ଗଙ୍କୁ ଭେଟି ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବିଜୁ ପକ୍କାଘର ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରିବା ସହ ରାଶନକାର୍ଡ ପ୍ରଦାନ କରିଥିଲେ। ଜିଲାପାଳଙ୍କ ଏଭଳି ପଦକ୍ଷେପ ପରେ ଶିକୁଳିରେ ବନ୍ଧା ହୋଇଥିବା ରମାକାନ୍ତଙ୍କ ମୁକୁଳିବାର ଆଶା ସୃଷ୍ଟି ହୋଇଛି। ଦୀର୍ଘ ୩୦ବର୍ଷ ଧରି ଗୋଟିଏ କୋଠରୀରେ ଦିନ କାଟୁଥିବା ଉଦୟପୁର ଗାଁର ରମାକାନ୍ତ ବେହେରାଙ୍କ ନୂତନ ଜୀବନ ପାଇବେ ବୋଲି ଆଶା କରାଯାଉଛି। ଜିଲାପାଳ ନିଜେ ରମାକାନ୍ତ ଓ ତାଙ୍କ ପରିବାରଙ୍କୁ ଭେଟି ସମସ୍ତ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥି ସହିତ ରମାକାନ୍ତଙ୍କ ସମସ୍ତ ଚିକିତ୍ସା ପାଇଁ ବ୍ୟବସ୍ଥା ମଧ୍ୟ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏଠାରେ ସୂଚନା ଯୋଗ୍ୟ ରମାକାନ୍ତ ପୂର୍ବରୁ ସୁସ୍ଥ ଜୀବନଯାପନ କାଟୁଥିବା ବେଳେ ହଠାତ୍ ରୋଗଗ୍ରସ୍ତ ହେବାପରେ ତାଙ୍କର ମାନସିକ ବିକୃତି ଦେଖାଦେଇଥିଲା। ଯାହା ଫଳରେ ଆଜକୁ ସେ ୩୦ବର୍ଷ ହେବ ତାଙ୍କୁ ତାଙ୍କ ପରିବାର ଲୋକେ ଗୋଟିଏ ଘରେ ଶିକୁଳିରେ ବାନ୍ଧି ରଖିଥିଲେ। ଜିଲାପାଳଙ୍କ ସହ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଦଶରଥପୁର ବିଡିଓ ନାରାୟଣ ଚନ୍ଦ୍ର ନାୟକ, ସୂଚନା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ରମାକାନ୍ତଙ୍କ ପରିବାରକୁ ଭେଟିଥିବା ଜଣାପଡ଼ିଛି।



ଜିଲାପାଳ ରମାକାନ୍ତଙ୍କ ପରିବାର ସହିତ ଆଲୋଚନା କରୁଛନ୍ତି।

**ଚିକିତ୍ସାର ସମସ୍ତ ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି**

### ଶିଶୁପୁତ୍ରକୁ ଧରି ପ୍ରେମିକଙ୍କ ସହ ମହିଳା ଫେରାର

**ଧର୍ମଶାଳା,୨୬।୯(ଡି.ଏନ୍.ଏ.)**

ଧର୍ମଶାଳା ଥାନା ଅଞ୍ଚଳର ଜଣେ ମହିଳା ନିଜ ୫ ବର୍ଷର ଶିଶୁପୁତ୍ରକୁ ଧରି ପ୍ରେମିକଙ୍କ ସହିତ ଫେରାର ହୋଇଯାଇଛନ୍ତି। ଏ ନେଇ ଗୁରୁବାର ମହିଳାଙ୍କ ସ୍ୱାମୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୋଗ ଆଧାରରେ ଏକ ମାମଲା (ନଂ.୪୨୪/୧୯) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, ୧୨ ବର୍ଷ ତଳେ ସେ ଭଦ୍ରକ ଜିଲା ତିହିଡି ଅଞ୍ଚଳର ସମ୍ପୃକ୍ତ ମହିଳାଙ୍କୁ ବିବାହ କରିଥିଲେ। ତାଙ୍କର ୧୦ ଓ ୫ ବର୍ଷର ଦୁଇଟି ପୁତ୍ର ଅଛନ୍ତି। ତେବେ କୁଆଖିଆ ଥାନା ଅଞ୍ଚଳର ସଂଗ୍ରାମ ନାୟକ ତାଙ୍କ ସ୍ତ୍ରୀଙ୍କ ସହ ବିଭିନ୍ନ ସମୟରେ ଫୋନରେ କଥା ହେଉଥିଲେ। ଏପରି କି ତାଙ୍କ ଅନୁପସ୍ଥିତିରେ ଘରକୁ ଆସୁଥିଲେ। ଏହା ଜାଣିବା ପରେ ସେ ବାରଣ କରିଥିଲେ। ଗତ ମଙ୍ଗଳବାର ସେ ବଜାରକୁ ଯାଇଥିଲେ। ଘରକୁ ଫେରିବା ପରେ ସ୍ତ୍ରୀ ଓ ୫ବର୍ଷର ଶିଶୁପୁତ୍ରଙ୍କୁ ପାଇ ନ ଥିଲେ। ସେମାନଙ୍କୁ ସଂଗ୍ରାମ ନେଇଯାଇଥିବା ଜାଣିବା ପରେ ସେ ଥାନାରେ ଅଭିଯୋଗ କରିଛନ୍ତି।

## ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ

**ଧର୍ମଶାଳା/ଜେନାପୁର, ୨୬।୯(ଡି.ଏନ୍.ଏ.)**

**ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ**

ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ଚକ୍ରଧରପୁର ଗ୍ରାମର ଜଣେ ଯୁବକଙ୍କ ଗୁରୁବାର ସନ୍ଦେହ ଜନକ ମୃତ୍ୟୁ ହୋଇଛି। ମୃତକ ଜଣଙ୍କ ଗ୍ରାମର ଅମର ମଲିକ (୩୫)। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। କ୍ଷତିପୂରଣ ସହ ହତ୍ୟାକାରୀଙ୍କୁ ଗିରଫ ଦାବିରେ ପରିବାରଲୋକେ ଏବଂ ଗ୍ରାମବାସୀ ୫୩ନଂ ଜାତୀୟ ରାଜପଥ ଦଲଗାଁ ଛକରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ଖବର ପାଇ ଜେନାପୁର ଥାନା ଅଧିକାରୀ ଶୁଶାନ୍ତ କୁମାର ଦାସ ଏବଂ ଏସ୍ଆଇ ମନୋରଞ୍ଜନ ଦାସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଘଟଣାରେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନାଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ଅମର ସକାଳେ କେନାଲକୁ ମାଛ ଧରିବା ପୋଇଁ ଘରୁ ଆସିଥିଲେ। ମାତ୍ର ଜାତୀୟ ରାଜପଥ ଦଲଗାଁ ନିକଟ ଏକ ଧାନବିଲରେ ୪ଟା ପାଖାପାଖି ସମୟରେ ତାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ଅମରଙ୍କ ମୁଣ୍ଡରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ଯୋଜନା ବଦ୍ଧଭାବେ ହତ୍ୟା କରି ଧାନ ବିଲରେ ପକାଯାଇଥିବା ସନ୍ଦେହରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।



ଯୁବକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ରାସ୍ତାରୋକୋ।

# ଦୁର୍ଘଟଣାପ୍ରବଣ ସ୍ଥାନରେ ଲାଗିବ ସିସିଟିଭି

**ଜେସିଡିଏଲ୍ ବୈଠକ**

**କଳିଙ୍ଗନଗର, ୨୬।୯(ଡି.ଏନ୍.ଏ.)**

ଯାଜପୁର କ୍ଲଷ୍ଟର ଡେଭଲପ୍‌ମେଣ୍ଟ ଲିମିଟେଡ (ଜେସିଡିଏଲ୍) ପକ୍ଷରୁ ଗୁରୁବାର ଯାଜପୁର କ୍ଲଷ୍ଟର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରାଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଥିଲା। ଏଥିରେ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ସଂଯୋଗ କରୁଥିବା ସମସ୍ତ ରାସ୍ତା ଓ ଛକଗୁଡ଼ିକରେ ସିସି କ୍ୟାମେରା, ଆଲୋକୀକରଣ, ଦୁର୍ଘଟଣା ଜନିତ ସ୍ଥାନରେ ସ୍ପିଡ ବ୍ରେକର ଏବଂ ଗ୍ଲୋ ସାଇନ ଟ୍ରାଫିକ ନିୟାମାବଳୀ ୧୫ ଦିନ ମଧ୍ୟରେ ଲାଗୁ କରିବା ବୈଠକରେ ନିଷ୍ପତ୍ତି ପ୍ରକାଶ ପାଇଛି। ବିଶେଷକରି ଦୁଇ ଥାନା ଅଧୀନରେ ପୂର୍ବରୁ ଚିହ୍ନଟ ହୋଇଥିବା ଦୁର୍ଘଟଣା ପ୍ରବଣ ସ୍ଥାନ ଯଥା ଡୁବୁରୀ ଛକ, ଡୁବୁରୀ ଡାକ୍ତରଖାନା ଛକ, ସିଆରିଆ, ଟାଟା କାରଖାନା ମୁଖ୍ୟ ଫାଟକ, ଜିନ୍ଦଲ କାରଖାନା ମୁଖ୍ୟ ଫାଟକ, ରାବଣା, ଭିସା ଷ୍ଟିଲ, ବିଆର୍‌ପିଏଲ୍, ମନୋହରପୁର, ମାନପୁର, ବାଘବାହାଲିବଙ୍ଗଳା ଛକ ଆଦି ସ୍ଥାନରେ ୩୬ଟି ନାଇଟ ଭିଜନ୍ ସିସି କ୍ୟାମେରା ଏବଂ ହାଇମାଷ୍ଟ ଲାଇଟ୍ ଲଗାଇବା ପାଇଁ ସ୍ଥିର କରାଯାଇଛି। ଏହାର ଦାୟିତ୍ୱ ଜେସିଡିଏଲ୍‌କୁ ଦିଆଯିବା ସହ ସମସ୍ତ କାରଖାନା ପକ୍ଷରୁ ଆବଶ୍ୟକୀୟ ଅର୍ଥ ଜେସିଡିଏଲ୍‌କୁ ପ୍ରଦାନ କରିବା ପାଇଁ ସମସ୍ତ ପଦାଧିକାରୀ ସ୍ୱୀକୃତି ପ୍ରଦାନ କରିଛନ୍ତି। ତେବେ ୫।୧୨।୧୮ ଜେସିଡିଏଲ କାର୍ଯ୍ୟାଳୟ ଏବଂ ୧୭।୧।୧୯ ରେ ନୀଳାଞ୍ଚଳ କାରଖାନାରେ ଦୁଇ ଦୁଇ ଥର ବୈଠକ ବସିଥିଲା। ହେଲେ କାରଖାନା କର୍ତ୍ତୃପକ୍ଷଙ୍କ ଅସହଯୋଗ ମନୋଭାବ ଯୋଗୁ ସେତେବେଳେ ଦିଆଯାଇଥିବା ପ୍ରସ୍ତାବଗୁଡ଼ିକ କାର୍ଯ୍ୟକାରୀ ହୋଇପାରି ନାହିଁ। ଏ ନେଇ ଜେସିଡିଏଲ୍ ସମ୍ପାଦକ ସନ୍ତୋଷ କୁମାରଙ୍କୁ ପଚାରିବାରୁ, ପୂର୍ବରୁ ହୋଇଥିବା ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ କାରଖାନା କର୍ତ୍ତୃପକ୍ଷଙ୍କ ସେତେଟା ସମର୍ଥନ ନ ମିଳିବାରୁ ତାହା କାର୍ଯ୍ୟକାରୀ ହୋଇ ପାରି ନ ଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜେସିଡିଏଲର ସମ୍ପାଦକ ସନ୍ତୋଷ କୁମାର ଦାସ, ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, ଭିସା ଷ୍ଟିଲ ମାନବସମ୍ବଳ ବିଭାଗ ମୁଖ୍ୟ ଚିରଞ୍ଜୀବୀ ଅଗ୍ରୱାଲ, ବିନୋଦ କୁମାର ଦ୍ୱିବେଦୀ, ନୀଳାଚଳ ନିଗମ ସୁରକ୍ଷା ଏବଂ ନିରାପତ୍ତା ବିଭାଗ ମୁଖ୍ୟ ସ୍ୱାଧୀନ ପଣ୍ଡା, ଟାଟାଷ୍ଟିଲ୍‌ର ଜୀବନ ଉପାଧ୍ୟାୟ, ବ୍ରହ୍ମାନନ୍ଦ ସାହୁ, ସୁଶୀଲ କୁମାର ଦାସ, ଦେବାଶିଷ ଦାଶ, ଜିନ୍ଦଲ ଷ୍ଟିଲ କାରଖାନା ସୁରକ୍ଷା ବିଭାଗ ମୁଖ୍ୟ ଭି.ଏସ୍ ତିୱାରୀ, ମେସ୍କୋ ଷ୍ଟିଲ୍ ମାନବସମ୍ବଳ ବିଭାଗର ଏସ୍ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମା' ମଙ୍ଗଳାଙ୍କ ବାର୍ଷିକ ପୂଜା ମହୋତ୍ସବ

**ଯାଜପୁରଟାଉନ,୨୬।୯(ଡିଏନଏ):** ଯାଜପୁର ପୌରପାଳିକା ଭୀମକରପୁରଠାରେ ମା' ମଙ୍ଗଳାଙ୍କ ବାର୍ଷିକ ପାର୍ବଣ ପୂଜା ମହୋତ୍ସବ ପ୍ରତିବର୍ଷ ପରି ଯଥାରୀତି ଅନୁସାରେ ଆରମ୍ଭ ହୋଇଛି। ପୂଜା ବେଦୀରେ ଏକ ଅସ୍ଥାୟୀ ଗୃହ ନିର୍ମାଣ କରାଯାଇ ଘଟ ସ୍ଥାପନ କରାଯାଇ ଏକ ମାସ ଧରି ପୂଜାର୍ଚ୍ଚନା କରାଯାଇଥାଏ। ଏହି ଦିନ ମା'ଙ୍କର ବିଶେଷ ପୂଜାର୍ଚ୍ଚନା ସହ ବେଶ କରାଯାଇଥାଏ। ଏହି ପୂଜାସ୍ଥାନରେ ଭୀମକରପୁର ସହ ଯାଜପୁର ସହରର ବିଭିନ୍ନ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ, ବ୍ରତଧାରୀ ମା'ଙ୍କ ପୂଜାର୍ଚ୍ଚନା କରିବା ସହ ଦର୍ଶନ କରିଥାନ୍ତି। ସନ୍ଧ୍ୟାରେ ମା'ଙ୍କ ପ୍ରସାଦ ସେବନ କରାଯାଇଥାଏ। ପାରମ୍ପରିକ ଭାବେ ଅଜୟ କୁମାର ରଣା ମା'ଙ୍କର ପୂଜାର୍ଚ୍ଚନା କରିବା ସହ ସର୍ବଶ୍ରୀ ବିଜୟ କୁମାର ରଣା, ବିଶ୍ୱଜିତ୍ ରଣା, ଦିବ୍ୟରଞ୍ଜନ ରଣା, ଅରୁଣ ରଣା, ସୂର୍ଯ୍ୟପ୍ରଭା ରଣା, ଉଷାଶ୍ରୀ ରଣା ଓ ଜ୍ୟୋତିଶିଖା ରଣା ପ୍ରମୁଖ ମା'ଙ୍କ ପୂଜା କର୍ମରେ ସହଯୋଗ କରିଥିଲେ। ମା'ଙ୍କର ଏହି ପୂଜା ଏକ ମାସ ଧରି ଚାଲିବ।

## ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

**ଧର୍ମଶାଳା,୨୬।୯(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ୨ ପଞ୍ଚାୟତର ୨ ୱାର୍ଡରେ ବୁଧବାର ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ କରାଯାଇଛି। ଏହି ଅବସରରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଚୋରମୁହାଁ ପଞ୍ଚାୟତର ବଡ଼ମଙ୍ଗଳପୁର ଗ୍ରାମର ୧୫ନମ୍ବର ୱାର୍ଡରେ ଘରଘର ବୁଲି ସଭ୍ୟ ସଂଗ୍ରହ କରିଥିଲେ। ସେହିପରି ଗଙ୍ଗାଧରପୁର ପଞ୍ଚାୟତର ପଲାରାଲ ଗ୍ରାମର ୧୦ ନମ୍ବର ୱାର୍ଡରେ ବୁଲି ସଭ୍ୟ ସଂଗ୍ରହ କରିଥିଲେ। ପୂର୍ବରୁ ସଭ୍ୟ ସଂଗ୍ରହ ପାଇଁ ସବୁ ପଞ୍ଚାୟତରେ ପର୍ଯ୍ୟବେକ୍ଷକ ନିଯୁକ୍ତି କରାଯାଇଛି। ଗଙ୍ଗାଧରପୁର ପଞ୍ଚାୟତ ପର୍ଯ୍ୟବେକ୍ଷକ ସୁସିଲ ମହାନ୍ତି, ଚୋରମୁହାଁ ସୁଦାମ ବେହେରା ସଭ୍ୟ ସଂଗ୍ରହରେ ସହେଯାଗ କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-Clg-BAM-78-2019

**କାର୍ଯ୍ୟର ନାମ :** ଚରି ବର୍ଷ (ଅର୍ଥାତ୍ 1460 ଦିନ) ଅବଧି ନିମନ୍ତେ ପ୍ଲାଟଫର୍ମ, ୟାର୍ଡ଼, ୱାସେବୁଲ ଆପ୍ରୋନ୍, ଟ୍ରାକ୍, କାର୍ଯ୍ୟାଳୟ ଭବନ, ଆରକ୍ଷଣ କାର୍ଯ୍ୟାଳୟ, କନକୋର୍ସ ଏରିଆ, ପରିକ୍ଷେତ୍ର, ପ୍ରତୀକ୍ଷା ହଲ୍, ହୋମ୍ ସିଗ୍ନାଲ ଠାରୁ ହୋମ୍ ସିଗ୍ନାଲ ପର୍ଯ୍ୟନ୍ତ ୟାର୍ଡ଼ଗୁଡ଼ିକ ସହିତ ବ୍ରହ୍ମପୁର ଷ୍ଟେସନର ଯନ୍ତ୍ରୀକୃତ (MECHANIZED) ସଫେଇ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 5,09,63,916.47, EMD (ଟଙ୍କାରେ): 4,04,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 1460 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.10.2019ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.25.10.2019 ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ

PR-392/K/19-20



**ପୂର୍ବ ତଟ ରେଳପଥ**

**କୋରନ୍ଦା ରୋଡ୍-ରାଜଆଠଗଡ଼ ଷ୍ଟେସନ ମଧ୍ୟରେ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଙ୍ଗ୍‌କୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା**

ନିମ୍ନବର୍ଣ୍ଣିତ ଲେଭେଲ କ୍ରସିଙ୍ଗ୍ ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ସମ୍ପାଦନ ପରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ନିମ୍ନ ପ୍ରଦତ୍ତ ପ୍ରହରୀଯୁକ୍ତ ଲେଭେଲ କ୍ରସିଙ୍ଗ୍ ଫାଟକକୁ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ କରି ଦିଆଯିବ।

**ତେଣୁ ନିମ୍ନ ପ୍ରଦତ୍ତ ପ୍ରହରୀଯୁକ୍ତ ଲେଭେଲ କ୍ରସିଙ୍ଗ୍ ଫାଟକକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ଔପଚାରିକ ଭାବେ ବନ୍ଦ କରି ଦିଆଯାଉଅଛି।**

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଙ୍ଗ ସଂଖ୍ୟା | ରେଳବାଇ କିଲୋମିଟର | ଗଣନା ବର୍ଷ | ଟ୍ରେନ୍ ବାହନ ୟୁନିଟ୍ |
|---|---|---|---|---|---|
| D-ସ୍ପେଶାଲ | କୋରନ୍ଦା ରୋଡ୍-ରାଜଆଠଗଡ଼ | CT-31 | 427/23-25 | ଡିସେମ୍ବର-2015 | 10416 |

ପତ୍ର ସଂ. 2032/Judl., ତା.26.11.2014ରିଖ ଦ୍ୱାରା କଲେକ୍ଟର / କଟକ, ଏହି ଲେଭେଲ୍ କ୍ରସିଙ୍ଗ ଫାଟକକୁ ବନ୍ଦ କରିବା ନିମନ୍ତେ ତାଙ୍କର ଅନୁମତି ପ୍ରଦାନ କରିସାରିଛନ୍ତି। ପତ୍ର ସଂ. W-4/351/A/Pt.VII/5625, ତା.02.07.2018 ରିଖ ଦ୍ୱାରା ପ୍ରମୁଖ ମୁଖ୍ୟ ଯନ୍ତ୍ରୀ / ପୂର୍ବତଟ ରେଳପଥ / ଭୁବନେଶ୍ୱର ତାଙ୍କର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିସାରିଛନ୍ତି।

**ବନ୍ଦ ହେବାର କାରଣ :** ଲେଭେଲ କ୍ରସିଙ୍ଗ୍ ଫାଟକ ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ର ସମ୍ପାଦନ କରାଯାଇଅଛି।

ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ସୂଚନାର୍ଥେ।

ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ), ଖୋର୍ଦ୍ଧା ରୋଡ୍

PR - 391/K/19-20



**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. ELS-ANGL-OT-19-20-09

**କାର୍ଯ୍ୟର ନାମ :** ଇଲେକ୍ଟ୍ରିକ୍ ଲୋକୋ ସେଡ୍ (ELS)/ଅନଗୁଳ ଠାରେ ଇଲେକ୍ଟ୍ରିକ୍ ଇଂଜିନ୍ (ଲୋକୋମୋଟିଭ) ଗୁଡ଼ିକର WAG-7 ଟାଇପ୍ ଇଲେକ୍ଟ୍ରିକ୍ ଇଂଜିନ୍ (ଲୋକୋମୋଟିଭ) ଗୁଡ଼ିକରେ ବର୍ତ୍ତମାନର ହ୍ୟାଣ୍ଡ ବ୍ରେକ୍ ର ରୂପାନ୍ତରିତ ହ୍ୟାଣ୍ଡ ବ୍ରେକ୍ (ଗିଅର ଟାଇପ୍) ବ୍ୟବସ୍ଥାରେ ରୂପାନ୍ତରଣ ଏବଂ ପରିବର୍ତ୍ତନ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) :** 26,83,557.88, EMD (ଟଙ୍କାରେ) : 53,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.04.10.2019ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 18.10.2019 ରିଖ 1500 ଘଟିକାରେ।

(2) ଟେଣ୍ଡର ସଂ. ELS-ANGL-OT-19-20-10

**କାର୍ଯ୍ୟର ନାମ :** ଇଲେକ୍ଟ୍ରିକ୍ ଲୋକୋ ସେଡ୍ (ELS) / ଅନଗୁଳ ଠାରେ ଇଲେକ୍ଟ୍ରିକ୍ ଲୋକୋ (Electric Loco) ପାଣ୍ଟୋଗ୍ରାଫ୍‌ର ପରୀକ୍ଷା ଓ ମରାମତି (Overhauling)।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ)** 30,94,000/-, EMD (ଟଙ୍କାରେ) : 61,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.08.10.2019ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା. 22.10.2019 ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ http://www.ireps.gov.in ରେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୋଳ

PR-394/K/19-20


**ବ୍ୟାସନଗର ପୌର ପରିଷଦ**

# ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଯାଜପୁର ରୋଡ,୨୬।୯(ନି.ପ୍ର.)**

ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ଅଞ୍ଚଳର ସ୍ଥାନରେ ବସାଯାଇଥିବା ଡଷ୍ଟବିନ୍‌ଗୁଡ଼ିକ ଆବର୍ଜନାରେ ପୂରିରହିଛି। ବିଶେଷକରି ଗୋପବନ୍ଧୁ ଛକଠାରୁ ଚୋରଦା ଛକ ପର୍ଯ୍ୟନ୍ତ ରାସ୍ତାରେ କରାଯାଇଥିବା ଡଷ୍ଟବିନ୍‌ରୁ ଆବର୍ଜନା କଢ଼ା ଯାଉନି। ବର୍ଷା ପାଣି ଜମିବାରୁ ଆବର୍ଜନାଗୁଡ଼ିକ ପଚି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ପୌରପରିଷଦ ପକ୍ଷରୁ ସହରକୁ ସ୍ୱଚ୍ଛତା ରଖିବା ପାଇଁ ଯାଗୃତି ଠିକା ସଂସ୍ଥାକୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। କମ୍ପାନୀ ପରିମଳ ସଫା ସୁତରା ପାଇଁ ମାସିକ ୧୦ଲକ୍ଷ ଟଙ୍କା ବିଲ୍ ନେଉଛନ୍ତି। କର୍ମଚାରୀ ଅଭାବ ଯୋଗୁ ଅଳିଆ ଆବର୍ଜନା ସଫା କରିବା ବିଳମ୍ବ ଘଟୁଥିବା କୁହାଯାଉଛି। ତେବେ ଠିକାସଂସ୍ଥା ପକ୍ଷରୁ ନିୟମିତ ସଫାକରା ଯାଉ ନ ଥିବାରୁ ବର୍ଷା ପାଣି ଜମିବାରୁ ଅଳିଆ ଆବର୍ଜନା ପଚିଶଡ଼ି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ପଦ୍ମପୁର, ଚୋରଦା, ଉମାପଦା, ଷ୍ଟେଶନ, ବସ୍‌ଷ୍ଟାଣ୍ଡ, କାନାଡା ବ୍ୟାଙ୍କ ନିକଟ, ନ୍ୟୁମାର୍କେଟ, ଖଣ୍ଡାହାତା ପ୍ରଭୃତ ୱାର୍ଡ ଓ ସହରର ମୁଖ୍ୟ ରାସ୍ତାରେ ସମରୂପ ପରିସ୍ଥିତି ଦେଖିବାକୁ ମିଳୁଛି। ଅପରପକ୍ଷେ ଅଳିଆ ଆବର୍ଜନାଗୁଡ଼ିକୁ ବୁଲା ଷଣ୍ଢ ଖାଇବା ଦ୍ୱାରା ପଶୁମାନେ ବିଭିନ୍ନ ରୋଗରେ ପୀଡିତ ହୋଇ ମୃତ୍ୟୁ ବରଣ କରୁଛନ୍ତି। ସେହିପରି ଦଳା ବାଇପାସ୍‌ଠାରୁ ନହକା ବାଇପାସ୍ ରାସ୍ତା କଡ଼ରେ ପରିବା ଦୋକନୀମାନେ ପଚାଷଢ଼ା ପରିବା ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁ, କୁକୁଡ଼ା, ଛେଳି କାଟାଳିମାନେ ଏବଂ ଚୋରଦା ଛକଠାରେ ମାଛ ବ୍ୟବସାୟୀ ମାଛ କାଟି ଏବଂ ବିଭିନ୍ନ ଅଦରକାରୀ ଦିନିଷ ପକାଉଛନ୍ତି। ଏହାକୁ ସଫା କରା ନ ଯିବାରୁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ସହରକୁ ସ୍ୱଚ୍ଛ ରଖିବା ପାଇଁ ଜିଲାପାଳ ୨ ମାସତଳେ ସ୍ଥାନୀୟ ବ୍ୟାସଦେବ ଟାଉନହଲଠାରେ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ଅଭିଯାନ ବର୍ଜବସ୍ତୁ ସମ୍ପର୍କିତ କର୍ମଶାଳା କରିଥିଲେ। ଏଥିରେ ଡ୍ରେନ୍ ସଫା କରିବା ସାଙ୍ଗକୁ ସହରକୁ ସ୍ୱଚ୍ଛ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପ୍ରତ୍ୟେକ ଘରେଘରେ ଡଷ୍ଟବିନ ରଖିବା, ଆବର୍ଜନାଗୁଡ଼ିକ ଉକ୍ତ ଡଷ୍ଟବିନ୍‌ରୁ ଯାଗୃତୀ କମ୍ପାନୀ ପକ୍ଷରୁ ସଫା କରାଯିବ ବୋଲି କହିଥିଲେ। ସହରକୁ ପଲଥିନ୍ ମୁକ୍ତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶକୁ ଇତି ମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ଜିଲାପାଳଙ୍କ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ସହରରେ ପରିମଳ ବ୍ୟବସ୍ଥାକୁ ନେଇ ପୌର ପରିଷଦର ପ୍ରଶାସକ ତଥା କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରୁ, ଯାଗୃତୀ କମ୍ପାନୀ ପରିମଳ ବ୍ୟବସ୍ଥା କାର୍ଯ୍ୟ ଠିକ୍ ତୁଲାଇପାରି ନ ଥିବାରୁ ୪ ମାସ ହେବ ବିଲ୍ ବନ୍ଦ କରାଯାଇଛି। ୩୦ ତାରିଖ ମଧ୍ୟରେ ସହରର ସମସ୍ତ ଅଳିଆ ଆବର୍ଜନା ଓ ଡଷ୍ଟବିନଗୁଡ଼ିକୁ ସଫା କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି।



ଧରିତ୍ରୀ
DHARITRI
ଶୁକ୍ରବାର, ୨୭ ସେପ୍ଟେମ୍ବର ,୨୦୧୯



ପ୍ରତିବର୍ଷ ବିଗ୍ ବସ୍ ଛାଡ଼ିବାକୁ ଚିନ୍ତା କରୁଥିଲେ ବି ଛାଡ଼ିପାରୁନି।
–ସଲମାନ୍ ଖାନ୍, ବଲିଉଡ୍ ଅଭିନେତା



# ସାମାଜିକ, ଅର୍ଥନୈତିକ ବିକାଶରେ ପର୍ଯ୍ୟଟନ

## ବିଶ୍ୱ ପର୍ଯ୍ୟଟନ ଦିବସ



ପ୍ରତିବର୍ଷ ସେପ୍ଟେମ୍ବର ୨୭ରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି। ୧୯୭୦ରେ ଏହିଦିନ ୟୁନାଇଟେଡ ନେସନ୍ସ ୱାର୍ଲ୍ଡ ଟୁରିଜମ ଅର୍ଗାନାଇଜେଶନ(ୟୁଏନ୍‌ଡବ୍ଲ୍ୟୁଟିଓ) ବା ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନର ଆଇନକୁ ଗ୍ରହଣ କରାଯାଇଥିଲା ଓ ତାହାକୁ ମନେପକାଇବା ଉଦ୍ଦେଶ୍ୟରେ ୧୯୮୦ରେ ପ୍ରଥମେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ବିଶ୍ୱସ୍ତରରେ ପର୍ଯ୍ୟଟନ ବିକାଶ ପାଇଁ ଏହାକୁ ପାଳନ କରାଯାଉଛି। ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥିକ କ୍ଷେତ୍ରରେ ବିକାଶ ତଥା ପାରସ୍ପରିକ ସମ୍ପର୍କ ବୃଦ୍ଧି କରିବା ଏହି ଦିବସର ଉଦ୍ଦେଶ୍ୟ। ୟୁଏନ୍‌ଡବ୍ଲ୍ୟୁଟିଓରେ ସାମିଲ ହୋଇଥିବା କୌଣସି ଏକ ଦେଶକୁ ପ୍ରତିବର୍ଷ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରିବା ପାଇଁ ସହଯୋଗୀ ଭାବେ ରଖାଯାଉଛି। ତୁର୍କି ଇସ୍ତାନ୍‌ବୁଲରେ ଅକ୍ଟୋବର ୧୯୯୭ରେ ଅନୁଷ୍ଠିତ ଜାତିସଂଘ ବିଶ୍ୱ ପର୍ଯ୍ୟଟନ ସଂଗଠନର ମହାସଭାରେ ଏହି ନିଷ୍ପତ୍ତି ନିଆଯାଇଥିଲା। ୨୦୧୯ରେ ବିଶ୍ୱ ପର୍ଯ୍ୟଟନ ଦିବସ ଭାରତ ପାଳନ କରିବାକୁ ୟୁଏନ୍‌ଡବ୍ଲ୍ୟୁଟିଓ ସ୍ଥିର କରିଛି। ଏଥର ଶିକ୍ଷା, କୌଶଳ ଏବଂ ନିଯୁକ୍ତି ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ପର୍ଯ୍ୟଟନ କ୍ଷେତ୍ରରେ ନିଯୁକ୍ତି କିପରି ବୃଦ୍ଧିପାରିବ ସେଥିପାଇଁ ଏହାର ସ୍ଲୋଗାନ 'ପର୍ଯ୍ୟଟନ ଓ ନିଯୁକ୍ତି,ସମସ୍ତଙ୍କ ପାଇଁ ଏକ ସୁନ୍ଦର ଭବିଷ୍ୟତ' ବୋଲି ରଖାଯାଇଛି। ପ୍ରତିବର୍ଷ ଯେଉଁ ଦେଶରେ ଏହା ଆୟୋଜନ କରାଯାଉ ନା କାହିଁକି ୟୁଏନ୍‌ଡବ୍ଲ୍ୟୁଟିଓ ବିଭିନ୍ନ ଦେଶରୁ ଲୋକମାନଙ୍କୁ ଏଥିରେ ଭାଗ ନେବାକୁ ଆମନ୍ତ୍ରଣ କରିଥାଏ। ୟୁଏନ୍‌ଡବ୍ଲ୍ୟୁଟିଓର ମହାସଚିବ ପ୍ରତିବର୍ଷ ଏହି ଦିବସରେ ଲୋକମାନଙ୍କୁ ପର୍ଯ୍ୟଟନ ବିଷୟରେ ସନ୍ଦେଶ ଦେଇଥାନ୍ତି। ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବିଶ୍ୱର ବହୁ ପର୍ଯ୍ୟଟନ ସ୍ଥଳରେ ଫଟୋଗ୍ରାଫି ପ୍ରତିଯୋଗିତା ଆୟୋଜନ ମଧ୍ୟ କରାଯାଏ।

ବିଶ୍ୱରେ ଚାଇନା, ରୁଷିଆ ଓ ବ୍ରାଜିଲ ପର୍ଯ୍ୟଟନ କ୍ଷେତ୍ରରେ ସବୁଠୁ ଅଧିକ ବ୍ୟୟ କରୁଛନ୍ତି। କେତେକ ଦେଶରେ ପର୍ଯ୍ୟଟନ କ୍ଷେତ୍ରରେ ବାର୍ଷିକ ବୃଦ୍ଧି ହାର ୮ ପ୍ରତିଶତରୁ ବେଶି ରହିଛି। ଯଦି ବିଶ୍ୱ ପର୍ଯ୍ୟଟନ କଥା ବିଚାରକୁ ନେବା ତେବେ ଫ୍ରାନ୍ସ ପ୍ରଥମରେ ରହିବ। ଏହାପରେ ଆସିବ ସ୍ପେନ, ଆମେରିକା ଓ ଚାଇନା। ଭାରତରେ ଏହି କିଛି ବର୍ଷ ହେବ ପର୍ଯ୍ୟଟନ ଉପରେ ଗୁରୁତ୍ୱ ଦିଆଯିବା ଲକ୍ଷ୍ୟ କରାଯାଉଛି। ଐତିହାସିକ ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଭାରତକୁ ପ୍ରତିବର୍ଷ ୧ କୋଟିରୁ ଅଧିକ ପର୍ଯ୍ୟଟକ ଆସୁଛନ୍ତି। ୨୦୧୮ରେ ପର୍ଯ୍ୟଟନ କ୍ଷେତ୍ରର ଦେଶର ଜିଡିପିରେ ଯୋଗଦାନ ୯.୨ ପ୍ରତିଶତ ରହିଥିଲା। ଦେଶର ମୋଟ୍ ଆୟର ୮.୧ ପ୍ରତିଶତ ଏହି କ୍ଷେତ୍ରରୁ ଆସିଛି। ଏଣୁ ୨୦୧୯ରେ ଯେଉଁ ଲକ୍ଷ୍ୟ ରଖାଯାଇ ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ କରାଯାଉଛି ତାହା ଭାରତ ପର୍ଯ୍ୟଟନରେ ନିଯୁକ୍ତି ଲାଗି ଏକ ପ୍ରଶସ୍ତ କ୍ଷେତ୍ର ପ୍ରସ୍ତୁତ କରିବ ବୋଲି ଆଶା କରାଯାଏ।

## ମନ୍ଦିରରେ ମଣିଷଙ୍କ ଭଳି କଥା ହୁଅନ୍ତି ମୂର୍ତ୍ତି



**ବକ୍ସର:** ବିଜ୍ଞାନ ଯୁଗରେ କୌଣସି କଥା ଅସମ୍ଭବ ନୁହେଁ। ତେବେ ମନ୍ଦିରରେ ମୂର୍ତ୍ତିଗୁଡ଼ିକ ମଣିଷ ପରି କଥା କହୁଥିବା ଶୁଣିଲେ ବିଶ୍ୱାସ ହୋଇ ନ ଥାଏ। ବିହାର ବକ୍ସରଠାରେ ଥିବା ରାଜ ରାଜେଶ୍ୱରୀ ତ୍ରିପୁରା ସୁନ୍ଦରୀ ମନ୍ଦିରରେ ଏଭଳି ଘଟଣା ଘଟିଥାଏ ବୋଲି ସ୍ଥାନୀୟ ଲୋକେ କୁହନ୍ତି। ୪ ଶହ ବର୍ଷ ପୁରୁଣା ଏହି ମନ୍ଦିରରେ ମୂର୍ତ୍ତିଗୁଡ଼ିକ ମଣିଷ ପରି କଥାବାର୍ତ୍ତା ହୋଇଥାନ୍ତି। ନିସ୍ତବ୍ଧ ରାତିରେ ମନ୍ଦିରରେ ମୂର୍ତ୍ତିଗୁଡ଼ିକ କଥା ହେଉଥିବାର ଶବ୍ଦ ବାହାରକୁ ଶୁଣାଯାଏ। ମଧ୍ୟରାତ୍ରିରେ ଏହି ମନ୍ଦିର ବାଟରେ ଯାଉଥିବା ଲୋକେ ଏହା ଶୁଣିଥାନ୍ତି। ତେଣୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିରରେ କେହି ରୁହନ୍ତି ନାହିଁ। ମନ୍ଦିରରେ ଭକ୍ତଙ୍କ ସବୁ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମନ୍ଦିରର ଏହି ରହସ୍ୟ ନେଇ ଅନେକ ଗବେଷଣା ହୋଇଛି। କିନ୍ତୁ ମନ୍ଦିରରୁ ନିସ୍ତବ୍ଧ ରାତିରେ କଥା କହୁଥିବା ଶବ୍ଦ କିପରି ସୃଷ୍ଟି ହେଉଛି ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

## ଅର୍ଜୁନଙ୍କ ପାଇଁ ମଲାଇକା ସବୁବେଳେ 'ହଟ୍'



**ନୂଆଦିଲ୍ଲୀ:** ବଲିଉଡ୍‌ରେ ଲଭ୍ ହୁକ୍–ଅପ୍‌ର ଚର୍ଚ୍ଚା ସବୁବେଳେ ଲାଗିରହିଥାଏ। ତେବେ ଏହି ତାଲିକାରେ ପ୍ରଥମେ ଆସେ ବଲିଉଡ୍‌ର ମୁନ୍ନି ମଲାଇକା ଅରୋରାଙ୍କ ସହ ଅର୍ଜୁନ କପୁରଙ୍କ ରିଲେଶନଶିପ୍। ଏବେ ପୁଣିଥରେ ଉଭୟଙ୍କୁ ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଛି। ପ୍ରକୃତରେ ମଲାଇକା ଏକ ହ୍ୱାଇଟ୍ ଗାଉନ୍ ପିନ୍ଧି ନିଜର କିଛି ଫଟୋ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଛନ୍ତି। ଫଟୋ ଟି ଅର୍ଜୁନଙ୍କୁ ଏତେ ପସନ୍ଦ ଆସିଲା ଯେ, ସେ ସେଥିରେ 'ଲୁକିଂ ହଟ୍' ବୁଝାଉଥିବା ଫାୟର୍ ଇମୋଜୀ ପୋଷ୍ଟ କରିଦେଲେ। ବାସ୍, ଅର୍ଜୁନଙ୍କ ଏହି କମେଣ୍ଟ ପରେ ପୁଣି ଏହି ଲଭ୍–ବାର୍ଡଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲା। ଏମିତିରେ ମଲାଇକାଙ୍କ ଅନ୍ଦାଜରେ ପାଗଳ ଅର୍ଜୁନ। କିଛିଦିନ ତଳେ ଅର୍ଜୁନଙ୍କ ଜନ୍ମଦିନରେ ମଲାଇକା ଉଭୟଙ୍କ ରିଲେଶନଶିପ୍ ସର୍ବସମ୍ମୁଖରେ ମାନିଥିଲେ। ଏପରି କି ଖୁବଶୀଘ୍ର ଉଭୟ ବିବାହ କରିବେ ବୋଲି ମଧ୍ୟ ଚର୍ଚ୍ଚା ହେଉଛି। ତେବେ ସୋସିଆଲ ମିଡିଆରେ ଏହି କପଲ୍ ସବୁବେଳେ ପରସ୍ପରକୁ ଲଭ୍ କମେଣ୍ଟସ୍ ଦେଇ ଚର୍ଚ୍ଚାରେ ରହିଥାନ୍ତି। ଏହା ପୂର୍ବରୁ ସଲମାନ୍ ଖାନ୍‌ଙ୍କ ଭାଇ ଅରବାଜ୍ ଖାନ୍‌ଙ୍କ ସହ ମଲାଇକାଙ୍କ ଦୀର୍ଘ ଦିନର ବୈବାହିକ ସମ୍ପର୍କ ପରେ ଛାଡ଼ପତ୍ର ହୋଇ ସାରିଛି।

## ତରଳିବ ହିମନଦୀ: ପ୍ରଭାବିତ ହେବ ୪୬ ସହର

# ୧୫ କୋଟି ଲୋକ ଭିଟାମାଟି ହରାଇବେ



**ନୂଆଦିଲ୍ଲୀ:** ଜଳବାୟୁ ପରିବର୍ତ୍ତନ ଏବଂ ବିଶ୍ୱତାପମାନ ବୃଦ୍ଧିର ପ୍ରଭାବ ଯୋଗୁ ହିନ୍ଦୁ କୁଶ ହିମାଳୟ ହିମନଦୀ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ୨୧୦୦ ମସିହା ସୁଦ୍ଧା ହିମନଦୀର ୨ ତୃତୀୟାଂଶ ତରଳିଯିବ। ଫଳରେ ସମୁଦ୍ର ଜଳସ୍ତର ୫୦ ସେ.ମି. ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଏହାଦ୍ୱାରା ଉପକୂଳ ଅଞ୍ଚଳରେ ସମୁଦ୍ର ପାଣି ମାଡ଼ିଯିବ। ଫଳରେ ଏଠାରେ ବାସ କରୁଥିବା ୧୫୦ ନିୟୁତରୁ ଅଧିକ ଲୋକ ନିଜର ଭିଟାମାଟି ହରାଇବେ ବୋଲି ବିଶ୍ୱ ଜଳବାୟୁ ରିପୋର୍ଟରେ ପ୍ରକାଶ ପାଇଛି। ହିନ୍ଦୁ କୁଶ ହିମାଳୟ ହିମନଦୀ ଯୋଗୁ ଭାରତ, ପାକିସ୍ତାନ, ଆଫଗାନୀସ୍ତାନ, ତିବ୍ବତ, ଚାଇନା, ନେପାଳ, ବାଂଲାଦେଶ ଆଦି ଦେଶର ୧୨୦ ନିୟୁତ ଲୋକ ଜଳସେଚନ ସୁବିଧା ପାଇଥାନ୍ତି। ସେହିପରି ଏସବୁ ଦେଶର ୧୩୦ କୋଟିରୁ ଅଧିକ ନଦୀକୂଳରେ ବାସ କରୁଥିବା ଲୋକ ଉପକୃତ ହୋଇଥାନ୍ତି। ତେବେ ଆଗାମୀ ଦିନରେ ହିମନଦୀର ୬୦ ପ୍ରତିଶତ ତରଳିଯିବାର ଆଶଙ୍କା ରହିଛି। ଏହାର ପ୍ରଭାବ କେନ୍ଦ୍ରୀୟ, ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଏସିଆ ରାଷ୍ଟ୍ରର ୪୬ଟି ସହର ଉପରେ ପଡ଼ିବ। ସେହିପରି ଭାରତର ମୁମ୍ବାଇ ଏବଂ କୋଲକାତାରେ ବାରମ୍ବାର ବନ୍ୟା ସ୍ଥିତି ସୃଷ୍ଟି ହେବ ବୋଲି ରିପୋର୍ଟରେ ପ୍ରକାଶ ପାଇଛି।

## ଲେଖିକା କାଜଲ



**ମୁମ୍ବାଇ:** 'ଦିଲ୍‌ୱାଲେ ଦୁଲହନିଆ ଲେ ଯାଏଙ୍ଗେ' ଫେମ୍ କାଜଲ ଏବେ ଅଭିନେତ୍ରୀରୁ ଲେଖିକା ସାଜିଛନ୍ତି। ବହୁ ବ୍ଲକ୍‌ବଷ୍ଟର ଫିଲ୍ମରେ ଆକ୍ଟିଂ କରିଥିବା ଏହି ଅଭିନେତ୍ରୀ ଦିବଂଗତ ଅଭିନେତ୍ରୀ ଶ୍ରୀଦେବୀଙ୍କ ବାୟୋଗ୍ରାଫି–'ଦି ଇଣ୍ଟରନାଲ ସ୍କ୍ରିନ ଗଡେଶ୍' ବହିର ମୁଖବନ୍ଧ ଲେଖିଛନ୍ତି, ଯେଉଁଥିରେ ତାଙ୍କ ଜୀବନୀ ସହ ଜଡ଼ିତ କିଛି ତଥ୍ୟ ପଢ଼ିବାକୁ ମିଳିବ। ଏହି ବହି ସମ୍ପର୍କରେ କାଜଲ ଏକ ଇଣ୍ଟରଭ୍ୟୁରେ କହିଛନ୍ତି, ଫିଲ୍ମ ଶୁଟିଂ ସେଟ୍‌ରେ ଶ୍ରୀଦେବୀଙ୍କ ଷ୍ଟାରଡମ୍ ଓ ବଡ଼ ପରଦାରେ ତାଙ୍କ ଯାଦୁ ଦେଖି ମୁଁ ବଡ଼ ହୋଇଛି। ସେ ସବୁବେଳେ ମୋର ଫେଭରାଇଟ୍ ରହି ଆସିଛନ୍ତି। ଏହି ବହିର ମୁଖବନ୍ଧ ଲେଖିବାକୁ ମୁଁ ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟଶାଳୀ ମନେକରୁଛି। ସତ୍ୟାର୍ଥ ନାୟକ 'ଦି ଇଣ୍ଟରନାଲ ସ୍କ୍ରିନ ଗଡେଶ୍' ବହି ଲେଖିଛନ୍ତି। ତାଙ୍କ କହିବା ଅନୁସାରେ ପୁସ୍ତକର ମୁଖବନ୍ଧ ଲେଖିବା ପାଇଁ କାଜଲ ବେଷ୍ଟ ଚଏସ୍। କାଜଲ ଇଣ୍ଡଷ୍ଟ୍ରି ସହ ଯୋଡ଼ି ହୋଇଥିବାବେଳେ ୮୦ ଓ ୯୦ ଦଶକରେ ଶ୍ରୀଦେବୀଙ୍କ ଲୋକପ୍ରିୟତାକୁ ମଧ୍ୟ ଦେଖିଛନ୍ତି। ଜଣେ ଉତ୍କୃଷ୍ଟ ଅଭିନେତ୍ରୀ ଭାବେ ସେ ଶ୍ରୀଦେବୀଙ୍କୁ ଅନୁସରଣ କରିଆସିଛନ୍ତି। ଏସବୁ ତାଙ୍କ ଲେଖାରୁ ସ୍ପଷ୍ଟ ବାରି ହୋଇପଡୁଛି। ଶ୍ରୀଦେବୀଙ୍କ ବାୟୋଗ୍ରାଫି ପାଇଁ ତାଙ୍କ ସ୍ୱାମୀ ତଥା ନିର୍ଦ୍ଦେଶକ ବୋନି କପୁର ସମ୍ମତି ପ୍ରଦାନ କରିସାରିଛନ୍ତି। ୨୦୧୮ ଫେବୃୟାରୀ ୨୪ରେ ଦୁବାଇର ଏକ ହୋଟେଲ ବାଥ୍ ଟପ୍‌ରେ ବୁଡ଼ି ଶ୍ରୀଦେବୀଙ୍କ ମୃତ୍ୟୁ ହୋଇଥିଲା। ଶ୍ରୀଦେବୀଙ୍କ ଶେଷ ଫିଲ୍ମ 'ଜିରୋ', ଯାହା ତାଙ୍କ ମୃତ୍ୟୁ ପରେ ରିଲିଜ ହୋଇଥିଲା।

## ସିଝାଅଣ୍ଡା ଦିଏ ନପୁଂସକତାରୁ ମୁକ୍ତି



**ନୂଆଦିଲ୍ଲୀ:** ସମ୍ପ୍ରତି ପରିବର୍ତ୍ତିତ ଜୀବନ ଶୈଳୀରେ ତଥା ମାନସିକ ଚାପ ଯୋଗୁ କେତେକଙ୍କଠାରେ ନପୁଂସକତା ଦେଖିବାକୁ ମିଳୁଛି। ଆୟୁର୍ବେଦରେ ଏହାର ଘରୋଇ ଉପଚାର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ମାସେ ପର୍ଯ୍ୟନ୍ତ ପ୍ରତିଦିନ ଗୋଟିଏ ସିଝାଅଣ୍ଡା ସହ ଚାମୁଚେ ଅଦା ରସ ଓ ମହୁ ମିଶାଇ ଖାଇଲେ ନପୁଂସକତାରୁ ମୁକ୍ତି ମିଳେ। ସେହିପରି ରାତିରେ ଅଭ୍ୟାସ କରି ସିଝାଅଣ୍ଡା ଓ ଗୋଲମରିଚ ଗୁଣ୍ଡ ଖାଇଲେ ସୁଫଳ ମିଳିଥାଏ। ଏପରି କରିବା ଦ୍ୱାରା ସ୍ୱପ୍ନ ଦୋଷ, ଧାତୁ କ୍ଷୟ ଆଦି ରୋଗ ମଧ୍ୟ ଭଲ ହୋଇଥାଏ। ଏହା ଶୁକ୍ରାଣୁ ସ୍ତର ବୃଦ୍ଧିରେ ସହାୟକ ହୋଇଥାଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି।

## ବସ୍ ଡ୍ରାଇଭରଙ୍କୁ ରାସ୍ତା ନିୟମ ଶିଖାଇଲେ ମହିଳା



**ନୂଆଦିଲ୍ଲୀ:** କଥାରେ ଅଛି, ଆପଣ ଯଦି ଠିକ୍ ରାସ୍ତାରେ ଅଛନ୍ତି, ତେବେ ଆପଣଙ୍କୁ କୌଣସି ଭୟ କରିବାର ଆବଶ୍ୟକତା ନାହିଁ। ତେବେ ଏହାକୁ କାମରେ କରିଦେଖାଇଛନ୍ତି କେରଳର ଜଣେ ମହିଳା। ମହିଳା ଜଣକ ନିଜ ସ୍କୁଟିରେ ଠିକ୍ ରାସ୍ତାରେ ଥିଲେ ବୋଲି ସାମ୍ନାରେ ଥିବା ଏକ ବସ୍‌କୁ ବି ନିଜ ରାସ୍ତା ପରିବର୍ତ୍ତନ କରିବାକୁ ପଡ଼ିଥିଲା। କାରଣ ବସ୍‌ଟି ଭୁଲ୍ ରାସ୍ତାରେ ମାଡ଼ି ଆସିବାକୁ ଚେଷ୍ଟା କରୁଥିଲା। ଏ ସମସ୍ତ ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ନୂଆ ମୋଟର ଯାନ ଆଇନ୍ ଲାଗୁ ହେବାପରେ ସଡ଼କ ନିୟମକୁ ନେଇ ଅନେକ ଜନସଚେତନତା ବୃଦ୍ଧି ପାଇଛି। ଏହି କ୍ରମରେ ଏବେ ଟୁଇଟର ହ୍ୟାଣ୍ଡେଲ @TheGhostRider31ରୁ ଶେୟାର କରାଯାଇଥିବା ଏକ ଭିଡିଓ ସୋସିଆଲ ମିଡିଆରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ଭିଡିଓଟି କେରଳର, ଯେଉଁଥିରେ ସ୍କୁଟି ଚଳାଇ ଯାଉଥିବା ଜଣେ ମହିଳା ଓ ଏକ ଯାତ୍ରୀବାହୀ ବସ୍ ମଧ୍ୟରେ ସଡ଼କ ନିୟମକୁ ନେଇ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଛି। ରାସ୍ତାର ବାମ ପଟେ ସ୍କୁଟି ଚଳାଇ ଯାଉଥିବା ଜଣେ ମହିଳାଙ୍କ ଆଡ଼କୁ ସାମ୍ନା ପଟୁ ଏକ ବସ୍ ନିୟମ ଭାଙ୍ଗି ମାଡ଼ି ଆସିବାକୁ ଚେଷ୍ଟା କରୁଥିଲା। କିନ୍ତୁ ମହିଳା ଜଣକ ଠିକ୍ ରାସ୍ତାରେ ଯାଉଥିବାରୁ ନ ଡରି ସେଠାରେ ଅଟକି ରହିଲେ। କିଛି ସମୟ ପରେ ଶେଷରେ ବସ୍‌ଟି ରାସ୍ତା ବଦଳାଇ ନିୟମାନୁସାରେ ଯାଇଥିଲା। ଏହି ଘଟଣାଟି ସୋସିଆଲ ମିଡିଆରେ ଟ୍ରେଣ୍ଡ ହେବାପରେ ଲୋକଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ଅନେକ ସମୟରେ ଭାରିଯାନଗୁଡ଼ିକ ଏପରି କରିଥାନ୍ତି ଓ ସେମାନଙ୍କୁ ଏହି ଭିଡିଓ ଆଗାମୀ ଦିନରେ ସଚେତନ କରିବ ବୋଲି କୁହାଯାଉଛି। ଏହାସହ ସାହସୀ ମହିଳାଙ୍କୁ ମଧ୍ୟ ଧନ୍ୟବାଦ ଦିଆଯାଉଛି। ଏଠାରେ କହି ରଖୁଛୁ, ନୂଆ ଟ୍ରାଫିକ୍ ନିୟମ ଆସିବା ପରଠାରୁ ଏଭଳି ଭିଡିଓ ସବୁ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି।

# ଚପରାସୀ ସଂସ୍କୃତ ଶିକ୍ଷକ

**ଇନ୍ଦୋର:** ସମସ୍ତଙ୍କ ପାଇଁ ଶିକ୍ଷା ସମାନ। ଏହାର ପରିଧିରେ ନ ଥାଏ ବାଛବିଚାର। ଏହାକୁ ପ୍ରମାଣିତ କରିଛନ୍ତି ୫୩ ବର୍ଷୀୟ ବାସୁଦେବ। ଦେପାଲପୁର ବିକାଶଖଣ୍ଡର ଗିରୋଟା ଗ୍ରାମସ୍ଥିତ ସରକାରୀ ହାଇସ୍କୁଲର ଚପରାସୀ ହେଉଛନ୍ତି ସେ। ବୃତ୍ତିଗତ ଜୀବନରେ ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ହୋଇଥିଲେ ମଧ୍ୟ ସଂସ୍କୃତ ଭାଷାରେ ତାଙ୍କର ଅଗାଧ ଜ୍ଞାନ। ସେଇଥିପାଇଁ ନିର୍ଦ୍ଦିଷ୍ଟ ଭାବେ ଶିକ୍ଷକତା କରି ନ ଥିଲେ ବି ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ହାତରେ ଧରାଇ ଦେଇଛନ୍ତି ସଂସ୍କୃତ ପୋଥି। ଏହାଦ୍ୱାରା ସ୍କୁଲରେ ଲାଗି ରହିଥିବା ଶିକ୍ଷକ ସମସ୍ୟାର ସମାଧାନ ହୋଇପାରିଛି, ଏଥିସହ ପିଲାମାନେ ବି ସଂସ୍କୃତ ଶିକ୍ଷା ପ୍ରତି ଦେଖାଉଛନ୍ତି ବେଶ୍ ଆଗ୍ରହ। ମଥାରେ ଟିକା, ମୁଣ୍ଡରେ ଚୈତନ୍ୟ, ଚୁଟି ରଖିଥିବା ଏହି ବ୍ୟକ୍ତି ଜଣକ ପ୍ରଥମେ ଆସନ୍ତି ସ୍କୁଲକୁ। ଝାଡୁ ଲଗାନ୍ତି। ଟେବୁଲ, ଡେସ୍କ ସଫା କରନ୍ତି। ଛାତ୍ରଙ୍କ ପାଇଁ ବୋତଲରେ ପାଣି ଭର୍ତ୍ତି କରନ୍ତି, ଏହା ତାଙ୍କ ନିତିଦିନିଆ କାମ। ହେଲେ ସ୍କୁଲ ଘଣ୍ଟି ବାଜୁ ବାଜୁ ବଦଳିଯାଏ ତାଙ୍କ ରୂପ। ତାଙ୍କ ହାତରେ ଥାଏ ସଂସ୍କୃତ ପୁସ୍ତକ। ମୁହଁରୁ ବାହାରିଆସେ ଅନର୍ଗଳ ସଂସ୍କୃତ। ଦୀର୍ଘ ୨୩ ବର୍ଷ ହେଲା ସେ ସ୍କୁଲରେ ଏପରି ଶିକ୍ଷାଦାନ କରି ଆସୁଛନ୍ତି। ଏହାର କାରଣ ମଧ୍ୟ ବେଶ୍ ରୋଚକ। ଜିଲା ମୁଖ୍ୟାଳୟଠାରୁ ଗିରୋଟା ହାଇସ୍କୁଲର ଦୂରତା ପାଖାପାଖି ୪୦ କିମି। ତେଣୁ ଏଠାକୁ ଶିକ୍ଷକମାନେ ଆସିବାକୁ ଅମଙ୍ଗ ହେଉଛନ୍ତି। ମାତ୍ର ୩ଜଣ ଶିକ୍ଷକରେ ଚାଲିଛି ବିଦ୍ୟାଳୟ। ସେମାନଙ୍କ ପକ୍ଷେ ୧୭୫ଜଣ ପିଲାଙ୍କୁ ପାଠ ପଢ଼ାଇବା ଏକପ୍ରକାର ଅସମ୍ଭବ ହୋଇପଡୁଛି।

'ରାମନୁଜମ୍'। ପେସାରେ ଜଣେ ଆଇନଜୀବୀ। ହଠାତ୍ ଏକ ଦୁର୍ଘଟଣାରେ ସାନ ଭଉଣୀଙ୍କ ମୃତ୍ୟୁ ବଦଳାଇ ଦିଏ ତାଙ୍କ ଜୀବନର ଗତିପଥ। ସମୟକ୍ରମେ ତାଙ୍କ ନିକଟରେ ଦେଖିବାକୁ ମିଳେ ବ୍ୟକ୍ତିତ୍ୱରେ ବିଭିନ୍ନତା (ପର୍ସନାଲ ଡିଜ୍‌ଅର୍ଡର)। ଦୁର୍ନୀତିଖୋରଙ୍କୁ ଦଣ୍ଡଦେବା ପାଲଟିଯାଏ ତାଙ୍କ ନିଶା। 'ଗରୁଡ଼ ପୁରାଣ' ଆଧାରରେ ସେ କରନ୍ତି ଦଣ୍ଡବିଧାନ। ଦିନରେ ନାୟକ ଏବଂ ରାତିରେ ଦଣ୍ଡଦାତା ଭାବେ ଜଣେ ଚରିତ୍ରକୁ ଆମେ ଦେଖିଛେ ସାଇକୋଲୋଜିକାଲ ଥ୍ରୀଲର ତାମିଲ ଫିଲ୍ମ 'ଆନିୟାନ'ରେ। ଏହାର ହିନ୍ଦୀ ସଂସ୍କରଣ 'ଅପରିଚିତ'କୁ ବି ବେଶ୍ ପସନ୍ଦ କରିଥିଲେ ଦର୍ଶକ। ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ଏସ୍. ଶଙ୍କରଙ୍କ ବଳିଷ୍ଠ ନିର୍ଦ୍ଦେଶନା ଏବଂ କେନେଡି ଜନ୍ ଭିକ୍ଟର ଓରଫ୍ ସି. ଭିକ୍ରମଙ୍କ ଦମ୍‌ଦାର ଅଭିନୟକୁ ଆଜି ବି ମନେପକାଉଛନ୍ତି ସିନେପ୍ରେମୀ। ଜଣେ ବ୍ୟକ୍ତି ଭିତରେ ଲୁଚି ରହିଥାଏ ଭିନ୍ନ ଭିନ୍ନ ବ୍ୟକ୍ତିତ୍ୱ। ସମୟ ଏବଂ ପରିବେଶ ଅନୁଯାୟୀ ଏହାର ପରିପ୍ରକାଶ ହୁଏ। ଏହାପରେ ସାଧାରଣ ମଣିଷଟିଏ ବି କରିପାରେ ଅସାଧାରଣ କାମ। ଏପରି ଜଣେ ଭିନ୍ନ ମଣିଷ ହେଉଛନ୍ତି ଇନ୍ଦୋରର ବାସୁଦେବ ପାଞ୍ଚାଲ।



୨୩ ବର୍ଷ ଧରି ପିଲାଙ୍କୁ ପଢ଼ାଉଛନ୍ତି ବାସୁଦେବ

## ସଂକ୍ଷେପରେ

### ଆବାସ ଯୋଜନା, ଭତ୍ତା ବଣ୍ଟନରେ ଅନିୟମିତତା
### ପଞ୍ଚାୟତ କାର୍ଯ୍ୟନିର୍ବାହୀ ନିଲମ୍ବିତ

**ପଟ୍ଟାମୁଣ୍ଡାଇ, ୨୬।୯ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ଚନ୍ଦନନଗର ପଞ୍ଚାୟତରେ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଭତ୍ତା ବଣ୍ଟନରେ ବ୍ୟାପକ ଅନିୟମିତତା ହୋଇଥିବା ତଦନ୍ତରୁ ଜଣାପଡ଼ିବା ପରେ ଜିଲାପାଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ମୃତ୍ୟୁଞ୍ଜୟ ରାଉତଙ୍କୁ ନିଲମ୍ବିତ କରିଛନ୍ତି। ଏହି ପଞ୍ଚାୟତର ବିଭିନ୍ନ ସରକାରୀ ଯୋଜନାରେ ଅନିୟମିତତା ହେଉଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବୁଧବାର ଜିଲାପାଳ ସମର୍ଥ ବର୍ମା ଚନ୍ଦନପୁରରେ ପହଞ୍ଚି ତଦନ୍ତ କରିଥିଲେ। ତେବେ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଅନିୟମିତତା ହୋଇଥିବା ଜଣାପଡ଼ିଥିଲା। ଏହାପରେ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀଙ୍କୁ ନିଲମ୍ବନ କରିବା ପାଇଁ ଜିଲାପାଳ ବିଡିଓ ପବିତ୍ର ମୋହନ କାନୁନ୍‌ଗୋଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାଉତଙ୍କୁ ନିଲମ୍ବିତ କରାଯାଇଛି।

### ବିଧାୟକଙ୍କ ଦ୍ୱାରା ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ

**ରାଜକନିକା, ୨୬।୯ (ଡି.ଏନ୍.ଏ):** ଆଳି ବିଧାୟକ ପ୍ରତାପ କେଶରୀ ଦେବ ଗୁରୁବାର ରାଜକନିକା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେବାକୁ ଥିବା ହାଟସାହି-ପଧାନପଡ଼ା ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜକନିକା ପଞ୍ଚାୟତ ସମିତି ଅଧକ୍ଷା ସାବିତ୍ରୀ ଦାସ, କେନ୍ଦ୍ରାପଡ଼ା ଜିଲାପରିଷଦ ସଭ୍ୟ ଜୟଦେବ ଦାସ, ବରିଷ୍ଠ ବିଜେଡି ନେତା ବିକାଶ ଚନ୍ଦ୍ର ଦାସ, ହାଟସାହି ପୂର୍ବତନ ସରପଞ୍ଚ ଅଭୟ କୁମାର ବେଉରିଆ, ଶିକ୍ଷାବିତ୍ ପରିକ୍ଷିତ ପଡିଆରୀ, ଲକ୍ଷ୍ମୀଧର ରାଉତ, ପଣସଗଣ୍ଡ ସରପଞ୍ଚ ଦେବଦତ୍ତ ଦାସ, ପଧାନପଡ଼ା ପୂର୍ବତନ ସରପଞ୍ଚ ପ୍ରଶାନ୍ତ ଦାସ, ଅବଦୁଲପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସାରଙ୍ଗଧର ସାହୁ, ଯୁବନେତା ହୃଷୀକେଶ ବେଉରିଆ, ହାଟସାହି ସମିତିସଭ୍ୟା ବର୍ଷାରାଣୀ ଯେନା, ହରେକୃଷ୍ଣ ନାୟକ, ଘନଶ୍ୟାମ ସାହାଣି, ରଣଜିତ୍ ପଟ୍ଟନାୟକ, ନାଏବ ସରପଞ୍ଚ ଅନିରୁଦ୍ଧ ନାୟକ ଓ ଭରତ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ୨୦୨୦ ମେ ୨୦ ସୁଦ୍ଧା ରାସ୍ତା କାର୍ଯ୍ୟ ଶେଷ ହେବ ବୋଲି ଗ୍ରାମ ଉନ୍ନୟନ ବିଭାଗ ଯନ୍ତ୍ରୀ ପ୍ରଣବ କିଶୋର ବିଶ୍ୱାଳ ପ୍ରକାଶ କରିଛନ୍ତି।

### ୧ରେ ନିଃଶୁଳ୍କ ଫିଜିଓଥେରାପି ସେବା

**କେନ୍ଦ୍ରାପଡା ଅଫିସ, ୨୬।୯:** ଅକ୍ଟୋବର ୧ ତାରିଖରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ହେବ। ଏହି ଅବସରରେ ସହରର ମାଧପୁରସ୍ଥିତ ପୁନର୍ବାସ ଅନୁଷ୍ଠାନରେ ବରିଷ୍ଠ ନାଗରିକମାନେ ନିଃଶୁଳ୍କ ଫିଜିଓଥେରାପି ସେବା ପାଇପାରିବେ ବୋଲି ସମ୍ପାଦିକା ବନସ୍ମିତା ନାୟକ ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ବୟସାଧିକ ଯୋଗୁ ଆଣ୍ଠୁବ୍ୟଥା, ଅଣ୍ଟାବ୍ୟଥା, ବେକ ଯନ୍ତ୍ରଣା, ସ୍ନାୟବିକ ଯନ୍ତ୍ରଣା, ସିଆଟିକା, ପାରାଲିସସ ଆଦି ରୋଗ ହେଉଛି। ତେବେ ଏହାର ଚିକିତ୍ସା ସହିତ ମାଗଣାରେ ଫିଜିଓଥେରାପି ପାଇଁ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ଓଲଟପୁରରୁ ପ୍ରଶିକ୍ଷିତ ଓ ଅଭିଜ୍ଞ ଫିଜିଓଥେରାପିଷ୍ଟ, ଡାକ୍ତର ଆସିବେ।

■ ଆଜି ବିଶ୍ୱ ପର୍ଯ୍ୟଟନ ଦିବସ

# ଅବହେଳିତ ବହୁ ପର୍ଯ୍ୟଟନ କ୍ଷେତ୍ର

■ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ର ମାନ୍ୟତାପ୍ରାପ୍ତ ପର୍ଯ୍ୟଟନସ୍ଥଳୀ ଅସଜଡ଼ା
■ ଅବହେଳିତ ଅବସ୍ଥାରେ ବଟିଘର ଓ ହୁକିଟୋଲା, ଗମନାଗମନ ସୁବିଧା ନାହିଁ
■ ଦୃଷ୍ଟି ଆଢୁଆଳରେ ୧୮୮୭ରେ ନିର୍ମିତ ସୂର୍ଯ୍ୟଘଡ଼ି

**କେନ୍ଦ୍ରାପଡା ଅଫିସ, ୨୬।୯**

ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ନାନା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ହେଲେ ରାଜ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଥିବା ବହୁ ପର୍ଯ୍ୟଟନ କ୍ଷେତ୍ର ଏବେ ବି ଅବହେଳିତ ଅବସ୍ଥାରେ ରହିଥିବା ବେଳେ କେତେକ ଅନାଲୋଚିତ ହୋଇରହିଛି। ଅନାଲୋଚିତ ପର୍ଯ୍ୟଟନସ୍ଥଳୀର ପ୍ରଚାର ପ୍ରସାର ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଓଡ଼ିଶା ଆହା କ୍ୟାମ୍ପେନ ଆରମ୍ଭ ହୋଇଛି। ଏହାଦ୍ୱାରା ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ସହିତ ରାଜ୍ୟ ଅର୍ଥନୀତି ସମୃଦ୍ଧ ହେବ ବୋଲି ବିଭାଗୀୟ ସଚିବ ବିଶାଲ ଦେବ ବୁଧବାର ପ୍ରକାଶ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ରାପଡ଼ା ଜିଲା ରାଜନଗରସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକା, ଇଚ୍ଛାପୁରସ୍ଥିତ ଶ୍ରୀବଳଦେବ ଜୀଉ ମନ୍ଦିର, ପେଣ୍ଠ ବେଳାଭୂମି, ହୁକିଟୋଲା ଆଦି ରାଜ୍ୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଛି। ହେଲେ ଭିତ୍ତିଭୂମି ବିକାଶ କରାଯାଉ ନଥିବା ଓ ପ୍ରଚାର ପ୍ରସାର ହେଉ ନ ଥିବାରୁ ଏଠାକୁ ପର୍ଯ୍ୟଟକ ଆସୁନାହାନ୍ତି। ଜିଲାର ବିଭିନ୍ନ ସ୍ଥାନରେ ଅବହେଳିତ ଭାବେ ପଡ଼ି ରହିଥିବା କୀର୍ତ୍ତିରାଜି, ଧାର୍ମିକ ସ୍ଥାନ, ଐତିହ୍ୟ ବହନ କରୁଥିବା ସ୍ମାରକୀ କ୍ଷେତ୍ରର ଉନ୍ନତୀକରଣ


ଇଚ୍ଛାପୁରସ୍ଥିତ ବଳଦେବଜୀଉ ମନ୍ଦିର।

ଓ ପ୍ରଚାର ପ୍ରସାର କରାଗଲେ ପର୍ଯ୍ୟଟନ ଶିଳ୍ପରେ ପ୍ରଚୁର ଅର୍ଥ ଆସିପାରନ୍ତା। ହେଲେ ଏ ଦିଗରେ ଦୃଷ୍ଟି ଦିଆଯାଉ ନ ଥିବା ଜିଲାର ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ମନର ଦୁଃଖ ଓ ଯନ୍ତ୍ରଣାକୁ ଭୁଲିବା ପାଇଁ ମଣିଷ କିଛି ସମୟ ପ୍ରକୃତି କୋଳରେ ରହିବାକୁ ଭଲପାଏ। ସେହିପରି ଭ୍ରମଣ ଦ୍ୱାରା ବହି ପାଠର ବାସ୍ତବ ଅନୁଭୂତି ଆସିଥାଏ। ପ୍ରତ୍ୟେକ ଦେଶ ଏହାର ସୁଯୋଗ ନେଇ ପର୍ଯ୍ୟଟନସ୍ଥଳୀକୁ ବିକଶିତ କରି ଅର୍ଥନୀତିକୁ ସୁଦୃଢ଼ କରିଥାନ୍ତି। କେନ୍ଦ୍ରାପଡ଼ା ଜିଲାରେ ବହୁ ପର୍ଯ୍ୟଟନସ୍ଥଳୀ ରହିଛି। ହେଲେ ଭିତ୍ତିଭୂମି ସୁଦୃଢ଼ ନ ଥିବାରୁ ପର୍ଯ୍ୟଟକ ଆସୁନହାନ୍ତି। ବୁଦ୍ଧିଜୀବୀ ମାତୃଦତ୍ତ ମହାନ୍ତି, ରାଧାକାନ୍ତ ମହାନ୍ତି, ବାନାମ୍ବର ସାହୁ ପ୍ରମୁଖ କୁହନ୍ତି ଯେ, କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷିଭିତ୍ତିକ। ଜିଲାରେ ଥିବା ପର୍ଯ୍ୟଟନସ୍ଥଳୀର ପ୍ରଚାର ପ୍ରସାର କରାଗଲେ ସ୍ଥାନୀୟ ଲୋକଙ୍କ ଜୀବନ ଜୀବିକାରେ ଉନ୍ନତି ହୁଅନ୍ତା। ମହାକାଳପଡ଼ା ବ୍ଲକରେ ଥିବା ବଟିଘର, ଫଲସ୍‌ପଏଣ୍ଟ ଓ ହୁକିଟୋଲା ଦେଶ ପାଇଁ ଐତିହ୍ୟସ୍ଥଳୀ। ଖରୀନାସୀ ନଦୀ କୂଳରେ ଅବସ୍ଥିତ ବଟିଘର ୧୮୩୬ ମସିହାରେ ନିର୍ମିତ। ୧୨୫ ଫୁଟ ଉଚ୍ଚର ଏହି ବଟିଘରର ରକ୍ଷଣାବେକ୍ଷଣ କରାଯାଉନି। ଏହାକୁ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ପାଇଁ ୨୦୧୩ରେ କେନ୍ଦ୍ର ବେସାମରିକ ଜାହାଜ ଚଳାଚଳ ବିଭାଗ ପକ୍ଷରୁ ପ୍ରସ୍ତାବ ଆସିଥିଲା। ମାତ୍ର ଏଠାକୁ ଯିବାଆସିବା ସୁବିଧା ନ ଥିବାରୁ ଅନ୍ତର୍ଜାତୀୟ ପର୍ଯ୍ୟଟନସ୍ଥଳୀ ମାନ୍ୟତାରୁ ଏହା ବାଦ୍ ପଡିଥିଲା।


ଜିଲାପାଳ ଅଫିସ୍ ସମ୍ମୁଖରେ ଥିବା ସୂର୍ଯ୍ୟଘଡ଼ି।

ସେହିପରି ଜୈବ ବିବିଧତାପୂର୍ଣ୍ଣ ଭିତରକନିକା ଅଲିଭରିଡଲେ କଇଁଛ ଓ କୁମ୍ଭୀରଙ୍କ ପାଇଁ ଖ୍ୟାତ। ଜଙ୍ଗଲର ପ୍ରାକୃତିକ ସବୁଜିମା ସହିତ ହରିଣ, ଭାଲୁ, ମାଙ୍କଡ଼, ବାର୍‌ହା, ଅଜଗର ଆଦି ସରୀସୃପଙ୍କ ସମାହାର ଦର୍ଶକଙ୍କ ମନରୁ କ୍ଳାନ୍ତି ଦୂର କରେ। ୧୯୭୫ରୁ ଏହାକୁ ଅଭୟାରଣ୍ୟ ଘୋଷଣା କରାଯାଇଥିଲେ ବି ଏ ପର୍ଯ୍ୟନ୍ତ ଏଠାକୁ ଗମନାଗମନ ସହଜସାଧ୍ୟ ନୁହେଁ। କନିକା ରାଜମହଲ ମଧ୍ୟ ପର୍ଯ୍ୟଟକଙ୍କ ପାଇଁ ଅନ୍ୟ ଏକ ଆକର୍ଷଣସ୍ଥଳି। ୪ ଏକର ପରିମିତ ଓ ୭୫ ଫୁଟ ଉଚ୍ଚର ଏହି ବିଶାଳ ପ୍ରାସାଦରେ ରାଜାରାଜୁଡ଼ା ଅମଳର ବହୁ ଦର୍ଶନୀୟ ସାମଗ୍ରୀ ଭରି ରହିଛି। ସେହିପରି ରାଜନଗର ବ୍ଲକ ରୀଘାଗଡ଼ର ବଳଦେବଜୀଉ ମନ୍ଦିର, ଆଳିର ଲକ୍ଷ୍ମୀବରାହଜୀଉ ମନ୍ଦିର, ରାଜକନିକାର ଗୋକର୍ଣ୍ଣେଶ୍ୱର ମନ୍ଦିର, ସିକୋର ଅଷ୍ଟଶମ୍ଭୁ, ପଟ୍ଟାମୁଣ୍ଡାଇ ବ୍ଲକ ଚଉଦକୁଲାଟର ଦଧିବାମନ ଜୀଉ, ଡ଼େରାବିଶର ଦଧିବାମନଜୀଉ, ଗଣାମାହୋଲର ବିନୋଦବିହାରୀ ଜୀଉ ପରି ବହୁ ଦେବାଦେବୀ ମନ୍ଦିର ଏବେ ଅବହେଳିତ ଅବସ୍ଥାରେ ଅଛି। ସେହିପରି ରାଜ୍ୟର ସର୍ବପ୍ରଥମ ଡାଇମଣ୍ଡ ଜୁବିଲି ପାଠାଗାର, କନିକା ଲାଇବ୍ରେରୀ, କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ


ବବକରପୁରର ଗରୁଡ଼ ମୂର୍ତ୍ତି।

ସମ୍ମୁଖରେ ଥିବା (୧୮୮୭ରେ ନିର୍ମିତ) ସୂର୍ଯ୍ୟଘଡ଼ି ଅବହେଳିତ ହୋଇପଡ଼ିଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ଏ ସବୁ ସ୍ଥାନର ପ୍ରଚାର ପ୍ରସାର ଦାୟିତ୍ୱ ନେଲେ ଜିଲା ଅର୍ଥନୀତି ସୁଦୃଢ଼ ହେବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ସ୍ୱଦେଶ ଦର୍ଶନ ଓ ଓଡ଼ିଶା ଆହା ଅଭିଯାନରେ କେନ୍ଦ୍ରାପଡ଼ା ଜିଲାର ପର୍ଯ୍ୟଟନସ୍ଥଳୀକୁ ସ୍ଥାନିତ କରାଯିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ପର୍ଯ୍ୟଟନ ଶିଳ୍ପ ଜିଲା ଅର୍ଥନୀତିକୁ ସୁଦୃଢ଼ କରିବ ବୋଲି ଜିଲାପାଳ କହିଛନ୍ତି।

## ଡାକ୍ତରଖାନାରେ ଦଲାଲି, ୪ ଗିରଫ

**କେନ୍ଦ୍ରାପଡ଼ା ଅଫିସ/ ପଟ୍ଟାମୁଣ୍ଡାଇ (ସ୍ୱ.ପ୍ର.), ୨୬।୯**

ଚିକିତ୍ସା ସେବାରେ ଉନ୍ନତି ଆଣିବା ପାଇଁ ରାଜ୍ୟ ସରକାର ପୋଲିସ ଓ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ପୋଲିସ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ଚଢ଼ାଉ କରାଯାଇ ୩ ଜଣଙ୍କୁ ଦଲାଲି କରୁଥିବା ଅଭିଯୋଗରେ ଗିରଫ କରାଯାଇଛି। ସେମାନେ ହେଲେ ବଡହାଟର ସୁଧାଂଶୁ ସିଂ(୩୬), ଚାଟରାପାଟଣାର ଜୟନ୍ତୀ ସାହୁ (୫୩), ମାର୍ଶାଘାଇ କାନପୁର ଗ୍ରାମର ସସ୍ମିତା ବେହେରା (୩୨)। ଅଭିଯୁକ୍ତଙ୍କ ବିରୋଧରେ ୧୮୪/୧୯ରେ ଟାଉନ ଥାନାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏ ସମ୍ପର୍କରେ ଇନ୍‌ଚାର୍ଯ୍ୟ ଆଇଆଇସି ଅନ୍ତର୍ଯ୍ୟାମୀ ବିଶ୍ୱାଳ କୁହନ୍ତି ଯେ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଚାଲିଥିବା ଦଲାଲି ସମ୍ପର୍କରେ ପୂର୍ବରୁ ଅଭିଯୋଗ ହେଉଥିଲା। ଦଲାଲ୍‌ମାନେ ବିଭିନ୍ନ ରୋଗୀ ଓ ସମ୍ପର୍କୀୟଙ୍କୁ ନିକଟସ୍ଥ ନର୍ସିଂହୋମ ଓ ଔଷଧ ଦୋକାନକୁ ନେଇ ଉନ୍ନତ ଚିକିତ୍ସା ଓ ଔଷଧ ଯୋଗାଇ ଦେବା ଆଳରେ ଅର୍ଥ ଲୁଟୁଥିଲେ। ଏସ୍‌ପି ନୀତିଶେଖରଙ୍କ ନିର୍ଦ୍ଦେଶରେ ଏହି ଚଢ଼ାଉ ହୋଇଥିଲା ବୋଲି ସେ ପ୍ରକାଶ କରିଛନ୍ତି।

ସେହିପରି ପଟ୍ଟାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରୁ ଗୁରୁବାର ଜଣେ ଦଲାଲଙ୍କୁ ପଟ୍ଟାମୁଣ୍ଡାଇ ପୋଲିସ ଗିରଫ କରିଛି। ସେ ହେଲେ ପୋଖରିଆପଡ଼ାର ଗୌତମ ବାରିକ(୩୨)। ତାଙ୍କ ନାମରେ ୩୦୯/୧୯ ନଂ. ଆଇପିସି ଧାରା ୪୨୦ ଦଫାରେ ମାମଲା ରୁଜୁ ହୋଇଥିବା ଏସ୍‌ଆଇ ବିଲ୍ୱମଙ୍ଗଳ ସେଠୀ କହିଛନ୍ତି। ସେ କହିଛନ୍ତି, ପଟ୍ଟାମୁଣ୍ଡାଇ ମେଡିକାଲରେ ଆହୁରି ଅନେକେ ଏଭଳି ଦଲାଲି କରୁଥିବା ଅଭିଯୋଗ ହେଉଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ।

## ସମୁଦ୍ରରେ ଭାସିଯାଇ ମତ୍ସ୍ୟଜୀବୀ ନିଖୋଜ

**ମହାକାଳପଡା, ୨୬।୯ (ଡି.ଏନ୍.ଏ.)**

ବଙ୍ଗୋପସାଗରକୁଭିତରକୁମାଛ ଧରିବାକୁ ଯାଇଥିବା ଜନୈକ ମତ୍ସ୍ୟଜୀବ ବୋଟରୁ ଜାଲ କାଟିବା ପାଇଁ ସମୁଦ୍ର ଭିତରକୁ ଯାଇଥିବା ବେଳେ ଭାସିଯାଇଛନ୍ତି। ସେ ହେଲେ ରାମନଗର ପଞ୍ଚାୟତ ବରଜ ବାହାକୁଦ ବାଲିପାଟ ଗ୍ରାମର ବାବୁ ସାମଲ (୪୫)। ଗୁରୁବାର ଏ ନେଇ ବାବୁଙ୍କ ସ୍ତ୍ରୀ ଲତା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ବାବୁଙ୍କ ତାଙ୍କର ୫ ଜଣ ସହଯୋଗୀ ବାବା ଲୋକନାଥ ବୋଟରେ ମାଛ ମାରିବା ପାଇଁ ମଙ୍ଗଳବାର ସମୁଦ୍ର ମଧ୍ୟକୁ ଯାଇଥିଲେ। ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ପବନ ଯୋଗୁ ବୋଟ୍ ଇଞ୍ଜିନରେ ଜାଲ ଗୁଡ଼ାଇ ହୋଇଯାଇଥିଲା। ଜାଲ କାଟିବା ପାଇଁ ବାବୁ ବୋଟରୁ ଓହ୍ଲାଇଥିଲେ। ଏହାପରେ ତାଙ୍କର ଖୋଜଖବର ମିଳି ନଥିଲା। ପରେ ଡଙ୍ଗାର ଇଞ୍ଜିନ ଅଚଳ ହୋଇ ଯାଇଥିଲେ ବି ବୋଟ୍‌ଟି ସମୁଦ୍ର ଢ଼େଉରେ ଭାସି ଆସି ବଟିଘର ନିକଟସ୍ଥ ହେଟାମୁଣ୍ଡିଆ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ବାଲିକୁଦରେ ଲାଗିଥିଲା। ଅନ୍ୟ ୫ ମତ୍ସ୍ୟଜୀବୀ ସୁରକ୍ଷିତ ଥିବା ବେଳେ ବାବୁଙ୍କ ପତ୍ତା ମିଳିପାରିନାହିଁ।

## ୯ ମାସ ପରେ ଘରକୁ ଫେରିଲେ ସଞ୍ଜନା


ସଞ୍ଜନାଙ୍କୁ ଜିଲାପାଳ ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି।

**କେନ୍ଦ୍ରାପଡା ଅଫିସ, ୨୬।୯**

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ଉଦ୍ୟମରେ ୯ମାସ ପରେ ସହରର ବଡ଼ବାରଙ୍ଗ ଗ୍ରାମର ଦିବ୍ୟାଙ୍ଗ ମହିଳା ସଞ୍ଜନା ନାୟକ ଗୁରୁବାର ଘରକୁ ଫେରିଛନ୍ତି। ବିହାରର ପାଟଣାରୁ ତାଙ୍କୁ ଉଦ୍ଧାର କରାଯାଇଛି। ସଞ୍ଜନାଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଭତ୍ତା ବ୍ୟବସ୍ଥା କରାଯାଇଛି। ଏ ସମ୍ପର୍କରେ ସଞ୍ଜନାଙ୍କ ବାପା କମଳଲୋଚନ ଓ ମାଆ ଗୋଲାପୀ କୁହନ୍ତି, ସଞ୍ଜନା ଜଣେ ମାନସିକ ଭିନ୍ନକ୍ଷମ ହୋଇଥିବା ବେଳେ ୨୦୧୮ ନଭେମ୍ବରରେ ଘର ଛାଡ଼ି କେଉଁଆଡେ ପଳାଇଥିଲେ। ଏ ନେଇ ଜିଲାପାଳ ସମର୍ଥ ବର୍ମା, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ଉଦ୍ୟମରେ ପାଟଣାସ୍ଥିତ ମାନସିକ ଅନଗ୍ରସର ଚିକିତ୍ସାଳୟରୁ ସଞ୍ଜନାଙ୍କୁ ଉଦ୍ଧାର କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦାସ କୁହନ୍ତି, ସଞ୍ଜନାଙ୍କୁ ବିହାର ପୋଲିସ ପାଟଣା ରେଳ ଷ୍ଟେସନରୁ ଉଦ୍ଧାର କରି ଉକ୍ତ ଚିକିତ୍ସାଳୟରେ ରଖିଥିଲା। ସେତବେଳେ ସଞ୍ଜନା କଥାବାର୍ତ୍ତା କରି ପାରୁ ନଥିବା ବେଳେ ୨ମାସ ଚିକିତ୍ସା ପରେ ପୋଲିସ ସଞ୍ଜନାଙ୍କ ଘର ଠିକଣା ଜାଣି ପାରିଥିଲା। ପରେ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ତେବେ ଜିଲା ପ୍ରଶାସନ ପକ୍ଷରୁ ସଞ୍ଜନାଙ୍କୁ ସେଠାରୁ ଆଣିବା ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯିବା ସହ ସେଠାକୁ ତାଙ୍କ ମାଆ, ବାପା ଓ ସାମାଜିକ କର୍ମୀ ଅଭିମନ୍ୟୁ ରାଉତଙ୍କୁ ପଠାଯାଇଥିଲା।

## ମାର୍ଶାଘାଇରେ ଏସିଡ୍ ମାଡ଼ ଘଟଣା: ବର୍ଷେ ପରେ ୨ ଗିରଫ

**ମାର୍ଶାଘାଇ, ୨୬।୯ (ଡି.ଏନ୍.ଏ.)**

ମାର୍ଶାଘାଇ ଥାନା ପାଟଳିପଙ୍କ ଗ୍ରାମର ହିମାଂଶୁ ବାରିକଙ୍କୁ ଏସିଡ ମାଡ଼ ଘଟଣାର ବର୍ଷକ ପରେ ଗୁରୁବାର ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଭବାନୀ ଶଙ୍କର ଓଝା(୨୬) ଓ ତାଙ୍କ ସହଯୋଗୀ ପିୟୂଷ ଶଙ୍କର ଓଝା(୨୮)। ଏସିଡ ମାଡ଼ ଘଟଣା ପରଠୁ ଶଙ୍କର ଓ ପିୟୂଷ ଫେରାର ଥିଲେ। ତେବେ ଡିଜିଙ୍କ ନିର୍ଦ୍ଦେଶକ୍ରମେ ମାର୍ଶାଘାଇ ଥାନା ଅଧିକାରୀ କାଳନ୍ଦୀ ବେହେରା ପାଟଳିପଙ୍କ ଗ୍ରାମରେ ଚଡାଉ କରି ଭବାନୀ ଓ ପିୟୂଷଙ୍କୁ ଉଠାଇ ଆଣିଥିଲେ। ଥାନାରେ ପଚରାଉଚୁରା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ସୂଚନାଯୋଗ୍ୟ, ୨୦୧୮ ଅକ୍ଟୋବର ୯ ତାରିଖରେ ଭବାନୀ ଓ ପିୟୂଷ ହିମାଂଶୁଙ୍କ ଶୋଇବା ଘର ଝରକା ପଟେ ଏସିଡ ମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ହିମାଂଶୁ ତାଙ୍କ ସ୍ତ୍ରୀ ମିନତି, ୨ଟି ଝିଅ ଶୁଭଶ୍ରୀ(୫) ଓ ଶାଲିନି(୩)ଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣାରେ ହିମାଂଶୁଙ୍କର ୨ ଆଖି ଓ ୨ କାନ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଶରୀରର ଅଧିକାଂଶ ଭାଗ ପୋଡ଼ି ଯାଇଛି। ଏବେ ବି ଶାଳିନୀ ଓ ଶୁଭଶ୍ରୀ ଚିକିତ୍ସାଧୀନ ଅଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା: ଜଣେ ଗିରଫ

**କେନ୍ଦ୍ରାପଡା ଅଫିସ, ୨୬।୯**

ଗତ ଅଗଷ୍ଟରେ ସହରର ବଣିଆମାଳ ଗ୍ରାମରେ ସ୍ୱରୂପ ରାଉତରାୟଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ ସଦର ଥାନା ଅଧୀନ ଭ୍ରମରଦିଆପାଟଣା ଗ୍ରାମର ଖଗେଶ୍ୱର ବାହାଦୁର ଥାପାଙ୍କୁ ଟାଉନ ଥାନା ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଥାନା ଅଧିକାରୀ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ସୂଚନା ଅନୁଯାୟୀ, ସ୍ୱରୂପଙ୍କ ସହ ଖଗେଶ୍ୱରଙ୍କର ପୂର୍ବରୁ ବିବାଦ ଥିଲା। ତେବେ ଗତ ଅଗଷ୍ଟରେ ଖଗେଶ୍ୱର ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ପରେ ଉଚ୍ଚ ନ୍ୟାୟାଳୟରୁ ଜାମିନ ଅର୍ଡର ଆଣି ଘରକୁ ଫେରିଥିଲେ। ଗତ ମଙ୍ଗଳବାର ରାତିରେ ଖଗେଶ୍ୱର ପୁଣି ସ୍ୱରୂପଙ୍କୁ ଜୀବନରୁ ମାରିଦେବାକୁ ଉଦ୍ୟମ କରିଥିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି।

## ରାଜକନିକାରେ ବ୍ୟାପୁଛି ଡେଙ୍ଗୁ

**ରାଜକନିକା, ୨୬।୯ (ଡି.ଏନ୍.ଏ)**

ରାଜକନିକା ବ୍ଲକ ଅଞ୍ଚଳରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ସଚେତନତା ଅଭାବ ସ୍ୱାସ୍ଥ୍ୟ କର୍ମୀଙ୍କ ଆନ୍ତରିକତା ନ ଥିବାରୁ ଲୋକମାନେ ଡେଙ୍ଗୁ ଭୟରେ ଆତଙ୍କିତ ହୋଇପଡ଼ିଛନ୍ତି। ଗତ ୬ ତାରିଖରେ ମଧୁପଡାର ବୀରେନ୍ଦ୍ର ନାୟକ(୪୦)ଙ୍କର ଡେଙ୍ଗୁରେ ମୃତ୍ୟୁ ହୋଇଥିବା ବେଳେ ବରାଡିଆର ୪ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସେହିପରି ଡାଳିକାଏନ୍ଦାରେ ୨ ଜଣ ଆକ୍ରାନ୍ତଙ୍କ ମଧ୍ୟରୁ ପ୍ରଭାବତୀ ସୂତାର କଟକରେ ଚିକିତ୍ସିତ ହେଉଥିବା ବେଳେ ରବିନାରାୟଣ ସ୍ୱାଇଁ ରାଜକନିକା ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଗତବର୍ଷେ ଡେଙ୍ଗୁରେ ରାଜକନିକା ବ୍ଲକ ଅଞ୍ଚଳର ଜଣେ ପ୍ରାଣ ହରାଇଥିବା ବେଳେ ୨ବର୍ଷ ତଳେ ଓଡ଼ଗିରିଆ ଗ୍ରାମର ୧୭ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିଲେ। ଏହି ଅଞ୍ଚଳରେ ଡେଙ୍ଗୁ ରୋଗୀ ସଂଖ୍ୟା ପ୍ରତିବର୍ଷ ବଢୁଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହାର ନିରାକରଣ ପାଇଁ କିଛି ପଦକ୍ଷେପ ନିଆଯାଉ ନ ଥିବା ନେଇ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଡେଙ୍ଗୁ ଆକ୍ରାନ୍ତ ଗ୍ରାମଗୁଡ଼ିକରେ ଡାକ୍ତରୀ ଦଳ ପହଞ୍ଚି ସଚେତନତା ସୃଷ୍ଟି କରାଇବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ପଟ୍ଟାମୁଣ୍ଡାଇ, ୨୬।୯ (ସ୍ୱ.ପ୍ର.)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ପଟ୍ଟାମୁଣ୍ଡାଇ ବ୍ଲକସ୍ଥିତ ବଡ଼ମୂଳବସନ୍ତ ନିତାଇ ଚୈତନ ହାଇସ୍କୁଲଠାରେ ପଟ୍ଟାମୁଣ୍ଡାଇ ମଣ୍ଡଳସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ନାୟକ ଅଧକ୍ଷତା କରିଥିଲେ। ସଭାରେ ବ୍ଲକ ଶିକ୍ଷା ଅଧିକାରୀ ଭ୍ରମରବର ବିଶ୍ୱାଳ, ସହକାରୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାମନ୍ତରାୟ, ବିଆର୍‌ସିସି ଗୋବିନ୍ଦ ଚନ୍ଦ୍ର ପରିଡ଼ା, ବ୍ଲକ ନୋଡାଲ ଅଫିସର ସଚ୍ଚିତ୍ର ବେହୁରା, ପୂର୍ବତନ ଏବିଇଓ ସନାତନ ତରାଇ ପ୍ରମୁଖ ଯୋଗଦେଇ ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ୧୭ଟି କ୍ଲଷ୍ଟରରୁ ଯୋଗ ଦେଇଥିବା ୨୦୪ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜୁନିୟର ଓ


ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥିମାନେ।

ସିନିୟର ବିଭାଗରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଚନ୍ଦନନଗର ପିଏଲ ବିଦ୍ୟାପୀଠର ଅର୍ପିତା ପ୍ରିୟଦର୍ଶିନୀ ନାୟକ, ପୋଖରୀଆପଡ଼ା ନୋଡାଲ ୟୁପି ସ୍କୁଲର ସୁପ୍ରିୟା ବେହେରା, ପଟ୍ଟାମୁଣ୍ଡାଇ ସରକାରୀ ବାଳିକା ହାଇସ୍କୁଲର ରାଜମୋହିନୀ ଟୁଡୁ, ତରଡିପାଳ ହାଇସ୍କୁଲର ସ୍ୱାଗତିକା ବେହେରା, ଏମଏନ ହାଇସ୍କୁଲର ରେଶମ୍ ପରବିନ୍ ଓ ତରଡିପାଳ ହାଇସ୍କୁଲର ପ୍ରୀତିରଞ୍ଜନ ନାୟକ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିବା ସହ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଥିଲେ। ସିଆରଆରସିସି ଗୋଲକ ଚନ୍ଦ୍ର ମଲ୍ଲିକ, ସଞ୍ଜୟ ସାହୁ, ଗୋଦାବରୀଶ ମିଶ୍ର, ବିଶ୍ୱରଞ୍ଜନ ଦାଶ, ରଞ୍ଜନ ସାହୁ, କଳାକର ସାହୁ, ସୌମ୍ୟରଞ୍ଜନ ବେହେରା, ମନୋଜ ମୁଦୁଲି, ପ୍ରତାପ ତରାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ପିଅନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି

## ୬ ଦିନ ପରେ ଧାରଣା ପ୍ରତ୍ୟାହୃତ

**ମାର୍ଶାଘାଇ, ୨୬।୯ (ଡି.ଏନ୍.ଏ.)**

ମାର୍ଶାଘାଇ ଥାନା ଅଧୀନ ନୂଆଗାଁ ସମବାୟ ସମିତିରେ ଅନିୟମିତତା ପ୍ରତିବାଦରେ ଗତ ୬ଦିନ ଧରି ସମିତି କାର୍ଯ୍ୟାଳୟ ଆଗରେ ଚାଲିଥିବା ଧାରଣା ଗୁରୁବାର ପ୍ରତ୍ୟାହୃତ ହୋଇଛି। କାଳିଆ ଯୋଜନାରେ ଟଙ୍କା ହଡ଼ପ, ଚାଷୀଙ୍କୁ ଖରିଫ୍ ଧାନ ଚାଷ ପାଇଁ ଋଣ ପ୍ରଦାନ କରା ନ ଯିବା ଓ ସାର ଯୋଗାଣରେ ଅବହେଳା ଅଭିଯୋଗ ଆଣି ଡିଖିରୀ ଓ ଅମେଇପାଳ ଆଦି ଗ୍ରାମର ଶତାଧିକ ଚାଷୀ ଧାରଣାରେ ବସିଥିଲେ। ସମବାୟ ସମିତିରେ ଚାଲିଥିବା ବିଶୃଙ୍ଖଳାକୁ ନେଇ ଚାଷୀମାନେ ଧାରଣା ଦେଇଥିବା ବେଳେ ଗୁରୁବାର ଏହା ଉଗ୍ରରୂପ ନେଇଥିଲା। ସମବାୟ ସମିତି ପିଅନ କୈଳାସ ଲେଙ୍କାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି କରି


ସମବାୟ ସମିତି ଆଗରେ ଚାଷୀଙ୍କ ଧାରଣା।

ଚାଷୀମାନେ ହୋହଲ୍ଲା କରିଥିଲେ। ଖବରପାଇ କେନ୍ଦ୍ରାପଡ଼ା ଜିଲା ସହକାରୀ ନିବନ୍ଧକ ଅଶୋକ କୁମାର ବେହେରା, ସହ ଉପ-ନିବନ୍ଧକ ଦେବୀ ପ୍ରସନ୍ନ ସ୍ୱାଇଁ, ସମବାୟ ନିରୀକ୍ଷକ କ୍ଷୀରୋଦ କୁମାର ସ୍ୱାଇଁ ଓ ସମବାୟ ସମିତିର ସଭାପତି ସଞ୍ଜୟ କୁମାର ବେହେରା ଧାରଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ତୁରନ୍ତ ସମ୍ପୃକ୍ତ ପିଅନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନାଯୋଗ୍ୟ, ପିଅନ କୈଳାସ ଲେଙ୍କା ଶତାଧିକ ଚାଷୀଙ୍କ ନାମରେ ଜାଲ

**ନୂଆଗାଁ ସମବାୟ ସମିତି**

ଦସ୍ତଖତ କରି କାଳିଆ ଯୋଜନାରେ ଟଙ୍କା ହଡ଼ପ କରିଥିଲେ। ମାତ୍ର ଦୋଷ ଲୁଚାଇବା ପାଇଁ ଉକ୍ତ ସମବାୟ ସମିତିର ସମ୍ପାଦକ ନାରାୟଣ ଅଧିକାରୀଙ୍କ ବିରୋଧରେ ଚାଷୀମାନଙ୍କୁ ପ୍ରବର୍ତ୍ତାଇଥିଲେ। ତେବେ ଚାଷୀମାନେ ଏ ନେଇ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ମୁଖ୍ୟ ନିବନ୍ଧକ ସମ୍ପୃକ୍ତ ସମ୍ପାଦକ ନାରାୟଣଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ମାତ୍ର ତଦନ୍ତ ପରେ କାଳିଆ ଯୋଜନା ଟଙ୍କା ହେରଫେର୍‌ରେ ପିଅନ କୈଳାସଙ୍କର ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ତେବେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି ଚାଷୀମାନେ ଗତ ୬ ଦିନ ହେବ ଧାରଣାରେ ବସିଥିଲେ।

## ସଂକ୍ଷେପରେ

### ବେଳାଭୂମିରୁ ଯୁବକଙ୍କ ମୃତଦେହ ଉଦ୍ଧାର

**କୁଜଙ୍ଗ/ପାରାଦୀପ,୨୬।୯(ସ୍ୱ.ପ୍ର):** ପାରାଦୀପ ଜଟାଧାର ମୁହାଣ ସାମୁଦ୍ରିକ ଥାନା ଅଧୀନ ଏରସମା ବ୍ଲକ କଂସାରିପାଟିଆ ସମୁଦ୍ର ବେଳାଭୂମିରୁ ଗୁରୁବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକଙ୍କ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ। ସେ ଫୁଲ୍ ପ୍ୟାଣ୍ଟ, ଶାର୍ଟ ପିନ୍ଧିଛନ୍ତି। ସ୍ଥାନୀୟ ମାହାଳ ଗ୍ରାମର କେତେଜଣ ମତ୍ସ୍ୟଜୀବୀ ସମୁଦ୍ରରୁ ମାଛ ଧରି ଫେରୁଥିବାବେଳେ ମୃତଦେହ ପଡିଥିବା ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ମୃତଦେହ ପଚି ଦୁର୍ଗନ୍ଧ ହେଉଛି। ମୁହଁ ନଷ୍ଟ ହୋଇଯାଇଥିବାରୁ ଚିହ୍ନି ହେଉନାହିଁ। ତେବେ ତାଙ୍କୁ ହତ୍ୟା କରି ଫିଙ୍ଗି ଦିଆଯାଇଥିବା ସନ୍ଦେହ କରାଯାଉଛି। ଗତ ୨୧ ତାରିଖରୁ ଏହାକୁ ମିଶାଇ ପାରାଦୀପରୁ ୫ଟି ମୃତଦେହ ମିଳିଲାଣି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ପରିଚୟ ମିଳିଥିବାବେଳେ ୩ଜଣଙ୍କ ପରିଚୟ ମିଳିପାରିନାହିଁ। ଗୋଟିଏ ମୃତଦେହ ବନ୍ଦର ପୋତାଶ୍ରୟରେ ଭାସୁଥିଲା। କିନ୍ତୁ ପୋଲିସ ଉଦ୍ଧାର କରିବାକୁ ଯିବାବେଳକୁ ତାହା ବୁଡ଼ିଯାଇଥିଲା।

### ଶ୍ରେଣୀଗୃହ ନିର୍ମାଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର



**ନାଉଗାଁ,୨୬।୯(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅଲଣା ପଞ୍ଚାୟତର ନହଡ଼ିପଡ଼ା ପ୍ରାଥମିକ ବିଦ୍ୟାଳୟରେ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ଗ୍ରାମବାସୀ ତଥା ଶିକ୍ଷା ପରିଚାଳନା କମିଟିର ସଦସ୍ୟମାନେ ଗୁରୁବାର ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ଏଥିରେ ସେମାନେ ଦର୍ଶାଇଛନ୍ତି ଯେ, ୭୦ ବର୍ଷ ତଳର ଏହି ବିଦ୍ୟାଳୟର ଶ୍ରେଣୀଗୃହ ଆବଶ୍ୟକତା ଥିବାବେଳେ ୧୨ ବର୍ଷ ତଳେ ଏକ ଗୃହ ନିର୍ମାଣ ହୋଇଥିଲା। କିନ୍ତୁ ଉକ୍ତ ଗୃହ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ତାହା ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ତେଣୁ ଛାତ୍ରୀଛାତ୍ର ପାଠ ପଢିବା ପାଇଁ ଅନ୍ୟ କୌଣସି ଗୃହ ନ ଥିବାରୁ ୨ ବର୍ଷ ତଳେ ଶିକ୍ଷା ଅଧିକାରୀ ଉକ୍ତ ବିଦ୍ୟାଳୟକୁ ଖଇରାହୁଳି ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରିଥିଲେ। ଏଥିସହ ବିଦ୍ୟାଳୟର ଗୃହକୁ ମଧ୍ୟ ବିପଦସଙ୍କୁଳ ଘୋଷଣା କରାଯାଇଥିଲା। ସେବେଠାରୁ ପିଲାମାନେ ଖଇରାହୋଲି ବିଦ୍ୟାଳୟକୁ ଯାଉଛନ୍ତି। କିନ୍ତୁ ଉକ୍ତ ବିଦ୍ୟାଳୟଟି ଗ୍ରାମଠାରୁ ୨ କିମି ଦୂରରେ ଥିବାରୁ ପିଲାମାନେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ନହଡ଼ିପଡ଼ା ପ୍ରାଥମିକ ବିଦ୍ୟାଳୟର ପରିତ୍ୟକ୍ତ ଶ୍ରେଣୀଗୃହ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏହା ମଧ୍ୟରେ ବିଷଧର ସାପ ରହୁଛନ୍ତି। ସନ୍ଧ୍ୟା ହେଲେ ଘର ବାରଣ୍ଡାରେ ଅସାମାଜିକମାନେ ଆଡ୍ଡା ଜମାଉଛନ୍ତି। ଏ ସମ୍ପର୍କରେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନି। ତେଣୁ ନହଡ଼ିପଡା ପ୍ରାଥମିକ ବିଦ୍ୟାଳୟର ବିପଦସଙ୍କୁଳ ଘରକୁ ଭାଙ୍ଗି ନୂତନ ଗୃହ ନିର୍ମାଣ ପାଇଁ ଗ୍ରାମର ବିରଞ୍ଚି କୁମାର ଦାସ, ସକିନା ଭୋଇ, ଜୟୀରାମ ଭୋଇ ପ୍ରମୁଖ ଦାବି କରିଛନ୍ତି।

■ ମା’ ଶାରଳା ମନ୍ଦିର : ଭୋଗ, ଦୀପ ଦୋକାନୀଙ୍କୁ ୧୦ ଲକ୍ଷ ଟଙ୍କା ଛାଡ଼ ପ୍ରସଙ୍ଗ

# ପୁନର୍ବିଚାର କରିବାକୁ କହିଲେ ଦେବୋତ୍ତର କମିଶନର

■ଉପରସ୍ତରରେ ରହିଛି ଦୋକାନୀଙ୍କ ହାତ
■ଦେବୋତ୍ତର କମିଶନରଙ୍କୁ ଫେରାଦ ହେଲେ ସେବାୟତ
■ମନ୍ତ୍ରୀ ପ୍ରତାପ ଜେନାଙ୍କ ସମ୍ପୃକ୍ତିକୁ ନେଇ ଚର୍ଚ୍ଚା

**ଜଗତ୍‌ସିଂହପୁର ଅଫିସ,୨୬।୯**

ଜଗତ୍‌ସିଂହପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ମା’ ଶାରଳାଙ୍କ ପୀଠରେ ପ୍ରତିବର୍ଷ ପାର୍କିଂ, ଭୋଗ ଓ ଦୀପ ଦୋକାନ ପାଇଁ ନିଲାମ ହୁଏ। କିନ୍ତୁ ନିଲାମଧାରୀମାନେ ସର୍ତ୍ତ ଖିଲାପ କରି କିସ୍ତି ଟଙ୍କା ଜମା କରୁନାହାନ୍ତି। ସେମାନେ ରାଜସ୍ୱ ଲୁଟ୍ କରିଚାଲିଥିବା ବେଳେ ଦେବୋତ୍ତର ବିଭାଗ ଏନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ କିସ୍ତି ଖିଲାପକାରୀ ଏହି ଦୋକାନୀଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଛି। ସେମାନଙ୍କ ଉପରେ ଥିବା ବକେୟା ଅର୍ଥ ଆଦାୟ ପରିବର୍ତ୍ତେ ବାତ୍ୟା ଫନୀରେ କ୍ଷତିର ଆଳ ଦେଖାଇ ପାଖାପାଖି ୧୦ ଲକ୍ଷ ଟଙ୍କା ଛାଡ ପାଇଁ ନିଷ୍ପତ୍ତି ନେଇଛି। ଏଭଳି ନିଷ୍ପତ୍ତିକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶତାଧିକ ସେବାୟତ, ଭକ୍ତ ଓ ସାଧାରଣ ଜନତା ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କିତ ଖବର ଗତ ୨୫ ତାରିଖରେ ପ୍ରଥମେ ଧରିତ୍ରୀରେ ପ୍ରକାଶ ପାଇଲା ପରେ ଦେବୋତ୍ତର କମିଶନର ଚିତ୍ତରଞ୍ଜନ ମହାପାତ୍ର ପ୍ରସଙ୍ଗର ଗମ୍ଭୀରତାକୁ ହୃଦୟଙ୍ଗମ କରିଛନ୍ତି। ଗୁରୁବାର ସେ ଶାରଳା ମନ୍ଦିର ପରିଦର୍ଶନରେ ଆସିଥିବାବେଳେ ଏକାଧିକ ସେବାୟତ ଏହି ପ୍ରସଙ୍ଗ ଉଠାଇ ପୁନଃବିଚାର ପାଇଁ ଅନୁରୋଧ କରିଥିଲେ।

ତେଣୁ ଏହା ଉପରେ କମିଶନର ମହାପାତ୍ର ଧରିତ୍ରୀକୁ ସ୍ୱତନ୍ତ୍ର ଭାବେ କହିଛନ୍ତି ଯେ, ନିଷ୍ପତ୍ତିର ପୁନଃବିଚାର କରାଯିବ। ଭୋଗ ଓ ଦୀପ ଦୋକାନୀ କିସ୍ତି ଟଙ୍କା ଦେଉ ନ ଥିବା ଉପରେ ସେ କହିଛନ୍ତି ଯେ, ନୋଟିସ୍ ହୋଇଛି। ଟଙ୍କା ନ ଦେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି କି ଆବଶ୍ୟକ ପଡ଼ିଲେ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ଏହି କିସ୍ତି ଖିଲାପକାରୀଙ୍କୁ କେଉଁ ପରିସ୍ଥିତିରେ ଅନୁକମ୍ପା ପ୍ରଦର୍ଶନ କରାଗଲା ତା’କୁ ନେଇ ଚର୍ଚ୍ଚା ଥମୁନି। ଜିଲାପାଳ ତଥା ମନ୍ଦିର ପରିଚାଳନା ଟ୍ରଷ୍ଟର ମଧ୍ୟବର୍ତ୍ତୀକାଳୀନ ଟ୍ରଷ୍ଟି ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି ଯେ, ନିଷ୍ପତ୍ତି ପୂର୍ବରୁ ତାଙ୍କୁ ଅନ୍ଧାରରେ ରଖାଯାଇଥିଲା। କିସ୍ତି ଟଙ୍କା ଶୁଝୁ ନ ଥିବା ଦୋକାନୀମାନଙ୍କ ଉପରେ ସେ ଅସନ୍ତୁଷ୍ଟ ଥିବାବେଳେ ଦେବୋତ୍ତର କମିଶନର ସେମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା ତାଙ୍କୁ ନିରାଶ କରିଛି। ଏହା ଉପରେ ଦେବୋତ୍ତର କମିଶନର କହିଛନ୍ତି, ବାସ୍ତବରେ ଜିଲାପାଳଙ୍କୁ ପୂର୍ବରୁ କିଛି ଜଣାଇବାର ଆବଶ୍ୟକତା ନାହିଁ। ନିଷ୍ପତ୍ତି ପରେ ଜଣାଇ ଦିଆଯାଇଛି। ଜିଲାପାଳ, ଦେବୋତ୍ତର କମିଶନରଙ୍କ କଥାକୁ ତର୍ଜମା କଲେ ଜଣାଯାଏ, ବାସ୍ତବରେ ଭୋଗ ଓ ଦୀପ ଦୋକାନୀଙ୍କ ହାତ ବହୁତ ଲମ୍ବା। କୁହାଯାଉଛି ମନ୍ତ୍ରୀ ପ୍ରତାପ ଜେନାଙ୍କ ଚାପରେ ଦେବୋତ୍ତର କମିଶନର ଏଭଳି ନିଷ୍ପତ୍ତି ନେବାକୁ ଏକପ୍ରକାର ବାଧ୍ୟ ହୋଇଛନ୍ତି। ମନ୍ତ୍ରୀ ଜେନା କାଳେ ୨ ମାସର ଅର୍ଥ ଛାଡ ପାଇଁ ଚାପ ପକାଉଥିଲେ। କିନ୍ତୁ କମିଶନର ୨୫ ଦିନର ଅର୍ଥ ଛାଡ଼ କରିଛନ୍ତି। ଅନ୍ୟପଟେ ମନ୍ଦିରରେ ଏଜି ଅଡିଟ୍ କରିବାକୁ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ତ୍ରୁଟି, ବିଚ୍ୟୁତି ପଦାକୁ ଆସିପାରେ ବୋଲି କୁହାଯାଉଛି।

ଚଳିତବର୍ଷ ପାର୍କିଂ ଟେଣ୍ଡର ନେଇଥିବା ବ୍ୟକ୍ତି କିଛିଦିନ ପୂର୍ବରୁ ଏହି ଦାୟିତ୍ୱରୁ ଓହରି ଯାଇଛନ୍ତି। ଭୋଗ ଓ ଦୀପ ଦୋକାନୀ କିନ୍ତୁ ବିନା ଚୁକ୍ତିନାମାରେ କାରବାର ଚଳାଇଛନ୍ତି। ଏହି ଦୋକାନୀମାନେ କିସ୍ତି ଟଙ୍କା ଶୁଝୁ ନ ଥିଲେ ସୁଦ୍ଧା ବିଭାଗ କେବଳ ନୋଟିସ୍ ଜାରି କରି ଚୁପ ରହିଛି। ଏହି ଦୋକାନୀଙ୍କୁ ୧୦ ଲକ୍ଷ ଟଙ୍କା ଛାଡ କରିବା ନିଷ୍ପତ୍ତିକୁ ବିରୋଧ କରି ଗତ ୨୫ ତାରିଖରେ ଶତାଧିକ ସେବକ, ଭକ୍ତ, ବୁଦ୍ଧିଜୀବୀ ଓ ସାଧାରଣ ଜନତା ମନ୍ଦିର ପରିସରରେ ଏକତ୍ରିତ ହୋଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ନିଲାମଧାରୀଙ୍କ ଉପରେ ୨ ବର୍ଷ ଭିତରେ ୫୦ ଲକ୍ଷରୁ ଅଧିକ ଟଙ୍କା ବକେୟା ରହିଛି। ପ୍ରଶାସନିକ କାର୍ଯ୍ୟଦକ୍ଷତା ଅଭାବରୁ ଏହି ଅର୍ଥ ଆଦାୟ ହୋଇପାରୁନି, ଯେଉଁ କାରଣରୁ ନିଲାମଧାରୀମାନେ ବକେୟା ଅର୍ଥ ପଇଠ ନ କରି ଚଳିତ ବର୍ଷ ଫନୀ ବାତ୍ୟା ଆଳ ଦେଖାଇ ନିଲାମ ଅର୍ଥ ଛାଡ ପାଇବାରେ ସମର୍ଥ ହୋଇଛନ୍ତି। ୧୯୯୯ ମହାବାତ୍ୟା ସମୟରେ ନିଲାମଧାରୀମାନେ କ୍ଷତି ଦର୍ଶାଇ ନିଲାମ ଅର୍ଥ ଛାଡ ପାଇଁ ଅନୁରୋଧ କରିଥିଲେ। ସେତେବେଳେ ଦେବୋତ୍ତର କମିଶନର ଖୁବ କମ ଅର୍ଥ ଛାଡ କରିଥିଲେ ସୁଦ୍ଧା ଭବିଷ୍ୟତରେ କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ହେଲେ ନିଲାମ ଅର୍ଥ ଛାଡ କରାଯିବ ନାହିଁ ବୋଲି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୁଃଖର କଥା ହେଲା ବାତ୍ୟା ଫନୀରେ ମନ୍ଦିର ଭୋଗ ଓ ଦୀପ ଦୋକାନରେ କିଛି ବି କ୍ଷତି ହୋଇ ନ ଥିଲେ ସୁଦ୍ଧା ଦେବୋତ୍ତର ବିଭାଗ ଭୋଗ ଦୋକାନୀଙ୍କୁ ପାଖାପାଖି ୫ ଲକ୍ଷ ଓ ଦୀପ ଦୋକାନୀଙ୍କୁ ୪,୩୧,୩୪୯ ଟଙ୍କା ଛାଡ କରିଛନ୍ତି। ସୂଚନାଯୋଗ୍ୟ ଯେ, ଭୋଗ ଦୋକାନୀଙ୍କ ଉପରେ ୭୨,୨୭,୭୦୭ ଓ ଦୀପ ଦୋକାନୀଙ୍କ ଉପରେ ୬୨,୫୭,୭୦୧ ଟଙ୍କା ବକେୟା ରହିଥିଲା। ଗତବର୍ଷ ଓ ଚଳିତବର୍ଷର କିସ୍ତି ଟଙ୍କା ଶୁଝିଲା ପରେ ପାଖାପାଖି ୫୦ ଲକ୍ଷ ଟଙ୍କା ବକେୟା ରହିଛି।

■ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଜଗତ୍‌ସିଂହପୁର ଗସ୍ତ

## ଜିଲାପାଳଙ୍କ କାର୍ଯ୍ୟାଳୟର ନିରୀକ୍ଷଣ ରିପୋର୍ଟ ସମୀକ୍ଷା



ବୈଠକରେ ଉପସ୍ଥିତ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ଜଗତ୍‌ସିଂହପୁର ଅଫିସ, ୨୬।୯**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ଗୁରୁବାର ଦିନିକିଆ ଜଗତ୍‌ସିଂହପୁର ଜିଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି। ବିଶେଷକରି ପେନସନ୍ ମାମଲା, ସୂଚନା ଅଧିକାର ଆଇନ, ଜନ ଅଭିଯୋଗ, କୋର୍ଟ ଓ ରାଜସ୍ୱ ମାମଲା, ସାର୍ଟିଫିକେଟ୍ ମାମଲା, ଜବରଦଖଲ, ବେବନ୍ଦୋବସ୍ତ, ତଉଜି, ଜମି ଅଧିଗ୍ରହଣ, ମମତା ଯୋଜନା, ମିଶନ ଶକ୍ତି, ବାର୍ଦ୍ଧକ୍ୟ ଓ ବିବିଧ ଭତ୍ତା ପ୍ରଦାନ, କଳାକାର ଭତ୍ତା, ଅନୁସୂଚିତ ଜନଜାତି ଓ ଜାତି ପିଲାଙ୍କୁ ସ୍କଲାରସିପ୍, କୃଷକ ପଞ୍ଜିକରଣ, ଭୋଟର ତାଲିକା ଯାଞ୍ଚ ଆଦି ଠିକ ଭାବେ ହେଉଛି କି ନାହିଁ ବୁଝିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ରାଜସ୍ୱ ଅଧିକାରୀ, ବିଡିଓ, ତହସିଲଦାର, ଜିଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର ଓ ସହକାରୀ ଜିଲାପାଳଙ୍କ କାର୍ଯ୍ୟାଳୟର ନିରୀକ୍ଷଣ ରିପୋର୍ଟ ସମୀକ୍ଷା କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ସ୍ୱାଗତ କରିଥିଲେ। ରାଜସ୍ୱ ଆୟୁକ୍ତ ଜିଲାପାଳଙ୍କ ୱେବ୍ ଆଧାରିତ ଅଭିଯୋଗ ସମାଧାନ, ଇ-ଅଫିସ, ଇ-ଡେସ୍‌ପାଚ୍, ଜନ ସହଯୋଗ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଅଧିକାରୀମାନେ ରାଜ୍ୟ ସରକାରଙ୍କ ୫ଟି ମନ୍ତ୍ର ଆଧାରରେ ପ୍ରତିବଦ୍ଧତାର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ରାଜସ୍ୱ ମାମଲା, ରାଜସ୍ୱ ସଂଗ୍ରହ, ପେନସନ୍‌ମାମଲା, କୋର୍ଟ ମାମଲା ଅଗ୍ରାଧିକାର ଭିତ୍ତିରେ ଫଏସଲା କରିବାକୁ କହିଥିଲେ। ବୈଠକରେ ଜିଲାପାଳ ମହାପାତ୍ର ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ରାଜସ୍ୱ ଆୟୁକ୍ତଙ୍କୁ ଅବଗତ କରାଇଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଥମଥର ପାଇଁ ଇ-ଅଫିସ ବ୍ୟବସ୍ଥା, ଇ-ଡେସ୍‌ପାଚ ଜନସାଧାରଣଙ୍କ ଅଭିଯୋଗ ଓ ମିଡିଆ କ୍ଲିପିଂ ଡିଜିଟାଇଜେସନ୍, ମାସର ୪ର୍ଥ ଶନିବାର ବିଭିନ୍ନ ବିଭାଗୀୟ କାର୍ଯ୍ୟର ସମୀକ୍ଷା ଆଦି ହେଉଥିବା ଓ ୫ଟି ମନ୍ତ୍ର ଉପରେ ଜିଲାସ୍ତରୀୟ ନଲେଜ ହବ୍ ଆୟୋଜନ ସମ୍ପର୍କରେ ଜଣାଇଥିଲେ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଜିଲାସ୍ତରୀୟ ଅଧିକାରୀ, ଡେପୁଟି ଓ ସହକାରୀ ଜିଲାପାଳ, ବିଡିଓ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ।



## ମା’ ସିଦ୍ଧିଦାତ୍ରୀଙ୍କ ବରାହୀ ବେଶ

**ନାଉଗାଁ,୨୬।୯(ସ୍ୱ.ପ୍ର.):** ଜଗତ୍‌ସିଂହପୁର ବ୍ଲକ ସରାପ୍ଦୋସ୍ଥିତ ମା’ ସିଦ୍ଧିଦାତ୍ରୀ ଦିବ୍ୟ ଜୀବନ ସେବାଶ୍ରମରେ ଗୁରୁବାର ଶାରଦୀୟ ପାର୍ବଣର ପଞ୍ଚମ ଦିବସରେ ମା’ଙ୍କ ବରାହୀ ବେଶ ଅନୁଷ୍ଠିତ ହୋଇଛି। ଯଥାରୀତି ପୂଜାର୍ଚ୍ଚନା ପରେ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ ଏହି ବେଶ ହୋଇଥିଲା। ମା’ଙ୍କ ଏହି ଶାରଦୀୟ ବେଶ ଦେଖିବାକୁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। କାର୍ଯ୍ୟକ୍ରମକୁ ଆଶ୍ରମର ସମ୍ପାଦକ ଅକ୍ଷୟ ମିଶ୍ର ପରିଚାଳନା କରିଥିଲେ।

## ଚାଷଜମିରେ ଲହଡ଼ି ମାରୁଛି ବର୍ଷାପାଣି

**ବାଲିଆ,୨୬।୯**

ଲଘୁଚାପ ଜନିତ ଲଗାଣ ବର୍ଷାରେ ବିରିଡ଼ି ବ୍ଲକ ଅଞ୍ଚଳରେ ବହୁ ଚାଷଜମି ଜଳମଗ୍ନ ହୋଇଛି। ବିଶେଷ କରି ତଳିଆ ଅଞ୍ଚଳରେ ବ୍ୟାପକ ଧାନ ଫସଲ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଥରେ ନୁହେଁ କି ଦୁଇ ଥର ନୁହେଁ, ଏଥରକୁ ମିଶାଇ ୫ଥର ହେବ ଲଗାଣ ବର୍ଷାରେ ଧାନ ଫସଲ ପ୍ରଭାବିତ ହୋଇଛି। ବିରିଡି ବ୍ଲକର ଶିବପୁର, ଅଡ଼ଙ୍ଗମଜୁରାଇ, ବରାହପୁର, ତଳପାଟକ, ନୂଆଡଣା, ମାହତଳ, କୁଳକଇଜଙ୍ଗା, ବଡିମୀରା, ସାହାବାଦ, ମଧ୍ୟଶାସନ, ଉତ୍ତରଶାସନ, ବଗୁଲା, ଶଙ୍ଖପୁର ଦରଡ଼ାଗ୍ରାମ ଆଦି ମୌଜାର ତଳିଆ ଅଞ୍ଚଳରେ ଥିବା ଚାଷଜମିରେ ୪ ଦିନ ହେଲା ପାଣି ଜମି ରହିଛି। ଏବେ ସେସବୁ ଜମିରେ ଫସଲ ନଷ୍ଟ ହୋଇଥିବା ବେଳେ ବ୍ୟାଙ୍କରୁ ଋଣ ଆଣି ଚାଷ କରିଥିବା ଚାଷୀମାନେ ଚିନ୍ତାରେ ପଡିଛନ୍ତି। ତେଣୁ ଫସଲ ହାନୀ କ୍ଷୟକ୍ଷତି ଆକଳନ କରି ତୁରନ୍ତ ସାହାଯ୍ୟ ପ୍ରଦାନ କରିବାକୁ ବହୁ ଚାଷୀ ଦାବି କରିଛନ୍ତି।



ଜଳମଗ୍ନ ହୋଇ ରହିଥିବା ଚାଷ ଜମି।

## ଓଡ଼ିଶା ଜୀବିକା ମିଶନ ବୈଠକ

**ବିରିଡ଼ି,୨୬।୯(ଡି.ଏନ.ଏ.)**

ବିରିଡ଼ି ବ୍ଲକସ୍ତରୀୟ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତିର ଏକ ମିଳିତ ବୈଠକ ଗୁରୁବାର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ଅଙ୍ଗନୱାଡି କର୍ମୀ ଓ ଜୀବୀକା ମିଶନ କର୍ମଚାରୀମାନେ ମିଳିତ ହୋଇ କାର୍ଯ୍ୟ କରିବାକୁ କୁହାଯାଇଥିଲା। ବିଶେଷ କରି ସ୍ୱଚ୍ଛତା ବିଷୟରେ ଆଲୋଚନା କରାଯାଇଥିଲା। କର୍ମଚାରୀମାନେ ନିଜ ନିଜ ଦାୟିତ୍ୱକୁ ସୂଚାରୁ ରୂପେ ପରିଚାଳନା କରିବା, ବିଭିନ୍ନ ସମୟରେ ସଭା ଆୟୋଜନ କରି ଏସଏଚଜିର ସଶକ୍ତିକରଣ କରିବା, ଗ୍ରେଡେସନ ସମୟରେ ଅଙ୍ଗନୱାଡି କର୍ମୀଙ୍କ ସହିତ ଜୀବିକା ମିଶନର କର୍ମଚାରୀ ମଧ୍ୟ ଉପସ୍ଥିତ ରହି ସରକାରୀ ଯୋଜନା ଅନୁଯାୟୀ ଏସଏଚଜିଙ୍କୁ ଉତ୍ସାହିତ କରିବା, ଯେଉଁମାନେ ଏସଏଚଜି ମେମ୍ବର ହୋଇନାହାନ୍ତି ସେମାନଙ୍କୁ ମେମ୍ବର କରିବାକୁ କୁହାଯାଇଥିଲା। ଏବିଡିଓ ଗିରିଜା ବାରିକ, ପ୍ରଗତି ସହାୟକ ସୁରେନ୍ଦ୍ରନାଥ ଶତପଥୀ, ସିଡିପିଓ ଗୌରୀ ଦେଇ, ଏମବିକେ, ବ୍ୟାଙ୍କ ମିତ୍ର, ସିଆରପି ଓ ଆଇସିଡିଏସର ସମସ୍ତ ସୁପରଭାଇଜର, ବିପିସି ବିଜୟ ରଣା, ଡିପିସି ଅଭିକ ନାରାୟଣ ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଜ୍ୟବସ୍ତୁ ପରିଚାଳନା କର୍ମଶାଳା




କର୍ମଶାଳାରେ ଉପସ୍ଥିତ ବନ୍ଦର ଅଧ୍ୟକ୍ଷ, ପୌରାଧ୍ୟକ୍ଷ ଓ ଅନ୍ୟମାନେ।

**ପାରାଦୀପ,୨୬।୯(ସ୍ୱ.ପ୍ର.)**

ପାରାଦୀପ ନୂଆବଜାରସ୍ଥିତ ଏକ ହୋଟେଲ ପରିସରରେ ବର୍ଜ୍ୟବସ୍ତୁ ପରିଚାଳନା ନିୟମ-୨୦୧୬ ସମ୍ପର୍କରେ ଗୁରୁବାର ଦୁଇଦିନିଆ କର୍ମଶାଳା ଆରମ୍ଭ ହୋଇଛି। ପାରାଦୀପ ପୌରପାଳିକା ଓ ନ୍ୟାଶନାଲ ପ୍ରଡକ୍ଟିଭିଟି କାଉନ୍‌ସିଲର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏଡିଏମ୍ କାହ୍ନୁଚରଣ ଧିର, ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ ଚନ୍ଦ୍ର ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। କେନ୍ଦ୍ର ସରକାର ୨୦୧୬ରେ ସ୍ୱଚ୍ଛ ଭାରତ ଅଭିଯାନ ଅଂଶବିଶେଷ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ୬ ପ୍ରକାର ନିୟମ କରିଛନ୍ତି। ସେଗୁଡିକ ହେଲା ସଲିଡ୍‌ୱେଷ୍ଟ ମ୍ୟାନେଜମେଣ୍ଟ, ବାୟୋମେଡିକାଲ ୱେଷ୍ଟ ମ୍ୟାନେଜମେଣ୍ଟ, ଇ-ୱେଷ୍ଟ ମ୍ୟାନେଜମେଣ୍ଟ, ହାଜାର୍ଡ ଆଣ୍ଡ ଅଦର ୱେଷ୍ଟ, ପ୍ଲାଷ୍ଟିକ ୱେଷ୍ଟ ମ୍ୟାନେଜମେଣ୍ଟ, କନ୍‌ଷ୍ଟ୍ରକ୍ସନ ଆଣ୍ଡ ଡେମୋଲେଶନ ୱେଷ୍ଟ ମ୍ୟାନେଜମେଣ୍ଟ। ଏହି ୬ ପ୍ରକାର ବର୍ଜ୍ୟବସ୍ତୁ କିପରି ସଂଗ୍ରହ କରାଯିବ, କିପରି ନଷ୍ଟ କରାଯିବ, କିପରି ଖତ ହେବ ଓ କିପରି ସିମେଣ୍ଟ କାରଖାନାରେ ବ୍ୟବହାର ହେବ ଆଦି ସମ୍ପର୍କରେ ପ୍ରଶିକ୍ଷକମାନେ ବୁଝାଇଥିଲେ। ଏହି ନିୟମ ଆଗାମୀ ଦିନରେ ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହେବ। ତେଣୁ ସାଧାରଣ ଲୋକଙ୍କୁ ଏ ସମ୍ପର୍କରେ ପ୍ରଥମେ ଅଭ୍ୟସ୍ତ କରାଯିବ। ପରେ ସଫେଇ ଟିକସ ଲାଗୁ ହେବ ବୋଲି ଏଥିରେ କୁହାଯାଇଥିଲା। ସ୍ୱେଚ୍ଛାସେବୀ ସଙ୍ଗଠନ, ସ୍ୱଚ୍ଛସାଥି, ଶିଳ୍ପ ପ୍ରତିନିଧି, ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତିନିଧିଙ୍କ ସମେତ ୨୦୦ରୁ ଊର୍ଦ୍ଧ୍ୱ ସଦସ୍ୟ ଏହି ଶିବିରରେ ଉପସ୍ଥିତ ଥିଲେ।

## ନୂତନ ଅଧ୍ୟାପକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

**ବାଲିଆ,୨୬।୯**

ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକର ଅନନ୍ତବଟଠାରେ ଥିବା ଅଳକା ମହାବିଦ୍ୟାଳୟରେ ନୂତନ ଅଧ୍ୟାପକ ନିଯୁକ୍ତିରେ ଅନିୟମିତତା କରାଯାଉଥିବା କେତେଜଣ ଅଧ୍ୟାପକ ଓ କର୍ମଚାରୀ ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ, ଏହି ମହାବିଦ୍ୟାଳୟର ଅଧ୍ୟକ୍ଷ ବନମାଳି ବେହେରା ଆସନ୍ତା ୩୦ ତାରିଖରେ ଅବସର ନେବାକୁଯାଉଛନ୍ତି। ସେହିପରି ବର୍ତ୍ତମାନ ମହାବିଦ୍ୟାଳୟର ଆର୍ଥିକ ସ୍ଥିତି ମଧ୍ୟ ଭଲ ନାହିଁ। ପ୍ରାୟ ୧୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ନିଅଣ୍ଟିଆ ବୋଝ ମହାବିଦ୍ୟାଳୟ ଉପରେ ରହିଛି। ଛାତ୍ରୀଛାତ୍ରଙ୍କ ପାଠପଢା ପାଇଁ ଆବଶ୍ୟକ ଶ୍ରେଣୀଗୃହ ନାହିଁ। ମହାବିଦ୍ୟାଳୟରେ ପରିଚାଳନା କମିଟି ନାହିଁ। ପୂର୍ବର ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ୪୨ ଜଣ ଅଧ୍ୟାପିକ, ଅଧ୍ୟାପକ ଓ କର୍ମଚାରୀଙ୍କୁ ଉପଯୁକ୍ତ ଦରମା ପ୍ରଦାନ କରାଯାଉ ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅର୍ଥ ଅଭାବ ଦର୍ଶାଇ ସେମାନଙ୍କ ଦରମା ବୃଦ୍ଧି କରାଯାଉନାହିଁ। ଏସବୁର ସମାଧାନ ନ କରି ଅନାବଶ୍ୟକ ଭାବେ ଆଉ ୬ଜଣ ନୂତନ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ପାଇଁ ତରବରିଆ ଭାବେ ଉଦ୍ୟମ ଚାଲିଛି। ସେହିପରି ବିଭିନ୍ନ ବିଭାଗରେ ୬ଜଣ ଅଧ୍ୟାପକଙ୍କୁ ନିଯୁକ୍ତି ଦେବାକୁ ଥିବାବେଳେ ସମ୍ପୃକ୍ତ ବିଭାଗର ବରିଷ୍ଠ ପ୍ରାଧ୍ୟାପକଙ୍କ ସହ ଆଲୋଚନା କରାଯାଇ ନ ଥିବା ଅଭିଯୋଗ ହୋଇଛି। ଗତ ୯ ତାରିଖଠାରୁ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିପାଇଁ ବିନା ପରାମର୍ଶରେ ୨୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିଜ୍ଞାପନ ବାହାର କରାଯାଇଥିଲା। ଏହା ପରେ ଅନେକ ଆଶାୟୀ ପ୍ରାର୍ଥୀ ଆବେଦନ କରିଥିଲେ। ସେମାନଙ୍କ ସାର୍ଟିଫିକେଟ ଓ ଅନ୍ୟାନ୍ୟ କାଗଜପତ୍ର ସ୍କ୍ରୁଟିନ ପାଇଁ ଗତ ୨୪ ଓ ୨୫ ତାରିଖରେ ଦୁଇ ଦିନ ଧରି ଡକାଯାଇଥିଲା। ଯେଉଁମାନେ ଆବେଦନ କରିଥିଲେ

### ଅଳକା ମହାବିଦ୍ୟାଳୟ

ସେମାନଙ୍କ ପାଖକୁ ଚିଠି କରାଯିବା କଥା। ଏହା କରା ନ ଯାଇ ଅଧ୍ୟକ୍ଷ ବେହେରା ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ନିଜ୍ ମୋବାଇଲରୁ ଫୋନ୍ କରି ଡକାଇଥିଲେ। ଫଳରେ ଅନେକ ଯୋଗ୍ୟ ପ୍ରାର୍ଥୀ ଏହି ସ୍କ୍ରୁଟିନ ପ୍ରକ୍ରିୟାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏପରି କି ସ୍କ୍ରୁଟିନ କରିବା ପାଇଁ ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ଡ. ପ୍ରଶାନ୍ତ କୁମାର ପରିଡା, ଡ. ବିଶ୍ୱଜିତ ରାୟ ଓ ହିମାଂଶୁ ଶେଖର ରାୟଙ୍କ ନାମ ଥିବାବେଳେ ସେମାନଙ୍କୁ ଚିଠି କରାଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସେମାନଙ୍କୁ ବାଦ୍ ଦିଆଯାଇ ଅଧ୍ୟାପକ ଅଶୋକ କୁମାର ଲେଙ୍କା ଓ ମୁଖ୍ୟ କିରାଣି ଗୋରାଙ୍ଗ ମିଶ୍ରଙ୍କୁ ନେଇ ସ୍କ୍ରୁଟିନ କରାଯାଇଥିଲା। ସେହିପରି ମେରିଟ୍ ଅନୁଯାୟୀ ନିଯୁକ୍ତି କରାଯାଉଥିବା ଅଧ୍ୟକ୍ଷ ବେହେରା କହୁଥିବାବେଳେ ବରିଷ୍ଠ ପ୍ରାଧ୍ୟାପକମାନଙ୍କୁ ଏଥିରୁ କାହିଁକି ଦୂରେଇ ରଖାଗଲା ତାହା ବୁଝାପଡୁନି। ତେଣୁ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଅଧ୍ୟକ୍ଷ ବେହେରାଙ୍କୁ ପଚାରିବାରେ ସେ କହିଲେ ଯେ, ନିଯୁକ୍ତି ପାଇଁ ଆମକୁ ନିର୍ଦ୍ଦେଶ ହୋଇଛି। ସେହି ଅନୁଯାୟୀ ପ୍ରାର୍ଥୀଙ୍କ ବିଭିନ୍ନ କାଗଜପତ୍ର ସ୍କ୍ରୁଟିନ ପାଇଁ ଡକାଯାଇଥିଲା। ନିଯୁକ୍ତି କେବେ ହେବ ସେ ଜାଣି ନ ଥିବା କହିଛନ୍ତି। ସେହିପରି ନିଯୁକ୍ତି ପାଇଁ କିଏ ନିର୍ଦ୍ଦେଶ ଦେଇଥିଲେ ତାହା ସେ କହିନାହାନ୍ତି। ୬ ପଦବୀ ପାଇଁ ମୋଟ୍ କେତେଜଣ ଆବେଦନ କରିଥିଲେ, କେଉଁ ବିଭାଗ ପାଇଁ କେତେଜଣ ଆଶାୟୀ ପ୍ରାର୍ଥୀ ଅଛନ୍ତି ସେ ସମ୍ପର୍କରେ ତଥ୍ୟ ଦେବାକୁ ଅଧ୍ୟକ୍ଷ ବେହେରା କୁଣ୍ଠାବୋଧ କରିବା ସହ ମାତ୍ର ୩୦/୩୫ ଜଣ ଆବେଦନ କରିଛନ୍ତି ବୋଲି ଉପରଠାଉରିଆ ଭାବେ କହିଛନ୍ତି। ଅନ୍ୟପକ୍ଷରେ କେତେଜଣ ଆବେଦନକାରୀଙ୍କୁ ଡକାଯାଇ ନ ଥିବାରୁ ସେମାନେ ଆଇନର ଆଶ୍ରୟ ନେବେ ବୋଲି କହିଛନ୍ତି।

## ସୋସିଆଲ ମିଡ଼ିଆରେ ଫଟୋ ଭାଇରାଲ

# ପୁରୀର ନୂଆ ଯୁବରାଜଙ୍କୁ ନେଇ ଚର୍ଚ୍ଚା



ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଫଟୋ।

**ପୁରୀ ଅଫିସ,୨୬।୯:** ପୁରୀର ନୂଆ ଯୁବରାଜ। ଏକ ଗ୍ରୁପ୍ ଫଟୋ ତଳେ ଏମିତି ଲେଖାଯାଇ ଏହାକୁ ସୋସିଆଲ ମିଡିଆରେ ଭାଇରାଲ କରାଯାଇଛି। ଫଟୋରେ ସମ୍ପୂର୍ଣ୍ଣ ରାଜକୀୟ ଠାଣିରେ ଥିବା ଯୁବକଙ୍କୁ ପୁରୀର ନୂଆ ଯୁବରାଜ ବୋଲି ଦର୍ଶାଯାଇଛି। ଫଳରେ କୋଟି କୋଟି ଓଡ଼ିଆଙ୍କ ମନରେ ଉଙ୍କି ମାରିଛି ଅନେକ ଅସମାହିତ ପ୍ରଶ୍ନ। ଫଟୋରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଏବଂ ମହାରାଣୀ ରହିଥିବାରୁ ଏହାକୁ ନେଇ ଅନେକଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ପ୍ରକାଶ ପାଇଛି। ଗୁରୁବାର ଦିନତମାମ୍ ଏହି ଫଟୋକୁ ନେଇ ନାନା ପ୍ରକାର ଚର୍ଚ୍ଚା ବି ଚାଲିଥିଲା। ତେବେ ଶ୍ରୀନଅର କାର୍ଯ୍ୟାଳୟ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ଏହା ସମ୍ପୂର୍ଣ୍ଣ ମିଛ ଏବଂ ଗୁଜବ ବୋଲି କୁହାଯାଇଛି। ଫଟୋରେ ଯାହାଙ୍କୁ ପୁରୀର ନୂଆ ଯୁବରାଜ ବୋଲି ଦର୍ଶାଯାଇଛି ସେ ନୀଳଗିରି ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନଙ୍କ ପୁଅ ଟିକାୟତ ଜନ୍ମେଜୟ ମର୍ଦ୍ଦରାଜ।

### ଶ୍ରୀନଅର କାର୍ଯ୍ୟାଳୟ କହିଲା ଗୁଜବ

୨୦୧୬ ମସିହାରେ ନୀଳଗିରି ଯୁବରାଜ ଜନ୍ମେଜୟଙ୍କର ନିର୍ବନ୍ଧ ଉତ୍ସବରେ ଏହି ଫଟୋ ଉଠିଥିଲା। ଏଥିରେ ଗଜପତି ମହାରାଜା ଏବଂ ମହାରାଣୀଙ୍କ ସମେତ ନୀଳଗିରି ରାଜା, ଢେଙ୍କାନାଳ ରାଜା ଏବଂ ସେମାନଙ୍କ ରାଣୀ ମଧ୍ୟ ଉପସ୍ଥିତ ଥିଲେ। ତେବେ କୌଣସି ଖଳ ପ୍ରକୃତିର ବ୍ୟକ୍ତି ମୂଳ ଫଟୋରୁ ଢେଙ୍କାନାଳ ରାଜା ଏବଂ ରାଣୀଙ୍କ ଫଟୋକୁ ବାଦ୍ ଦେଇ ଏପରି କରିଛନ୍ତି ବୋଲି ନୀଳଗିରି ରାଜା ଗଣମାଧ୍ୟମକୁ କହିଛନ୍ତି। ସେହିପରି ଏଭଳି ଚର୍ଚ୍ଚା ସମ୍ପୂର୍ଣ୍ଣ ମିଛ ବୋଲି ପୁରୀ ଶ୍ରୀନଅର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ ଭାବେ ପରିଚିତ ଗଜପତି ମହାରାଜାଙ୍କ ଉତ୍ତରାଧିକାରୀଙ୍କୁ ନେଇ ଏଭଳି ଗୁଜବକୁ ସମସ୍ତେ ନାପସନ୍ଦ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଗିରଫ ହେଲେ ୩୫

**ଭୁବନେଶ୍ୱର,୨୬।୯(ବ୍ୟୁରୋ):** ସରକାରୀ ହସ୍ପିଟାଲକୁ ଆସୁଥିବା ରୋଗୀଙ୍କୁ ନାନା ଭାବେ ପ୍ରଭାବିତ ଓ ପ୍ରଲୋଭିତ କରି ଘରୋଇ ହସ୍ପିଟାଲକୁ ପଠାଯାଉଛି। ସେଠାରେ ନାନା ଭାବେ ରୋଗୀଙ୍କୁ ଶୋଷଣ କରାଯାଉଛି। ଏଥିରେ ଦଲାଲ ମୁଖ୍ୟ ଭୂମିକା ଗ୍ରହଣ କରୁଥିବାବେଳେ ସରକାରୀ ହସ୍ପିଟାଲର କେତେଜଣ ଡାକ୍ତର ଓ କର୍ମଚାରୀ ପରୋକ୍ଷ ସମ୍ପୃକ୍ତ ରହୁଛନ୍ତି। ବର୍ଷ ବର୍ଷ ଧରି ଏଭଳି ଅଭିଯୋଗ ହୋଇ ଆସୁଥିବାବେଳେ ଏବେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସରକାରୀ ହସ୍ପିଟାଲକୁ ତୁରନ୍ତ ଦଲାଲମୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେବାପରେ ଆରମ୍ଭ ହୋଇଛି ସ୍ପେଶାଲ ଡ୍ରାଇଭ୍। ଗତ ଦୁଇ ଦିନରେ ରାଜ୍ୟର ବିଭିନ୍ନ ସରକାରୀ ହସ୍ପିଟାଲ ପରିସରରୁ ୩୫ଜଣ ଦଲାଲଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଭୁବନେଶ୍ୱରରୁ ୪, ସମ୍ବଲପୁର ୫, ବଲାଙ୍ଗୀର ୫, ଭଦ୍ରକ ୪, ମୟୂରଭଞ୍ଜ ୩, ରାଉରକେଲା ୪, ବାଲେଶ୍ୱର ୩, ନବରଙ୍ଗପୁର ୨, କେନ୍ଦୁଝର ୪ ଓ ଅନୁଗୋଳରୁ ଜଣେ ରହିଛନ୍ତି।

### ସରକାରୀ ହସ୍ପିଟାଲରୁ ଦଲାଲ ହଟାଇବାକୁ ସ୍ପେଶାଲ ଡ୍ରାଇଭ


## ZILLA SWASTHYA SAMITI, KANDHAMAL

**Office of the CDM & PHO-cum-Dist Mission Director, Kandhamal**

**No.11289 / NHM/19** **Dt: 26.09.2019**

**NOTICE**

With reference to this Office Advt. No. 9621/HR/52/19 Dt.17.08.2019, the Provisional Database of the Candidates applied for the Post of AYUSH Doctor (RBSK) - Ayurvedic / Homeopathic, Block Data Manager, Yoga Teacher (Part Time) and Lab. Technician (Daily Wage) under NHM, Kandhamal is available in the district website **www.kandhamal.nic.in.** Candidates are requested to verify the details in the Database and submit their objections, if any, to the Office of the CDM&PHO-cum- District Mission Director, NHM, Kandhamal by 04.10.2019. Objections, received after the scheduled date will not be entertained.

**Sd./-**
**CDM&PHO-cum-District**
**Mission Director, Kandhamal**

## OFFICE OF THE NOTIFIED AREA COUNCIL, G. UDAYAGIRI

**TENDER CALL NOTICE**

**No.: 1168** **Date: 26.09.2019**

N.A.C., G.Udayagiri, Dist.- Kandhamal invites sealed bid from intending Regd. Farms/NGOs/Private Agencies/Contractors/ Service Providers fulfilling the eligibility condition for supply of man powers, viz., Sweeper, Tractor Driver, Orderly peon and Electric Lineman to G.Udayagiri N.A.C. for the year 2019-20. The bid documents can be obtained from the N.A.C., G.Udayagiri during office hour except Govt. holidays on payment of Rs.10,000/- (Rupees Ten Thousand) only (Non-refundable) in shape of Cash/Bank Draft drawn in favour of Executive Officer, N.A.C. G.Udayagiri from any Nationalized Bank from Dt.27.09.2019 to 17.10.2019 upto 3.00 P.M. The bid documents alongwith relevant documents submitted in the Office of Executive Officer, N.A.C., G.Udayagiri through Regd. Post/Speed Post or by person on or before Dt.17.10.2019 upto 05.00 P.M. The bid will be opened on Dt.18.10.2019 at 11.30 A.M. in presence of the bidder or their authorized representatives.

The undersigned reserves the right to reject any or all the bids or cancel the bid without assigning any reason thereof.

**Sd./- Executive Officer**
**N.A.C., G. Udayagiri**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER NORTHERN (R&B) CIRCLE, SAMBALPUR

**Mail ID: - sepwdsbp@rediffmail.com**

No.193-B :- **e – Procurement**

**BID IDENTIFICATION No. SENC(R&B) /02/ 2019-20**

**No. 2371** **Dtd. 25.09.2019**

1. The Superintending Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for execution of Road works as detailed in the DTCN from the eligible class of contractors.
2. No. of Works= 01(One) Building Work (Composite - Civil+EI+PH)
3. Tender Cost: Rs. 10,000.00
4. Class of Contractor: "B" Class, "A" Class
5. Date & Time of available in website & receipt of Bids From 10.10.2019 to 17.00 Hours of 26.10.2019
6. Date of opening of Technical Bid 28.10.2019 at 11.00 Hours.
7. The Bidders have to participate in ONLINE bidding only. Further details can be seen from the website **www.tendersodisha.gov.in.**
8. Any corrigendum / addendum will be displayed in the website **www.tendersodisha.gov.in.**

**Sd./- (S.N.Acharya)**
**Superintending Engineer**
**34035/11/0002/1920** **Northern (R&B) Circle, Sambalpur**

## ଆଲ୍ଲାହାବାଦ ବ୍ୟାଙ୍କ

**ଭୁବନେଶ୍ୱର ମୁଖ୍ୟ ଶାଖା, ୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯**

## ଡ଼ିମାଣ୍ଡ ନୋଟିସ୍

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ ଆଲ୍ଲାହାବାଦ ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ଏହି ଶାଖାର ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କ ବିରୁଦ୍ଧରେ ତାହା ନିମ୍ନ ସାରଣୀରେ ପ୍ରଦାନ କରାଗଲା।

| ଋଣଗ୍ରହୀତା/ ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ଋଣ ପରିମାଣ | ବକେୟା ଦେୟ | ନୋଟିସ୍ ତାରିଖ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|---|
| **ଋଣଗ୍ରହୀତା : ଶ୍ରୀମତୀ ଦେବସ୍ମିତା ସାମନ୍ତରାୟ,** ସ୍ୱା-ବିଶ୍ୱରଞ୍ଜନ ଖଟେଇ, ପ୍ଲଟ ନଂ.-୭୬(ଟ୍ରିପଲେକ୍ସ), ମେଟ୍ରୋ ସାଟେଲାଇଟ୍ ସିଟି, ଫେଜ୍-୨, ରୁଦ୍ରପୁର, ହଂସପାଳ ଛକ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, **ଜାମିନ୍‌ଦାର: (୧)ସୂର୍ଯ୍ୟ ନାରାୟଣ ସ୍ୱାଇଁ,** ପ୍ଲଟ ନଂ-ଇବି-୫୮୪, ବରଗଡ ବ୍ରିଟ୍ କଲୋନୀ, ପୋ-ବରଗଡ ବ୍ରିଟ୍ କଲୋନୀ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, **(୨)ପଞ୍ଚାନନ ପଟ୍ଟନାୟକ,** ପିତା-ସ୍ୱ.ଲୋକନାଥ ପଟ୍ଟନାୟକ, ପ୍ଲଟ ନଂ.-ଡି୩/ ୧୨, ମଧୁସୂଦନ ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା। | **ଟ.୪୦,୭୫,୦୦୦/-** | ତା୧୫.୦୮.୨୦୧୯ ସୁଦ୍ଧା **ଟ.୪୫,୨୧,୦୨୮/-** +ସୁଧ, ଖର୍ଚ୍ଚ ଓ ଅନ୍ୟାନ୍ୟ ଦେୟ | **୧୬.୦୮.୨୦୧୯** | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.-୭୬ (ଟ୍ରିପଲେକ୍ସ), ମେଟ୍ରୋ ସାଟେଲାଇଟ୍ ସିଟି, ଫେଜ୍-୨, ଖାତା ନଂ.-୪୧୨/୩୯୫, ପ୍ଲଟ ନଂ.-୭୪୩(ପି), ମୌଜା-ରୁଦ୍ରପୁର, ଥାନା-ବାଲିଅନ୍ତା, ଥାନା ନଂ.-୧୪, ତହସିଲି-ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଏରିଆ- ଏକର ୦.୦୩୪.୪୪ ଡିସିମିଲି, ଚଉହଦି: ଉତର-ସବ୍‌ପ୍ଲଟ ନଂ.-୭୭, ଦକ୍ଷିଣ-ରାସ୍ତା, ପୂର୍ବ-ରାସ୍ତା, ପଶ୍ଚିମ- ସବ୍ ପ୍ଲଟ ନଂ.-୭୫। |

ଆପଣମାନେ ଆମ, ଉପରୋକ୍ତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା/ଆଇନଗତ ଉତ୍ତରାଧିକାରୀମାନେ ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରି କରାଯାଇଥିଲା। ଋଣ ପରିଶୋଧର ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ **ତା ୧୬.୦୮.୨୦୧୯ ରିଖ**ରେ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍ ଦ୍ୱାରା ଆପଣମାନଙ୍କୁ ଜଣାଇ ଦିଆଯାଉଅଛିକି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ବ୍ୟାଙ୍କ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବ। ଆପଣଙ୍କୁ ଜଣାଇ ଦିଆଯାଉଛିକି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ର ଧାରା ୧୩(୧୩) ନୀୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତ ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ପଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ/ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ।

**ସ୍ଥାନ-ଭୁବନେଶ୍ୱର, ତାରିଖ-୨୬.୦୯.୨୦୧୯** **କ୍ଷମତାପ୍ରାପ୍ତ ଅଧିକାରୀ,ଆଲ୍ଲାହାବାଦ ବ୍ୟାଙ୍କ**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER EASTERN MINOR IRRIGATION CIRCLE, KEONJHAR.

Tel No. (06766) 255453,
e-Mail ID : seemickeonjhar@yahoo.com
"e" Procurement Notice
Identification No- 01 EMIC (KJR/2019-20)

No.252-A :- The Superintending Engineer, E.M.I. Circle, Keonjhar on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | | | |
|---|---|---|---|
| 1. | Name of the works | : | Civil Construction work |
| 2. | Total No. of works | : | 02 (Two) |
| 3. | Estimated Cost | : | Rs.142.37 Lakh to 311.20 Lakh (Detail list of work annexed) |
| 4. | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date & time of Availability of Bid Document in the Portal | : | 01.10.2019 at 10.00 AM to 15.10.2019 up to 5.00 PM. |
| 7. | Last date/Time for receipt of Bid in the Portal | : | 15.10.2019 up to 5.00 PM. |
| 8. | Date/Time of Opening of Technical Bid | : | 16.10.2019 at 10.30 AM. at Office of the S.E., E.M.I.C. Keonjhar. |
| 9. | Date/Time of Opening of Financial Bid | : | 22.10.2019 at 10.30 AM |
| 10. | Name & Address of the Officer Inviting the Bid | : | Superintending Engineer., E.M.I. Circle, Keonjhar |
| 11. | Mode of Payment of Bid Cost & Bid Security | : | Online |
| 12. | Further details can be seen from the "e" Procurement Portal **https://tendersorissa.gov.in** | | |

32270/11/0001/1920 **Sd./-SUPERINTENDING ENGINEER**
**EASTERN MINOR IRRIGATION CIRCLE, KEONJHAR.**

## TENDER CALL NOTICE
## OFFICE OF THE D.G. & I.G. OF POLICE, ODISHA, CUTTACK

1. Sealed tenders are invited from the Original Equipment Manufacturers (OEMs) or their Authorized Agent (here after called) as System Integrator/Bidder) for purchase of Equipment for extension/upgradation of existing State Level Operational Control Room for conferencing facility by including to 20 more new field stations of Odisha with installation, commissioning, integration, training under the scheme of Modernisation of Police Force during the current financial year 2019-20.
2. Name of the item alongwith detail technical specification may be seen from the website of Govt. of Odisha i.e. **www.odisha.gov.in**. The quantity may vary during indent of the item depending upon budgetary allocation.
3. Date of Issue of tender document from **27.09.2019 to 26.10.2019** upto 5.00 P.M.
4. Last date for receipt of sealed tender on **28.10.2019** upto 5.00 P.M.
5. Date for opening of sealed tenders/technical Bids on **29.10.2019 at 4.00 P.M. in the Control Room, 6th Floor, SW Building, SIW Campus, Keshari Nagar, Unit-V, Odisha, Bhubaneswar, Odisha.**
6. For further clarification, if any, intending bidder may contact the Office of the I.G. of Police (Operations), 6th Floor, Intelligence Directorate, SIW Campus, Unit-5, Keshari Nagar, Bhubaneswar in his mail in his e-mail: **igops.orpol@nic.in** (Tel.: 0674-2533230 / 2530760).

No.: 136-D

**Sd./- A.I.G. of Police (Provisioning)**
**Odisha, Cuttack**
12018/11/0013/1920 **(Tender Calling Authority)**

# ODISHA POLICE
# SPECIAL ARMED POLICE HDQRS.
## BHUBANESWAR

## ADVERTISEMENT FOR RECRUITMENT OF GURKHA SEPOYS-2019

**No. 134-D:-** Applications are invited from the willing Gurkha male candidates settled in India/ Nepal for filling up of 73 vacancies in 2nd OSAP Bn., Jharsuguda and **28** vacancies in 5th OSAP Bn., Baripada in the rank of Gurkha Sepoys in Odisha Special Armed Police 2nd Battalion, Jharsuguda, and 5th OSAP Bn. Baripada, Odisha, India. The applications should be reached in the Office of the Commandant, OSAP 2nd Bn., Jharsuguda, Odisha, India. Pin No.768204 latest by **31.10.2019** in the prescribed form with 03 (three) recent passport size color photographs alongwith all other connected documents mentioned in para-11. Applications received after 31.10.2019 and also incomplete applications shall not be entertained. The recruitment test will be held at OSAP 2nd Bn., Jharsuguda parade ground from **08.11.2019** onwards. The candidates should report at the Parade Ground of OSAP 2nd Bn., Jharsuguda by **7 AM** on **08.11.2019**. The candidates go through the detail advertisement available in Odisha Police portal.

01. **RESERVATION FOR EX-SERVICEMAN:-** The reservation for Gurkha Ex-Servicemen shall be made as per Govt. Instructions issued from time to time.

02. **ELIGIBILITY:-** A candidate must be a bonafide Gurkha and an inhabitant of Nepal or India. The Gurkha candidate residing in India must have registered his name in any of the Employment Exchanges of the concerned State before the date of publication of advertisement for recruitment. Gurkhas of Nepal must be in possession of valid Citizenship of Nepal. Women candidates are not eligible for recruitment.

03. **EDUCATIONAL QUALIFICATION:-** A candidate must have passed Class-VII pass or equivalent examination from any recognized institution. However, the candidates who have passed H.S.C. or equivalent examination will be given preference. Detail of Marks are given below.

| Sl. No. | Educational Qualification | Division | Marks to be awarded |
|---|---|---|---|
| 01 | H.S.C./ Equivalent | 1st Division | 15 (Fifteen) |
| | | 2nd Division | 12 (Twelve) |
| | | 3rd Division | 10 (Ten) |
| | | Compartmental | 08 (Eight) |
| 02 | Non- Matriculation Class IX passed | - | 0 (Zero) |

04. **AGE LIMIT:-** The age of the candidates must be between 18-25 years as on 01.01.2019 and relaxation of age will be applicable to Ex-Army personnel as per existing rules.

05. **SCALE OF PAY/ REMUNERATION:-** The condition of service will be governed as per G.A Deptt. Notification No.32010/Gen., Dtd. 12.11.2013. They shall continue on contractual basis for a period of six years. The period of six years shall be counted from the date of his contractual appointment under rule-5. During the period of contractual appointment they shall draw consolidated monthly remuneration @ Rs.9000/. The consolidated remuneration shall be enhanced by ten percent (10%) on completion of each year of service subject to satisfactory performance.

On the date of satisfactory completion of six years of contractual service under sub rule (1) of rule 9, they shall be deemed to have been regularly appointed.

On regular appointment they shall be entitled to draw the time scale of pay in 7th Pay Commission 2017, DA and other allowances as admissible in the corresponding Pay Matrix, 2017.

06. **PHYSICAL STANDARD:-** The candidates must be strong, stout and free from organic defects and any physical deformity. The minimum physical standards of the Gurkha candidates are as follows:

| | | Height | Marks to be awarded |
|---|---|---|---|
| 01 | Height | 158-159 Cms | 0 (Zero) |
| | | 160- 162 Cms | 1( One) |
| | | 163- 165 Cms | 2(Two) |
| | | 166- 168 Cms | 3(Three) |
| | | 169- 172 Cms | 4(Four) |
| | | 173- 175 Cms | 5(Five) |
| | | 176- 177 Cms | 6 (Six) |
| | | Above 178 Cms | 8(Eight) |
| 02 | Weight | 50 Kgs. | |
| 03 | Chest | 79 Cm (Un- expanded) 84 Cms ( Expanded) | Minimum Expansion: 5 Cms. |

07. **PHYSICAL TEST:-** The candidates will be put through a physical test as prescribed below.

| | | | |
|---|---|---|---|
| i) | Run 1.6 Kms | If Covered within 4 minutes | 1 mark |
| | | 4-6 Minutes | No mark (To qualify) |
| ii) | Cross country (5 Kms) | Within 40 Minutes | (Qualifying Standard) |
| iii) | Broad Jump 93.66 mtrs. in three chance) | 1st clearance | 2 Marks |
| | | 2nd clearance | 1 Mark |
| | | 3rd clearance | No Mark( only to qualify) |
| iv) | High Jump (1.22 mtrs. in three chance) | 1st clearance | 2 Marks |
| | | 2nd clearance | 1 Mark |
| | | 3rd clearance | No Mark (only to qualify) |

Failure in any of the above test shall lead to disqualification and the candidates so disqualified will not be allowed to compete further in the recruitment test.

The Gurkha candidates are possession of Sports and Athletic certificate in the following events will be awarded marks. The certificate should have specific approval of Director of Sports in respective fields. Details of Marks to be awarded and sports events are furnished below:-

| | | | |
|---|---|---|---|
| 1 | Athletic | 14 | Kabadi |
| 2 | Archery | 15 | Karate Do |
| 3 | Badminton | 16 | Kayaking and Canoeing |
| 4 | Basketball | 17 | Lawn Tennis |
| 5 | Body Building | 18 | Power Lifting |
| 6 | Boxing | 19 | Rowing |
| 7 | Cricket | 20 | Shooting |
| 8 | Cycling | 21 | Swimming |
| 9 | Equestrian | 22 | Table Tennis |
| 10 | Football | 23 | Takendo |
| 11 | Gymnastic | 24 | Volleyball |
| 12 | Hockey | 25 | Weight Lifting |
| 13 | Judo | 26 | Wrestling |

Full mark is 10 (ten). Marks will be awarded for one event only in the following manners:-

| | | |
|---|---|---|
| i) | Representing the circle or the district in the State School Meet. | 3 Marks. |
| ii) | Representing the District in the Junior/ Senior State level recognized Sports/ Athletic Meets. | 4 Marks |
| | Winning a Medal in the above meets. | 5 Marks |
| iii) | Representing the State in the Junior/ Senior recognized national Sports/ Athletic Meets. | 6 Marks |
| | Winning a Medal in the above Meets. | 8 Marks |
| iv) | Representing the Nation in recognized international Sports/ Athletic Meets. | 10 Marks |

08. **VIVA-VOICE:-** The candidates who qualify in the physical tests shall have to appear in a Viva-Voice test to be conducted by the Selection Board and full marks for the viva-voice test shall be 10 (Ten) marks.

09. **ODIA TEST:-** Since the Gurkha candidates are not familiar with Odia language they are exempted from Odia test. However, Odia should be made a part of the training curriculum and each one will have to pass the Odia test within 3 years of service.

10. The candidates should bring with him the original documents, (the copies of which he has attached alongwith the application form for production before the Selection Board. They may also bring any other certificate is respect of extra- curricular achievements, NCC, Driving Computer skills etc.

11. True copy of the following documents is required to be attached in the application form by the candidates.

| For Gurkha of India | For Gurkha of Nepal |
|---|---|
| 1. Education Certificate. | 1. Education Certificate. |
| 2. Residential Certificate issued by D.M./A.D.M./ Tahasildar | 2. Citizenship / Nagarik Pranan Patra issued by C.D.O. Dist. Hdqrs. |
| 3. Employment Exchange Regd. Card | 3. Sports Certificate. |
| 4. Sports Certificate. | 4. Character Certificate issued from (Gram Bikash Samiti) |
| 5. Character Certificate | 5. 3 Nos. recent passport size photographs with full signature of the candidates in the front. |
| 6. Certificate of bonafide Indian Gurkha from a recognized Organization | |
| 7. 3 Nos. recent passport size photographs with full signature of the candidates in the front. | |

Besides the above discharge Certificate from Defence Authority must be attached by the Gurkha Ex- Servicemen with their application form.

12. **Choice of Posting:-** The candidates shall be posted to 2nd OSAP Bn., Jharsuguda and 5th OSAP Bn., Baripada as per the availability of vacancies, merit of the candidates in the recruitment test and preference indicated by the candidates in Point No. 15 of the application form.

13. **HOW TO APPLY:-** The candidates shall submit his application in the prescribed format correctly for appearing in the recruitment test for Gurkha Sepoys and submit the same in the following address alongwith required documents applicable to him as enumerated in para-11.

**Commandant,**
**OSAP 2nd Bn., Jharsuguda**
**PO- OMP Line,**
**PS/Dist.- Jharsuguda, Odisha, India**
**Pin- 768204**
**Phone: +91-6645-270079 (Control Room)**

The prescribed form is available in the Odisha Police website **www.odishapolice.gov.in** and a candidate can download the form.

The candidates should come prepared to stay at Jharsuguda, Odisha at their own arrangement during the conduct of the test. No TA/DA/ Railway/Bus fare will be allowed to candidates. In no circumstances, the authority will not be responsible for any loss life /damage of belonging caused to any candidate during the course of the recruitment test.

***Sd./- I.G. of Police, SAP***
***Odisha, Bhubaneswar***
***(Chairman)***

12023/11/0001/1920



ପ୍ରଫୁଲ୍ଲ କୁମାର ମିଶ୍ର

# ଓଡ଼ିଶାରେ ଆଇଏସ୍ଏଲ୍ ଉତ୍ସାହ



ହକିରେ କଳିଙ୍ଗ ଲାନ୍ସର୍ସ ଭଳି ଫୁଟବଲରେ ଓଡ଼ିଶାକୁ ମିଳିଛି ଏକ ଦଳ। ଏହା ହେଉଛି ଓଡ଼ିଶା ଏଫ୍‌ସି ଦଳ। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ବିଶ୍ୱକପ୍ ହକି, ଏସିଆନ ଆଥଲେଟିକ ଚାମ୍ପିୟନଶିପ୍, ଫୁଟବଲ୍‌ରେ ସୁପର କପ୍, ଆଇ-ଲିଗ୍, ରଗ୍‌ବୀ, ଜାତୀୟ ଆଥଲେଟିକ କ୍ରୀଡ଼ାର ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରି ବିଶ୍ୱ କ୍ରୀଡ଼ାରେ ଚର୍ଚ୍ଚା ସହ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି। ଭୁବନେଶ୍ୱର ଦେଶର ଅଘୋଷିତ କ୍ରୀଡ଼ା ରାଜ୍ୟଧାନୀର ମାନ୍ୟତା ପାଇଛି। ଏ ଦିଗରେ ସରକାର ତାଙ୍କର ପ୍ରୟାସକୁ ଆହୁରି ଜୋରଦାର କରିଛନ୍ତି। ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ଭୁବନେଶ୍ୱରରେ ଆୟୋଜନ ହେବ। ଏହି ହାଇପ୍ରୋଫାଇଲ ଲିଗ୍ ଅକ୍ଟୋବର ୨୦ ତାରିଖରେ ଆରମ୍ଭ ହୋଇ ଭାରତର ବିଭିନ୍ନ ଷ୍ଟାଡିୟମରେ ୨୦୨୦ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। ଏବର୍ଷ ଆଇଏସଏଲ୍‌ରେ ୧୦ଟି ଦଳ ଅଂଶଗ୍ରହଣ କରିବେ। ସେଗୁଡିକ ହେଲେ ଗତବର୍ଷର ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି, ରନର୍ସଅପ ଗୋଆ ଏଫ୍‌ସି, କେରଳ ବ୍ଲାଷ୍ଟର୍ସ, ଏଟିକେ, ଚେନ୍ନାଇନ୍ ଏଫ୍‌ସି, ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି, ମୁମ୍ବାଇ ସିଟି ଏଫ୍‌ସି, ଜାମସେଦପୁର ଏଫ୍‌ସି, ପୁଣେ ସିଟି ଏଫ୍‌ସି ବଦଳରେ ହାଇଦ୍ରାବାଦ୍ ଏଫ୍‌ସି ଦଳ, ଦିଲ୍ଲୀ ଡାଇନାମସ ଦଳ ବଦଳରେ ଓଡ଼ିଶା ଏଫ୍ ସି ଦଳ ଭାଗ ନେଇଛନ୍ତି।

**ହାଇପ୍ରୋଫାଇଲ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ପ୍ରଥମଥର ପାଇଁ ଓଡ଼ିଶାର ନିଜ ଦଳ ଅଂଶଗ୍ରହଣ କରିବ। ପୂର୍ବରୁ ଦିଲ୍ଲୀ ଡାଇନାମସ ଏଫ୍‌ସି ଥିବା ଦଳ ଏବେ ଓଡ଼ିଶା ଏଫ୍‌ସିରେ ପରିଣତ ହୋଇଛି। ହେଡ୍ କୋଚ୍ ଜୋସେଫ୍ ଗାମ୍ବାଉଙ୍କ ତତ୍ତ୍ୱାବଧାନରେ ଓ ଅଧିନାୟକ ମାର୍କୋସ ତେବରଙ୍କ ନେତୃତ୍ୱରେ ଓଡ଼ିଶା ଏଫ୍‌ସି ଆଇଏସ୍ଏଲ୍‌ର ଷଷ୍ଠ ସଂସ୍କରଣରେ ଅଂଶଗ୍ରହଣ କରିବ। ହୋମ୍ ଗ୍ରାଉଣ୍ଡ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସିର ମ୍ୟାଚ୍ ଦେଖିବା ଲାଗି ଦର୍ଶକଙ୍କ ପ୍ରବଳ ଭିଡ ହେବ ବୋଲି ଆଶା କରାଯାଉଛି...**



ଏହି ଲିଗ୍ ୨୦୧୩ରେ ଆରମ୍ଭ ହୋଇ ଏଥର ଷଷ୍ଠ ସଂସ୍କରଣରେ ପହଞ୍ଚିଛି। ଭାରତର ଏହି ସର୍ବବୃହତ୍ ଫୁଟବଲ ଲିଗ୍‌ରେ ଏଟିକେ ଦୁଇଥର, ଚେନ୍ନାଇନ୍ ଦଳ ଦୁଇଥର ଓ ବେଙ୍ଗାଲୁରୁ ଏଫ୍‌ସି ଥରେ ଚାମ୍ପିୟନ ହୋଇଛି। ଭାରତରେ ଫୁଟବଲ ବିକାଶ ଲାଗି ରିଲାଏନ୍ସର ମାଲିକାଣୀ ନୀତା ଅମ୍ବାନୀ, କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି, ବଲିଉଡ ଷ୍ଟାର ରଣବୀର ସିଂ, ଜନ୍ ଆବ୍ରାହାମ ଓ ଅନ୍ୟାନ୍ୟ ଶିଳ୍ପ ପ୍ରତିଷ୍ଠାନଗୁଡିକ ଚେଷ୍ଟିତ ଅଛନ୍ତି ଓ ଫୁଟବଲ ଦଳଗୁଡିକ ଗଠନ କରୁଛନ୍ତି।

ପ୍ରଥମଥର ପାଇଁ ଓଡ଼ିଶା ଏଫ୍‌ସି ଦଳ ଗଠନ ହୋଇଥିବାରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୯ଟି ମ୍ୟାଚ୍ ଆୟୋଜନ ହେବ। ନଭେମ୍ବର ୨୩ ତାରିଖରେ ଓଡ଼ିଶା ପ୍ରତିପକ୍ଷ ଏଟିକେକୁ ଭେଟିବ। ପ୍ରତ୍ୟେକ ମୁକାବିଲା ପାଇଁ ହିରୋ ଅଫ୍ ଦି ମ୍ୟାଚ୍, ଇମର୍ଜିଂ ପ୍ଲେୟାର ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯିବ। ପ୍ରତ୍ୟେକ ଦଳରେ ୭ଜଣ ବିଦେଶୀ କିମ୍ବା ଅତିକମ୍‌ରେ ୬ଜଣ ଖେଳାଳି ସାମିଲ ହୋଇପାରିବେ। ପ୍ରତ୍ୟେକ ମ୍ୟାଚ୍‌ରେ ୫ଜଣ ବିଦେଶୀ ଖେଳାଳି ଭାଗ ନେଇପାରିବେ। ମ୍ୟାଚ୍‌ଗୁଡିକ ସନ୍ଧ୍ୟା ୭.୩୦ରୁ ଆରମ୍ଭ ହେବ। ଗତବର୍ଷ ଓଡ଼ିଶା ସରକାର ଇଣ୍ଡିଆନ ଆରୋଜ ଦଳକୁ ଘରୋଇ ଦଳଭାବେ ଗ୍ରହଣ କରିଥିଲେ। ଖେଳଗୁଡିକ ଦିନ ୨ଟାରୁ ଆରମ୍ଭ ହୋଇଥିବାରୁ ଦର୍ଶକ ସଂଖ୍ୟା କମ୍ ଥିଲା। ଯଥେଷ୍ଟ ପରିମାଣରେ ପ୍ରଚାର ଓ ପ୍ରସାର ହେଲେ ଆଇଏସ୍ଏଲ୍‌ର ଦର୍ଶକ ସଂଖ୍ୟାରେ ବୃଦ୍ଧି ଘଟିବ। ଓଡ଼ିଶା ଏଫ୍‌ସି କିଛି ବିଦେଶୀ ଓ ଭାରତୀୟ ଖେଳାଳିଙ୍କୁ ନେଇ ଗଠିତ ହୋଇଛି। ଓଡ଼ିଶା ଏଫ୍‌ସି ନିଜ ଦଳ ହୋଇଥିବାରୁ କଳିଙ୍ଗ ଷ୍ଟାଡିୟମରେ ଦର୍ଶକ ସଂଖ୍ୟା ବଢିବ ବୋଲି ଆଶା କରାଯାଉଛି। ଏଥି ସହ ଓଡ଼ିଶାର ଦୁଇ ଖେଳାଳି ଶୁଭମ ଷଡ଼ଙ୍ଗୀ, ଅଙ୍କିତ୍ ଭୂୟାଁ ଓଡ଼ିଶା ଏଫ୍‌ସି ପାଇଁ ଖେଳିବାର ସୁଯୋଗ ହାସଲ କରିବେ।

ଆଇଏସ୍ଏଲ୍ ଦଳଗୁଡିକ ଭାରତର ବିଭିନ୍ନ ଷ୍ଟାଡିୟମକୁ ଘରାଇ ଗ୍ରାଉଣ୍ଡ ରୂପେ ଗ୍ରହଣ କରିଛି। ଏଟିକେର ଘରୋଇ ଗ୍ରାଉଣ୍ଡ ହେଉଛି କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ। ସେହିପରି ବେଙ୍ଗାଲୁରୁର ଘରୋଇ ଷ୍ଟାଡିୟମ ହେଉଛି ଶ୍ରୀକାନ୍ତେରଭା ଷ୍ଟାଡିୟମ। ଚେନ୍ନାଇର ଜବାହରଲାଲ ନେହରୁ ଷ୍ଟାଡିୟମ ହେଉଛି ଚେନ୍ନାଇନ୍ ଏଫ୍‌ସିର ଘରୋଇ ଦଳ। ଗୋଆ ଏଫ୍‌ସିର ହୋମ୍ ଗ୍ରାଉଣ୍ଡ ହେଉଛି ଫର୍ଟୋର୍ଦା ଷ୍ଟାଡିୟମ। ସେହିପରି ହାଇଦ୍ରାବାଦର ଘରୋଇ ଷ୍ଟାଡିୟମ ହେଉଛି ଗୋଚିବାଓ୍ୱଲି ଷ୍ଟାଡିୟମ। ଜେଆରଡି ଷ୍ଟାଡିୟମ ହେଉଛି ଜାମ୍‌ସେଦପୁର ଏଫ୍‌ସି ଦଳରେ ହୋମ୍ ଗ୍ରାଉଣ୍ଡ। କୋଚିର ଜବାହରଲାଲ ନେହରୁ ଷ୍ଟାଡିୟମ ହେଉଛି କେରଳର ଗ୍ରାଉଣ୍ଡ। ମୁମ୍ବାଇ ଫୁଟବଲ ଷ୍ଟାଡିୟମ ହେଉଛି ମୁମ୍ବାଇ ସିଟି ଦଳର ଘରୋଇ ଷ୍ଟାଡିୟମ। ନର୍ଥଇଷ୍ଟ ୟୁନାଇଟେଡର ଘରୋଇ ଗ୍ରାଉଣ୍ଡ ହେଉଛି ଗୁଆହାଟୀର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ। ସେହିପରି ଓଡ଼ିଶା ଏଫ୍‌ସିର ଘରୋଇ ମ୍ୟାଚ୍‌ଗୁଡିକ ହୋମ ଗ୍ରାଉଣ୍ଡ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ।

ଫୁଟବଲର ପ୍ରୋତ୍ସାହନ ଲାଗି ରାଜ୍ୟ ସରକାରଙ୍କ ପ୍ରୟାସ ନିଶ୍ଚିତ ଭାବେ ପ୍ରଶଂସା ଯୋଗ୍ୟ। ତେବେ ତୃଣମୂଳସ୍ତରରେ ଫୁଟବଲର ବିକାଶ ଲାଗି ଯୋଜନା କଲେ ଭଲ ହୁଅନ୍ତା। ଓଡ଼ିଶା ଏଫ୍‌ସି କୋଚ୍ ଯୋସେଫ ଗାମ୍ବାଉ ମଧ୍ୟ ଏ ନେଇ ଅନୁକୂଳ ମତ ପୋଷଣ କରିଛନ୍ତି। ଓଡ଼ିଶାରେ ପ୍ରତିଭାର ଚିହ୍ନଟ ଓ ବିକାଶ ନିମନ୍ତେ ପ୍ରୟାସ କରାଯିବ ବୋଲି ସେ କହିଛନ୍ତି। ଏଥିପାଇଁ ସ୍କୁଲ ଓ କଲେଜସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସେ କହିଛନ୍ତି। ମୋଟାମୋଟି ଉପରେ କହିବାକୁ ଗଲେ ଓଡ଼ିଶା ଏଫ୍‌ସି ଗଠନ ପରେ ରାଜ୍ୟରେ ଫୁଟବଲର ବିକାଶ ହେବା ସମ୍ଭାବନା ବଢ଼ିଛି। ଏ ଦିଗରେ ଦଳ କେତେ ସଫଳ ହେଉଛି ତାହା ଆଗାମୀ ଦିନରେ ଜଣା ପଡିବ।

**ଓଡ଼ିଶା ଏଫ୍‌ସି ଦଳ:** ଅଲବିନୋ ଗୋମ୍ସ, ଅଙ୍କିତ୍ ଭୂୟାଁ, ଅର୍ସଦୀପ ସିଂ, ଫ୍ରାନ୍ସିସ୍କୋ ଡୋରେସୋଁ, କାର୍ଲୋସ ଡେଲଗାଡୋ, ଲାଲ୍‌ରୁଆନମାଇଓ୍ୱା, ଗୌରବ ବୋରା, ମହମ୍ମଦ ସାଜିଦ ଧୋତେ, ନାରାୟଣ ଦାସ, ରାଣା ଘରାମି (ନିଲମ୍ବିତ), ବିକ୍ରମଜିତ ସିଂ, ଡିଓ୍ୱାନଡୋଉ ଡିଆଗ୍ନେ, ଜେରି ମାଓମିଙ୍ଗ୍‌ତାଙ୍ଗା, ମାର୍କୋସ ତେବର, ମାର୍ଟିନ ପେରେଜ, ଗୁଏଦୋସ, ନନ୍ଦ କୁମାର, ଶୁଭମ ଷଡ଼ଙ୍ଗୀ, ବିନୀତ ରାଏ, ଜିସ୍କୋ ହର୍ନାଣ୍ଡେଜ୍, ଅରିଦେନ ସାଣ୍ଟାନା ଓ ଡାନିଏଲ୍ ଲାଲହିମ୍ପୁଇଆ।

**ଓଡ଼ିଶା ଏଫ୍‌ସି**

ସଂକ୍ଷିପ୍ତ ନାମ: ଓଏଫ୍‌ସି
ସ୍ଥାପନ: ୨୦୧୪ ଜୁଲାଇ ୧୬, ଦିଲ୍ଲୀ ଡାଇନାମସ ଏଫ୍‌ସି ନାମରେ
ହୋମ ଗ୍ରାଉଣ୍ଡ: କଳିଙ୍ଗ ଷ୍ଟାଡିୟମ
କାପାସିଟି: ୧୫,୦୦୦
ଲିଗ୍: ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)
ହେଡ୍ କୋଚ୍: ଜୋସେଫ ଗାମ୍ବାଉ
ଆସିଷ୍ଟାଣ୍ଟ କୋଚ୍: ଥାଙ୍ଗବୋଇ ସିଙ୍ଗଟୋ
ଗୋଲକିପିଂ କୋଚ୍: ପଉ ରୋଭିରା କ୍ରୁଆ

# ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ରୋମାଞ୍ଚ କ୍ରମେ ବଢ଼ିବାରେ ଲାଗିଛି। ଏହି ଚାମ୍ପିୟନଶିପ୍ ଅନ୍ତର୍ଗତ ବର୍ତ୍ତମାନ ସୁଦ୍ଧା ୩ଟି ସିରିଜ ଖେଳାଯାଇ ସାରିଛି। ସେଥିରୁ ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା ଓ ଇଂଲଣ୍ଡ-ଅଷ୍ଟ୍ରେଲିଆ ସିରିଜ ଡ୍ର ରହିଥିବାବେଳେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଭାରତ ସିରିଜ ବିଜୟୀ ହେବାରେ ସକ୍ଷମ ହୋଇଛି। ୱେଷ୍ଟଇଣ୍ଡିଜକୁ ଏହାର ଘରୋଇ ମାଟିରେ ୨ ମ୍ୟାଚ ବିଶିଷ୍ଟ ସିରିଜରେ ହରାଇ ଭାରତ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି...**

ଟେଷ୍ଟ ହିଁ କ୍ରିକେଟର ଶ୍ରେଷ୍ଠ ଫର୍ମାଟ। ଟେଷ୍ଟ ଫର୍ମାଟକୁ ଆହୁରି ରୋମାଞ୍ଚକର ଏବଂ ମଜାଦାର କରିବା ପାଇଁ ଆଇସିସି ଭିନ୍ନ ପରିକଳ୍ପନା କରିଛି। ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଅନ୍ତର୍ଗତ ଭାରତ-ୱେଷ୍ଟଇଣ୍ଡିଜ ଏବଂ ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଏବଂ ଇଂଲଣ୍ଡ-ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ଆଶେସ ସିରିଜ ଶେଷ ହୋଇଛି। ବିଶ୍ୱ ଟି୨୦ ଚାମ୍ପିୟନ ୱେଷ୍ଟଇଣ୍ଡିଜକୁ ସମସ୍ତ ଫର୍ମାଟରେ ପରାସ୍ତ କରି ଟିମ୍ ଇଣ୍ଡିଆ କ୍ଲିନ ସୁଇପ୍ କରିଛି। ୱେଷ୍ଟଇଣ୍ଡିଜ ଗସ୍ତରେ ଯୁବ ଖେଳାଳିମାନଙ୍କୁ ନେଇ ପ୍ରଭାବୀ ପ୍ରଦର୍ଶନ କରିବା ଟିମ୍ ଇଣ୍ଡିଆ ପାଇଁ ନିଶ୍ଚିତ ଭାବେ ଏକ ବଡ ସଫଳତା।

ଦୁର୍ବଳ ୱେଷ୍ଟଇଣ୍ଡିଜ ଏକଦା ବିଶ୍ୱ କ୍ରିକେଟରେ ଫାଷ୍ଟ ବୋଲିଂ ପାଇଁ ବିଶେଷ ପରିଚିତ ଥିଲା। ଏହି ଦଳର ବୋଲରଙ୍କୁ ମୁକାବିଲା କରିବା ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କ ପାଇଁ ଚ୍ୟାଲେଞ୍ଜ ସଦୃଶ ଥିଲା। ମାତ୍ର ଏବେ ସେହି ଦେଶର ଦ୍ରୁତ ବୋଲିଂରେ ଧାର ନ ଥିବା ପ୍ରତୀୟମାନ ହେଉଛି। ଘରୋଇ ମାଟିରେ ଟିମ୍ ଇଣ୍ଡିଆର ଯୁବ ବ୍ୟାଟ୍ସମ୍ୟାନ୍‌ଙ୍କ ଉପରେ ସେମାନେ ସେପରି ପ୍ରଭାବ ପକାଇ ପାରିନାହାନ୍ତି। ଫଳରେ ବିରାଟ ବାହିନୀ ସିରିଜ ସୁଇପ ସହ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ନିଜର ଅଭିଯାନ ଆରମ୍ଭ କରିଛି। ଅନ୍ୟପକ୍ଷରେ ଭାରତୀୟ ଦ୍ରୁତ ବୋଲରମାନେ ଉଚ୍ଚକୋଟୀର ପ୍ରଦର୍ଶନ କରି ଯେପରି ୱେଷ୍ଟଇଣ୍ଡିଜ ବ୍ୟାଟିଂ ଲାଇନକୁ ଧ୍ୱସ୍ତ କଲେ ତାହା ପ୍ରଶଂସାଯୋଗ୍ୟ। ଯଶପ୍ରୀତ୍ ବୁମରା ଭାରତ ପାଇଁ ମୁଖ୍ୟ ଦ୍ରୁତ ବୋଲର ସାବ୍ୟସ୍ତ ହୋଇଥିଲେ ମଧ୍ୟ ଅଭିଜ୍ଞ ମହମ୍ମଦ ସାମି ଏବଂ ଇଶାନ୍ତ ଶର୍ମା ମଧ୍ୟ ଚମତ୍କାର ପ୍ରଦର୍ଶନ କରିବାରେ ସଫଳ ହୋଇଥିଲେ। ଟେଷ୍ଟ ବୋଲର ହିସାବରେ ଇଶାନ୍ତ ଶର୍ମା ଯଥେଷ୍ଟ ଉନ୍ନତି କରିବା ସହିତ ବଲରେ ବିବିଧତା ଆଣିବାରେ ସକ୍ଷମ ହୋଇଥିଲେ। ଟିମ୍ ଇଣ୍ଡିଆ ଆଗକୁ ଦେଶ ବିଦେଶରେ ଖେଳିବାକୁ ଥିବା ଟେଷ୍ଟ ସିରିଜ ପ୍ରସ୍ତୁତ। ବୁମରା, ସାମି, ଇଶାନ୍ତ ଏବଂ ଉମେଶ ଯାଦବ ଭାରତୀୟ ପେସ ବୋଲିଂର ମୁଖ୍ୟ ଅସ୍ତ୍ର। ଅଗଷ୍ଟ ୧ରୁ ଆଇସିସି ଦ୍ୱାରା ଘୋଷିତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଇଂଲଣ୍ଡ-ଅଷ୍ଟ୍ରେଲିଆ ଆଶେସ୍ ସିରିଜରୁ ଆରମ୍ଭ ହୋଇଥିଲା। ୱେଷ୍ଟଇଣ୍ଡିଜ ବିପକ୍ଷରେ ୨ଟି ଟେଷ୍ଟ ବିଜୟ ଦ୍ୱାରା ଭାରତ ୧୨୦ ପଏଣ୍ଟ ସହିତ ଟେବୁଲର ପ୍ରଥମସ୍ଥାନ ଅଧିକାର କରିଛି। ନ୍ୟୁଜିଲାଣ୍ଡ-ଶ୍ରୀଲଙ୍କା ସିରିଜ ୧-୧ରେ ଡ୍ର ରହିଥିଲା। ଫଳରେ ଉଭୟ ଦଳ ୬୦ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ୫ ମ୍ୟାଚ ବିଶିଷ୍ଟ ଆଶେସ ସିରିଜରେ ଅଷ୍ଟ୍ରେଲିଆ ୨ଟି ଏବଂ ଇଂଲଣ୍ଡ ୨ଟି ମ୍ୟାଚ ଜିତିଥିବାବେଳେ ଗୋଟିଏ ଟେଷ୍ଟ ଡ୍ର ରହିଥିଲା। ଫଳରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ୫୬ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜ ୨ଟି ଯାକ ଟେଷ୍ଟ ହାରିଥିବାରୁ ପଏଣ୍ଟ ଖାତା ଖୋଲି ପାରିନାହିଁ। ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଓ ପାକିସ୍ତାନ ଏହି ଚାମ୍ପିୟନଶିପ୍ ଅନ୍ତର୍ଗତ ଟେଷ୍ଟ ଖେଳିବା ଆରମ୍ଭ କରି ନାହାନ୍ତି।

**ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ଜିତିଛି | ହାରିଛି | ଡ୍ର | ପଏଣ୍ଟ |
|---|---|---|---|---|---|
| ଭାରତ | ୨ | ୨ | ୦ | ୦ | ୧୨୦ |
| ନ୍ୟୁଜିଲାଣ୍ଡ | ୨ | ୧ | ୧ | ୦ | ୬୦ |
| ଶ୍ରୀଲଙ୍କା | ୨ | ୧ | ୧ | ୦ | ୬୦ |
| ଅଷ୍ଟ୍ରେଲିଆ | ୫ | ୨ | ୨ | ୧ | ୫୬ |
| ଇଂଲଣ୍ଡ | ୫ | ୨ | ୨ | ୧ | ୫୬ |
| ୱେଷ୍ଟଇଣ୍ଡିଜ | ୨ | ୦ | ୨ | ୦ | ୦ |
| ଦ.ଆଫ୍ରିକା | ୦ | ୦ | ୦ | ୦ | ୦ |
| ବାଂଲାଦେଶ | ୦ | ୦ | ୦ | ୦ | ୦ |
| ପାକିସ୍ତାନ | ୦ | ୦ | ୦ | ୦ | ୦ |

ଟେଷ୍ଟ କ୍ରିକେଟ ଏବଂ ଡେଜ୍ ମ୍ୟାଚର ଫର୍ମାଟକୁ ଉଜ୍ଜୀବିତ କରି ରଖିବାକୁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଏକ ଅଭିନବ ପ୍ରୟାସ। ଏପରି ଏକ ଉଦ୍ୟମ ପାଇଁ ଆଇସିସିକୁ ବିଶ୍ୱର କୋଣ ଅନୁକୋଣରୁ ଭୂୟସୀ ପ୍ରଶଂସା ମିଳିଛି। ୨୦୧୯ରୁ ଆଶେସ୍ ସିରିଜରୁ ଆରମ୍ଭ ହୋଇ ୨୦୨୧ ପର୍ଯ୍ୟନ୍ତ ଟେଷ୍ଟ ପ୍ଲେଇଂ ଦେଶଗୁଡିକ ମଧ୍ୟରେ ମ୍ୟାଚ/ସିରିଜ ଅନୁଷ୍ଠିତ ହେବ। ଶେଷରେ ଦୁଇବର୍ଷର ଫଳାଫଳକୁ ନେଇ ପଏଣ୍ଟ ଟେବୁଲର ଶୀର୍ଷରେ ଥିବା ଦୁଇ ଦଳ ମଧ୍ୟରେ ୨୦୨୧ ଜୁନ୍‌ରେ ଇଂଲଣ୍ଡରେ ଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗର ୯ଟି ସଫଳ ଦେଶକୁ ନେଇ ଏହି ଚାମ୍ପିୟନଶିପ୍ ଖେଳାଯାଉଛି। ଜିମ୍ବାୱେ ଦଳକୁ ଆଇସିସି ବାସନ୍ଦ କରିଥିବା ବେଳେ ନୂତନ ଭାବେ ଟେଷ୍ଟ କ୍ୟାପ ପାଇଥିବା ଆଫଗାନିସ୍ତାନ ଏବଂ ଆୟର୍ଲାଣ୍ଡ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସୁଯୋଗ ପାଇ ନାହାନ୍ତି। ଆଇସିସିର ନିୟମ ଅନୁସାରେ ଏହି ୯ଟି ଦେଶ ଆଗାମୀ ଦୁଇବର୍ଷ ମଧ୍ୟରେ ୬ଟି ଲେଖାଏ ଦ୍ୱିପାକ୍ଷିକ ସିରିଜ ଖେଳିବେ। ଏହା ସେମାନଙ୍କର ବୋର୍ଡ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଆଇସିସି ଅନୁମୋଦନ ହୋଇଥିବା ଆବଶ୍ୟକ। ଏଥିପାଇଁ ପ୍ରତ୍ୟେକ ଦେଶ ନିର୍ଦ୍ଧାରିତ ୬ଟି ସିରିଜ ମଧ୍ୟରୁ ୩ଟି ସିରିଜ ନିଜ ମାଟିରେ ଖେଳିବାକୁ ଥିବା ବେଳେ ଅନ୍ୟ ୩ଟି ସିରିଜ ବିଦେଶରେ ଖେଳିବା ବାଧ୍ୟତାମୂଳକ। ମାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଉଥିବା ୯ଟି ଦେଶ ପ୍ରତି ଦଳ ବିପକ୍ଷରେ ଖେଳିବା ବାଧ୍ୟତାମୂଳକ ନୁହେଁ। ପ୍ରତ୍ୟେକ ଦଳ ୮ଟି ଟିମ୍ ବିପକ୍ଷରେ ନ ଖେଳି ୬ଟି ଦଳ ସହିତ ଖେଳିବା ଆବଶ୍ୟକ। ପ୍ରତ୍ୟେକ ସିରିଜ ପାଇଁ ୧୨୦ ପଏଣ୍ଟ ରହିଥିବା ବେଳେ କୌଣସି ଦ୍ୱିପାକ୍ଷିକ ସିରିଜରେ ଦୁଇଟିରୁ ପାଞ୍ଚୋଟି ଟେଷ୍ଟ ରହିବ।




ଟିମ୍ ଇଣ୍ଡିଆ ଆଗାମୀ ଦୁଇ ବର୍ଷ ମଧ୍ୟରେ ଘରୋଇ ପରିବେଶରେ ୩ଟି ଓ ବାହାରେ ୩ଟି ଟେଷ୍ଟ ସିରିଜ ଖେଳିବ। ଘରୋଇ ଟେଷ୍ଟ ସିରିଜ ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଏବଂ ଇଂଲଣ୍ଡ ମଧ୍ୟରେ ଖେଳିବା କାର୍ଯ୍ୟକ୍ରମ ରହିଛି। ବିଦେଶ ମାଟିରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୨ ମ୍ୟାଚ ବିଶିଷ୍ଟ ସିରିଜ ଖେଳି ସାରିଥିବାବେଳେ ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ସହିତ ଆଗକୁ ଖେଳିବାକୁ ଅଛି। ଆସନ୍ତା ଅକ୍ଟୋବର, ନଭେମ୍ବରରେ ଦକ୍ଷିଣ ଆଫ୍ରିକା ସହିତ ଘରୋଇ ମାଟିରେ ୩ଟି ଟେଷ୍ଟ, ନଭେମ୍ବରରେ ବାଂଲାଦେଶ ସହିତ ୨ଟି ଟେଷ୍ଟ, ୨୦୨୦ ଫେବୃୟାରୀରେ ବିଦେଶରେ ନ୍ୟୁଜିଲାଣ୍ଡ ସହିତ ୨ଟି ଟେଷ୍ଟ, ଏହିବର୍ଷ ଡିସେମ୍ବରରେ ଅଷ୍ଟ୍ରେଲିଆ ସହିତ ୪ଟି ଟେଷ୍ଟ ଏବଂ ୨୦୨୧ ଜାନୁୟାରୀ-ଫେବୃୟାରୀରେ ଘରୋଇ ମାଟିରେ ଇଂଲଣ୍ଡ ସହିତ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ।

କ୍ରିକେଟ୍‌ର ଏହି ପାରମ୍ପରିକ ଫର୍ମାଟର ପରିକଳ୍ପନା ବାସ୍ତିବକ୍ ପ୍ରଶଂସାଯୋଗ୍ୟ। ଦିନକୁ ଦିନ ଟେଷ୍ଟ ମ୍ୟାଚରୁ କ୍ରୀଡାପ୍ରେମୀଙ୍କ ଆଗ୍ରହ କମିଯାଉଥିବାରୁ ଆଇସିସିର ଏହି ନୂତନ ପରିକଳ୍ପନାକୁ ସବୁ ଦେଶରୁ ପୂର୍ଣ୍ଣ ସମର୍ଥନ ମିଳିବାକୁ ଲାଗିଛି। ସମସ୍ତ ପୁରାତନ ଟେଷ୍ଟ ଖେଳାଳି ଏହାକୁ ସ୍ୱାଗତ କରିବା ସହ ନୂଆ ପଦକ୍ଷେପ ଟେଷ୍ଟକୁ ନୂଆ ରୂପ ଦେବ ବୋଲି କହିଛନ୍ତି। ଗତ ଆଶେସ ଟେଷ୍ଟର ୩ୟ ମ୍ୟାଚରେ ଅମ୍ପାୟରଙ୍କ ଭୂମିକାକୁ ନେଇ ବେଶ ଚର୍ଚ୍ଚା ହୋଇଥିଲା। ଅଷ୍ଟ୍ରେଲିଆ କ୍ରିକେଟ ବୋର୍ଡର ଅନୁରୋଧ କ୍ରମେ ଆଇସିସି ଅମ୍ପାୟର ଜୋଏଲ ୱିଲ୍‌ସନ୍ ଏବଂ କ୍ରିସ୍ ଗାଫନିଙ୍କୁ ମ୍ୟାଚ ପରିଚାଳନାରୁ ଅନ୍ତର କରିଥିଲା। ଡିଆରଏସ୍‌କୁ ନେଇ ମଧ୍ୟ ସମାଲୋଚନା ଆରମ୍ଭ ହୋଇଛି। ଏପରିକି ଆଇସିସିର ଟେକ୍ନିକାଲ୍ କମିଟି ଏହାକୁ ପୁନର୍ବିଚାର କରିବା ସହ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ମତି ଦେଇଛି। ଏଥିମଧ୍ୟରେ 'କ୍ୟାରମ ବଲ୍'ର ଜନକ ରହସ୍ୟମୟ ଶ୍ରୀଲଙ୍କା ସ୍ପିନର ଅଜନ୍ତା ମେଣ୍ଡିସ ନିଜର ଆକସନ୍ ପାଇଁ ଦୀର୍ଘ ୪ବର୍ଷ ଅନ୍ତର୍ଜାତୀୟ କ୍ରିକେଟରୁ ଦୂରେଇ ରହିବା ପରେ ଅବସର ଘୋଷଣା କରିଛନ୍ତି। ୨ୟ ଟେଷ୍ଟରେ ଯଶପ୍ରୀତ ବୁମରା ହ୍ୟାଟ୍ରିକ୍ ନେବାପରେ ପୂର୍ବତନ ଖେଳାଳି ଏବଂ ବର୍ତ୍ତମାନର କ୍ରିକେଟ ଭାଷ୍ୟକାର ଇଆନ୍ ବିଶପ୍ ତାଙ୍କର ବୋଲିଂ ଆକସନ୍‌କୁ ନେଇ ସନ୍ଦେହ ପ୍ରକାଶ କରିଥିଲେ। ଜିମ୍ବାୱେର ପୁନଃ ପ୍ରତ୍ୟାବର୍ତ୍ତନକୁ ନେଇ ଆଲୋଚନା ଚାଲିଥିବା ବେଳେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପରିକଳ୍ପନାର ବାସ୍ତବତା ଏବଂ ସଫଳତା ଆଇସିସି ପାଇଁ ବେଶ୍ ଚ୍ୟାଲେଞ୍ଜ ସୃଷ୍ଟି କରିବ।

**-ନିର୍ମଳ କୁମାର ମିଶ୍ର**



## ପେସା- ନିଶା

ଆଇବିଏସ୍ଏଫ୍ ଓ୍ୱାର୍ଲ୍ଡ ସ୍ନୁକର ଟିମ୍
ଇଭେଣ୍ଟରେ ସୁନା ପୁଅ
ଭାରତୀୟ ଯୋଡି ପଙ୍କଜ- ଆଦିତ୍ୟ
ଚାମ୍ପିୟନ ଓ୍ୱିଶ୍ ନିଅ
ପେସା ନିଶା ଏକ ଲୟ
ପାଇଁ ତେଇଶତମ ବିଶ୍ୱ ଟାଇଟଲ
ଜିତିଛି ପଙ୍କଜ ପୁଅ।।।୧

ଭାରତୀୟ ଲେଡି କ୍ରିକେଟ ଦଳର
ଦୀପ୍ତି ଶର୍ମା ଆମ ରାଣୀ
ଚାରି ଓଭରରେ ଚାରି ଉଇକେଟ ତିନି
ମେଡେନ ଓଭର ପୁଣି
ଡେଟ୍ ମନେ ରଖ ଗଣି
ପେସା ନିଶା ପାଇଁ ଦୀପ୍ତି ରଚିଅଛି
ଏଭଳି ରେକର୍ଡ ମଣି।।।୨



ସେବାଷ୍ଟିଆନ କୋଙ୍କ ଠାରୁ ପି.ଟି. ଉଷା ପୁରସ୍କାର ଗ୍ରହଣ କରୁଛନ୍ତି।

ଆଇଏଏଏଫ୍ ଭେଟେରାନ ପିନ୍ ଆଓ୍ୱାର୍ଡ
ପାଇ ଅଛି ପିଟି ଉଷା
ଚିଫ୍ ସେବାଷ୍ଟିଆନଙ୍କୁ ଥ୍ୟାଙ୍କ୍ ପାଇଁ ନାହିଁ
ଦୌଡରାଣୀ ପାଖେ ଭାଷା
କୀର୍ତ୍ତି ରଚିଥିଲେ ଐଶା
ସମ୍ମାନ ମିଳଇ ନାଁ ଗାଁ ପଡେ
ବଢ଼ି ନାଶ କରେ ନିଶା।।।୩

**-ସୁବାସ ଚନ୍ଦ୍ର ପ୍ରଧାନ**

$ Dollar 70.88 (16) | Sensex 396.22 38, 989.74 | Nifty 131 11,571.20 | Gold ₹ 497 38,685.00 | Silver ₹1580 47, 235.00

## ସଂକ୍ଷେପରେ

### ଠିକ୍ ସମୟରେ ଆୟକର ଛାଡ଼ ନିଷ୍ପତ୍ତି: ଅର୍ଥ ରାଷ୍ଟ୍ରମନ୍ତ୍ରୀ

ନୂଆଦିଲ୍ଲୀ,୨୬-୯: ସରକାର ଠିକ୍ ସମୟରେ ଆୟକର ଛାଡ଼ ସୀମା ସମ୍ପର୍କରେ ନିଷ୍ପତ୍ତି ନେବେ ବୋଲି କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଗୁରୁବାର କହିଛନ୍ତି। ଗତ ସପ୍ତାହରେ ସରକାର କର୍ପୋରେଟ ଟିକସ ହ୍ରାସ ଘୋଷଣା କରିଥିଲେ। ଏହାପରେ ମାନ୍ଦାବସ୍ଥା ଦୂର ଲାଗି ଚାହିଦା ଓ ଖର୍ଚ୍ଚ ବଢ଼ାଇବା ଉଦ୍ଦେଶ୍ୟରେ ବ୍ୟକ୍ତିଗତ ଆୟକର ଛାଡ଼ ସୀମା ବୃଦ୍ଧି କରିବାକୁ ଦାବି ଜୋର୍ ଧରିଛି। ଠାକୁର କହିଛନ୍ତି ଯେ, ଆୟକର ଛାଡ଼ ସମ୍ପର୍କରେ ସରକାର ଉଚିତ୍ ସମୟରେ ନିଷ୍ପତ୍ତି ନେବେ। ସରକାର ପୂର୍ବରୁ ଆୟକର ଛାଡ଼ ସୀମାକୁ ୨.୫ ଲକ୍ଷରୁ ବଢ଼ାଇ ୫ ଲକ୍ଷ ଟଙ୍କା କରିସାରିଛନ୍ତି। ଭବିଷ୍ୟତରେ ସମୟ ଆସିଲେ ସରକାର ଏ ଦିଗରେ ନିଷ୍ପତ୍ତି ନେବେ ବୋଲି ସେ ଉଲ୍ଲେଖ କରିଛନ୍ତି। ପିଏମ୍‌ସି ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପ୍ରଶ୍ନ ହେବାରୁ ଠାକୁର କହିଛନ୍ତି ଯେ, କେନ୍ଦ୍ରୀୟ ବ୍ୟାଙ୍କର ମଧ୍ୟ ଏକ ଭୂମିକା ରହିଛି ଏବଂ ଏହା ନିଜର କାମକୁ ଭଲ ଭାବେ ତୁଲାଉଛି। ସମସ୍ତ ଦିଗକୁ ଭଲ ଭାବେ ତର୍ଜମା କରିବା ପରେ ଆର୍‌ବିଆଇ ପଦକ୍ଷେପ ଘୋଷଣା କରିଛି ବୋଲି ସେ କହିଛନ୍ତି। ମେହୁଲ ଚୋକ୍‌ସିଙ୍କ ପ୍ରତ୍ୟର୍ପଣ ସମ୍ପର୍କରେ ଆଣ୍ଟିଗୁଆ ପ୍ରଧାନମନ୍ତ୍ରୀ ଗେଷ୍ଟନ ବ୍ରାଉନଙ୍କ ମନ୍ତବ୍ୟ ଉପରେ ନିଜ ପ୍ରତିକ୍ରିୟାରେ ଠାକୁର କହିଛନ୍ତି ଯେ, ସରକାର ଦେବାଳିଆ ଆଇନକୁ ଏଭଳି କଠୋର କରିଛନ୍ତି ଯେ, କୌଣସି ବ୍ୟକ୍ତି ଜନତାଙ୍କ ଅର୍ଥକୁ ନେଇ ପଳାଇ ପାରିବେ ନାହିଁ।

> କର୍ପୋରେଟ ଟିକସ ହ୍ରାସ ସହ ତାଳ ଦେଇ ଘରୋଇ ନିବେଶ ବୃଦ୍ଧି ପାଇଚାଲିବ। ଏଭଳି ନିବେଶକୁ କ୍ଷତି ଭାବେ ଦର୍ଶାଇବାକୁ ବ୍ୟାଙ୍କଗୁଡ଼ିକ ରାଜି।
> –ଉଦୟ କୋଟାକ୍, କୋଟାକ ମହିନ୍ଦ୍ରା ବ୍ୟାଙ୍କ ଏମ୍‌ଡି



> କୃଷି କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ବିଗ୍ ଡାଟା ଗେମ୍‌ଚେଞ୍ଜର ହେବାକୁ ଯାଉଛି। ୨୦୨୦ ସୁଦ୍ଧା ସରକାର ୮୦% ଡାଟା ସଂଗ୍ରହ କରିସାରିଥିବେ।
> –ସଞ୍ଜୟ ଅଗ୍ରୱାଲ, କେନ୍ଦ୍ର କୃଷି ସଚିବ



■ ଏଲ୍‌ପିଜି ଯୋଗାଣ ବିଳମ୍ବିତ କଲା ସୌଦି ଆରବ

# ଚାହିଦା ମେଣ୍ଟାଇବା ନେଇ ମୁଣ୍ଡବ୍ୟଥା

ନୂଆଦିଲ୍ଲୀ,୨୬-୯

ସୌଦି ଆରବର ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଆରାମ୍‌କୋର ଦୁଇଟି ତୈଳ କୂଅ ଉପରେ ଡ୍ରୋନ୍ ଆକ୍ରମଣ ପରେ ଭାରତକୁ ଏଲ୍‌ପିଜି ଯୋଗାଣ ହ୍ରାସ ପାଇବାକୁ ଯାଉଛି। ଏଲ୍‌ପିଜି ଯୋଗାଣ ବିଳମ୍ବିତ ହେବ ବୋଲି ସୌଦି ଆରବ କହିବା ପରେ ଦେଶର ୩ ତୈଳ କମ୍ପାନୀଙ୍କ ମୁଣ୍ଡବ୍ୟଥା ବଢ଼ିଯାଇଛି। ଆଗକୁ ଦଶହରା ସମେତ ଦୀପାବଳି ଆସୁଛି। ଏହି ସମୟରେ ଭାରତରେ ଏଲ୍‌ପିଜି ଚାହିଦା ବୃଦ୍ଧି ପାଇଥାଏ। ଏହାକୁ ଦୃଷ୍ଟିରେ ରଖି ଏବେ ଦେଶର ତୈଳ କମ୍ପାନୀମାନେ ଅନ୍ୟ ବଜାର ଉପରେ ନଜର ପକାଇବା ଆରମ୍ଭ କରିଛନ୍ତି।

ଇଣ୍ଡିଆନ ଅଏଲ କର୍ପୋରେଶନର ଅଧ୍ୟକ୍ଷ ସଞ୍ଜୀବ ସିଂ କହିଛନ୍ତି ଯେ, ଏସିଆ ବଜାରରେ ଚାହିଦା ବୃଦ୍ଧି ପାଇଥିବାରୁ ଏବେ ବର୍ଦ୍ଧିତ ଏଲ୍‌ପିଜି କେଉଁଠୁ ଆସିବ ସେ ନେଇ ଭାଳେଣି ପଡିଲାଣି। କାରଣ ଭାରତ ପେଟ୍ରୋଲିୟମ ପକ୍ଷରୁ ଏହାକୁ କିଣିବା ଲାଗି ଟେଣ୍ଡର ଜାରି କରାଯାଇଥିଲେ ସୁଦ୍ଧା କୌଣସି



ଯୋଗାଣକାରୀ ରାଷ୍ଟ୍ର ଅଦ୍ୟାବଧି ଏଥିପ୍ରତି ଆଗ୍ରହ ଦେଖାଉନାହାନ୍ତି। ସେ କହିଛନ୍ତି ଯେ, ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ସୌଦି ଆରବରୁ ଅକ୍ଟୋବର ପାଇଁ ଏଲ୍‌ପିଜି ଆସିବା ବିଳମ୍ବିତ ହେବ। ଆରାମ୍‌କୋ ସମେତ ଅନ୍ୟ ତୈଳ କମ୍ପାନୀମାନେ ଏ ସମ୍ପର୍କରେ ଭାରତକୁ ଜଣାଇ ଦେଇଛନ୍ତି। ଅନ୍ୟପକ୍ଷରେ ପାର୍ବଣ ଋତୁରେ ଏଲ୍‌ପିଜି ଚାହିଦା ନିଶ୍ଚିତ ଭାବେ ଅଧିକ ରହିବ ବୋଲି ଉଲ୍ଲେଖ କରି ସିଂ କହିଛନ୍ତି ଯେ, ଅଧିକ ଏଲ୍‌ପିଜି ଯୋଗାଡ କରିବା ଲାଗି ଯଥାସାଧ୍ୟ ପ୍ରୟାସ ଚାଲିଛି। ଦେଶ ପାଇଁ ଅକ୍ଟୋବର-ନଭେମ୍ବର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସମସ୍ତ ତୈଳ କମ୍ପାନୀ ପକ୍ଷରୁ ଅଧିକ ଏଲ୍‌ପିଜି ଯୋଗାଡ ଲାଗି ଚେଷ୍ଟା ଚାଲିଛି। ସୂଚନାଥାଉ କି, ଏଲ୍‌ପିଜି ଆମଦାନୀ କ୍ଷେତ୍ରରେ ଭାରତ ବିଶ୍ୱରେ ଦ୍ୱିତୀୟ ସର୍ବବୃହତ ଦେଶ। ଏହା ନିଜର ଚାହିଦାର ଅର୍ଦ୍ଧାଧିକ ସୌଦି ଆରବ, କାତାର, ଓମାନ ଓ କୁଏତ୍‌ରୁ ହାସଲ କରିଥାଏ। ସେପ୍ଟେମ୍ବରରେ ମୌସୁମୀ ବର୍ଷା ବନ୍ଦ ହେବା ପରେ ଏଲ୍‌ପିଜି ଚାହିଦା ସାଧାରଣତଃ ବଢ଼ିଥାଏ ବୋଲି ସିଂ କହିଛନ୍ତି। ଏହାଛଡ଼ା ଉଜ୍ଜ୍ୱଳା ଯୋଜନା କାରଣରୁ ଦେଶରେ ଏବେ ଏଲ୍‌ପିଜି ଚାହିଦା ଯଥେଷ୍ଟ ବଢ଼ିଛି ବୋଲି ଉଲ୍ଲେଖ କରି ସେ କହିଛନ୍ତି ଯେ, ଚଳିତ ସପ୍ତାହରେ ଆରାମ୍‌କୋର ନିଅଣ୍ଟକୁ ଆବୁଧାବୀ ନ୍ୟାଶନାଲ ଅଏଲ୍ କୋ. ପୂରଣ କରିଥିଲା। ଦୁଇଟି ଜାହାଜ ଆସନ୍ତା ୨ ସପ୍ତାହ ମଧ୍ୟରେ ଭାରତ ପହଞ୍ଚିବ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୨୪ରେ ଟୁଇଟ୍ କରିଥିଲେ। ତେବେ ସିଂ ଦେଶବାସୀଙ୍କୁ ଆଶ୍ୱସ୍ତ କରି କହିଛନ୍ତି ଯେ, ଦେଶରେ ଏଲ୍‌ପିଜିର ସଙ୍କଟ ନାହିଁ। ତେବେ ଆଗାମୀ ଦିନରେ ଅତିରିକ୍ତ ଚାହିଦା ମେଣ୍ଟାଇବା ଲାଗି ପୂର୍ବରୁ ପ୍ରସ୍ତୁତ ହେଉଛୁ। ସେ କହିଛନ୍ତି ଯେ, ସୌଦି ଆରବରୁ ପ୍ରାୟ ୬ ଲକ୍ଷ ଟନ ଏଲ୍‌ପିଜି ଆସିବା କମିବ। ବିପିସିଏଲ୍ ରିଫାଇନେରିଜ ନିର୍ଦ୍ଦେଶକ ଆର୍.ରାମଚନ୍ଦ୍ରନ କହିଛନ୍ତି ଯେ, ଆମ ନିକଟରେ ବିକଳ୍ପ ନାହିଁ। ବିଦେଶରୁ ସର୍ବଦା ଏଲ୍‌ପିଜି ଆମଦାନୀ କରିବାକୁ ହେବ ଏବଂ ସବୁଦିନ ବିଦେଶୀ ଜାହାଜ ଭାରତକୁ ଆସୁଥାଉ ବୋଲି ରାମଚନ୍ଦ୍ରନ କହିଛନ୍ତି।

## କମ୍ପାନୀଙ୍କଠୁ ଇପିଏଫ୍‌ଓ ମାଗୁଛି ଏସ୍‌ସି-ଏସ୍‌ଟି କର୍ମଚାରୀଙ୍କ ତଥ୍ୟ

ନୂଆଦିଲ୍ଲୀ,୨୬-୯

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ସାରା ଦେଶରେ ଥିବା ସରକାରୀ ଓ ଘରୋଇ କମ୍ପାନୀଙ୍କଠାରୁ କାର୍ଯ୍ୟରତ ସମସ୍ତ ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) କର୍ମଚାରୀଙ୍କର ତଥ୍ୟ ଦେବାକୁ ନିର୍ଦ୍ଦେଶ ଦେଇଛି। ସମ୍ପୂର୍ଣ୍ଣ ତଥ୍ୟ ମିଳିବା ପରେ ସରକାର ଏଭଳି କର୍ମଚାରୀଙ୍କୁ ଅଧିକ ସଂଖ୍ୟାରେ ନିଯୁକ୍ତି ଦେବାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଇପିଏଫ୍ ଆକାଉଣ୍ଟରେ ନିଜ ତରଫରୁ ଅଂଶଦାନ ଦେଇପାରନ୍ତି ବୋଲି ଜଣାପଡିଛି। ଏହାର ଫାଇଦା ଘରୋଇ କର୍ମଚାରୀଙ୍କୁ ମଧ୍ୟ ମିଳିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଶ୍ରମ ମନ୍ତ୍ରଣାଳୟ ଏସ୍‌ସି ଓ ଏସ୍‌ଟି କର୍ମଚାରୀଙ୍କୁ ନିଯୁକ୍ତି ଦେଉଥିବା ରାଷ୍ଟ୍ରାୟତ୍ତ ଓ ଘରୋଇ କମ୍ପାନୀଙ୍କୁ ମଧ୍ୟ ପ୍ରୋତ୍ସାହନ ଦେବାକୁ ବିଚାର କରୁଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଇପିଏଫ୍‌ଓ ନିଜର ୧୩୬ ଆଞ୍ଚଳିକ କାର୍ଯ୍ୟାଳୟ ଜରିଆରେ ଉକ୍ତ ତଥ୍ୟ ଯୋଗାଡ କରୁଛି। ନୀତି ଆୟୋଗ ପକ୍ଷରୁ କରାଯାଉଥିବା ଏକ ଅଧ୍ୟୟନ ଜରିଆରେ ଶ୍ରମ ମନ୍ତ୍ରଣାଳୟ ଇପିଏଫ୍‌ଓ ଉକ୍ତ ତଥ୍ୟ ସଂଗ୍ରହ କରୁଛି।

■ ସ୍ପଷ୍ଟ କଲେ ଆଣ୍ଟିଗୁଆ ପ୍ରଧାନମନ୍ତ୍ରୀ

## ଚୋକ୍‌ସିଙ୍କୁ ଭାରତ ପ୍ରତ୍ୟର୍ପଣ କରାଯିବ

ନ୍ୟୁୟର୍କ,୨୬-୯



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ମହାଦୁର୍ନୀତିର ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ହୀରା ବ୍ୟବସାୟୀ ମେହୁଲ ଚୋକ୍‌ସି ଜଣେ ଚାଲବାଜ୍ ବୋଲି ଆଣ୍ଟିଗୁଆ ଓ ବାର୍‌ବୁଡା ପ୍ରଧାନମନ୍ତ୍ରୀ ଗାଷ୍ଟନ ବ୍ରାଉନ କହିଛନ୍ତି। ଅଦାଲତରେ ଚାଲିଥିବା ମାମଲାର ରାୟ ପ୍ରକାଶ ପରେ ତାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରାଯିବ ବୋଲି ବ୍ରାଉନ କହିଛନ୍ତି। ଏଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନାକାଳରେ ସେ କହିଛନ୍ତି ଯେ, ଚୋକ୍‌ସିଙ୍କୁ ଭାରତ ପଠାଇପାରିବେ ନାହିଁ। ସେ ଜଣେ ଖଳ ପ୍ରକୃତିର ବ୍ୟକ୍ତି ଓ ଆଣ୍ଟିଗୁଆକୁ ତାଙ୍କ ମାଧ୍ୟମରେ କୌଣସି ଫାଇଦା ମିଳିବ ନାହିଁ। ସରକାର ଆଇନ ପାଳନ କରୁଥିବାରୁ ଏଭଳି ପ୍ରକ୍ରିୟାରେ ହସ୍ତକ୍ଷେପ କରିବାକୁ ଚାହାନ୍ତି ନାହିଁ।

## ପିଏମ୍‌ସି ବ୍ୟାଙ୍କରେ ଫସିଛି ଆର୍‌ବିଆଇ ଅଧିକାରୀଙ୍କ ଅର୍ଥ

ମୁମ୍ବାଇ,୨୬-୯

ପଞ୍ଜାବ ଆଣ୍ଡ ମହାରାଷ୍ଟ୍ର କୋଅପରେଟିଭ (ପିଏମ୍‌ସି) ବ୍ୟାଙ୍କ ବିରୋଧରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର କଡ଼ା କାର୍ଯ୍ୟାନୁଷ୍ଠାନ ଯୋଗୁ ସାଧାରଣ ଜନତାଙ୍କ ଝାଳବୁହା ଅର୍ଥ ଫସିଯାଇଛି। ତେବେ କେନ୍ଦ୍ରୀୟ ବ୍ୟାଙ୍କର ଅଧିକାରୀମାନେ ମଧ୍ୟ ଏଥିରୁ ବାଦ୍ ପଡିନାହାନ୍ତି। ମିଡିଆ ରିପୋର୍ଟ ଅନୁଯାୟୀ, ଆର୍‌ବିଆଇ ଅଧିକାରୀଙ୍କ



ଦ୍ୱାରା ପରିଚାଳିତ ଏକ ସମବାୟ ସଂସ୍ଥାର ପିଏମ୍‌ସି ବ୍ୟାଙ୍କରେ ୧୦୫ କୋଟି ଟଙ୍କାର ଫିକ୍ସଡ ଡିପୋଜିଟ(ସ୍ଥାୟୀ ଜମା) ରହିଛି। ରିପୋର୍ଟରେ କୁହାଯାଇଛି ଯେ, ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ କୋଅପରେଟିଭ କ୍ରେଡିଟ୍ ସୋସାଇଟି ଚଳିତ ଆର୍ଥିକ ବର୍ଷରେ ପିଏମ୍‌ସିରେ ଉକ୍ତ ଟଙ୍କା ଜମା କରିଛି। ଏଥିରେ ଆହୁରି କୁହାଯାଇଛି ଯେ, ଆର୍‌ବିଆଇ ଷ୍ଟାଫ୍ ଆଣ୍ଡ ଅଫିସର୍ସ କୋଅପରେଟିଭ କ୍ରେଡିଟ୍ ସୋସାଇଟିର ମଧ୍ୟ ଉକ୍ତ ବ୍ୟାଙ୍କରେ ସ୍ଥାୟୀ ଜମା ରହିଛି। ତେବେ କେତେ ଟଙ୍କାର ଜମା ରହିଛି, ତାହା ଜଣାପଡିନାହିଁ।

### ଦିନକରେ କାଢ଼ି ହେବ ୧୦ ହଜାର

ପିଏମ୍‌ସି ଗ୍ରାହକଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇ ଆର୍‌ବିଆଇ ଦୈନିକ ଟଙ୍କା ଉଠାଇବାର ସୀମାକୁ ୧ ହଜାରରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରିଛି। ପିଏମ୍‌ସି ଗ୍ରାହକ ଏଣିକି ଏହି ପରିମାଣ ଟଙ୍କା ବ୍ୟାଙ୍କ ଅଥବା ଏଟିଏମ୍‌ରୁ କାଢ଼ିପାରିବେ। ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କ ପିଏମ୍‌ସି ଉପରେ ୬ ମାସର କଟକଣା ଜାରି କରିବା ସହ ଦୈନିକ ୧ହଜାର ଟଙ୍କା କାଢ଼ିବାକୁ ଅନୁମତି ଦେଇଥିଲେ। ତେବେ ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ଗ୍ରାହକମାନେ କହିଆସୁଥିଲେ। ଅନ୍ୟପକ୍ଷରେ ପିଏମ୍‌ସିର ନିଲମ୍ବିତ ଏମ୍‌ଡି ଜୟ ଥମାସ କହିଛନ୍ତି ଯେ, ବ୍ୟାଙ୍କ ନିକଟରେ ପର୍ଯ୍ୟାପ୍ତ ଟଙ୍କା ରହିଛି ଏବଂ ଜନତାଙ୍କ ଅର୍ଥ ସେମାନଙ୍କ ନିକଟରେ ସୁରକ୍ଷିତ ଥିବାରୁ ଭୟଭୀତ ହେବା ଉଚିତ ନୁହେଁ।



■ ଦୁର୍ଗାପୂଜାରେ ତନିଷ୍କର ନୂଆ ଅଫର

## ସୁନା ଓ ହୀରା ଗହଣାରେ ୨୫% ରିହାତି

ଭୁବନେଶ୍ୱର, ୨୬-୯(ବ୍ୟୁରୋ)

ଦୁର୍ଗାପୂଜା ଉପଲକ୍ଷେ ତନିଷ୍କ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଅଫର ଆଣିଛି। ଉଭୟ ସୁନା ଓ ହୀରା ମୂଲ୍ୟରେ ୨୫% ରିହାତି ମିଳିବ। ଏହି ଅଫର ରାଜ୍ୟର ସମସ୍ତ ତନିଷ୍କ ଷ୍ଟୋରରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଚଳିତ ମାସ ୨୯ରୁ ଆସନ୍ତା ଅକ୍ଟୋବର ୭ ମଧ୍ୟରେ ଏହି ଅଫର ଉପଲବ୍ଧ ହେବ। ଏଥିସହ ତନିଷ୍କ ସ୍ୱତନ୍ତ୍ର ଭାବେ ଐଶାନୀ ପ୍ରସ୍ତୁତ କରିଛି। ଯାହାର ମୂଲ୍ୟ ୧୦ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଏହି ଅଫର ସମୟସୀମା ଭିତରେ ସୁନ ଗହଣା ଗଢ଼ା ମୂଲ୍ୟରେ ଓ ହୀରା ଗହଣାରେ ୨୫% ରିହାତି ମିଳିବ ବୋଲି ତନିଷ୍କ ପକ୍ଷରୁ କୁହାଯାଇଛି।

## କର୍ପୋରେଟ ଟିକସ ହ୍ରାସ ବିତ୍ତୀୟ ନିଅଣ୍ଟ ବଢ଼ାଇବ:ଫିଚ୍

ନୂଆଦିଲ୍ଲୀ,୨୬-୯

କର୍ପୋରେଟ ଟିକସ ହ୍ରାସ ଦ୍ୱାରା ମଧ୍ୟବର୍ତ୍ତୀ ସମୟରେ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ସହାୟକ ହେବ। କିନ୍ତୁ ଏହାଦ୍ୱାରା ସରକାରଙ୍କ ବିତ୍ତୀୟ ନିଅଣ୍ଟ ପରିମାଣ ଧାର୍ଯ୍ୟ ଲକ୍ଷ୍ୟକୁ ଟପିଯିବ ବୋଲି ଫିଚ୍ ରେଟିଂ ଏଜେନ୍ସି ଏହାର ରିପୋର୍ଟରେ କହିଛି। ସୂଚନାଥାଉ କି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଗତ ୨୦ରେ କର୍ପୋରେଟ ଟିକସକୁ ୨୫.୧୭%କୁ ହ୍ରାସ ଘୋଷଣା କରିଥିଲେ। ସେହିପରି ଅକ୍ଟୋବର ପହିଲାରୁ ପ୍ରତିଷ୍ଠିତ ହେବାକୁ ଥିବା ନୂଆ ଉଦ୍ୟୋଗ ପାଇଁ ମିନିମମ୍ ଅଲ୍ଟରନେଟ୍ ଟିକସକୁ ୧୫%କୁ କମାଯାଇଛି। ଏହାଦ୍ୱାରା ସରକାର ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ପୂର୍ବବର୍ଷ ଠାରୁ ଅଧିକ ହେବ ବୋଲି ଫିଚ୍ କହିଛି। ଅନ୍ୟପକ୍ଷରେ ଚଳିତ ଆର୍ଥିକ ବର୍ଷ ଲାଗି ସରକାର ବିତ୍ତୀୟ ନିଅଣ୍ଟ ପରିମାଣକୁ ଜିଡିପିର ୩.୩%ରେ ରଖିବାକୁ ବଜେଟରେ ଲକ୍ଷ୍ୟଧାର୍ଯ୍ୟ କରିଥିଲେ। କମ୍ପାନୀଙ୍କ ମଧ୍ୟରେ ପ୍ରତିଯୋଗିତା ବୃଦ୍ଧି ତଥା ଦକ୍ଷତା ବୃଦ୍ଧି ଲାଗି କର୍ପୋରେଟ ଟିକସ ହ୍ରାସକୁ ବ୍ୟବହାର କରାଯାଇପାରେ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାଦ୍ୱାରା ଅର୍ଥନୀତିରେ ମଧ୍ୟବର୍ତ୍ତୀ ସମୟରେ ଅଭିବୃଦ୍ଧି ହେବ ବୋଲି କୁହାଯାଇଛି। ଦେଶରେ ବ୍ୟବସାୟିକ ପରିବେଶରେ ଉନ୍ନତି ଅଣାଗଲେ ଏଫ୍‌ଡିଆଇ ଆସିବା କ୍ଷେତ୍ରରେ ସକାରାତ୍ମକ ପ୍ରଭାବ ପଡିବ ବୋଲି ରିପୋର୍ଟରେ କୁହାଯାଇଛି। ସୂଚନାଥାଉ କି, ଦେଶର ଜିଡିପି ବୃଦ୍ଧି ହାର କ୍ରମାଗତ ୫ମ ତ୍ରୈମାସ କମିଛି। ଅର୍ଥାତ୍ ଚଳିତ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍‌ରେ ୫%କୁ ହ୍ରାସ ପାଇଛି। କର୍ପୋରେଟ ଟିକସ ହ୍ରାସର ଅନୁକୂଳ ପ୍ରଭାବ ଆସନ୍ତା ଆର୍ଥିକ ବର୍ଷ ୨୦୨୦-୨୧ରେ ଦେଖିବାକୁ ମିଳିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ଜିଏସ୍‌ଟି ନେଟ୍‌ୱର୍କରେ ଆରମ୍ଭ ହେଲା ଅନ୍‌ଲାଇନ ରିଫଣ୍ଡ

ନୂଆଦିଲ୍ଲୀ,୨୬-୯: ଜିଏସ୍‌ଟି ନେଟ୍‌ୱର୍କ(ଜିଏସ୍‌ଟିଏନ୍)ରେ ଗୁରୁବାରଠାରୁ ଅନ୍‌ଲାଇନ ରିଫଣ୍ଡ ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଏସ୍‌ଟିଏନ୍ ପକ୍ଷରୁ ଏ ସମ୍ପର୍କରେ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଅନ୍‌ଲାଇନ ରିଫଣ୍ଡ ବ୍ୟବସ୍ଥା ଉପସ୍ଥାପନ କରାଯିବା ଯୋଗୁ ଟିକସଦାତା ସହଜରେ ସେମାନଙ୍କର ରିଫଣ୍ଡ ଆବେଦନ(ଆର୍‌ଏଫଡି୦୧ ଫର୍ମ) ଦାଖଲ କରିପାରିବେ। ଟିକସ ଅଧିକାରୀ ଏହାକୁ ଅନ୍‌ଲାଇନରେ ପ୍ରକ୍ରିୟାକରଣ କରିପାରିବେ। ଅଧିକାରୀ ଏବଂ ଟିକସଦାତାଙ୍କ ମଧ୍ୟରେ ସମସ୍ତ ପ୍ରକାର ପତ୍ରାଳାପ ଅନ୍‌ଲାଇନରେ ହେବ।

■ ଇ-ଆକଳନ ବ୍ୟବସ୍ଥା

# ୪ ଲକ୍ଷ ଟିକସଦାତାଙ୍କୁ ଜାରି ହେବ ନୋଟିସ




- ■ ୧ ଲକ୍ଷରୁ ଊର୍ଦ୍ଧ୍ୱଙ୍କୁ ଦିଆଯାଇଛି ନୋଟିସ
- ■ ଉତ୍ତର ଦେବାକୁ ମିଳିଛି ୧୫ ଦିନ ସମୟ
- ■ ୧୦୦ ମାନଦଣ୍ଡ ଆଧାରରେ ହେବ ଇ-ଆକଳନ

ନୂଆଦିଲ୍ଲୀ,୨୬-୯

କେନ୍ଦ୍ର ସରକାର ଫେସ୍‌ଲେସ୍ ଟିକସ ରିଟର୍ନ ଯାଞ୍ଚ ବ୍ୟବସ୍ଥାର ଇ-ଆକଳନ ଘୋଷଣା କରିଛନ୍ତି। ଏହି ନୂଆ ବ୍ୟବସ୍ଥାରେ ଆୟକର ବିଭାଗ ପକ୍ଷରୁ ଏଭଳି ୪ ଲକ୍ଷ ଟିକସଦାତାଙ୍କୁ କରାଯାଇଛି ଯେଉଁମାନଙ୍କୁ ନୋଟିସ ଜାରି କରାଯିବ।

ମାମଲା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି ଯେ, ଆୟକର ବିଭାଗ ଇତିମଧ୍ୟରେ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଟିକସଦାତାଙ୍କୁ ନୋଟିସ ପଠାଇ ସେମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ରିଟର୍ନ ଉପରେ ୧୫ ଦିନ ମଧ୍ୟରେ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛି। ତେବେ ପ୍ରାୟ ୧୦ ହଜାର ନୋଟିସ ଟିକସଦାତାଙ୍କ ନିକଟକୁ ପହଞ୍ଚିପାରିନାହିଁ ଓ କେତେକ ଫେରି ଆସିଛି। ଚଳିତ ମାସ ୩୦ ଯାଏ ଯାଞ୍ଚ ସହ ସମ୍ପର୍କିତ ସମସ୍ତ ପ୍ରକାର ନୋଟିସ ପଠାଯିବ ବୋଲି ସେ କହିଛନ୍ତି। ଆୟକର ବିଭାଗ ଚଳିତ ଆର୍ଥିକ ବର୍ଷ ଲାଗି କମ୍ପ୍ୟୁଟର ଆଧାରିତ ଯାଞ୍ଚ ଚୟନ(ସିଏଏସ୍‌ଏସ୍) ଚକ୍ରକୁ ଚୂଡ଼ାନ୍ତ କରିସାରିଛି ଏବଂ ନୂଆ ବ୍ୟବସ୍ଥାରେ ଯାଞ୍ଚ ଲାଗି ପ୍ରାୟ ୧୦୦ ମାନଦଣ୍ଡ ଧାର୍ଯ୍ୟ ହୋଇଛି। ଅଧିକାରୀଙ୍କ କହିବାନୁଯାୟୀ, ଅଘୋଷିତ ବିଦେଶୀ ଆୟ ଓ ଅସ୍ଥାବର ସମ୍ପତ୍ତି, ଉଚ୍ଚ ମୂଲ୍ୟର କାରବାର, ଦୀର୍ଘକାଳୀନ ପୁଞ୍ଜି ଲାଭକୁ ଠିକ୍ ଭାବେ ନ ଦର୍ଶାଇବା, ଟିଡିଏସ୍ ଦାବି ଟିକସ ଫର୍ମ ସହ ମେଳ ନ ଖାଇବା, ଆତ୍ମୀୟଙ୍କ ନାମରେ କରାଯାଇଥିବା ନିବେଶକୁ ଲୁଚାଇବା, ଭୁଲ୍ ଭାବେ ରିଟର୍ନ ପୂରଣ କରିବା, ପୂର୍ବ ଆର୍ଥିକ ବର୍ଷରେ ଟିକସ ଫାଙ୍କିକୁ ଉକ୍ତ ୧୦୦ ମାନଦଣ୍ଡ ମଧ୍ୟରେ ସାମିଲ କରାଯାଇଛି। ଏହା ଆଧାରରେ ଟିକସଦାତାଙ୍କୁ ନୋଟିସ ପଠାଯାଇଛି। ଯୋଜନା ଅନୁସାରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଇ-ଆକଳନ ସମ୍ପୂର୍ଣ୍ଣ ଭାବେ ମାନବ ହସ୍ତକ୍ଷେପ ରହିତ ହେବ ନାହିଁ। କାରଣ ନିଜ ନିଜ କ୍ଷେତ୍ରର ଅଧିକାରୀ ଟିକସଦାତାଙ୍କ ପ୍ରୋଫାଇଲକୁ ବୁଝିବା ପରେ ନୋଟିସ ଜାରି କରିବା ପୂର୍ବରୁ ଏହାକୁ ସର୍ଭରରେ ଦେଖିବେ।

NATIONAL HEALTH MISSION
ZILLA SWASTHYA SAMITI, ANGUL

No.2066 Date: 26.09.2019

NOTICE

No further contractual engagements in the position of (Staff Nurse / Pharmacist / LT) only shall be made against Advertisement No.2873/15.11.2018 and No.3326/20.12.2018. Hence the panel of selected candidates for future & subsequent engagements made against the said advertisements in such positions as above is hereby cancelled.

Sd./-
CDM & PHO Cum
District Mission Director, Angul

omfed www.omfed.com
ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍
ଡି-୨, ଶହୀଦ ନଗର, ଭୁବନେଶ୍ୱର - ୭୫୧ ୦୦୭

ଖାଉଟି ଜନସାଧାରଣଙ୍କ ନିମନ୍ତେ ସୂଚନା

ଏତଦ୍ୱାରା ଓମ୍‌ଫେଡ୍‌ର ସମସ୍ତ ଖାଉଟିମାନଙ୍କୁ ଜଣାଇ ଦିଆଯାଉଅଛି କି ଚାଷୀମାନଙ୍କଠାରୁ ଦୁଗ୍ଧର ସଂଗ୍ରହ ମୂଲ୍ୟ ବୃଦ୍ଧି ପରିପ୍ରେକ୍ଷୀରେ ଓମ୍‌ଫେଡ୍ କର୍ତ୍ତୃପକ୍ଷ ପ୍ୟାକେଟ୍ ଦୁଗ୍ଧର ଦର ତା-୨୭-୦୯-୨୦୧୯ ରିଖ ଠାରୁ ଲିଟର ପିଛା ୪ ଟଙ୍କା ବୃଦ୍ଧି କରିଛନ୍ତି । ନିମ୍ନରେ ନୂତନ ଦୁଗ୍ଧ ମୂଲ୍ୟସୂଚୀ ପ୍ରଦାନ କରାଗଲା ।

| ଦୁଗ୍ଧର ପ୍ରକାର | ପୂର୍ବ ଦର | ବର୍ଦ୍ଧିତ ଦର |
|---|---|---|
| ଟୋନ୍‌ଡ ଦୁଗ୍ଧ (୫୦୦ ମି.ଲି.) | ଟ.୧୭.୦୦ | ଟ.୧୯.୦୦ |
| ପ୍ରିମିୟମ ଦୁଗ୍ଧ (୫୦୦ ମି.ଲି.) | ଟ.୨୦.୦୦ | ଟ.୨୨.୦୦ |
| ଗୋଲ୍ଡ ପ୍ରିମିୟମ (୫୦୦ ମି.ଲି.) | ଟ.୨୦.୦୦ | ଟ.୨୨.୦୦ |

ଓମ୍‌ଫେଡ୍ ନିକଟରେ ବର୍ତ୍ତମାନ ଗଚ୍ଛିତ ଥିବା ପୁରୁଣା ପଲିଥିନ୍ ସରିବା ପର୍ଯ୍ୟନ୍ତ ଛାପାଥିବା ଦର ପରିବର୍ତ୍ତେ ନୂତନ ଦରରେ ଖାଉଟିମାନେ ଦୁଗ୍ଧ କ୍ରୟ କରିବେ ।
ଏଥିରେ ଓଡ଼ିଶାର ଖାଉଟି ଜନସାଧାରଣ ସହଯୋଗ କରିବା ନିମନ୍ତେ ଅନୁରୋଧ ।

ପରିଚାଳନା ନିର୍ଦ୍ଦେଶକ

Tel. 06766-258301(O)
email: se_nerwkjr@rediffmail.com

GOVT. OF ODISHA
OFFICE OF THE SUPERINTENDING ENGINEER
NORTH EASTERN RURAL WORKS CIRCLE, KEONJHAR

No.388-O :- "e" Procurement Notice for Road Works
No. 2716 Identification No. Road Online NCB No. 268 Date: 23-09-2019

1. Name of the work :- Road Works under OMBADC in the District of Keonjhar.
2. Estimated Cost :- As per Annexure in NIT.
3. Class of Contractor (Eligible) :- As per Annexure in NIT.
4. Period of Completion :- As per Annexure in NIT.
5. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No. 268 | Dt.03.10.19 at 11.00 AM | Dt.19.10.19 upto 3.00 PM | Dt.18.10.19 upto 3.00 PM | Dt.21.10.19 at 11.00 AM | Dt.26.10.19 at 11.00 AM |

- Further details can be seen from the website: www.tendersorissa.gov.in

Sd/- Superintending Engineer,
N.E.R.W. Circle, Keonjhar.

25048/11/0004/1920

LINGARAJ LAW COLLEGE
(Constituent College of Berhampur University)
BERHAMPUR-760010 (ODISHA)

No.701/LLC/BU/2019 Date : 26.09.2019

NOTIFICATION FOR ENGAGEMENT OF CHARTERED ACCOUNTANT FIRMS FOR AUDIT

Sealed Expression of interest (EoI) are invited from the Registered Charted Accountant Firms having a minimum of Five years experience to conduct statutory audit of accounts under various schemes of University Grant Commission (UGC) Grants received by Lingaraj Law College, Berhampur. The interested firms are required to offer their interest specifying the rates for audit of accounts of Grants received under plans of UGC to Lingaraj Law College with immediate effect. The firms have to commence the audit work immediately in time bound manner. The last date of submission of EoI is 3.30 P.M. of 15.10.2019 by Speed / Registered Post only. Interested and eligible firms may apply accordingly. The authority reserves the right to accept or reject any or all proposals without assigning any reason thereof.

Sd./-
PRINCIPAL



“ଟେଷ୍ଟ କ୍ରିକେଟ୍ ମାନସିକତା ଉପରେ ନିର୍ଭର କରେ। ମୋର ବିଶ୍ୱାସ ରହିଛି ରୋହିତ୍ ଶର୍ମା ଓପନର୍ ଭାବେ ସଫଳତା ହାସଲ କରିବେ।

–ଅଜିଙ୍କ୍ୟ ରାହାନେ, ଭାରତୀୟ ଟେଷ୍ଟ ଦଳର ଉପ ଅଧିନାୟକ



“ଶେଫାଳି ବର୍ମା ଜଣେ ପ୍ରତିଭାବାନ ଖେଳାଳି। ତାଙ୍କୁ ଠିକ୍ ଭାବରେ ଦିଗ୍‌ଦର୍ଶନ ଦେଇପାରିଲେ ଭବିଷ୍ୟତରେ ଜଣେ ଭଲ ଖେଳାଳି ହୋଇ ବାହାରିବେ।

–ମିଥାଲି ରାଜ, ଭାରତୀୟ ମହିଳା କ୍ରିକେଟ୍ ଅଧିନାୟିକା

## ସଂକ୍ଷେପରେ

### ମହିଳା ଟି୨୦: ବର୍ଷା ଯୋଗୁ ୨ୟ ମ୍ୟାଚ୍ ବାତିଲ

ସୁରତ, ୨୬।୯: ସ୍ଥାନୀୟ ଲାଲାଭାଇ କଣ୍ଟ୍ରାକ୍ଟର ଷ୍ଟାଡିୟମରେ ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମହିଳା କ୍ରିକେଟ୍ ଦଳ ମଧ୍ୟରେ ଗୁରୁବାର ଖେଳାଯିବାକୁ ଥିବା ୨ୟ ଟି୨୦ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଯାଇଛି। ପ୍ରବଳ ବର୍ଷା କାରଣରୁ ମ୍ୟାଚ୍‌ର ଟସ୍ ପଡ଼ିବା ସମ୍ଭବପର ହୋଇପାରି ନ ଥିଲା। ଫଳରେ ଅମ୍ପାୟର ମ୍ୟାଚ୍‌କୁ ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ। ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜର ୩ୟ ମ୍ୟାଚ୍ ରବିବାର ଏହି ଗ୍ରାଉଣ୍ଡରେ ଖେଳାଯିବ। ପୂର୍ବରୁ ପ୍ରଥମ ମ୍ୟାଚ୍‌କୁ ୧୧ ରନରେ ଜିତି ହର୍ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ସିରିଜରେ ୧-୦ରେ ଅଗ୍ରଣୀ ରହିଛି।

### ବିଜୟ ହଜାରେ ଟ୍ରଫି ପୁଣି ପଏଣ୍ଟ ଭାଗ କଲା ଓଡ଼ିଶା

ଭୁବନେଶ୍ୱର, ୨୬।୯ (ସ୍ପୋର୍ଟ୍ସ ବ୍ୟୁରୋ): ଭଦୋଦରାର ଦର୍ଶନକ ସ୍ପୋର୍ଟ୍ସ ଆଣ୍ଡ୍ ଏଜୁକେଶନ ଏକାଡେମୀ କ୍ରିକେଟ୍ ଗ୍ରାଉଣ୍ଡରେ ଗୁରୁବାର ଓଡ଼ିଶା ଓ ହରିୟାଣା ମଧ୍ୟରେ ଖେଳାଯାଇଥିବା ବିଜୟ ହଜାରେ ଟ୍ରଫି ଗ୍ରୁପ୍-ବି ମ୍ୟାଚ୍ ଖରାପ ପଡ଼ିଆ ଯୋଗୁ ବାତିଲ ହୋଇଯାଇଛି। ଲଗାଣ ବର୍ଷା ଯୋଗୁ ପଡ଼ିଆ ଖେଳ ଅନୁପଯୋଗୀ ହେବାରୁ ଅମ୍ପାୟର ମ୍ୟାଚ୍‌କୁ ବାତିଲ ଘୋଷଣା କରିଥିଲେ। ଫଳରେ ଉଭୟ ଓଡ଼ିଶା ଓ ହରିୟାଣା ୨ ପଏଣ୍ଟ ଲେଖାଏ ଅର୍ଜନ କରିଛନ୍ତି। ପୂର୍ବରୁ ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ବରୋଦାକୁ ଭେଟିଥିବାବେଳେ ଏହି ମ୍ୟାଚ୍ ମଧ ସମାନ କାରଣ ଲାଗି ବାତିଲ ହୋଇଯାଇଥିଲା। ଓଡ଼ିଶା ଏବେ ୨ ମ୍ୟାଚ୍‌ରୁ ୪ ପଏଣ୍ଟ ଅର୍ଜନ କରିଛି। ଶୁଭ୍ରାଂଶୁ ଶେଖର ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ୍‌ରେ ଶନିବାର ହିମାଚଳ ପ୍ରଦେଶକୁ ଭେଟିବ।

### ଶ୍ରୀନିବାସନଙ୍କ ଝିଅ ଟିଏନ୍‌ସିଏ ସଭାପତି



ଚେନ୍ନାଇ,୨୬।୯: ପୂର୍ବତନ ବିସିସିଆଇ ସଭାପତି ଏନ୍. ଶ୍ରୀନିବାସନଙ୍କ ଝିଅ ରୂପା ଗୁରୁବାର ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନ୍‌ସିଏ) ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ବିସିସିଆଇର ଯେକୌଣସି ରାଜ୍ୟ ଶାଖାର ସଭାପତି ହେବାରେ ରୂପା ପ୍ରଥମ ମହିଳା। ଏଠାରେ ଅନୁଷ୍ଠିତ ୮୭ତମ ବାର୍ଷିକ ସାଧାରଣ ବୈଠକରେ ସେ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ସଭାପତି ପଦ ପାଇଁ ସେ ଏକା ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ରବିବାର ଅନୁଷ୍ଠିତ ଟିଏନ୍‌ସିଏ କାର୍ଯ୍ୟକାରୀ ବୈଠକରେ ଗୁରୁବାର ନିର୍ବାଚନ କରାଇବାକୁ ନିଷ୍ପତ୍ତି ହୋଇଥିଲା। ଉଲ୍ଲେଖଥାଉ କି, ରୂପାଙ୍କ ସ୍ୱାମୀ ଗୁରୁନାଥ ମେୟାପ୍ପାନଙ୍କୁ ବିସିସିଆଇ କ୍ରିକେଟରୁ ଆଜୀବନ ବାସନ୍ଦ କରିଛି। ସେ ୨୦୧୩ ଆଇପିଏଲ ସ୍ପଟ୍ ଫିକ୍ସିଂ ସ୍କାଣ୍ଡାଲରେ ଜଡ଼ିତ ଥିଲେ।

### କ୍ୱାର୍ଟରରେ କାଶ୍ୟପ

ଇଞ୍ଚିଅନ,୨୬।୯: ଭାରତୀୟ ଶଟଲର ପାରୁପଲ୍ଲୀ କାଶ୍ୟପ କୋରିଆ ଓପନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ବର୍ଗର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ କାଶ୍ୟପ ମାଲେସିଆର ଡାରେନ ଲୁଇଙ୍କୁ ହରାଇ ଦେଇଛନ୍ତି। ୫୬ ମିନିଟ୍ ଧରି ଚାଲିଥିବା ମ୍ୟାଚ୍‌କୁ କାଶ୍ୟପ ୨୧-୧୭, ୧୧-୨୧, ୨୧-୧୨ ଗେମ୍‌ରେ ଜିତିଛନ୍ତି। ସେ ସେମିଫାଇନାଲରେ ୮ମ ସିଡ୍ ଇଣ୍ଡୋନେସିଆର ଆନ୍ଥୋନି ସିନିସୁକା ଗିଟିଂ ଓ ଡେନମାର୍କର ଜାନ ଓ’ ଜୋର୍ଗେନସେନ ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ବିଜେତାଙ୍କୁ ଭେଟିବେ। ୨୦୧୪ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକଧାରୀ କାଶ୍ୟପ ଚଳିତ ଟୁର୍ନାମେଣ୍ଟରେ ଏକମାତ୍ର ଭାରତୀୟ ଶଟଲର ଭାବେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଅନ୍ୟ ଭାରତୀୟ ଶଟଲର ପ୍ରଥମ ରାଉଣ୍ଡରେ ପରାଜୟର ସମ୍ମୁଖୀନ ହୋଇଥିଲେ।

## ■ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ଆଜିଠାରୁ

# ଲଙ୍ଗ୍‌ଜମ୍ପରୁ ଭାରତର ଅଭିଯାନ ଆରମ୍ଭ

ଦୋହା,୨୬।୯(ପି.ଟି.)

କାତାର ରାଜଧାନୀ ଦୋହାର ଖଲିଫା ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ବିଶ୍ୱ ଆଥଲେଟିକ ଚାମ୍ପିୟନଶିପ୍। ଅଲିମ୍ପିକ୍ସ ପରେ ଏହି ମେଗା ଇଭେଣ୍ଟ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଆଥ୍‌ଲେଟିକ୍ସ ଇଭେଣ୍ଟର ମାନ୍ୟତା ପାଇଛି। ଚାମ୍ପିୟନଶିପ୍‌ର ଏହି ୧୭ତମ ସଂସ୍କରଣ ଅକ୍ଟୋବର ୬ ତାରିଖରେ ଶେଷ ହେବ। ଏହି ମେଗା ଇଭେଣ୍ଟରେ ଭାରତର ପ୍ରଦର୍ଶନ ଉତ୍ସାହଜନକ ହେବ ନାହିଁ। ଦୁଇ ବଡ଼ ତାରକା ନୀରଜ ଚୋପ୍ରା ଓ ହିମା ଦାସ ଇଞ୍ଜୁରି କାରଣରୁ ଏଥିରେ ଅଂଶଗ୍ରହଣ କରିବେ ନାହିଁ। ଫଳରେ ଭାରତ ପଦକ ଆଶା ପ୍ରଭାବିତ ହେବା ନିଶ୍ଚିତ ମନେ ହେଉଛି।

ବିଶ୍ୱସ୍ତରୀୟ ଜାଭେଲିନ ଥ୍ରୋୟର ନୀରଜ ଗତ ମେ’ରେ କହୁଣୀରେ ଅସ୍ତ୍ରୋପଚାର କରାଇଥିଲେ। ଏବେ ସେ ହାଲ୍‌କା ଅଭ୍ୟାସ ଆରମ୍ଭ କରିଛନ୍ତି। ସେହିପରି ମହିଳା ସ୍ପ୍ରିଣ୍ଟର ହିମା ପ୍ରାଥମିକ ଦଳରେ ସ୍ଥାନ ପାଇଥିଲେ। ୪ ମାସ ସେ ୟୁରୋପ୍‌ରେ ପ୍ରଶିକ୍ଷଣ ମଧ୍ୟ ନେଇଥିଲେ। ତେବେ ସେ ପିଠିର ନିମ୍ନ ଭାଗରେ ଆଘାତ ସମସ୍ୟା କାରଣରୁ ଏହି ଚାମ୍ପିୟନଶିପ୍‌ରୁ ଓହରିଯାଇଛନ୍ତି। ଆହତ ହେବା ପୂର୍ବରୁ ସେ କେତୋଟି ଲୋ ଲିଭଲ ରେସ୍‌ରେ ଭଲ ପ୍ରଦର୍ଶନ କରିଥିଲେ। ହିମାଙ୍କ ଇଞ୍ଜୁରି ମ୍ୟାନେଜମେଣ୍ଟ ନେଇ ଆଥଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଅବଶ୍ୟ ତତ୍ପରତା ଦେଖାଇଛି। ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ହାସଲ କରିଥିବା ନୀରଜ ଫିଟ ହୋଇଥିଲେ ଭାରତ ପାଇଁ ପଦକ ଜିତିବାର ସମ୍ଭାବନା ସୃଷ୍ଟି କରିଥାନ୍ତେ। ଅନ୍ୟପଟେ ହିମା ନିଜ ଫେଭରାଇଟ ଇଭେଣ୍ଟ ୪୦୦ ମି. ରେସ୍‌ରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ୫୦.୭୯ ସେକେଣ୍ଡରୁ ଯଥେଷ୍ଟ ପଛରେ ରହିଥିଲେ। ଗତବର୍ଷ ଏସିଆନ ଆଥଲେଟିକ୍ ଚାମ୍ପିୟନଶିପ୍‌ରେ ସେ ୪୦୦ମି. ରେ ବ୍ୟକ୍ତିଗତ ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ।



ନୂଆ ଜର୍ସିରେ ଭାରତୀୟ ଆଥଲେଟିକ୍ସ ଦଳର ଖେଳାଳିମାନେ।

ଏଥର ଭାରତୀୟ ଆଥଲେଟମାନେ କେଉଁ ଇଭେଣ୍ଟରେ ଫାଇନାଲରେ ପ୍ରବେଶ କରିବେ ତାହା କହିବା କଷ୍ଟକର। ୩ଟି ୪ ଗୁଣା ୪୦୦ ମି. ରିଲେରେ ଭାରତ ପଦକ ହାସଲ କରିବ ବୋଲି ଏଏଫ୍‌ଆଇ ଆଶା ରଖିଛି। ଏଥର ଚାମ୍ପିୟନ୍‌ଶିପ୍‌ରେ ୪ ଗୁଣା ୪୦୦ମି. ମିକ୍ସ ପ୍ରଥମଥର ପାଇଁ ସାମିଲ କରାଯାଇଛି। ଏହି ଇଭେଣ୍ଟ ଉପରେ ଭାରତ ଆଶା ରହିଛି।

୨୦୦୩ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଞ୍ଜୁ ବବି ଜର୍ଜ ଲଙ୍ଗ୍ ଜମ୍ପରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ ଓ ଏହା ଏପର୍ଯ୍ୟନ୍ତ ଭାରତ ପାଇଁ ଏକମାତ୍ର ସଫଳତା ହୋଇ ରହିଛି। ଗତ ୨୦୧୭ ଲଣ୍ଡନ ସଂସ୍କରଣରେ ଏକମାତ୍ର ଭାରତୀୟ ଖେଳାଳି ଭାବେ ପୁରୁଷ ଜାଭେଲିନ୍‌ରେ ଦେବିନ୍ଦର ସି କାଙ୍ଗ୍ ଫାଇନାଲ୍ସରେ ପ୍ରବେଶ କରିଥିଲେ। ତେବେ ରେସ୍ ୱକର ଓ ମାରାଥନ ଧାବକମାନେ ନିରାଶ କରିଥିଲେ। ଏଥର ବିଶ୍ୱ ଚାମ୍ପିୟନଶିପ୍‌ରେ ୨୭ଜଣ ଭାରତୀୟ ଆଥଲେଟ ଅଂଶଗ୍ରହଣ କରିବେ। ରିଲେ ରେସ୍‌ରେ ୧୩ଜଣ ଭାଗନେବେ। ରିଲେ ଦୌଡ଼ିବା ସହିତ ଧାରୁନ ଆୟାସମି ବ୍ୟକ୍ତିଗତ ୪୦୦ମି. ହର୍ଡଲ୍ସରେ ମଧ ଅଂଶଗ୍ରହଣ କରିବେ। ଜାତୀୟ ରେକର୍ଡଧାରୀ ମହମ୍ମଦ ଆନସ ୪୦୦ମି. ବ୍ୟକ୍ତିଗତ ରେସରେ ଦୌଡ଼ିବେ ନାହିଁ। ଯଦିଓ ସେ ବିଶ୍ୱ ଚାମ୍ପିୟନଶିପ୍ କ୍ୱାଲିଫାଇଙ୍ଗ୍ ମାର୍କ ଅତିକ୍ରମ କରିଥିଲେ। ପୁରୁଷ ୪ ଗୁଣା ୪୦୦ମି.ରେ ସେ ନିଜର ଭାଗ୍ୟ ପରୀକ୍ଷା କରିବେ। କାରଣ ଏହି ଇଭେଣ୍ଟରେ ଭାରତ ଫାଇନାଲ୍ସରେ ପ୍ରବେଶ କରିବା ଆଶା ଅଧିକ ରହିଛି। ରିଲେ ରେସ୍‌ରେ ଶ୍ରେଷ୍ଠ ୮ଟି ସ୍ଥାନରେ ରହିଥିବା ଦଳକୁ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଭାଗ ନେବାର ସୁଯୋଗ ମିଳିବ।




ପ୍ରାଥମିକ ଭାବେ ହିମା ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ଫଳରେ ଭାରତ ୪ ଗୁଣା ୪୦୦ମି. ଓ ମିକ୍ସଡ ୪ ଗୁଣା ୪୦୦ମିରେ ପଦକ ଜିତିବାର ସମ୍ଭାବନା ଥିଲା। ଏବେ ହିମା ବାଦ୍ ପଡିଛନ୍ତି। ତେବେ ଏହା ସତ୍ତ୍ୱେ ଭାରତ ୪ ଗୁଣା ୪୦୦ମି ଫାଇନାଲ୍ସରେ ପ୍ରବେଶ କରିବ ବୋଲି ଡେପୁଟି ନ୍ୟାଶନାଲ ଚିଫ୍ କୋଚ୍ ରାଧାକ୍ରିଷ୍ଣନ୍ ନାୟାର କହିଛନ୍ତି।

ଆଥଲେଟ୍‌ମାନଙ୍କ ମଧ୍ୟରେ ଲଙ୍ଗଜମ୍ପର ଏମ୍. ଶ୍ରୀଶଙ୍କର, ମେଟ୍ରିକ ମାଇଲ ରନର ଜିନ୍‌ସନ ଜନସନ ଓ ଶଟ୍ ପୁଟର ତେଜିନ୍ଦର ପାଲ ସିଂ ତୁର ଫାଇନାଲ୍ସରେ ପହଞ୍ଚିବାକୁ ହେଲେ ଏମାନଙ୍କୁ ଶ୍ରେଷ୍ଠରୁ ଆହୁରି ଭଲ ପ୍ରଦର୍ଶନ କରିବାକୁ ହେବ। ଓଡ଼ିଆ ତାରକା ଧାବିକା ଦୂତୀ ଚାନ୍ଦ ମଧ ଫାଇନାଲ୍ସରେ ପହଞ୍ଚିବାକୁ ପ୍ରୟାସ କରିବେ। ତେବେ ଏଥିପାଇଁ ତାଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ହେବ। ପୁରୁଷ ଲଙ୍ଗଜମ୍ପରେ ଶୁକ୍ରବାର ଶ୍ରୀଶଙ୍କର ପ୍ରଥମ ଦିବସରେ ଭାରତ ପାଇଁ ଅଭିଯାନ ଆରମ୍ଭ କରିବେ। ଏହି ଇଭେଣ୍ଟର ଫାଇନାଲ୍ସ ପାଇଁ ଅଟୋମେଟିକ କ୍ୱାଲିଫିକେଶନ ମାର୍କ ୮.୧୫ ମି. ରହିଛି। ତେବେ ଯଦି ଆବଶ୍ୟକ ସଂଖ୍ୟାରେ ଆଥଲେଟ୍ ଏହି କଟ୍‌ଅଫ୍ ମାର୍କ ଅତିକ୍ରମ ନ କଲେ ଏହାଠାରୁ କମ୍ ଦୂରତା ଜମ୍ପ କରୁଥିବା ଆଥ୍‌ଲେଟ୍ ଫାଇନାଲ୍ସକୁ ଉଠିପାରିବେ। ୨୦ ବର୍ଷୀୟ ଶ୍ରୀଶଙ୍କର ପୂର୍ବରୁ କ୍ୟାରିୟରରେ ଥରେ ମାତ୍ର ୮.୧୫ମିରୁ ଅଧିକ ଜମ୍ପ କରିଛନ୍ତି। ଗତବର୍ଷ ସେ ଜାତୀୟ ଓପନ୍‌ରେ ୮.୨୦ମି. ଜମ୍ପ କରିଥିଲେ। କ୍ୱାଲିଫିକେଶନ ରାଉଣ୍ଡରେ ୨୭ ଲଙ୍ଗ୍ ଜମ୍ପର ଅଂଶଗ୍ରହଣ କରିବେ। ପ୍ରଥମ ଦିବସରେ ଆୟାସାମି ଓ ଏମ.ପି. ଜବିର ପୁରୁଷ ୪୦୦ମି. ହର୍ଡଲ୍ସ ହିଟ୍‌ରେ ଦୌଡିବେ। ଆୟାସାମିଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୪୮.୮୦ ମି. ରହିଛି। ହିଟ୍ ନମ୍ବର ୫ରୁ ସେ ସେମି ଫାଇନାଲ୍ସରେ ପହଞ୍ଚିବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଥମ ହିଟ୍‌ରେ ଜବିର ଦୌଡିବେ। ପ୍ରତ୍ୟେକ ୫ଟି ହିଟ୍‌ର ପ୍ରଥମ ୪ ଜଣ ଧାବକ ଓ ପରବର୍ତ୍ତୀ ଦ୍ରୁତତମ ୪ ଧାବକ ସେମିଫାଇନାଲ୍ସରେ ପ୍ରବେଶ କରିବେ।

## ରାଜ୍ୟ ପ୍ରତିନିଧିଙ୍କ ନାମାଙ୍କନ ଶେଷ ତାରିଖ ଅକ୍ଟୋବର ୪

ନୂଆଦିଲ୍ଲୀ,୨୬।୯(ପି.ଟି.)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବାର୍ଷିକ ସାଧାରଣ ବୈଠକ ନିମନ୍ତେ ରାଜ୍ୟ ପ୍ରତିନିଧିଙ୍କ ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୪କୁ ଧାର୍ଯ୍ୟ କରାଯାଇଛି। ବିସିସିଆଇ ନିର୍ବାଚନ ଅଧିକାରୀ ଏନ୍. ଗୋପାଳସ୍ୱାମୀ ଗୁରୁବାର ଏ ନେଇ ଡେଡ୍ ଲାଇନ୍ ଧାର୍ଯ୍ୟ କରିଛନ୍ତି।

ମୁମ୍ବାଇରେ ଅକ୍ଟୋବର ୨୩ ତାରିଖରେ ବିସିସିଆଇ ବାର୍ଷିକ ସାଧାରଣ ବୈଠକ ତଥା ନିର୍ବାଚନ ଆୟୋଜନ ହେବ। ପ୍ରଥମେ ଏହି ନିର୍ବାଚନ ୨୨ତାରିଖରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ମହାରାଷ୍ଟ୍ର ଓ ହରିୟାଣାରେ ବିଧାନସଭା ନିର୍ବାଚନ ଥିବାରୁ ବୋର୍ଡ ପକ୍ଷରୁ ନିର୍ବାଚନ ତାରିଖ ଘୁଞ୍ଚାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଅକ୍ଟୋବର ୪ ତାରିଖ ସନ୍ଧ୍ୟା ୫ଟା ବେଳେ ମତଦାତା ସୂଚୀ ପ୍ରକାଶ କରାଯିବ। ୧୦ ତାରିଖରେ ନିର୍ବାଚନର ଅନ୍ତିମ ମତଦାତା ସୂଚୀ ପ୍ରକାଶିତ ହେବ।

ଅକ୍ଟୋବର ୧୧, ୧୨ ଓ ୧୪ ତାରିଖ ସକାଳ ୧୧ରୁ ୩ଟା ମଧ୍ୟରେ ପ୍ରତିନିଧିମାନେ ନାମାଙ୍କନ ଦାଖଲ କରିପାରିବେ। ୧୫ ତାରିଖରେ ନାମାଙ୍କନ ପତ୍ରଗୁଡ଼ିକର ଯାଞ୍ଚ କରାଯିବ। ଏହି ଦିନ ପ୍ରାର୍ଥୀଙ୍କ ଅନ୍ତିମ ନାମ ତାଲିକା ଘୋଷଣା କରାଯିବ। ୨୩ରେ ନିର୍ବାଚନ ହେବା ପୂର୍ବରୁ ୧୬ ତାରିଖରେ ଲଢୁଥିବା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ଅନ୍ୟପଟେ ରାଜ୍ୟ ଆସୋସିଏଶନଗୁଡ଼ିକ ଅକ୍ଟୋବର ୪ ତାରିଖ ସୁଦ୍ଧା ସେମାନଙ୍କ ନିର୍ବାଚନ ସମ୍ପନ୍ନ କରାଇବେ। ପୂର୍ବରୁ ପ୍ରଶାସକ କମିଟି (ସିଓଏ) ରାଜ୍ୟ ୟୁନିଟଗୁଡ଼ିକର ନିର୍ବାଚନ ତାରିଖ ୨କୁ ଘୁଞ୍ଚାଇଛି। ବିସିସିଆଇ ନିର୍ବାଚନ ପରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ସିଓଏର କାର୍ଯ୍ୟକାଳ ଶେଷ ହେବ।

## ଗ୍ଲୋଭ୍ସ ମାଗିକି ପ୍ରାକ୍ଟିସ କରୁଥିଲେ ପଙ୍ଘାଲ

ନୂଆଦିଲ୍ଲୀ,୨୬।୯

ବିଜେନ୍ଦର କୁମାର, ଅଖିଲ କୁମାର, ବିକାଶ କ୍ରିଷ୍ଣନ ଓ ଶିବ ଥାପାଙ୍କ ପରେ ଦେଶର ଉଦୀୟମାନ ବକ୍ସର ହେଉଛନ୍ତି ରୋହତକର ଅମିତ ପଙ୍ଘାଲ। ନିକଟରେ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା ପଙ୍ଘାଲଙ୍କୁ ବକ୍ସର ହେବା ପାଇଁ ବହୁ ସଂଘର୍ଷ କରିବାକୁ ପଡ଼ିଥିଲା। ସେ ଯେତେବେଳେ ବକ୍ସିଂ ଆରମ୍ଭ କରିଥିଲେ ଧାରରେ ଗ୍ଲୋଭ୍ସ ଆଣି ପ୍ରାକ୍ଟିସ କରୁଥିଲେ। ତାଙ୍କୁ ସ୍ୱପ୍ନ ସତ କରିବା ପାଇଁ ବଡ଼ ଭାଇ ଅଜୟ ପୂରା ସମର୍ଥନ କରିଥିଲେ। ଅଜୟ ସାନ ଭାଇର କ୍ୟାରିୟର ପାଇଁ ନିଜ ବକ୍ସିଂ ଛାଡ଼ି ଦେଇଥିଲେ। ବକ୍ସିଂ ଛାଡ଼ିବା ପୂର୍ବରୁ ଅଜୟ ଜାତୀୟ ସ୍ତରୀୟ ଇଭେଣ୍ଟରେ ଖେଳି ସାରିଥିଲେ। ମୁଁ ଯେତେବେଳେ ବକ୍ସିଂ ଆରମ୍ଭ କରିଥିଲି, ସେତେବେଳେ ଆମ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିଲା। ଏଭଳି ପରିସ୍ଥିତି ସତ୍ତ୍ୱେ ଦୁଇ ଭାଇ ବକ୍ସର ହେବାକୁ ମନ ବଳାଇଥିଲେ। ପ୍ରଥମେ ଅଜୟ ଓ ପରେ ଅମିତ ବକ୍ସିଂ ବାଛିଥିଲେ। ଟ୍ରେନିଂ ବ୍ୟତୀତ ଜଣେ ବକ୍ସରଙ୍କ ଉଚିତ ଖାଇବା ଦରକାର, ଯାହା ପାଇଁ ଅର୍ଥ ଆବଶ୍ୟକ। ମୁଁ ମୋ ସାଙ୍ଗଙ୍କଠାରୁ ଧାରରେ ଗ୍ଲୋଭ୍ସ ନେଇ ଅଭ୍ୟାସ କରୁଥିଲି। ଆମ ନିକଟରେ ଗ୍ଲୋଭ୍ସ କିଣିବାକୁ ଅର୍ଥ ନ ଥିଲା। ଘରେ ଏ ନେଇ ଜଣାଉ ନ ଥିଲି। ଭାଇ ଆର୍ମି ପରୀକ୍ଷାରେ ସଫଳ ହୋଇ ଆର୍ମିରେ ଯୋଗ ଦେଇଥିଲେ। ସେ ଆୟ କରିବା ପରେ ମୋ ଡାଏଟ୍ ଓ ଆବଶ୍ୟକ ଉପକରଣ କିଣିଥିଲେ। ସେ ମୋତେ କେବଳ ବକ୍ସିଂରେ ମନ ଦେବାକୁ କହୁଥିଲେ। ମୁଁ ଆଜି ଯାହା ବି ଅଛି, ସବୁ ଭାଇଙ୍କ ପାଇଁ ବୋଲି ଅମିତ କହିଛନ୍ତି। ୨୩ ବର୍ଷୀୟ ବକ୍ସର ଗତ ବର୍ଷ ଅନୁଷ୍ଠିତ ଏସିଆନ ଗେମ୍ସ ସ୍ୱର୍ଣ୍ଣ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଥିଲେ। ଏଥିସହିତ ଏସିଆନ ଚାମ୍ପିୟନଶିପ୍‌ରେ ଗୋଟିଏ ଲେଖାଏ ବ୍ରୋଞ୍ଜ ଓ ରୌପ୍ୟ ପଦକ ହାତେଇଥିଲେ।

## ଅଭ୍ୟାସ ମ୍ୟାଚ୍ ବର୍ଷା ଯୋଗୁ ପ୍ରଥମ ଦିନର ଖେଳ ବାତିଲ

ବିଜୟନଗରମ,୨୬।୯(ପି.ଟି.)

ସ୍ଥାନୀୟ ଡ. ଭିଜିଜି ରାଜୁ ଏସିଏ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ବୋର୍ଡ ସଭାପତି ଏକାଦଶ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଗୁରୁବାରଠାରୁ ଆରମ୍ଭ ହୋଇଛି। ତେବେ ପ୍ରବଳ ବର୍ଷା ଯୋଗୁ ପ୍ରଥମ ଦିନର ଖେଳ ସମ୍ପୂର୍ଣ୍ଣ ରୂପେ ଧୋଇଯାଇଛି। ଲଞ୍ଚ୍ ପର ସେସନରେ ଖେଳ ବାତିଲ କରିବାକୁ ଅମ୍ପାୟରମାନେ ନିଷ୍ପତ୍ତି ନେଇଥିଲେ। ବର୍ଷା ଯୋଗୁ ଟସ୍ ମଧ୍ୟ ପଡିପାରି ନ ଥିଲା। ବିଶାଖାପାଟଣାରେ ଆସନ୍ତା ୨ ତାରିଖରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିବାରୁ ଏହି ୱାର୍ମ ମ୍ୟାଚ୍‌ର ଗୁରୁତ୍ୱ ବଢ଼ିଯାଇଛି। ସଭାପତି ଏକାଦଶ ଅଧିନାୟକ ରୋହିତ ଶର୍ମାଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଟେଷ୍ଟ ସିରିଜରେ ତାଙ୍କୁ ଓପନର ଭାବେ ଦଳରେ ସାମିଲ କରାଯାଇଥିବାରୁ ଏହି ଅଭ୍ୟାସ ମ୍ୟାଚ୍‌ରେ ସେ ଇନିଂସ ଓପନ୍ କରିବା ଆଶା କରାଯାଉଛି। ଯଶପ୍ରୀତ୍ ବୁମ୍‌ରା ଇଞ୍ଜୁରି କାରଣରୁ ଦଳରୁ ବାଦ୍ ପଡିଥିବାରୁ ତାଙ୍କ ବଦଳ ଖେଳାଳି ଉମେଶ ଯାଦବ ମଧ ଫୋକସରେ ରହିବେ।

## ‘ଇନିଂସ ଓପନ ପାଇଁ ନିବେଦନ କରିଥିଲି’

ନୂଆଦିଲ୍ଲୀ, ୨୬।୯ (ପି.ଟି.)

ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ବିଶ୍ୱ କ୍ରିକେଟ୍‌ର ସବୁଠାରୁ ମହାନ୍ ବ୍ୟାଟ୍ସମ୍ୟାନ ଭାବେ ବିବେଚନା କରାଯାଏ। ମଧ୍ୟକ୍ରମରୁ ଜଣେ ଦକ୍ଷ ଓପନର୍ ଭାବେ ସଚିନ ନିଜକୁ ଗଢ଼ି ବେଶ୍ ଖ୍ୟାତି ଅର୍ଜନ କରିପାରିଥିଲେ। ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ୍‌ରେ ୧୮ ହଜାରରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବା ସହ ୪୯ ଶତକ ହାସଲ କରି ବିଶ୍ୱ ରେକର୍ଡକୁ ସଚିନ ନିଜ ନାମରେ ଲିପିବଦ୍ଧ କରିଛନ୍ତି। କିନ୍ତୁ ଏହି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନଙ୍କୁ ଏକଦା ଇନିଂସ ଓପନ୍ କରିବା ପାଇଁ ଟିମ୍ ମ୍ୟାନେଜମେଣ୍ଟ ପାଖରେ ବହୁତ ନିବେଦନ କରିବାକୁ ପଡ଼ିଥିଲା। ୨୫ ବର୍ଷ ତଳର ଏହି ଘଟଣାକୁ ସଚିନ ଏବେ ମନେପକାଇଛନ୍ତି।

ସୋସିଆଲ ମିଡିଆରେ ସଚିନ ଏହି ପୁରୁଣା ଦିନର ସ୍ମୃତିକୁ ମନେପକାଇ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ୧୯୯୪ ମସିହାରେ ଅକ୍‌ଲାଣ୍ଡରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍ ବିଷୟରେ ସେ ବର୍ଣ୍ଣନା କରିଛନ୍ତି। ‘୧୯୯୪ରେ ଯେତେବେଳେ ଭାରତ ପାଇଁ ଇନିଂସ ଓପନ୍ କରିବା ଆରମ୍ଭ କରିଥିଲି ସେତେବେଳେ ସମସ୍ତ ଟିମ୍ ପ୍ରାରମ୍ଭରୁ ଉଇକେଟ୍ ବଞ୍ଚାଇ ରଖିବାକୁ ରଣନୀତି ପ୍ରସ୍ତୁତ କରି ଖେଳୁଥିଲେ। କିନ୍ତୁ ମୋ ଚିନ୍ତାଧାରା ଭିନ୍ନ ଥିଲା। ଆଗରେ ବ୍ୟାଟିଂ କରିବାକୁ ଯାଇ ପ୍ରାରମ୍ଭରୁ ପ୍ରତିପକ୍ଷ ବୋଲରଙ୍କୁ ଆଟାକ୍ କରି ଖେଳିବାକୁ ମୁଁ ଚାହୁଁଥିଲି। ଏଥିଲାଗି ମୋତେ ଏକ ସୁଯୋଗ ଦେବା ପାଇଁ ବହୁ ନିବେଦନ କରିବାକୁ ପଡ଼ିଥିଲା। ଯଦି ମୁଁ ବିଫଳ ହେବି ତାହାଲେ ଆଉ ଆସିବିନି’ ବୋଲି ସଚିନ ଏହି ଭିଡିଓରେ କହିଛନ୍ତି। ଏହାକୁ ଏକ ଉଦାହରଣ ଭାବେ ନେଇ ବିଫଳତାକୁ ଭୟ ନ କରି ଜୀବନରେ ରିସ୍କ ଉଠାଇବାକୁ ସଚିନ ନିଜ ପ୍ରଶଂସକଙ୍କୁ କହିଛନ୍ତି।



ସଚିନ ତେନ୍ଦୁଲକର

‘ପ୍ରଥମ ମ୍ୟାଚ୍ (ନ୍ୟୁଜିଲାଣ୍ଡ ବିପକ୍ଷ)ରେ ମୁଁ ୨୯ ବଲରୁ ୮୨ ରନ୍ ସଂଗ୍ରହ କରିଥିଲି। ତେଣୁ ମୋତେ ଆଉଥରେ ସୁଯୋଗ ଦିଆଯାଉ ବୋଲି କଦାପି କହିବାକୁ ପଡ଼ିଲା ନାହିଁ। ମୁଁ ଓପନ୍ କରେ ବୋଲି ସେମାନେ ଉତ୍ସାହିତ ଥିଲେ। ବିଫଳତାକୁ କେହି ନ ଡରନ୍ତୁ’ ବୋଲି ସଚିନ ଏହି ଅବସରରେ ଉଲ୍ଲେଖ କରିଛନ୍ତି। ଇନିଂସ ଓପନିଂ କରିବାର ପ୍ରଥମ ୫ ଦିନିକିଆ ମ୍ୟାଚ୍‌ରେ ସଚିନ ଯଥାକ୍ରମେ ୮୨, ୬୩, ୪୦, ୬୩ ଓ ୭୩ ରନ ସଂଗ୍ରହ କରିଥିଲେ। ମୋଟ୍ ଉପରେ ଏହି କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ୪୬୩ ଦିନିକିଆ ମ୍ୟାଚ୍‌ରୁ ୪୯ ଶତକ ସହାୟତାରେ ୧୮,୪୨୬ ରନ୍ କରିଥିଲେ।

## ମିଳିତ ପ୍ରଦର୍ଶନୀ ଟୁର୍ନାମେଣ୍ଟରେ ହରିୟାଣା ଚାମ୍ପିୟନ

ଭୁବନେଶ୍ୱର, ୨୬।୯(କ୍ରୀଡ଼ା ପ୍ରତିନିଧି)

କାନପୁରର ଗ୍ରୀନ୍ ପାର୍କ ଷ୍ଟାଡିୟମରେ ଗୁରୁବାର ଅନୁଷ୍ଠିତ ୫-ଏ-ସାଇଡ୍ ହକି (ମିଳିତ ମହିଳା-ପୁରୁଷ) ପ୍ରଦର୍ଶନୀ ଟୁର୍ନାମେଣ୍ଟର ସେମିଫାଇନାଲରେ ଓଡ଼ିଶା ପରାଜିତ ହୋଇଛି। ଫାଇନାଲରେ ଉତ୍ତର ପ୍ରଦେଶକୁ ୫-୪ ଗୋଲରେ ହରାଇ ହରିୟାଣା ଚାମ୍ପିୟନ ହୋଇଛି।

ପ୍ରଥମ ସେମିଫାଇନାଲରେ ହରିୟାଣା ନିକଟରୁ ଓଡ଼ିଶା ୩-୬ ଗୋଲରେ ହାରି ଯାଇଥିଲା। ହରିୟାଣା ପକ୍ଷରୁ ଅନୁ ୧ ଓ ୩, ପ୍ରଦୀପ ମୋର ୪, ୧୪ ଏବଂ ଅଧିନାୟକ ମନଦୀପ ଆଣ୍ଟିଲ ୧୭ ଓ ୧୮ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଓଡ଼ିଶା ପକ୍ଷରୁ ସୁଶୀଲ ଧନୱାର ୧୦, ଆଲବର୍ଟ ଟେଟେ ୧୩ ଓ ପ୍ରସାଦ କୁଜୁର ୧୮ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟ ସେମିଫାଇନାଲରେ ଉତ୍ତର ପ୍ରଦେଶ ୮-୪ ଗୋଲରେ କର୍ଣ୍ଣାଟକକୁ ହରାଇ ଦେଇଥିଲା। ଫାଇନାଲଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ପ୍ରଥମାର୍ଦ୍ଧରେ ୪ଟି ଗୋଲ ଦେଇ ହରିୟାଣା ଡ୍ରାଇଭର ସିଟ୍‌ରେ ବସିଥିଲେ ହେଁ ଉତ୍ତର ପ୍ରଦେଶ ଦ୍ୱିତୀୟାର୍ଦ୍ଧରେ ଚମତ୍କାର ପ୍ରଦର୍ଶନ କରି ମ୍ୟାଚକୁ ରୋମାଞ୍ଚକ କରିଥିଲା। ମାତ୍ର ଶେଷରେ ଗୋଟିଏ ଗୋଲ ବ୍ୟବଧାନରେ ବାଜି ମାରିଥିଲା ହରିୟାଣା। ହରିୟାଣା ପକ୍ଷରୁ ପ୍ରଦୀବ ମୋର(୨,୧୮), ଦୀପିକା (୭, ୮) ଓ ମନଦୀପ (୪) ଏବଂ ଉତ୍ତର ପ୍ରଦେଶ ପକ୍ଷର ରାଜ କୁମାର ପାଲ(୧୨, ୧୩, ୧୭) ଏବଂ ଅଧିନାୟକ ମହମ୍ମଦ ଅମିର ଖାଁ (୧୯୦ ଗୋଲ ସ୍କୋର କରିଥିଲେ।




ଟ୍ରଫି ସହ ଚାମ୍ପିୟନ ହରିୟାଣା ଦଳର ଖେଳାଳିମାନେ।

**ଜାତୀୟ ସିନିୟର ୫-ଏ-ସାଇଡ୍ ହକି**

## ବେଲଜିୟମକୁ ହରାଇଲା ଭାରତ

ଆଣ୍ଟୱେରପ,୨୬।୯ (ପି.ଟି.)

ବେଲଜିୟମ ବିପକ୍ଷ ହକି ସିରିଜରେ ଭ୍ରମଣକାରୀ ଭାରତ ପ୍ରଥମ ମ୍ୟାଚ୍‌ରେ ୨-୦ରେ ବିଜୟୀ ହୋଇଛି। ମନଦୀପ ସିଂ ଓ ଆକାଶଦୀପ ସିଂ ଗୋଲ ବଳରେ ଭାରତ ଗୁରୁବାର ବେଲଜିୟମକୁ ହରାଇ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି। ମ୍ୟାଚ୍‌ର ୩୯ତମ ମିନିଟ୍‌ରେ ମନଦୀପ ଗୋଲ ନେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ୫୪ତମ ମିନିଟ୍‌ରେ ଆକାଶଦୀପ ଗୋଲ ସ୍କୋର କରି ଭାରତକୁ ଜିତାଇଥିଲେ। ପ୍ରଥମ ଦୁଇଟି କ୍ୱାର୍ଟରରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଅନ୍ତିମ କ୍ୱାର୍ଟରରେ ବେଲଜିୟମ ଆକ୍ରମଣାତ୍ମ ପ୍ରଦର୍ଶନ କରିଥିଲା ଓ ଗୋଲ ଦେବାର ସମ୍ଭାବନା ସୃଷ୍ଟି କରିଥିଲା। ଭାରତୀୟ ଡିଫେନ୍ସ ଓ ଗୋଲକିପର ଦମ୍‌ଦାର ପ୍ରଦର୍ଶନ କରି ବେଲଜିୟମ ଖେଳାଳିଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ୨୮ ତାରିଖ ଶନିବାର ସିରିଜର ଦ୍ୱିତୀୟ ମ୍ୟାଚ୍ ଖେଳାଯିବ।

## କରାଚୀରେ ୧୦ ବର୍ଷ ପରେ ମ୍ୟାଚ୍

କରାଚୀ,୨୬।୯(ଏଏଫ୍‌ପି)

କରାଚୀରେ ଦୀର୍ଘ ୧୦ ବର୍ଷର ବ୍ୟବଧାନ ପରେ କୌଣସି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଆୟୋଜନ ହେବାକୁ ଯାଉଛି। ଶୁକ୍ରବାର ଏଠାରେ ଭ୍ରମଣକାରୀ ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ପ୍ରଥମ ଦିନିକିଆ ଖେଳାଯିବ। ଦିନିକିଆ ପରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ମଧ ଖେଳାଯିବ। ଏହି ବହୁ ପ୍ରତିକ୍ଷିତ ସିରିଜ୍ ଆୟୋଜନ ପାଇଁ ଦଳୀୟ ହୋଟେଲ ଓ ଭେନ୍ୟୁ ନିକଟରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ପ୍ରାୟ ୨୦୦୦ ସୁରକ୍ଷା କର୍ମଚାରୀ ମୁତୟନ ହୋଇଛନ୍ତି। ଏହାପରେ ପାକିସ୍ତାନ ଓ ଶ୍ରୀଲଙ୍କା ମଧ୍ୟରେ ଲାହୋରଠାରେ ଅକ୍ଟୋବର ୫, ୭ ଓ ୯ ତାରିଖରେ ୩ଟି ଟି୨୦ ଖେଳାଯିବ।

ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୭, ୨୦୧୯



" ଦଳର କିଛି ଖେଳାଳି ୨୦୧୫ ଟେଷ୍ଟ ସିରିଜ ପରାଜୟର ବୋଝକୁ ନେଇ ଚଳିତଥର ଭାରତ ଗସ୍ତରେ ଆସିଛନ୍ତି ।

—ଏଡେନ ମାରକ୍ରାମ, ଦକ୍ଷିଣ ଆଫ୍ରିକା କ୍ରିକେଟର୍



" ରିଷଭ ପନ୍ତ ଜଣେ ବିଶ୍ୱସ୍ତରୀୟ ଖେଳାଳି । ସୀମିତ ଓଭର କ୍ରିକେଟରେ ତାଙ୍କ ପରି ଖେଳାଳି ବହୁତ କମ୍। ଶେଷ ପର୍ଯ୍ୟନ୍ତ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ସମର୍ଥନ କରିବ।

—ରବି ଶାସ୍ତ୍ରୀ, ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍



# ଭାଗ୍ୟ ନିର୍ଦ୍ଧାରଣ ଅପେକ୍ଷାରେ ୧୦ ପ୍ରାର୍ଥୀ


ପଙ୍କଜ ଲୋଚନ ମହାନ୍ତି


ପ୍ରଦୀପ ଚୌହାନ


ନବରଞ୍ଜନ ପଟ୍ଟନାୟକ



ସଞ୍ଜୟ ବେହେରା

| ପଦବୀ | ମୁକାବିଲା |
|---|---|
| ସଭାପତି | ପଙ୍କଜ ଲୋଚନ ମହାନ୍ତି-ପ୍ରଦୀପ ଚୌହ୍ୱାନ |
| ସମ୍ପାଦକ | ସଞ୍ଜୟ ବେହେରା-ନବରଞ୍ଜନ ପଟ୍ଟନାୟକ |
| ଉପସଭାପତି | ଅକ୍ଷୟ କୁମାର ସାମନ୍ତ-ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ |
| ଯୁଗ୍ମସମ୍ପାଦକ | ମେହତାବ ଖାନ-ସୁଜିତ କୁମାର ପ୍ରଧାନ |
| କୋଷାଧ୍ୟକ୍ଷ | ବିକାଶ ପ୍ରଧାନ-ଅନିଲ କୁମାର ବିଶ୍ୱାଳ |

**କଟକ ଅଫିସ,୨୬।୯**

ଅନେକ ବାଦ, ବିବାଦ, ଅଭିଯୋଗର ପୂର୍ଣ୍ଣଚ୍ଛେଦ ପଡ଼ି ଶେଷରେ ଶୁକ୍ରବାର ହେବାକୁ ଯାଉଛି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର ବହୁ ପ୍ରତୀକ୍ଷିତ କର୍ମକର୍ତ୍ତା ନିର୍ବାଚନ। ରାଜ୍ୟ କ୍ରୀଡ଼ା ସଙ୍ଗଠନ ଜଗତରେ ଏହା ହେଉଛି ସବୁଠାରୁ ହାଇଭୋଲଟେଜ ନିର୍ବାଚନ। ମୋଟ ୬ଟି ପଦବୀ ନିମନ୍ତେ ନିର୍ବାଚନ ହେବାକୁ ସ୍ଥିର ହୋଇଥିବା ବେଳେ ଗୋଟିଏ ପଦବୀ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଛି। ୫ ପଦବୀରେ ମୁହାଁମୁହିଁ ହେବେ ୧୦ ପ୍ରାର୍ଥୀ। ଏହା ଭିତରେ ରହିଛନ୍ତି ରାଜ୍ୟର ଅନେକ ପୁରୁଖା ତଥା ବରିଷ୍ଠ କ୍ରୀଡ଼ା ସଙ୍ଗଠକ। ସମ୍ପୂର୍ଣ୍ଣ କ୍ରୀଡ଼ା ଜଗତର ନଜର ଏବେ ଏହି ନିର୍ବାଚନ ଉପରେ।

ବାରବାଟୀ ଷ୍ଟାଡିୟମର ଓସିଏ ସମ୍ମିଳନୀ କକ୍ଷରେ ଏହି ନିର୍ବାଚନ ଅନୁଷ୍ଠିତ ହେବ। ସଭାପତି ପଦବୀରେ ଲଢ଼ିବେ ବୌଦ୍ଧ ଜିଲାର ପଙ୍କଜ ଲୋଚନ ମହାନ୍ତି ଓ ୟୁନିୟନ ସ୍ପୋର୍ଟିଂ ସମ୍ପାଦକ ପ୍ରଦୀପ ଚୌହ୍ୱାନ। ସେହିପରି ସମ୍ପାଦକ ପଦବୀ ନିମନ୍ତେ କଟକ ଜିଲାର ପ୍ରତିନିଧି ସଞ୍ଜୟ ବେହେରାଙ୍କ ମୁକାବିଲା ହେବ ମଙ୍ଗଳା କ୍ଲବରୁ ପ୍ରତିନିଧି ହୋଇଥିବା ନବରଞ୍ଜନ ପଟ୍ଟନାୟକଙ୍କ ସହିତ। ଏହି ଦୁଇ ପଦବୀ ନିମନ୍ତେ ମୁକାବିଲା ସମସ୍ତଙ୍କ ନଜରର କେନ୍ଦ୍ରବିନ୍ଦୁ ସାଜିଛି। ଉପସଭାପତି ପଦବୀରେ ଅନୁଗୋଳ ଜିଲାର ପ୍ରତିନିଧି ଅକ୍ଷୟ କୁମାର ସାମନ୍ତ ଓ ସୋନପୁର ଜିଲାର ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ପଦବୀରେ ଝାରସୁଗୁଡ଼ା ଜିଲାର ପ୍ରତିନିଧି ମେହତାବ ଖାନ ଓ ଦେବଗଡ଼ ଜିଲାର ପ୍ରତିନିଧି ସୁଜିତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ପଦବୀରେ ଖୋର୍ଦ୍ଧା ଜିଲାର ପ୍ରତିନିଧି ବିକାଶ ପ୍ରଧାନ ଓ ଜଗତସିଂହପୁର ଜିଲାର ପ୍ରତିନିଧି ଅନିଲ କୁମାର ବିଶ୍ୱାଳଙ୍କ ମଧ୍ୟରେ ମୁକାବିଲା ହେବ। ଆପେକ୍ସ କାଉନସିଲ ସଦସ୍ୟ ପଦବୀରେ କେନ୍ଦ୍ରାପଡ଼ା ଜିଲାର ପ୍ରତିନିଧି ଶୁଭାଶିଷ ସେନାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇସାରିଛନ୍ତି। ଦୁଇଟି ଗୋଷ୍ଠୀ ନିର୍ବାଚନରେ ସାମ୍ନାକୁ ଆସିଛନ୍ତି। ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଗୋଷ୍ଠୀ ଏବଂ କ୍ଲବମାନଙ୍କୁ ଏକାଠି କରି ଲଢ଼ିବାକୁ ଯାଉଥିବା ପ୍ରଦୀପ ଚୌହ୍ୱାନଙ୍କ ଗୋଷ୍ଠୀ ମଧ୍ୟରେ ମୁକାବିଲା ହେବ।

## ୩୩ ମାସ ଅପେକ୍ଷାର ଅନ୍ତ

୨୦୧୭ ଜାନୁୟାରୀ ୪। ୩୩ ମାସ ପୂର୍ବରୁ ଏହି ତାରିଖରେ ଓସିଏର ସମସ୍ତ ପଦବୀ ଗୋଟିଏ ଦିନରେ ଶୂନ୍ୟ ପଡ଼ିଯାଇଥିଲା। ଲୋଧା କମିଟିର ପରାମର୍ଶ କ୍ରମେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ୧୮ଜଣ ପଦାଧିକାରୀ ଗୋଟିଏ ଦିନରେ ଇସ୍ତଫା ଦେଇଥିଲେ। ସଭାପତି ପଦବୀରୁ ରଞ୍ଜୀବ ବିଶ୍ୱାଳ, ସମ୍ପାଦକ ପଦବୀରୁ ଆଶୀର୍ବାଦ ବେହେରା, ଉପସଭାପତି ପଦବୀରୁ ଦୁଲାଲ ଚନ୍ଦ୍ର ପ୍ରଧାନ, ଅନୁପ କୁମାର ପାତ୍ର, ଅଧୀପ ଦାସ, କ୍ଷୀତିଶ ଚନ୍ଦ୍ର ସାମନ୍ତରାୟ, ସରୋଜ କୁମାର ସାହୁ, ବିଶ୍ୱଜିତ ଘୋଷ, ଧୀରେନ ପଲାଇ, ବଳଭଦ୍ର ପଟ୍ଟନାୟକ, ତିରୁପତି ପାଣିଗ୍ରାହୀ, ସ୍ବରପ୍ରିୟା ମିଶ୍ର, ଜନାର୍ଦ୍ଦନ ଦାସ, ଯୁଗ୍ମ ସମ୍ପାଦକ ପଦବୀରୁ ଶିବପ୍ରସାଦ ତ୍ରିପାଠୀ, ସଞ୍ଜୀବ କୁମାର ଦତ୍ତ, ସତ୍ୟବ୍ରତ ବେହେରା, ରବିଶଙ୍କର ପ୍ରତିହାରୀ ଓ କୋଷାଧ୍ୟକ୍ଷ ପଦବୀରୁ ସତ୍ୟ ମହାନ୍ତି ଗାଦିଚ୍ୟୁତ ହୋଇଥିଲେ। ଏହି ମାସ ୧୯ ତାରିଖରେ ଭାରତ-ଇଂଲଣ୍ଡ ମଧ୍ୟରେ ଦିନିକିଆ କ୍ରିକେଟ ମ୍ୟାଚ୍ ଥିଲା। ଅନ୍ତର୍ଜାତୀୟ ମ୍ୟାଚ୍ ପୂର୍ବରୁ ଆୟୋଜକ ଓସିଏ ପଦଶୂନ୍ୟ ହେବା ଚିନ୍ତାର ବିଷୟ ପାଲଟିଥିଲା। ଏହା ପରେ ଓସିଏ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ସମସ୍ତ କାର୍ଯ୍ୟ ପରିଚାଳିତ ହେଉଥିଲା। ୩୩ ମାସ ଅପେକ୍ଷାର ଏବେ ଅନ୍ତ ଘଟିବାକୁ ଯାଉଛି। ନିର୍ବାଚନ ପରେ ପୁଣି ଓସିଏର ପଦବୀ ପୂରଣ ହେବ।

## ଆଜି ଓସିଏ ନିର୍ବାଚନ




# ପ୍ରମୋଦ କ୍ୱାର୍ଟର ଫାଇନାଲରେ

**ଭୁବନେଶ୍ୱର, ୨୬।୯(କ୍ରୀଡ଼ା ପ୍ରତିନିଧି)**

ଚାଇନାର ୟୁହାଙ୍ଗ ହାଙ୍ଗଝୋଉଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଗୁରୁବାର ଅନୁଷ୍ଠିତ ସିଙ୍ଗଲ୍ସର ଦ୍ୱିତୀୟ ରାଉଣ୍ଡରେ ସେ ଫ୍ରାନ୍ସର ମାଥ୍ୟୁ ଥୋମାସଙ୍କୁ ୨୧-୭, ୨୨-୨୦ ପଏଣ୍ଟରେ ହରାଇ ଦେଇଛନ୍ତି। ସେହିପରି ପ୍ରମୋଦ ଓ ମନୋଜ ସରକାରଙ୍କ ଯୋଡ଼ି ଡବଲ୍ସର ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ଚାଇନା ଯୋଡ଼ି ଜିଆଓ ଚେନ୍ ଓ ୟୁୟାଙ୍ଗ ଗାଓଙ୍କୁ ୨୧-୭, ୧୪-୨୧, ୨୧-୧୫ ପଏଣ୍ଟରେ ପରାସ୍ତ କରିଛନ୍ତି। ଚାଇନା ଯୋଡ଼ି କଡ଼ା ଟକ୍କର ଦେଇ ଦ୍ୱିତୀୟ ସେଟ୍‌କୁ ଜିତିଥିଲେ ହେଁ ପ୍ରମୋଦ-ମନୋଜ ସଫଳ ପ୍ରତ୍ୟାବର୍ତ୍ତନ କରି ଶେଷ ସେଟ୍ ଜିତିବା ସହ କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗର କ୍ୱାର୍ଟର ଫାଇନାଲ ଶୁକ୍ରବାର ଅନୁଷ୍ଠିତ ହେବ।

# ଏଆରଆରସିରେ ପଏଣ୍ଟ ଜିତିଲେ ରାଜୀବ



**ଭୁବନେଶ୍ୱର, ୨୬।୯(ସ୍ପୋର୍ଟ୍ସ ବ୍ୟୁରୋ)**

ମାଲେସିଆର ସେପଙ୍ଗ ଇଣ୍ଟରନ୍ୟାଶନାଲ ସର୍କିଟରେ ଅନୁଷ୍ଠିତ ଏସିଆନ ରୋଡ ରେସିଂ ଚାମ୍ପିୟନଶିପ(ଏଆରଆରସି)ର ଚୂଡ଼ାନ୍ତ ତଥା ଷଷ୍ଠ ପର୍ଯ୍ୟାୟ ରେସରେ ଇଡିମିତ୍‌ସୁ ହୋଣ୍ଡା ରେସିଂ ଇଣ୍ଡିଆ ଚାଳକ ରାଜୀବ ସେଥୁ ଭାରତ ପାଇଁ ପଏଣ୍ଟ ଜିତିଛନ୍ତି। ଏପି ୨୫୦ ଶ୍ରେଣୀରେ ରାଜୀବ ୧ ପଏଣ୍ଟ ହାସଲ କରିଛନ୍ତି। ଦୁର୍ଘଟଣାଜନିତ ଆହତ ସମସ୍ୟା ସତ୍ତ୍ୱେ ରାଜୀବ ଟପ୍-୧୫ ଭିତରେ ରେସ ଶେଷକରି ଏହି ସଫଳତା ପାଇଛନ୍ତି। ଏହାକୁ ମିଶାଇ ସେ ଅଷ୍ଟମ ଥର ପାଇଁ କୌଣସି ରେସରେ ଟପ୍-୧୫ରେ ସ୍ଥାନ ପାଇଛନ୍ତି। ଏହି ଟିମ୍‌ର ଅନ୍ୟତମ ଚାଳକ ୧୮ ବର୍ଷୀୟ ସେନ୍ଥିଲ କୁମାର ନିଜର ଶ୍ରେଷ୍ଠଲ୍ୟାପ ସମୟ ହାସଲ କରିଛନ୍ତି। ୨୨ତମ ସ୍ଥାନରୁ ରେସ ଆରମ୍ଭ କରିଥିବା ସେନ୍ଥିଲ ୧୭ତମ ସ୍ଥାନରେ ରହି ରେସ ଶେଷ କରିଥିଲେ।


TVS Racing

TVS




TVS CREDIT | IDFC FIRST Bank

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371; 3S TVS, Ph : 8860629978. PURI: Modern TVS, Ph : 7978707757, 7440002101, Krishna TVS, Ph.: 9861049633. CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS,Ph.:9778728751. CHANDIKHLOE : Sasmita TVS, Ph: 8860793803. Authorised Dealers: CRP Square, Bhubaneswar, Ph.: 0674-2563343, 7537035786; Jatni, Ph.: 7008563051; Kakatpur, Ph.: 9437112054/06758-231053; Khurda, Ph.: 9861128283, 06755-223244; Baghamari, Ph.: 9238107505; Jagatpur, Ph.: 9861006854/9337268787; Pattamundai, Ph.: 9938602209;Jajpur Town, Ph.: 9438366160; Mangalpur, Ph : 9853486660; Balipatna, Ph.:9238518534; Khandagiri, Ph : 0674-2351766, 9090894749;Athagarh, Ph.: 9853429148; Salepur, Ph.: 8018556514; Pipli, Ph.: 8093219941; Delang, Ph : 9090214582; Bramahgiri, Ph : 8480928880; Chari Chowk, Ph : 9439204456;Jagatsinghpur, Ph.: 06724-222717, 9778802623; Raj Sunakhala, Ph.: 7873510025; Daspalla, Ph.: 9437354285; Rohibank, Ph : 9090507765; Kalapathar, Ph : 9776942339;Ranpur, Ph : 9778520193; Paradip, Ph.: 9937392207; Nuapatana, Ph.: 9937019555; Banki, Ph.: 9937015536; Jatani, Ph : 8093198397; Balugaon, Ph : 9090048991, 9776099100; Singhpur, Ph : 9439002157; Duburi, Ph : 9439176344; Kujang, Ph : 9178402368; Garadpur, Ph : 9178194288; Nirakarpur, Ph : 9658971360, 06756-252360; Trisuliya, Ph : 9437586155, Khandapada, Ph : 9853479471, 9937153901; Erasama, Ph : 9937084847; Krushnanandapur, Ph : 9237066573; Niali, Ph : 0671-2803357, 9040091921; Badamba, Ph : 7381656665; Puranakatak, Ph : 7873727545, 9439071610; Chandpur, Ph : 9658866993, 9337112565, 9439333723; Sakhigopal, Ph : 9861150706; Nimapara, Ph : 06758-252044, 9438742101; Konark, Ph : 9078802288; Balichandrapur, Ph : 9439200714; Anandpur, Ph : 9438366880; Nachuni : Ph : 9337788799, 7008225699; Narasinghpur, Ph : 9238545610; Marshaghai, Ph : 9938837705; Kandarpur, Ph : 0671-2802345, 9090098000; Phulnakhara, Ph : 0671-2356967, 7440037801; Kuakhia, Ph : 8114398333; Bari, Ph : 8917596087; Binjharpur, Ph : 7008499365; Balianta, Ph : 7328080807; Mandarbasta, Ph : 9776483333; Nischintakoili, Ph : 9090889132; Chandol, Ph : 9437108541; Friends Automobile, Ph : 9668166377, 7008050051; Raipur, Ph : 9937963372; Naugoan, Ph : 06724-222717, 9778802623; Balitutha, Ph : 8093099967, 9777773277 ; Narasinghpur, Ph : 9658410027 ; Balikuda, Ph : 9439370305 ; Gothopatna, Ph : 9337950051, 8249710415.

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୨୭/୨୦୧୯ Bhubaneswar,Friday , September 27/2019

# ବିଞ୍ଝାରପୁର ବିଜୁ ଛାତ୍ର ଜନତା ଦଳ ସଭାପତି ନିଲମ୍ବିତ

**ଯାଜପୁର ଟାଉନ,୨୬।୯(ଡିଏନଏ)** ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ବିଜୁ ଛାତ୍ର ଜନତା ଦଳର ସଭାପତି ଜିତେନ୍ଦ୍ର ପ୍ରଧାନଙ୍କ ନାମରେ ବୁଧବାର ବଳାତ୍କାର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ପରେ ତାଙ୍କୁ ବିଜୁ ଛାତ୍ର ଜନତା ଦଳରୁ ନିଲମ୍ବିତ କରାଯାଇଛି। ଏ ନେଇ ଯାଜପୁର ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ତାରିଣୀ ସନ୍ଧିବିଗ୍ରହ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ପ୍ରକାଶ ଯେ, ବିଞ୍ଝାରପୁର ବ୍ଲକ କଏଣା- ରଘୁନାଥପୁର ଗ୍ରାମର ଜଣେ ଯୁବତୀଙ୍କୁ ଜିତେନ୍ଦ୍ର ବଳାତ୍କାର କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ବିଞ୍ଝାରପୁର ପୋଲିସ ଏକ ମାମଲା (ନଂ.୨୫୧/୧୯) ରୁଜୁ କରିବା ସହ ତାକ୍ତରୀମାଇନା କରାଇଛି। ତେବେ ସେ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥିବା ଅଭିଯୋଗରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ସନ୍ଧିବିଗ୍ରହ ସୂଚନା ଦେଇଛନ୍ତି।




■ ମାହାଙ୍ଗା ପୂର୍ତ୍ତ ବିଭାଗ ମହାଦୁର୍ନୀତି

# ମରାମତି ପରେ ପୁଣି ଦବିଲା ରାସ୍ତା

## ଘଟଣାସ୍ଥଳ ପରିଦର୍ଶନ କଲେ ଭାଜପା ନେତା



ଭାଜପା ନେତାମାନେ ବାଲିଚନ୍ଦ୍ରପୁର-ଗୋପିନାଥପୁର ରାସ୍ତାର ଭେଡ଼ା ନିକଟରେ ଦବି ଯାଇଥିବା ରାସ୍ତାକୁ ଦେଖୁଛନ୍ତି।

**ଚଣ୍ଡିଖୋଲ, ୨୬।୯(ଡି.ଏନ.ଏ)** ମାହାଙ୍ଗା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟରେ ଦୁର୍ନୀତିକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରସମିତ ହୋଇ ନ ଥିବାବେଳେ ଏବେ ମରାମତି ହୋଇଥିବା ରାସ୍ତା ପୂନର୍ବାର ଦବିବା ଘଟଣା ସମସ୍ତଙ୍କୁ ଚକିତ କରିଛି। ମାହାଙ୍ଗା ପୂର୍ତ୍ତ ବିଭାଗ ଅଧିନରେ ଥିବା ବାଲିଚନ୍ଦ୍ରପୁର-କୁଆଁପାଳ ରାସ୍ତା ଓ କୁଆଁପାଳ-ଗୋପିନାଥପୁର ରାସ୍ତାର ଭେଡ଼ା ନିକଟରେ ରାସ୍ତା କାମ ସରିବାର ୪ମାସ ପରେ ଗତ ୨୦ଦିନ ତଳେ ରାସ୍ତା ଦବି ଯାଇଥିଲା। ଫଳରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ଟାୟାର ଜାଳି ପ୍ରତିବାଦ କରିଥିଲେ। ଏହାପରେ ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ ହୋଇ ଗତ ୩ଦିନ ତଳେ ଶେଷ ହୋଇଥିଲା। ତେବେ ଆଶ୍ଚର୍ଯ୍ୟର କଥା ଯେ, ନିକଟରେ ମରାମତି ହୋଇଥିବା ରାସ୍ତା ମଧ୍ୟ ଗୁରୁବାର ପୁଣି ଦବି ଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ଭାଜପା ନେତା ଶାରଦା ପ୍ରଧାନ ଓ ଅନ୍ୟମାନେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଏଥିପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରିଛନ୍ତି। ଏପରି କି ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

କୁଆଁପାଳ-ଗୋପିନାଥପୁର ରାସ୍ତାର ଉନ୍ନତିକରଣ ପାଇଁ ୧୨କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ଏହି ରାସ୍ତା କୁଆଁପଳଠାରୁ ଭେଡ଼ା ପର୍ଯ୍ୟନ୍ତ ପ୍ରଶସ୍ତିକରଣ ଓ ଉନ୍ନତିକରଣ ନାମରେ ୧୨ କିମି କାର୍ଯ୍ୟ କରାଯାଇଥିଲା। ଗତ ମେ ମାସରେ ଏହି କାର୍ଯ୍ୟ ଶେଷ ହେବାପରେ ଗତ ୭ ତାରିଖରେ ଭେଡ଼ା ନିକଟରେ ୧୫ମିଟର ଫାଟ ସୃଷ୍ଟି ହେବା ସହ ୩ ଫୁଟ ରାସ୍ତା ଦବି ଯାଇଥିଲା। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ୮ତାରିଖରେ ରାସ୍ତା ରୋକୋ କରିଥିଲେ। ଘଟଣାସ୍ଥଳରେ ବିଭାଗୀୟ ଅଧିକାରୀ ପହଞ୍ଚି ପୁନର୍ବାର ରାସ୍ତା କାମ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକୋ ହଟିଥିଲା। ଗତ ୧୧ ତାରିଖରେ ପୂର୍ତ୍ତ ବିଭାଗର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଘଟଣା ସ୍ଥଳ ପରିଦର୍ଶନ କରିବା ସହ ଏହାକୁ ତୁରନ୍ତ ମରାମତି କରିବାକୁ ସମ୍ପୃକ୍ତ ଠିକାଦାର, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। ଗତ ୨୩ ତାରିଖରେ ମରାମତି କାର୍ଯ୍ୟ ସରିଥିବାବେଳେ ଗୁରୁବାର ପୁନର୍ବାର ସେହି ସ୍ଥାନ ପାଖା ପାଖି ଦେଢ ଫୁଟ ଦବିଯାଇଛି। ଭାଜପା ନେତା ଶାରଦା ପ୍ରଧାନ ଘଟଣା ସ୍ଥଳ ପରିଦର୍ଶନ କରିବା ସହ ମାହାଙ୍ଗା ପୂର୍ତ୍ତ ବିଭାଗରେ ୫୦ କୋଟିରୁ ଅଧିକ ଟଙ୍କାର ଦୁର୍ନୀତି ହୋଇଥିବା ପ୍ରକାଶ କରିଛନ୍ତି। ଏଠାରେ ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଜଣେ ସହକାରୀ ଯନ୍ତ୍ରୀ ରହି ଏହି ଲୁଟ ପାଟର ମୁଖ୍ୟ ନାୟକ ସାଜିଥିବା ଭାଜପା ଅଭିଯୋଗ କରିଛି। ଗୁପ୍ତ ଟେଣ୍ଡର ଜରିଆରେ ବିଭିନ୍ନ ରାସ୍ତାରେ ୫ବର୍ଷ ମଧ୍ୟରେ ୨୦ କୋଟିରୁ ଅଧିକ ଟଙ୍କା ଲୁଟ ହୋଇଥିବାବେଳେ ରାସ୍ତା ପ୍ରଶସ୍ତିକରଣ ଓ ଉନ୍ନତିକରଣ ନାମରେ ୩୦କୋଟିରୁ ଅଧିକ ଟଙ୍କା ଲୁଟ ହୋଇଛି ବୋଲି ପ୍ରଧାନ ପ୍ରକାଶ କରିବା ସହ ଆସନ୍ତା ୧୫ ତାରିଖରେ ଜିଲା ପାଳ ଅଫିସ ଘେରାଉପାଇଁ ମଧ୍ୟ ଚେତାବନୀ ଦେଇଛନ୍ତି।

■ ଗାଁ ଦାଣ୍ଡରେ ବୋହୂଙ୍କ ଚୁଟି ଘୋଷାଡି ମାଡ଼ ମାରିବା ଘଟଣା

# ଶାଶୁ, ଶ୍ୱଶୁର, ସ୍ୱାମୀ କୋର୍ଟ ଚାଲାଣ



**କୋରେଇ,୨୬।୯(ସ୍ୱ.ପ୍ର)** ଗାଁ ଦାଣ୍ଡରେ ବୋହୂଙ୍କ ଚୁଟି ଘୋଷାଡ଼ି ମାଡ଼ ମାରିବା ଘଟଣାରେ କୋରେଇ ପୋଲିସ ଗୁରୁବାର ଶ୍ୱଶୁର ନବୀନ ବେହେରା(୬୦), ଶାଶୁ ଶାନ୍ତିଲତା(୫୫) ସ୍ୱାମୀ ଗଣେଶ୍ୱର (୩୬)ଙ୍କୁ କୋର୍ଟ ଚାଲାଣ କରିଛି। ଏହି ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଅତ୍ୟନ୍ତ ଅମାନବୀୟଭାବେ ଶ୍ୱଶୁର ନବୀନ ଗାଁ ରାସ୍ତାରେ ବୋହୂଙ୍କ ଚୁଟି ଘୋଷାଡ଼ି ମାଡ଼ ମାରିଥିଲେ। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଏକ ମାମଲା (ନଂ.୨୦୬/୧୯) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୂଚନା ଥାଉକି, ଧନେଶ୍ୱର ଗ୍ରାମର ଗଣେଶ୍ୱର କୁଆଖିଆ ଥାନା ଯୋକଡିଆ ଭଣ୍ଡାରୀପଡା ଗ୍ରାମର ଜଣେ ଯୁବତୀଙ୍କୁ ୨୦୧୬ରେ ବୈଦିକ ରୀତିରେ ବିବାହ କରିଥିଲେ। ଏହାପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ବୋହୂଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ବୁଧବାର ମଧ୍ୟ ଗଣେଶ୍ୱର ତାଙ୍କୁ ମାଡ଼ ମାରିବା ସହ ଘରେ ପୂରାଇ ବାହାରକୁ ଚାଲିଯାଇଥିଲେ। ନିଜ ଜୀବନ ଅସୁରକ୍ଷିତ ଥିବା ଅନୁଭବ କରି ବୋହୂ ଘରୁ ବାହାରି ଆସିବାରୁ ଶ୍ୱଶୁର ଓ ଶାଶୁ ତାଙ୍କୁ ଗାଁ ଦାଣ୍ଡରେ ଘୋଷାଡି ବାଡ଼େଇ ଚାଲିଥିଲେ। ଏହାକୁ କେହି ରେକର୍ଡିଂ କରି ସୋସିଆଲ ମିଡିଆରେ ଭାଇରାଲ କରିଦେଇଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଲାଗିପଡ଼ି ଯଦି ଜଳଭଣ୍ଡାର କାନ୍ଥକୁ ଖୋଳିବ, ତେବେ ମୂଷାଟିଏ ମଧ୍ୟ ଗୋଟିଏ ଦେଶକୁ ବୁଡ଼ାଇ ଦେଇପାରିବ।

- ବର୍କ୍



## ସଂକ୍ଷେପରେ

### ଗ୍ରାମାଞ୍ଚଳରେ ହାତୀ ଉପଦ୍ରବ



**ଟାଙ୍ଗୀ (ଖୋର୍ଦ୍ଧା), ୨୬।୯ (ଡି.ଏନ.ଏ.):** ଟାଙ୍ଗୀ ବନ ବିଭାଗର ଚିଲିକା ଉପକୂଳବର୍ତ୍ତୀ ଗ୍ରାମଗୁଡିକରେ ହାତୀଙ୍କ ଉପଦ୍ରବ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ହାତୀପଲ ଫସଲ ନଷ୍ଟ କରିବା ସହ ଘର ଭଙ୍ଗାରୁଜା କରୁଥିବାରୁ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ସୂଚନାଯୋଗ୍ୟ, ଜଙ୍ଗଲ ନଷ୍ଟ ଯୋଗୁ ହାତୀମାନେ ଜନବସତି ଆଡକୁ ଚାଲିଆସୁଛନ୍ତି। ବିଗତ ୧୦ବର୍ଷ ହେଲା ଜଙ୍ଗଲୀ ହାତୀମାନେ ଏହି ଅଞ୍ଚଳକୁ ପଶି ଆସୁଥିଲେ ମଧ୍ୟ ସରକାର କିମ୍ବା ବନ ବିଭାଗ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଉ ନାହିଁ। ହାତୀମାନଙ୍କ ସୁରକ୍ଷିତ ରହଣି ପାଇଁ ସ୍ଥାୟୀ ପ୍ରତିକାର କରାଯାଉ ନ ଥିବାରୁ ସେମାନଙ୍କ ପ୍ରାଦୁର୍ଭାବ ବଢିଚାଲିଛି। ଏହି ହାତୀପଲରେ ୨୬ଟି ହାତୀ ଅଛନ୍ତି ବୋଲି ବନାଞ୍ଚଳ ଅଧିକାରୀ ଅଜୟ କୁମାର ଜଗଦେବ ଆକଳନ କରିଛନ୍ତି। ହାତୀପଲ ଗାଁଗହଳିରେ ଘର ଭଙ୍ଗାରୁଜା କରିବା ସହ ଫସଲ ନଷ୍ଟ କରୁଥିବା ଦେଖାଯାଉଛି । ଟାଙ୍ଗୀ ବନ କର୍ମଚାରୀ ସେମାନଙ୍କ ଗିତିବିଧି ଉପରେ ନଜର ରଖିଥିବା ସୂଚନା ଦେଇଛନ୍ତି।

### ହବିଷିଆଳି ପ୍ରସ୍ତୁତି ବୈଠକ ଆଜି
### ସୋମବାରଠୁ ନାମ ପଞ୍ଜୀକରଣ

**ପୁରୀ ଅଫିସ,୨୬।୯:** ଆସନ୍ତା ୧୪ତାରିଖଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ହେଉଛି। ପୁରୀରେ ରହି ହବିଷ କରିବା ଲାଗି ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ହବିଷିଆଳି ଆସିବେ। ସରକାରଙ୍କ ପକ୍ଷରୁ ସେମାନଙ୍କ ରହଣି ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ଲାଗି ଶୁକ୍ରବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ବସିବ। ଆସନ୍ତା ସୋମବାରଠାରୁ ହବିଷିଆଳିଙ୍କ ନାମ ପଞ୍ଜୀକରଣ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ପ୍ରତିବର୍ଷ ଭଳି ଏଥର ମଧ୍ୟ ହବିଷିଆଳିଙ୍କ ଲାଗି ବ୍ୟବସ୍ଥା କରାଯିବ। ହବିଷ କରିବାକୁ ଆସୁଥିବା ବୟୋଜ୍ୟେଷ୍ଠ ମହିଳାଙ୍କୁ କିପରି ଭଲ ଭାବେ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯିବ ତାହା ଉପରେ ଗୁରୁତ୍ୱ ଦେଉଛୁ। ଏ ବର୍ଷ ପ୍ରାୟ ଅଢେଇ ହଜାରରୁ ତିନି ହଜାର ହବିଷିଆଳିଙ୍କ ରହିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

### ପୁଅକୁ ରଖି ମା'ଙ୍କୁ ଘରୁ କାଢ଼ିଦେବା ଘଟଣା

# ପୋଲିସର କାର୍ଯ୍ୟାନୁଷ୍ଠାନ ଅଭାବରୁ ଥାନା ଘେରିଲେ ମହିଳା

**ରଣପୁର,୨୬।୯(ସ୍ୱ.ପ୍ର.)**

- ଆନ୍ଦୋଳନ ପରେ ବି ପୋଲିସର ନୀରବତା ମହଙ୍ଗା ପଡିଲା
- ଥାନା ଆଇଆଇସିଙ୍କ ବଦଳି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ପୁଅକୁ ରଖି ମା'ଙ୍କୁ ଶାଶୁଘର ଲୋକେ ଘରୁ କାଢ଼ିଦେବା, ଅଭିଯୋଗ ପରେ ମାମଲା ରୁଜୁ ନ କରିବା ନେଇ ପୋଲିସର ବିବାଦୀୟ ଭୂମିକା ପ୍ରତିବାଦରେ ନୟାଗଡ଼ ଜିଲା ଚାନ୍ଦପୁର ଥାନାକୁ ଗୁରୁବାର ପୂର୍ବାହ୍ନରୁ ମହିଳାମାନେ ଘେରାଉ କରି ରଖିଥିଲେ। ଖୋର୍ଦ୍ଧା ଜିଲା ଏକତା ମହିଳା ସଙ୍ଗଠନର ମହିଳା ନେତ୍ରୀ ସୁଚିତ୍ରା ରଥ ଓ ସଭ୍ୟା ସୁମିତ୍ରା ସାମନ୍ତରାୟଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ ମହିଳାଙ୍କ ସମେତ ପୁଷ୍ପଲତା ଓ ବାପଘର ଲୋକମାନେ ଆନ୍ଦୋଳନରେ ସାମିଲ ଥିଲେ। ଆନ୍ଦୋଳନ ପରେ ବି ପୋଲିସ ପକ୍ଷରୁ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ଥାନା ଆଇଆଇସି ଓ ଅନ୍ୟମାନେ ଆନ୍ଦୋଳନସ୍ଥଳକୁ ଆସି ଲୋକଙ୍କୁ ବୁଝାଶୁଝା ନ କରିବାରୁ ଉତ୍ତେଜନା ବଢ଼ି ଚାଲିଥିଲା। ଏସ୍‌ପି ଶଶିଭୂଷଣ ଶତପଥୀଙ୍କ ନିର୍ଦ୍ଦେଶରେ ଏସ୍‌ଡିପିଓ ଏସ୍ ଟପୋ ଅପରାହ୍ନ ୫ଟାରେ ଚାନ୍ଦପୁର ଥାନାରେ ପହଞ୍ଚି



ଥାନା ସମ୍ମୁଖରେ ଧାରଣାରତ ମହିଳମାନେ।

ଉତ୍ତ୍ୟକ୍ତ ମହିଳାମାନଙ୍କୁ ବୁଝାଶୁଝା କରିଥିଲେ। ଆଇଆଇସି ଗିରିଜା ପଟ୍ଟନାୟକଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇ ତାଙ୍କ ସ୍ଥାନରେ ଧନେଶ୍ୱର ନାହକଙ୍କୁ ଅବସ୍ଥାପିତ କରାଗଲା ବୋଲି କହିଥିଲେ। ସେହିପରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୫ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ଅଭିଯୋଗ ଅନୁସାରେ ଚାନ୍ଦପୁରର ରବୀନ୍ଦ୍ର ନାୟକଙ୍କ ଝିଅ ପୁଷ୍ପଲତା(୩୬) ୧୫ ବର୍ଷ ତଳେ ଚାନ୍ଦପୁର ଥାନା ମୟୂରଝାଲିଆ ପଞ୍ଚାୟତ ହରିହରପୁର ଗାଁର ନିରଞ୍ଜନ ନାୟକ(୪୦)ଙ୍କୁ ବିବାହ କରିଥିଲେ। ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ଯୌତୁକ, ଘର ଉପକରଣ ଓ ସୁନାରୁପା ଅଳଙ୍କାର ସହ ୧ ଲକ୍ଷ ଟଙ୍କା ଦିଆଯାଇଥିଲା। କିଛିଦିନ ଭଲରେ ଚଳିବା ପରେ ସେମାନଙ୍କର ଏକ ପୁତ୍ର ଜାତ ହୋଇଥିଲା। ଏହା ପରେ ଅଧିକ ଯୌତୁକ ପାଇଁ ପୁଷ୍ପଲତାଙ୍କ ଉପରେ ଶାଶୁ ଘରର ଲୋକମାନେ ଚାପ ପକାଇଥିଲେ। ପୁଷ୍ପଲତା ବାପଘରର ଅସାମର୍ଥ୍ୟତା ପ୍ରକାଶ କରିବା ପରେ ଶାରୀରିକ ଓ ମାନସିକ ନିର୍ଯାତନା ବଢ଼ିଥିଲା। ଏପରି କି ଶାଶୁଘର ଲୋକେ ମାରପିଟ୍ କରିଥିଲେ। ଯନ୍ତ୍ରଣା ଅସହ୍ୟ ହେବାରୁ ପୁଷ୍ପଲତା ବାପ ଘରକୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଭଦ୍ର ଲୋକଙ୍କ ମାଧ୍ୟମରେ ଆପୋସ ସମାଧାନ କରାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରେ ଶାଶୁ ଘର ଲୋକେ ପୁଷ୍ପଲତାଙ୍କୁ ମାଡ଼ମାରି ଘରୁ କାଢ଼ିଦେଇ ୧୫ ବର୍ଷର ପୁଅକୁ ରଖି ଦେଇଥିଲେ। ଏ ନେଇ ମେ ୧୦ରେ ଚାନ୍ଦପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ନ ଥିଲା। ଚାନ୍ଦପୁର ପୋଲିସର ଏପରି କାର୍ଯ୍ୟକଳାପ ବିଷୟରେ ପୁଷ୍ପଲତା ସେପ୍ଟେମ୍ବର ୧୨ରେ ଏସ୍‌ପିଙ୍କୁ ଦେଖା କରି ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ଚାପରେ ଚାନ୍ଦପୁର ପୋଲିସ ଏକ ମାମଲା (ନଂ.୮୭/୧୯) ରୁଜୁ କରି ତଦନ୍ତ କରିଥିଲା। ହେଲେ ତଦନ୍ତ ଆଉ ଆଗକୁ ନ ବଢ଼ିବାରୁ ଶେଷରେ ମହିଳାମାନେ ଥାନା ଘେରାଉ କରିବାକୁ ବାଧ୍ୟ ହୋଇଥିଲେ।

### ମଣ୍ଡଳସ୍ତରୀୟ ଶାରଦୀୟ କ୍ରୀଡ଼ା

**ଓଡ଼ଗାଁ,୨୬।୯(ସ୍ୱ.ପ୍ର.)**

ଓଡ଼ଗାଁ ମଣ୍ଡଳ ସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତା ଗୁରୁବାର କୋମଣ୍ଡ ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କବାଡି, ଖୋଖୋ, ବ୍ୟାଡମିଣ୍ଟନ ଓ ଯୋଗ ନିମନ୍ତେ ଉଭୟ ବାଳିକା ଓ ବାଳକ ଦଳ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତା ନିମନ୍ତେ ସମୁଦାୟ ୨୪ ହାଇସ୍କୁଲରୁ ୭୮ ବାଳିକା ଓ ୮୩ ବାଳକ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ବିଭିନ୍ନ ଦଳରୁ କୃତୀ ପ୍ରତିଯୋଗୀଙ୍କୁ ଜିଲା ସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତା ନିମନ୍ତେ ମନୋନୀତ କରାଯାଇଛି । ଏହି ପ୍ରତିଯୋଗୀମାନେ ଦଶପଲ୍ଲା ବ୍ଲକ ଅଧୀନ ରାଧାମୋହନଜୀଉ ଉଚ୍ଚ ବିଦ୍ୟାଳୟ, ସାତପାଟଣାରେ ୧ ଓ ୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲା ସ୍ତରୀୟ ଶାରଦୀୟ କ୍ରୀଡା ଉତ୍ସବରେ ଅଂଶ ଗ୍ରହଣ କରିବେ । ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ମହାରଣା ମୁଖ୍ୟ ଅତିଥି ଭାବେ ଅଂଶ ଗ୍ରହଣ କରିବା ସହିତ କ୍ରୀଡା ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ରଘୁନାଥ ପଣ୍ଡା ଓ ସିଆରସିସି ରଞ୍ଜନ କୁମାର ଦାଶ ଉପସ୍ଥିତ ଥିଲେ । ମାଛିପଡା ଖେଳ ଶିକ୍ଷକ ସନ୍ୟାସୀ ପ୍ରଧାନଙ୍କ ସହିତ ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ଲକ୍‌ସ୍ତରୀୟ ଶାରଦୀୟ କ୍ରୀଡ଼ା ପ୍ରତିଯୋଗିତା



ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ।

**ଖଣ୍ଡପଡ଼ା ୨୬।୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଖଳିସାହିସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଦେବ ବାଳିକା ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ ବ୍ଲକ୍‌ସ୍ତରୀୟ ଶାରଦୀୟ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ଦେଇ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ପ୍ରଧାନ ଶିକ୍ଷକ ଅଯୋଧ୍ୟାନାଥ ନାୟକ ଓ ରଶ୍ମି ରଞ୍ଜନ ସେଠୀ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ୧୮୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କନିଷ୍ଠ ବିଭାଗରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ଛାତ୍ରୀଛାତ୍ରମାନେ କବାଡି, ଖୋଖୋ, ବ୍ୟାଡମିଣ୍ଟନ ଓ ଯୋଗ ପ୍ରଭୃତି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଖଣ୍ଡପଡା ମଣ୍ଡଳ ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ସମ୍ପାଦକ ବସନ୍ତ କୁମାର ଗୋଛିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡା ଶିକ୍ଷକ ବିଜୟ ମହାପାତ୍ର, ସୁବାସ ବେହେରା, ପ୍ରମୋଦ କୁମାର ପଣ୍ଡା, ସମୀର କୁମାର ଖୁଣ୍ଟିଆ, ସନ୍ତୋଷ ବେହେରା, ବାବୁଲା କୁମାର ଦଳେଇ, ଧନେଶ୍ୱର ବେହେରା, ଅଭୟ ଚରଣ ନାୟକ ଓ କ୍ରୀଡା ଶିକ୍ଷୟିତ୍ରୀ ସଞ୍ଜୁବାଳା ନାଥ, ଜୟନ୍ତୀ ପଟ୍ଟନାୟକ ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ । ଉତ୍ତମ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର ଆସନ୍ତା ଅକ୍ଟୋବର ୧ ଓ ୨ ତାରିଖରେ ଦଶପଲ୍ଲାସ୍ଥିତ ରାଧାମୋହନ ଜୀଉ ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ ଆୟୋଜିତ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ସାଧୁଙ୍କୁ ଧକ୍କା ମାରି ତଡ଼ିଲା ପୋଲିସ

**ପୁରୀ ଅଫିସ,୨୬।୯:** ଉଚ୍ଛେଦକୁ ନେଇ ବେଶ୍ କିଛିଦିନ ଧରି ଚର୍ଚ୍ଚାରେ ଥିବା ମଙ୍ଗୁ ମଠ ଭିତରକୁ ଗୁରୁବାର ଜଣେ ସାଧୁ ଯିବାକୁ ଚେଷ୍ଟା କରିଥିଲେ। ତେବେ ଏହି ମଠକୁ ଜଗିଥିବା ପୋଲିସ ତାଙ୍କୁ ଛାଡ଼ି ନ ଥିଲା। ସାଧୁ ଜଣଙ୍କ ଜୋର୍‌ଜବରଦସ୍ତ କରିବାରୁ ତାଙ୍କର ପୋଲିସ ସହ ଯୁକ୍ତିତର୍କ ହୋଇଥିଲା। ଜଣେ ପୋଲିସ କର୍ମଚାରୀ ତାଙ୍କୁ ଧକ୍କା ମାରି ତଡ଼ି ଦେଇଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଥାନା ଆଇଆଇସି ରଞ୍ଜନ କୁମାର ମଲ୍ଲିକ କହିଛନ୍ତି, ସାଧୁ ଜଣଙ୍କ ପୋଲିସ କଥା ନ ମାନି ମଠ ଭିତରକୁ ପଶିଥିଲେ। ମହନ୍ତ ଅନୁପସ୍ଥିତ ଥିବାବେଳେ ତାଙ୍କ ଶିଷ୍ୟମାନେ ସମ୍ପୃକ୍ତ ସାଧୁଙ୍କୁ ମଠରେ ନ ପୂରାଇବାକୁ ପୋଲିସକୁ କହିଥିଲେ। ତେଣୁ ପୋଲିସ ତାଙ୍କୁ ଥାନାକୁ ନେଇ ଆସିଥିଲା। ପରେ ମଙ୍ଗୁ ମଠ ମହନ୍ତ ଥାନାରେ ପହଞ୍ଚି ତାଙ୍କୁ ନେଇଥିଲେ।

### ଟ୍ରେନରେ ଛାଡ଼ିଥିବା ମୋବାଇଲ ଫେରିପାଇଲେ

**ପୁରୀ ଅଫିସ, ୨୬।୯**

ଟ୍ରେନରୁ ପାଇଥିବା ଏକ ମୋବାଇଲ ଫୋନ୍‌କୁ ଆର୍‌ପିଏଫ୍ ପୋଲିସ ସମ୍ପୃକ୍ତ ଯାତ୍ରୀ କଟକର ନୀରଜ ସିଂଙ୍କ ଭଉଣୀ ସୀତାମଣିଙ୍କୁ ଗୁରୁବାର ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ହାଓଡ଼ା-ପୁରୀ ଏକ୍ସପ୍ରେସ ଟ୍ରେନ୍‌ରେ ନୀରଜ ଯାତ୍ରା କରୁଥିବାବେଳେ କଟକରେ ଓହ୍ଲାଇ ଯାଇଥିଲେ। ତେବେ ସେ ଛାଡ଼ିଯାଇଥିବା ଏକ ମୋବାଇଲ ଫୋନ୍‌କୁ ହାବିଲଦାର ଜଗନ୍ନାଥ ଦାଶ ପାଇଥିଲେ। ଏହାକୁ ସେ ପୁରୀ ଆର୍‌ପିଏଫ୍ ଥାନାରେ ଜିମା ଦେଇଥିଲେ। କିଛିସମୟ ପରେ ସମ୍ପୃକ୍ତ ବ୍ୟକ୍ତି ନିଜ ପରିଚୟ ଦେଇ ମୋବାଇଲ ହଜିଥିବା ଜଣାଇଥିଲେ। ଆର୍‌ପିଏଫ୍‌ଠାରୁ ସୂଚନା ପାଇ ନୀରଜଙ୍କ ଭଉଣୀ ସୀତାମଣି ଥାନାରେ ପହଞ୍ଚି ଆବଶ୍ୟକ ପ୍ରମାଣ ଦେଇ ମୋବାଇଲ ନେଇଥିଲେ।

### ଟର୍ଚ୍ଚ ଲାଇଟ୍‌ରେ ରୋଗୀସେବା

**ପୁରୀ ଅଫିସ,୨୬।୯:** ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବାବେଳେ ବିଭିନ୍ନ ସମୟରେ ବିଦ୍ୟୁତ ବିଭ୍ରାଟ ଯୋଗୁ କାର୍ଯ୍ୟ ବ୍ୟାହତ ହେଉଛି। ଗୁରୁବାର ଅପରାହ୍ନ ୩ଟାରେ ଓପିଡିରେ ବିଦ୍ୟୁତ ଚାଲିଯାଇଥିଲା। ଫଳରେ ଦୁର୍ଘଟଣାରେ ଆହତ ରୋଗୀଙ୍କୁ ଟର୍ଚ୍ଚ ଲାଇଟ୍‌ରେ ଚିକିତ୍ସା କରାଯାଇଥିଲା। ଏ ନେଇ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ମେଡିକାଲ ପରିସରରେ ୨୪ଘଣ୍ଟା ବିଦ୍ୟୁତ ରହୁ ନ ଥିବାବେଳେ ଲୋ-ଭୋଲଟେଜ୍ ସମସ୍ୟା ଲାଗିରହିଛି।

## ନୟାଗଡ଼ରେ ଟ୍ରେନ୍ ଦୁର୍ଘଟଣାର ମକ୍‌ଡ୍ରିଲ୍

**ଭୁବନେଶ୍ୱର,୨୬।୯(ବ୍ୟୁରୋ)**

ପୂର୍ବତଟ ରେଳପଥ ପକ୍ଷରୁ ନୟାଗଡରୁ ମହୀପୁର ଷ୍ଟେଶନ ମଧ୍ୟରେ ଗୁରୁବାର ଦୁର୍ଘଟଣା ସମ୍ପର୍କିତ ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ନୟାଗଡ ସେକ୍ସନର ମହୀପୁରଠାରେ ନୟାଗଡ-ଅମୃତସର ସ୍ପେଶାଲ ପିଲଗ୍ରିମ ଟ୍ରେନର ଦୁଇ କୋଚ୍ ଲାଇନଚ୍ୟୁତ ହୋଇ ଜଣେ ମୃତ ଓ ୧୪ ଆହତ ହୋଇଥିବା ଦୃଶ୍ୟ ପ୍ରଦର୍ଶନ କରାଯାଇଥିଲା। ଏଥିସହ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା। ଟ୍ରେନର ଗୋଟିଏ କୋଚ୍ ଓଲଟି ପଡିଥିବା ବେଳେ ଅନ୍ୟଟି ଲାଇନଚ୍ୟୁତ ହୋଇଥିଲା। ଖବରପାଇ ଖୋର୍ଦ୍ଧାରୋଡ ରେଳ ଡିଭିଜନରୁ ସ୍ପେଶାଲ 'ଏଆରଏମଇ (ଆକ୍ସିଡେଣ୍ଟ ରିଲିଫ ମେଡିକାଲ ଇକ୍ୱିପମେଣ୍ଟ)' ଟ୍ରେନ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହା ପୂର୍ବରୁ ଏନଡିଆରଏଫ ଓ ଓଡ୍ରାଫ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ରେଳ ବିଭାଗର ଡାକ୍ତରୀ ଟିମ ପହଞ୍ଚି ଘଟଣାସ୍ଥଳରେ ଅସ୍ଥାୟୀ କ୍ୟାମ୍ପ ପ୍ରସ୍ତୁତ କରି ପ୍ରାଥମିକ ଚିକିତ୍ସା କରିଥିଲେ। ଗୁରୁତରମାନଙ୍କୁ ନୟାଗଡ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଏଆରଏମଇ ଘଟଣାସ୍ଥଳରେ ପହଞ୍ଚି ଟ୍ରେନ ଭିତରେ ଚିକିତ୍ସା ଆରମ୍ଭ କରିଥିଲେ। ଆହତମାନଙ୍କୁ ରେଳୱେ ଡାକ୍ତରୀ ଦଳ ଚିକିତ୍ସା କରି ବିଶ୍ରାମ କରେଇବା ବ୍ୟବସ୍ଥା କରିଥିଲେ। ଏହି ମକ୍‌ଡ୍ରିଲରେ ରେଳ ସୁରକ୍ଷା ବଳ, ଏନଡିଆରଏଫ, ଓଡ୍ରାଫ, ରେଳୱେ ଡାକ୍ତରୀ ଟିମ୍ ଓ ଜିଲା ଡାକ୍ତରଖାନାର କର୍ମଚାରୀ ସାମିଲ ହୋଇଥିଲେ।



ଟ୍ରେନ୍ ଭିତରେ ମକ୍‌ଡ୍ରିଲ କରାଯାଉଛି।

## ଲୋକସେବା ଅଧିକାର ଆଇନ ସଚେତନତା ଶିବିର

**ଦଶପଲ୍ଲା,୨୬।୯ (ଡି.ଏନ.ଏ.)**

ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନାଗରିକ ମାନଙ୍କୁ ଲୋକସେବା ତଥା ସେ ସମ୍ବନ୍ଧୀୟ ଆନୁଷଙ୍ଗିକ ସେବା ଯୋଗାଇ ଦେବା ସମ୍ପର୍କରେ ଏକ ସଚେତନତା ଶିବିର ଦଶପଲ୍ଲା ତହସିଲ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ବ୍ଲକ ସଭାଗୃହ ମଧ୍ୟରେ ଅନୁଷ୍ଠିତ ହୋଇଛି। ତହସିଲଦାର ପ୍ରମୋଦ କୁମାର ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନ୍‌ଏସି ଅଧ୍ୟକ୍ଷା ବବିତା ସାହୁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନୟାଗଡ ଜିଲା ସଂଯୋଜକ ସନ୍ତୋଷ କୁମାର ଷଡଙ୍ଗୀ ସଚେତନତା ଶିବିରର ଆଭିମୁଖ୍ୟ ପ୍ରକାଶ କରିଥିଲେ। ପ୍ରଶିକ୍ଷକ ଭାବେ ରାଜ୍ୟ ଲୋକସେବା ଅଧିକାର ଆଇନ ସଚେତନତା ବିଭାଗର ବରିଷ୍ଠ ପ୍ରୋଗ୍ରାମ୍ ଅଫିସର ରାଜକିଶୋର ପଟ୍ଟନାୟକ ଏବଂ ସହକାରୀ ଅଫିସର ସିଦ୍ଧାନ୍ତ ଶେଖର ପଣ୍ଡା ଯୋଗଦେଇ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।





ଶିବିରରେ ଉପସ୍ଥିତ ଅତିଥିମାନେ।

## ଗାଁଦାଣ୍ଡରୁ ନିଷ୍କାସନ ହୋଇପାରୁନି ବର୍ଷାଜଳ

**ବୋଲଗଡ,୨୬।୯(ଡି.ଏନ.ଏ.)**

ବୋଲଗଡ ବ୍ଲକ ବାଙ୍କୋଇ ମେଡିକାଲ ଛକ ସ୍ଥିତ ପୂର୍ତ୍ତ ରାସ୍ତା ଠାରୁ ମାଝିସାହି ପର୍ଯ୍ୟନ୍ତ ଥିବା ଗାଁ ଦାଣ୍ଡରୁ ନିଷ୍କାସିତ ହୋଇପାରୁନି ବର୍ଷା ଜଳ । ସଂପ୍ରତି ୩ଦିନ ଧରି ହୋଇଥିବା ଲଗାଣ ବର୍ଷା ଫଳରେ ଏଠାରେ ଆଣ୍ଠୁଏ ଉଚ୍ଚରେ ଜଳ ଜମି ରହିଛି । ଫଳରେ ଏହି ରାସ୍ତା ଦେଇ ଯାତାୟତ କରିବା ପାଇଁ ସାହି ବାସନ୍ଦା ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିନେଇ ଏଠାରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି । ଅନ୍ୟପକ୍ଷେ ନିକଟରେ ଥିବା ନେଳିଆ ପୋଖରୀରୁ ଉଦ୍‌ବୃତ୍ତ ଜଳ ନିଷ୍କାସିତ ହେବା ପାଇଁ ବ୍ୟବସ୍ଥା ନାହିଁ । ଫଳରେ ଅତ୍ୟଧିକ ବର୍ଷା କାରଣରୁ ଏହି ପୋଖରୀରୁ ଉଚ୍ଛୁଳୁଥିବା ବର୍ଷାଜଳ ଗାଁ ଦାଣ୍ଡକୁ ଚାଲି ଆସୁଛି । ପୋଖରୀର ପୂର୍ବ ପାର୍ଶ୍ୱରେ ଥିବା ମାଝି ସାହିର ବାରିପଟରୁ ଜଳ ନିଷ୍କାସିତ ହୋଇପାରୁନି । ସେହିପରି ପୋଖରୀର ଉତ୍ତର ପାର୍ଶ୍ୱରେ ଥିବା ଭଣ୍ଡାରୀ ସାହିର ବାରିପଟ ଗୁଡିକ ସନ୍ତସନ୍ତିଆ ହୋଇରହିଛି। ପ୍ରଶାସନ ପକ୍ଷରୁ ଏହାକୁ ଦୃଷ୍ଟି ଦିଆଯାଇ ଏଠାରେ ଡ୍ରେନେଜ ବ୍ୟବସ୍ଥା କରାଯିବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।



ଗାଁ ଦାଣ୍ଡରେ ଜମି ରହିଛି ବର୍ଷା ଜଳ।

## ଲଗାଣ ବର୍ଷା: କୃଷ୍ଣପ୍ରସାଦ ବ୍ଲକରେ ବ୍ୟାପକ କ୍ଷୟକ୍ଷତି

**କୃଷ୍ଣପ୍ରସାଦ,୨୬।୯(ଡି.ଏନ.ଏ.)**

ଲଘୁଚାପଜନିତ ବର୍ଷା ଯୋଗୁ ରବିବାର ଠାରୁ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ଧାନ ଜମି ଜଳମଗ୍ନ ହେବାସହ ଗାଁ ଦାଣ୍ଡରେ ପାଣି ଜମି ରହିଛି। ଚିଲିକାରେ ଚିଙ୍ଗୁଡିଘେରି ଯୋଗୁ ଜଳ ନିଷ୍କାସନ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ପୁରୀ ଜିଲା ପାଇକରାୟପୁର ଏବଂ ଗଞ୍ଜାମ ଜିଲା ପ୍ରୟାଗୀ ସୀମା ଚିଲିକା ରିଂବନ୍ଧରେ ଥିବା ବ୍ରିଜ୍ ଉପରେ ମାଟିବନ୍ଧ କରାଯିବା ଦ୍ୱାରା ପାଣି ନିଷ୍କାସନ ହୋଇପାରୁନାହିଁ। ଫଳରେ ଧାନ ଜମିରେ ପାଣି ଜମି ରହି ଗଛ ବୁଡିରହିବା ସହ ପାଇକରାୟପୁର ଗାଁ ମଧ୍ୟ ଜଳ ଘେରରେ ରହିଛି। ଜଳ ନିଷ୍କାସନ ନ ହେଲେ ବହୁ ଘର ଭାଙ୍ଗି ପଡିବା ନିଶ୍ଚିତ ହୋଇପଡିଛି। ଉକ୍ତ ବ୍ରିଜରୁ ମାଟି ଖୋଳିବା ପାଇଁ ପ୍ରୟାଗୀଗ୍ରାମବାସୀ ଅନୁମତି ଦେଉ ନାହାନ୍ତି, ଯାହାଦ୍ୱାରା ଘଟଣାସ୍ଥଳରେ କୃଷ୍ଣପ୍ରସାଦ ତହସିଲଦାର ଜିତେନ୍ଦ୍ର ନାୟକ, ବିଡିଓ ଅଭିମନ୍ୟୁ ମାଝି, କ୍ଷୁଦ୍ର ଜଳସେଚନ ଏସଡିଓ ପୀତାମ୍ବର ନାୟକ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କ ସହ କଥାବାର୍ତ୍ତା ହୋଇଥିଲେ। ଏକ ପ୍ରକାର ସମାଧାନ ହୋଇ ପାଣି ନିଷ୍କାସନ କରିବା ପାଇଁ ରାଜି ହୋଇଥିଲେ । ସେହିଭଳି ଜଳ ନିଷ୍କାସନ ନ ହୋଇ ରାମଲେଙ୍କା, କୁମାରପୁରଗାଁରେ ମଧ୍ୟ ଏକ ପ୍ରକାର



କୃଷ୍ଣପ୍ରସାଦ ବ୍ଲକର ପାଟନାସୀ ପ୍ରାଥମିକ ବିଦ୍ୟାଳୟ ପାଣି ଘେରରେ ରହିଛି।

### ଧାନଜମି ଜଳମଗ୍ନ,ଗାଁ ଭିତରେ ଜମିଛି ପାଣି, ଭାଙ୍ଗିଲା ବହୁ ଘର

ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଲଗାଣ ବର୍ଷା ଯୋଗୁ ୪ ଦିନ ଧରି ଲୋକମାନେ ଘରୁ ବାହାରକୁ ବାହାରି ପାରୁନାହାନ୍ତି । କୃଷ୍ଣପ୍ରସାଦ ବ୍ଲକର ପାଟନାସୀ ପ୍ରାଥମିକ ବିଦ୍ୟାଳୟ, ଫତେପୁର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସର ମଧ୍ୟରେ ପାଣି ଜମିରହିଛି । ସେହିଭଳି ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟରେ ଚିଲିକା ପାଣି ଘେରିରହିଛି। ରସକୁଦି ଆବାସିକ ବିଦ୍ୟାଳୟ ପରିସର ମଧ୍ୟରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଛି, ପାଣି ନିଷ୍କାସନ ହୋଇ ନ ପାରି ମାଲୁଦ ପ୍ରାଥମିକ ବିଦ୍ୟାଳୟ, ମାଲୁଦ ପାଇକସାହିକୁ ଯିବା ପାଇଁ ରାସ୍ତା ନାହିଁ। ଚିଲିକା ନୂଆପଡା ନାରାୟଣ ଦେବ ବିଦ୍ୟାପୀଠ, ବାଲିପାଟପୁର ପ୍ରାଥମିକ ବିଦ୍ୟାଳୟ, କୁମାରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଣିଜମି ରହିଛି। ଚିଲିକାରେ ଆଶାତୀତ ପାଣି ବୃଦ୍ଧି ଯୋଗୁ ଦୁର୍ବଳ ଥିବା ରିଂବନ୍ଧ ଭାଙ୍ଗି ଗାଁ ମଧ୍ୟକୁ ପାଣି ପଶିବାର ଆଶଙ୍କା ମଧ୍ୟ ରହିଛି। ଶ୍ରମିକ ଶ୍ରେଣୀର ଲୋକ, ମତ୍ସ୍ୟଜୀବୀମାନେ ନିଜ କାମଧନ୍ଦାକୁ ଯାଇ ନ ପାରି ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପ୍ରବଳବର୍ଷାରେ କୃଷ୍ଣପ୍ରସାଦ ବ୍ଲକର ମାଲୁଦ, ଉଦୟଗିରି, ବଜ୍ରକୋଟ, ଗୋପକୁଦା, ପିଟିଶାଳ, ବୁଦ୍ଧିବର ଆଦି ଗ୍ରାମରେ ବହୁ ମାଟିଘର ଭାଙ୍ଗି ପଡିଛି। ଉଦୟଗିରି ଗ୍ରାମର ଅନାଥ ମହାରଣା, ପିଟିଶାଳଗାଁର ଶଙ୍କର ପଲେଇଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିପଡିଛି। ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନାହିଁ। ଏଣେ ଉଦୟଗିରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଫନୀ ବାତ୍ୟାଠାରୁ ମାସମାସ ଧରି ତାଲା ଝୁଲୁଥିବା ଜଣାଯାଇଛି । ବର୍ଷାରେ ମାଲୁଦ ଦମକଳ କାର୍ଯ୍ୟାଳୟ ପରିସର ମଧ୍ୟରେ ପାଣି ପଶିବା ସହ ମାଲୁଦ ସାଉଥ୍‌କୋ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ପାଚେରି ଭାଙ୍ଗି ପଡିଛି। ଲଗାତର ବର୍ଷାରେ ଅଞ୍ଚଳରେ ବହୁ କ୍ଷୟକ୍ଷତି ହୋଇଛି ।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
- ମଦନମୋହନ ମାଲବ୍ୟ



# ଅବ୍ୟବସ୍ଥା ଘେରରେ ପର୍ଯ୍ୟଟନ କ୍ଷେତ୍ର

ଆଜି ବିଶ୍ୱ ପର୍ଯ୍ୟଟନ ଦିବସ

ନୟାଗଡ଼ ଅଫିସ,୨୬।୯

ବିଶ୍ୱ ପର୍ଯ୍ୟଟନ ଦିବସ ଶୁକ୍ରବାର ପାଳନ କରାଯିବ। ପ୍ରତିବର୍ଷ ଭଳି ନୟାଗଡ଼ ଜିଲାରେ ଶୋଭାଯାତ୍ରାରେ ସୀମିତ ରହିବ ଦିବସ ପାଳନ କାର୍ଯ୍ୟକ୍ରମ। ଏଥିନେଇ କୌଣସି କାର୍ଯ୍ୟକ୍ରମ କରାଯାଉ ନାହିଁ କିମ୍ବା ଲୋକମାନଙ୍କୁ କୌଣସି ସୂଚନା ଦିଆଯାଉ ନାହିଁ। ସେହିପରି ଅବହେଳିତ ଓ ଅବ୍ୟବସ୍ଥା ଭିତରେ ନୟାଗଡ଼ ଜିଲାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ରହିଛି।

ନୂଆଗାଁର ପଞ୍ଚପାଣ୍ଡବ ପାହାଡ଼କୁ ପର୍ଯ୍ୟଟନସ୍ଥଳୀ କରାଯିବା ପାଇଁ ୩ ବର୍ଷ ତଳେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟରେ କୌଣସି ଅଗ୍ରଗତି ହୋଇ ପାରିନାହିଁ। ଚଳିତ ବର୍ଷ ପର୍ଯ୍ୟଟନ ଦିବସ ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଲଗାଯାଇଥିବା ହୋର୍ଡିଂରେ ପର୍ଯ୍ୟଟନ ଓ ନିଯୁକ୍ତି ସମସ୍ତଙ୍କ ନିମନ୍ତେ ଏକ ଉନ୍ନତତର ଭବିଷ୍ୟତ ବୋଲି ଦର୍ଶାଯାଇଛି। ଜିଲାର ୮ ବ୍ଲକରେ ୧୪ ସ୍ୱୀକୃତିପ୍ରାପ୍ତ ପର୍ଯ୍ୟଟନସ୍ଥଳୀ ଅଛି। ଗଣିଆର ବରମୂଳ, ଓଡ଼ଗାଁର ରଘୁନାଥଜୀଉ ମନ୍ଦିର, ଜାମୁପାଟଣାର ଦ୍ୱିତିକେଶ୍ୱର ମନ୍ଦିର, କଣ୍ଟିଲୋ ନୀଳମାଧବ ମନ୍ଦିର, କୁତୁରୀ ଡାକବଙ୍ଗଳା, କୁଆଁରିଆ ଡ୍ୟାମ, ନୟାଗଡ଼ ସହରର ଦକ୍ଷିଣକାଳୀ ମନ୍ଦିର, ରଣପୁରର ମଣିନାଗ ମନ୍ଦିର, ଶରଣକୁଳର ଲଡୁବାବା ମନ୍ଦିର, ନୂଆଗାଁ ବ୍ଲକର ଉଦୟପୁର ଲାଇବ୍ରେରି, ଭାପୁର ବ୍ଲକର ନୀଳକନ୍ଦର, ସିଧାମୂଳାର ଗୋକୁଳାନନ୍ଦ ପୀଠ, ଗଣିଆର ପଞ୍ଚୁପଲ୍ଲୀ ପ୍ରଜ୍ଞା ଓ ଏକମାତ୍ର ବୌଦ୍ଧପୀଠ ଯୋଗୀଯୋଗିଆଣୀ ପୀଠକୁ ରାଜ୍ୟ ସରକାରଙ୍କ ତରଫରୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଛି। ଏହା ସହିତ ଦଶପଲ୍ଲାର ମହାବୀର ମନ୍ଦିର, ଖଣ୍ଡପଡ଼ାର ସୁନାମୁହିଁ, ନୟାଗଡ଼ରେ ଥିବା ଝରଦେଇ ପୀଠ ଭଳି ଆହୁରି ପର୍ଯ୍ୟଟନସ୍ଥଳୀ ରହିଛି। ଜିଲାର ଅନେକ ଅଞ୍ଚଳ ପର୍ଯ୍ୟଟନ କ୍ଷେତ୍ରରେ ଭରପୂର ରହିଥିବା ବେଳେ ଯେଉଁଭଳି ଭାବେ ଏହାର ଉନ୍ନତି ହେବା କଥା କରାଯାଉ ନାହିଁ। ରାଜନୈତିକ ବ୍ୟକ୍ତିବିଶେଷଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅବହେଳା ଏଥିପାଇଁ ବିଶେଷଭାବେ ଦାୟୀ ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷେ ପର୍ଯ୍ୟଟନସ୍ଥଳୀର ଉନ୍ନତି ପାଇଁ ଲକ୍ଷାଧିକ ଟଙ୍କା ଆସୁଥିଲେ ମଧ୍ୟ କେବଳ କାଗଜକଲମରେ କାର୍ଯ୍ୟ ଦର୍ଶାଯାଇ ଏହା ହରିଲୁଟ କରାଯାଉଥିବା ନେଇ ଅଭିଯୋଗ ହେଉଛି। ଆଗକୁ ପର୍ଯ୍ୟଟନ ଋତୁ ଆସୁଥିବାରୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ସମାଧାନ କଲେ ଜିଲାରେ ପର୍ଯ୍ୟଟନ କ୍ଷେତ୍ରରେ ଉନ୍ନତି ହୋଇପାରନ୍ତା ବୋଲି ସାଧାରଣରେ ଦାବି ହେଉଛି।



ନିର୍ମାଣାଧୀନ ବଲାଙ୍ଗୀ ବନ୍ଧ ପାର୍କ।

- ନିଜସ୍ୱ ଗୃହକୁ ସ୍ଥାନାନ୍ତର ହୋଇପାରୁନାହିଁ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ
- ଆସିନାହାନ୍ତି ଜଣେ ବି ବିଦେଶୀ ପର୍ଯ୍ୟଟକ

## ଦିନରାତି ଝୁଲୁଛି ତାଲା

ପଠାଣି ସାମନ୍ତ ସଂସ୍କୃତି ଭବନର ଏକ ଛୋଟିଆ କୋଠରିରେ ଚାଲୁଛି ପର୍ଯ୍ୟଟନ କାର୍ଯ୍ୟାଳୟ। ଯେଉଁଠାରେ ଦିନରାତି ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀ କାର୍ଯ୍ୟରେ ଯୋଗଦେବା ପରଠାରୁ କେବଳ କାଁ ଭାଁ ଲୋକ ଏଠାକୁ ଆସୁଛନ୍ତି। ସ୍ଥାଣୁ ପାଲଟିଛି ଜିଲାର ପର୍ଯ୍ୟଟନ କାର୍ଯ୍ୟାଳୟ। ପଚାରିଲେ ଅଧିକାରୀମାନେ କହୁଛନ୍ତି ଅନ୍ୟ କାର୍ଯ୍ୟରେ ବାହାରକୁ ଯାଇଥିଲୁ।

## ନିଜସ୍ୱ ଗୃହକୁ ହସ୍ତାନ୍ତର ହୋଇପାରୁନାହିଁ କାର୍ଯ୍ୟାଳୟ

ସହରସ୍ଥିତ ପଠାଣି ସାମନ୍ତ ଅଡିଟୋରିୟମରେ ଏକ ଛୋଟ କୋଠରିରେ ଅବ୍ୟବସ୍ଥା ମଧ୍ୟରେ ଚାଲି ଆସୁଥିବା ପର୍ଯ୍ୟଟନ କାର୍ଯ୍ୟାଳୟ ନିଜସ୍ୱ ଗୃହ ପିଟିଏସ୍ ରୋଡ଼ଠାରେ କରାଯାଇଛି। ୬ ମାସ ହେଲାଣି ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇସାରିଥିଲେ ମଧ୍ୟ ଏ ଯାଏଁ ସେଠାକୁ ସ୍ଥାନାନ୍ତର ହୋଇପାରୁ ନାହିଁ। ଫଳରେ ଯେଉଁ ଲକ୍ଷ୍ୟ ନେଇ ନୂତନ ଗୃହ ନିର୍ମାଣ କରାଯାଇଥିଲା ତାହା ପୂରଣ ହୋଇପାରି ନାହିଁ। ଏ ନେଇ ଜିଲା ପର୍ଯ୍ୟଟନ ଅଧିକାରୀ ଦେବଦତ୍ତ ରଥଙ୍କୁ ପଚାରିବାରୁ ସେ କୁହନ୍ତି, ନୂତନ ଭାବେ ନିର୍ମାଣ ହୋଇଥିବା ଗୃହର ଭିତର କାର୍ଯ୍ୟ ବଳକା ଥିବାରୁ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇପାରି ନାହିଁ।

## ସଜେଇ ହେଉଛି ବଲାଙ୍ଗୀ ବନ୍ଧ

ନୟାଗଡ଼ ସହରରେ ଅତ୍ୟାଧୁନିକ ବଲାଙ୍ଗୀ ବନ୍ଧ ପାର୍କର କାର୍ଯ୍ୟ ଜୋରସୋର୍‌ରେ ଚାଲୁଥିବା ଦେଖିବାକୁ ମିଳିଛି। ରୋପ୍‌ୱେ ସହିତ ୱାଚ ଟାୱର, ବୋଟିଂ, ଶିଶୁ ପାର୍କ, ମ୍ୟୁଜିକାଲ୍ ଫାଉଣ୍ଟେନ, ରକ୍ କ୍ଲାଇମିଂ, ନୟାଗଡ଼ ସଂଗ୍ରହାଳୟ ଭଳି ବିଭିନ୍ନ ସୁବିଧା ଲାଗି ପାର୍କ ସଜେଇ ହେବାରେ ଲାଗିଛି।

## ୫ ବର୍ଷରେ ଆସିନାହାନ୍ତି ଜଣେ ବିଦେଶୀ ପର୍ଯ୍ୟଟକ

ଗଣିଆଠାରେ ବଡ଼ମୂଳ ସାତକୋଶିଆ ରିସର୍ଟ ରହିଛ, ଯାହାକି ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଭରପୂର ଉପଭୋଗ କରିବାର ପ୍ରକୃଷ୍ଟ ସ୍ଥାନ। ଏହିଭଳି ସ୍ଥାନ ବିରଳ। ହେଲେ ପ୍ରଚାର ପ୍ରସାର ଅଭାବ ତଥା କର୍ମଚାରୀଙ୍କ ଅବହେଳା ଯୋଗୁ ୫ ବର୍ଷରେ ଜିଲାରେ ଜଣେ ବି ବିଦେଶୀ ପର୍ଯ୍ୟଟକଙ୍କ ପାଦ ପଡ଼ି ନ ଥିବା ଜଣାପଡ଼ିଛି।



ବଲାଙ୍ଗୀ ବନ୍ଧଠାରେ ନିର୍ମାଣାଧୀନ ୱାଚ ଟାୱାର।

## ଶୋଭାଯାତ୍ରାରେ ସୀମିତ ଦିବସ ପାଳନ

କିଛି ବର୍ଷ ହେଲାଣି କେବଳ ଶୋଭାଯାତ୍ରା ଓ ବ୍ୟାନରରେ ସୀମିତ ହେଉଛି ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ। ଏହି ଦିବସରେ ଅନ୍ୟ ଜିଲାରେ ଭ୍ରାମ୍ୟମାଣ ଗାଡ଼ି କରି ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବିଷୟରେ ଲୋକମାନଙ୍କୁ ସୂଚନା ଦିଆଯାଏ। ମାତ୍ର ଜିଲାରେ ତାହା ହେଉନାହିଁ। କର୍ମଚାରୀ ଅଭାବରୁ ବିଭିନ୍ନ କାର୍ଯ୍ୟକ୍ରମ ହୋଇପାରୁ ନ ଥିବା କୁହାଯାଉଛି।

## ସଂକ୍ଷେପରେ

### ବର୍ଷାରେ ଘର ଭୁଶୁଡ଼ିଲା, ବର୍ତ୍ତିଲେ ପରିବାର ସଦସ୍ୟ



ଖଣ୍ଡପଡ଼ା,୨୬।୯(ସ୍ୱ.ପ୍ର.): ଗତ ୩ଦିନ ହେଲା ବର୍ଷା ଲାଗିରହିବା ଫଳରେ କଣ୍ଟିଲୋ ଫକୀର ଅତବୁଦ୍ଧିପାଟଣା ଗ୍ରାମର ସରୋଜ କୁମାର ସାହୁଙ୍କ ମାଟିଘରର କାନ୍ଥ ବୁଧବାର ରାତିରେ ଭୁଶୁଡି ପଡିଛି। ପରିବାର ସଦସ୍ୟ ଶୋଇଥିବାବେଳେ ବିଳମ୍ବିତ ରାତିରେ ଏଭଳି ଦୁର୍ଘଟଣା ଘଟିଥିଲା। ହେଲେ ସୌଭାଗ୍ୟବଶତଃ କାହାର କିଛି କ୍ଷତି ହୋଇନାହିଁ। ସୂଚନାଯୋଗ୍ୟ ୨ବର୍ଷ ତଳେ ସରୋଜଙ୍କ ଘର ଉପରେ ଏକ ବୃହତ୍ ଅଶ୍ୱତ୍ଥ ବୃକ୍ଷ ଭାଙ୍ଗି ପଡିବାରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ତୁରନ୍ତ ଗରିବଶ୍ରେଣୀର ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଲିଙ୍ଗଗତ ସମାନତା ଅଧିକାର ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଖଣ୍ଡପଡ଼ା,୨୬।୯(ସ୍ୱ.ପ୍ର.): ନୟାଗଡ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ଓ ଗଣିଆ ଉନ୍ନୟନ କମିଟି ସହଯୋଗରେ ଲିଙ୍ଗଗତ ସମାନତା ଅଧିକାର ସମ୍ପର୍କିତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଖଣ୍ଡପଡା ଶିଳ୍ପ ତାଲିମ କେନ୍ଦ୍ର ପରିସରରେ ଆରମ୍ଭ ହୋଇଛି। ପ୍ରଶିକ୍ଷକ ଭାବେ ନିତ୍ୟାନନ୍ଦ ପ୍ରଧାନ ଓ ଗିରିଶ ଚନ୍ଦ୍ର ଦାଶ ଯୋଗଦେଇଛନ୍ତି। ଏଥିରେ ଖଣ୍ଡପଡ଼ା ବ୍ଲକ ଅଧୀନ ରାଣୀଛେଲ୍ଲୀ, ଗୁଣ୍ଠୁଣି, ବନମାଳୀପୁର, ଶାଳଝରିଆ, ଜଗନ୍ନାଥପ୍ରସାଦ ପ୍ରଭୃତି ୫ ପଞ୍ଚାୟତର ଲୋକ ପ୍ରତିନିଧି, ଆଶାକର୍ମୀ, ୱାର୍ଡ ସଭ୍ୟାସଭ୍ୟ, ଅବସରପ୍ରାପ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଯୋଗଦେଇଥିଲେ। ପଞ୍ଚାୟତ ସ୍ତରରେ ଲିଙ୍ଗଗତ ସମାନ ଅଧିକାର ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ଗଣିଆ ଉନ୍ନୟନ କମିଟି ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା ଓ ସଂଯୋଜକ ନୀରଞ୍ଜନ ସାହୁ ପ୍ରମୁଖ ସୂଚନା ଦେଇଥିଲେ। ପୁଲିଙ୍ଗ, ସ୍ତ୍ରୀ ଲିଙ୍ଗ ଓ ତୃତୀୟ ଲିଙ୍ଗ ମଧ୍ୟରେ କିଭଳି ସମାନତା ରଖାଯାଇପାରିବ ସେ ସମ୍ପର୍କରେ ପ୍ରଶିକ୍ଷକମାନେ ବୁଝାଇଥିଲେ। ସରକାରୀ ଯୋଜନାର ସଫଳ ରୂପାୟନ ଦିଗରେ ସମସ୍ତେ ସହଯୋଗର ହାତ ବଢାଇବାକୁ ପରାମର୍ଶ ଦିଆଯାଇଥିଲା।

### ପ୍ରେସ୍‌କ୍ଲବର ନୂତନ କର୍ମକର୍ତ୍ତା

ଦଶପଲ୍ଲା,୨୬।୯ (ଡି.ଏନ.ଏ.): ପ୍ରେସକ୍ଲବ ଦଶପଲ୍ଲାର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ନୂତନ ସଭାପତି ଭାବେ ପ୍ରଶାନ୍ତ କୁମାର ସାହୁ, ଉପସଭାପତି କୁଞ୍ଜବିହାରୀ ପାତ୍ର, ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ସହ ସମ୍ପାଦକ ପ୍ରକାଶ କୁମାର ପାଣି ଏବଂ କୋଷାଧ୍ୟକ୍ଷ ଭାବେ ମନୋରଞ୍ଜନ ଷଡଙ୍ଗୀ ପ୍ରମୁଖ ମନୋନୀତ ହୋଇଛନ୍ତି। ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ କୁମାର ଦାଶ ନିର୍ବାଚନ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁରେଶ କୁମାର ମିଶ୍ର, ପ୍ରମୋଦ କୁମାର ମହାନ୍ତି ଓ ଆଲୋକ ସେନାପତି ରହିଛନ୍ତି। ଆଗାମୀ ଦିନରେ ଏହି ସଂଗଠନ ବଳିଷ୍ଠ ଗଣମାଧ୍ୟମର ସାମାଜିକ କର୍ତ୍ତବ୍ୟ ଏବଂ ମୂଲ୍ୟବୋଧକୁ ଆଧାର କରି ସମାଜର ନିଷ୍ପେଷିତ ତଥା ଅବହେଳିତ ଲୋକଙ୍କ ପାଇଁ କାର୍ଯ୍ୟ କରିବ ବୋଲି ନୂତନ କର୍ମକର୍ତ୍ତାମାନେ ସଂକଳ୍ପ ନେଇଥିଲେ।

### କଲେଜର ପ୍ରାକ୍ତନ କର୍ମଚାରୀଙ୍କ ବିୟୋଗରେ ଶୋକସଭା

ଖଣ୍ଡପଡ଼ା,୨୬।୯(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ପ୍ରାକ୍ତନ କର୍ମଚାରୀ ତଥା ଯୁବ ବ୍ୟବସାୟୀ ରବୀନ୍ଦ୍ର କୁମାର ପ୍ରଧାନ(୫୭)ଙ୍କ ବୁଧବାର ରାତିରେ ଅକାଳ ବିୟୋଗ ଘଟିଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ଅଧକ୍ଷ ସୁକାନ୍ତ କୁମାର ନାୟକଙ୍କ ଅଧକ୍ଷତାରେ ଗୁରୁବାର ଏକ ଶୋକସଭା ଆୟୋଜିତ ହୋଇଥିଲା। ଏଥିରେ କଲେଜର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ। କଣ୍ଟିଲୋ ମେଡିକାଲ ଛକରେ ମହାକାଳୀ ବ୍ୟବସାୟୀ ସଂଘ ପକ୍ଷରୁ ସଭାପତି ହରିହର ଦାଶଙ୍କ ସଭାପତିତ୍ୱରେ ଶୋକସଭା କରାଯାଇଥିଲା। ସୂଚନାଯୋଗ୍ୟ ରବୀନ୍ଦ୍ର ବୃକକ୍ ଜନିତ କର୍କଟ ରୋଗରେ ପୀଡତ ହୋଇ ଚିକିତ୍ସିତ ହେଉଥିବାବେଳେ ଭୁବନେଶ୍ୱରସ୍ଥ ବାସଭବନରେ ପରଲୋକ ଘଟିଥିଲା। ଗୁରୁବାର ମୃତଦେହ ତାଙ୍କ ଜନ୍ମସ୍ଥାନ ବଡବାଣପୁର ମହାଦେବ ସାହିକୁ ଅଣାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଜ୍ୟେଷ୍ଠ ପୁତ୍ର ସାଲୁ ମୁଖାଗ୍ନି ଦେଇଥିଲେ।

# ଦରମା ନ ମିଳିବାରୁ ସଫେଇ କର୍ମଚାରୀଙ୍କ ଧାରଣା



ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ସଫେଇ କର୍ମଚାରୀମାନେ।

ରଣପୁର,୨୬।୯(ସ୍ୱ.ପ୍ର.)

ଦରମା ମିଳି ନ ଥିବାରୁ ସଫେଇ କର୍ମଚାରୀମାନେ କାର୍ଯ୍ୟବନ୍ଦ କରି ଗୁରୁବାରଠାରୁ ରଣପୁର ଏନ୍‌ଏସି ସମ୍ମୁଖରେ ଧାରଣା ଦେଇଛନ୍ତି। ଏମାନଙ୍କ ଆନ୍ଦୋଳନ ଯୋଗୁ ସହରରେ ପରିମଳ ସେବା ବିଗିଡି ଯାଇଛି। ବିଭିନ୍ନ ସ୍ଥାନରେ କୁଡ କୁଡ ଆବର୍ଜନ ଗଦାହୋଇଛି। ପରିମଳ ସେବାରେ ଉନ୍ନତି ଆଣିବାକୁ ଏହାକୁ ଘରୋଇକରଣ କରାଯାଇଥିଲା। ହେଲେ ରଣପୁର ସହରର ୧୫ ୱାର୍ଡରେ ଭଲ ଭାବେ ସଫେଇ ହୋଇପାରିଲାନି। ଅଳିଆ ଆବର୍ଜନା ହଟିପାରିଲାନି। ୧୫ ୱାର୍ଡରେ ୪୮ ଜଣ ସଫେଇ କର୍ମଚାରୀ ନିୟୋଜିତ ହେଉଥିବା କାଗଜପତ୍ରରେ ଦର୍ଶାଯାଉଛି। ହେଲେ ବାସ୍ତବରେ ୨୦ରୁ ୨୨ ଜଣ କାମ କରୁଥିବାରୁ ସଫେଇ ଠିକ୍ ହେଉ ନ ଥିବା କୁହାଯାଉଛି। ପୁଣି ୨ ସ୍ଥାନରେ ୧ ଟ୍ରାକ୍ଟର ଲାଗିଛି। ଜଣେ ସଫେଇ କର୍ମଚାରୀ କହିଛନ୍ତି, ୩ମାସ ହେଲା ଦରମା ମିଳିନି। ଇପିଏଫ୍ କଟୁଛି, ହେଲେ ଆକାଉଣ୍ଟରେ ଜମା ହେଉନି। ତେଣୁ ଆମେ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇଲୁ। ଏନ୍‌ଏସି ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ କୁହନ୍ତି, ପରିମଳ କାର୍ଯ୍ୟରେ ୨ଟି ସ୍ଥାନରେ ୧ ଟ୍ରାକ୍ଟର କାମ କରୁଛି। ପୁଣି ୪୮ ସ୍ଥାନରେ ୨୦ରୁ ୨୨ ଜଣ ସଫେଇ କର୍ମଚାରୀ କାମ କରୁଛନ୍ତି। ଏଣୁ ସଫେଇ ଠିକ୍ ଭାବେ ହେଉନି। ପ୍ରତିବାଦ କଲେ ସୁଫଳ ମିଳୁନି। ନିର୍ବାହୀ ଅଧିକାରୀ ଅର୍ଚ୍ଚନା ନାୟକ କୁହନ୍ତି, ସଫେଇ କର୍ମଚାରୀମାନେ ସମ୍ପୃକ୍ତ ଠିକା ସଂସ୍ଥା ବିରୋଧରେ ଲିଖିତ ଅଭିଯୋଗ କଲେ ଟେଣ୍ଡର ବାତିଲ୍ କରି ପଦକ୍ଷେପ ନେବେ। ସଫେଇ କର୍ମଚାରୀ ଧାରଣା ଦେଇଛନ୍ତି, ହେଲେ ସେମାନଙ୍କ ଅସୁବିଧା ଲିଖିତ ଭାବେ ଉପସ୍ଥାପନ କରୁ ନ ଥିବା ସେ ସୂଚନା ଦେଇଥିଲେ।

### ରଣପୁର ସହରରେ କୁଢ଼ କୁଢ଼ ଆବର୍ଜନା

■ ଖାସ୍ ମୋ ସରକାର କାର୍ଯ୍ୟକ୍ରମ ପାଇଁ

# ଜିଲା ମୁଖ୍ୟ ଚିକିତ୍ସାଳୟରେ ଏସ୍‌ପି କଲେ ଚଢ଼ାଉ

ନୟାଗଡ଼ ଅଫିସ,୨୬।୯

ଆସନ୍ତା ଅକ୍ଟୋବର ୨ ତାରିଖରେ ରାଜ୍ୟ ସରକାରଙ୍କ ମୋ ସରକାର କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ଏଥିପାଇଁ ବୁଧବାର ଭିଡ଼ିଓ କନଫରେନ୍ସିଂ ମାଧମରେ ମୁଖ୍ୟମନ୍ତ୍ରୀ ଆଲୋଚନା କରି ୧୫ ଦିନ ଭିତରେ ହସ୍ପିଟାଲଗୁଡ଼ିକ ଦଲାଲମୁକ୍ତ କରିବା ପାଇଁ କହିଥିଲେ। ଏହାର ପ୍ରଭାବ ଗୁରୁବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଥିଲା। ଏସ୍‌ପି ଶଶିଭୂଷଣ ଶତପଥୀ ପୂର୍ବାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଚାନକ ପହଞ୍ଚି ଚଢ଼ାଉ କରିଥିଲେ। ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଘରୋଇ ଆମ୍ବୁଲାନ୍ସ ଓ ଅଟୋଗୁଡ଼ିକୁ ବାହାରିଯିବା ପାଇଁ କହିଥିଲେ। ପୁନର୍ବାର ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦିଆଯାଇଥିଲା। ଫଳରେ ସଙ୍ଗେ ସଙ୍ଗେ ସେମାନେ ମେଡ଼ିକାଲ୍ ପରିସରରୁ ସେମାନଙ୍କ ଗାଡ଼ି ନେଇ ପଳାଇ ଯାଇଥିଲେ। ଏହାପରେ ଜିଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡ଼ ବୁଲି ରୋଗୀମାନଙ୍କ ସମ୍ପର୍କୀୟ ବସିବା ପାଇଁ କୌଣସି ସ୍ଥାନ ନ ଥିବା ଏସ୍‌ପି ଦେଖିବାକୁ ପାଇଥିଲେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କ ସହିତ ଆଲୋଚନା କରି ଏହାର ବନ୍ଦୋବସ୍ତ କରାଇବା ପାଇଁ କହିଥିଲେ। ମେଡ଼ିକାଲ୍ ପରିସର କିପରି ଦଲାଲ୍‌ମୁକ୍ତ କରାଯିବ ସେ ନେଇ ଆଲୋଚନା କରିଥିଲେ। ଦଲାଲ୍‌ମାନେ ଯେବେ ମେଡ଼ିକାଲ୍ ପ୍ରବେଶ କରିବେ ସେମାନଙ୍କୁ ଧରାଯାଇ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଥିଲା। ଏହିଭଳି ଚଢ଼ାଉ ଜାରି ରହିଲେ ରୋଗୀମାନେ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ସେବା ଭଲ ଭାବରେ ପାଇପାରିବେ ବୋଲି ଉପସ୍ଥିତ ବ୍ୟକ୍ତିମାନେ ପ୍ରକାଶ କରିଥିଲେ।



ଏସ୍‌ପି ଜଣେ ଘରୋଇ ଆମ୍ବୁଲାନ୍ସ ଡ୍ରାଇଭରକୁ ତାଗିଦ୍ କରୁଛନ୍ତି।

# ପୋଖରୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ରଣପୁର,୨୬।୯(ସ୍ୱ.ପ୍ର.)

ରଣପୁର ଥାନା ସୁନାଖଳା ଫାଣ୍ଡି ଅ'ର୍ଗତ ସୁରୁକାବାଡି ଗ୍ରାମରେ ଗୁରୁବାର ପୋଖରୀରେ ବୁଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ଦୟାନିଧି ମଣ୍ଡଳ (୬୫)। ରଣପୁର ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୩/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୟାନିଧି ମଣ୍ଡଳ ମଙ୍ଗଳବାରଠାରୁ ଘରୁ କେଉଁଆଡେ ଚାଲି ଯାଇଥିଲେ। ପରିବାର ଲୋକମାନେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ଗ୍ରାମସ୍ଥିତ ଲକ୍ଷ୍ମୀସାଗର ପୋଖରୀରେ ପଡିଯାଇଥିବା ସନ୍ଦେହ କରି ଗ୍ରାମବାସୀ ବୋଲଗଡ ଦମକଳ ବାହିନୀକୁ ଖବର ଦେଇଥିଲେ। ଦମକଳ କେନ୍ଦ୍ର କର୍ମଚାରୀ ବୁଧବାର ପୋଖରୀରେ ଖୋଜିଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। ଗୁରୁବାର ସକାଳେ ଦୟାନିଧି ପୋଖରୀରେ ଭାସୁଥିବା ଦେଖି ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ରଣପୁର ସରକାରୀ ଡାକ୍ତରଖାନକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଭଙ୍ଗାଯାଉନି ବିପଦସଙ୍କୁଳ ଶ୍ରେଣୀଗୃହ

ନୟାଗଡ଼ ଅଫିସ/ନୂଆଗାଁ, (ଡି.ଏନ.ଏ.)୨୬।୯

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଚାହାଳିସ୍ଥିତ ଜନଶକ୍ତି ନୋଡ଼ାଲ ଉଚ୍ଚବିଦ୍ୟାଳୟରେ କେତେକ ଶ୍ରେଣୀଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଥିବାବେଳେ ତାହା ଭଙ୍ଗାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଗତ ବର୍ଷ ଅଗଷ୍ଟ ମାସରେ ତତ୍କାଳୀନ ଜିଲାପାଳ ଡା. ଏନ୍. ତିରୁମାଲା ନାୟକ ଉକ୍ତ ବିଦ୍ୟାଳୟ ପରିଦର୍ଶନ କରିଥିବା ବେଳେ ବିପଦସଙ୍କୁଳ ଗୃହକୁ ଭାଙ୍ଗିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ବିଦ୍ୟାଳୟ ପରିଚାଳନା କମିଟି ମଧ୍ୟ ବିଧିବଦ୍ଧ ଭାବେ ଉକ୍ତ ଘରକୁ ଭାଙ୍ଗିବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ କିନ୍ତୁ ଉକ୍ତ ଘରକୁ ଭଙ୍ଗାଯାଇନାହିଁ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ବିଦ୍ୟାଳୟର ଶ୍ରେଣୀଗୃହକୁ ଭଙ୍ଗା ଯାଉ ନ ଥିବା ବିଦ୍ୟାଳୟ ପରିଚାଳନା କମିଟି ପ୍ରକାଶ କରିଛି। ଫଳରେ ଉକ୍ତ ଘରେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ସେମାନେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ୩ ଦିନ ଧରି ଲଗାଣ ବର୍ଷା ହେବା ଫଳରେ ବିଦ୍ୟାଳୟ ପରିସରରେ ଥିବା ୪ଟି ବିପଦସଙ୍କୁଳ ଗୃହର ଅବସ୍ଥା ଶୋଚନୀୟ ହୋଇପଡ଼ିଛି।



ବିପଦସଙ୍କୁଳ ଅବସ୍ଥାରେ ଥିବା ଶ୍ରେଣୀଗୃହ।


**ପୂର୍ବ ତଟ ରେଳପଥ**

ଖୋରଧା ରୋଡ୍-ରାଜଆଠଗଡ଼ ଷ୍ଟେସନ ମଧ୍ୟରେ ପ୍ରହରୀଯୁକ୍ତ ଲେଭେଲ୍ କ୍ରସିଂକୁ ବନ୍ଦ କରିବା ସମ୍ପର୍କିତ ସାର୍ବଜନିକ ସୂଚନା

ନିମ୍ନବର୍ଣ୍ଣିତ ଲେଭେଲ କ୍ରସିଂ ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ସମ୍ପାଦନ ପରେ ଖୋର୍ଦ୍ଧା ରୋଡ଼ ମଣ୍ଡଳର ନିମ୍ନ ପ୍ରଦତ୍ତ ପ୍ରହରୀଯୁକ୍ତ ଲେଭେଲ କ୍ରସିଂ ଫାଟକକୁ ସର୍ବସାଧାରଣଙ୍କ ନିମନ୍ତେ ବନ୍ଦ କରି ଦିଆଯିବ।

ତେଣୁ ନିମ୍ନ ପ୍ରଦତ୍ତ ପ୍ରହରୀଯୁକ୍ତ ଲେଭେଲ କ୍ରସିଂ ଫାଟକକୁ ଜନସାଧାରଣଙ୍କ ବ୍ୟବହାର ନିମନ୍ତେ ଔପଚାରିକ ଭାବେ ବନ୍ଦ କରି ଦିଆଯାଉଅଛି।

| ମାର୍ଗ | ଷ୍ଟେସନ ମଧ୍ୟରେ | ଲେଭେଲ କ୍ରସିଂ ସଂଖ୍ୟା | ରେଳବାଇ କିଲୋମିଟର | ଗଣନା ବର୍ଷ | ଟ୍ରେନ୍ ବାହନ ୟୁନିଟ୍ |
|---|---|---|---|---|---|
| D-ସ୍ପେଶାଲ | ଖୋରଧା ରୋଡ୍-ରାଜଆଠଗଡ଼ | CT-31 | 427/23-25 | ଡିସେମ୍ବର-2015 | 10416 |

ପତ୍ର ସଂ. 2032/Judl., ତା.26.11.2014ରିଖ ଦ୍ୱାରା କଲେକ୍ଟର / କଟକ, ଏହି ଲେଭେଲ୍ କ୍ରସିଂ ଫାଟକକୁ ବନ୍ଦ କରିବା ନିମନ୍ତେ ତାଙ୍କର ଅନୁମତି ପ୍ରଦାନ କରିସାରିଛନ୍ତି। ପତ୍ର ସଂ. W-4/351/A/Pt.VII/5625, ତା.02.07.2018 ରିଖ ଦ୍ୱାରା ପ୍ରମୁଖ ମୁଖ୍ୟ ଯନ୍ତ୍ରୀ / ପୂର୍ବତଟ ରେଳପଥ / ଭୁବନେଶ୍ୱର ତାଙ୍କର ପ୍ରଶାସନିକ ଅନୁମୋଦନ ପ୍ରଦାନ କରିସାରିଛନ୍ତି।

ବନ୍ଦ ହେବାର କାରଣ : ଲେଭେଲ କ୍ରସିଂ ଫାଟକ ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS) ର ସମ୍ପାଦନ କରାଯାଇଅଛି।

ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ସୂଚନାର୍ଥେ।

ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (କେନ୍ଦ୍ରୀୟ), ଖୋର୍ଦ୍ଧା ରୋଡ଼

PR - 391/K/19-20

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. eT-M-Clg-BAM-78-2019

କାର୍ଯ୍ୟର ନାମ : ଚାରି ବର୍ଷ (ଅର୍ଥାତ୍ 1460 ଦିନ) ଅବଧି ନିମନ୍ତେ ପ୍ଲାଟଫର୍ମ, ୟାର୍ଡ଼, ୱାସେବୁଲ ଆପ୍ରୋନ୍, ଟ୍ରାକ୍, କାର୍ଯ୍ୟାଳୟ ଭବନ, ଆରକ୍ଷଣ କାର୍ଯ୍ୟାଳୟ, କନକୋର୍ସ ଏରିଆ, ପରିକ୍ଷେତ୍ର, ପ୍ରତୀକ୍ଷା ହଲ, ହୋମ୍ ସିଗ୍ନାଲ ଠାରୁ ହୋମ୍ ସିଗ୍ନାଲ ପର୍ଯ୍ୟନ୍ତ ୟାର୍ଡ଼ଗୁଡ଼ିକ ସହିତ ବ୍ରହ୍ମପୁର ଷ୍ଟେସନର ଯନ୍ତ୍ରୀକୃତ (MECHANIZED) ସଫେଇ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 5,09,63,916.47, EMD (ଟଙ୍କାରେ): 4,04,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 1460 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.10.2019ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.10.2019 ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର/ ଖୋର୍ଦ୍ଧା ରୋଡ

PR-392/K/19-20

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. ELS-ANGL-OT-19-20-09

କାର୍ଯ୍ୟର ନାମ : ଇଲେକ୍ଟ୍ରିକ୍ ଲୋକୋ ସେଡ୍ (ELS)/ଅନଗୁଳ ଠାରେ ଇଲେକ୍ଟ୍ରିକ୍ ଇଂଜିନ୍ (ଲୋକୋମୋଟିଭ) ଗୁଡ଼ିକର WAG-7 ଟାଇପ୍ ଇଲେକ୍ଟ୍ରିକ୍ ଇଂଜିନ୍ (ଲୋକୋମୋଟିଭ) ଗୁଡ଼ିକରେ ବର୍ତ୍ତମାନର ହ୍ୟାଣ୍ଡ ବ୍ରେକ୍ ର ରୂପାନ୍ତରିତ ହ୍ୟାଣ୍ଡ ବ୍ରେକ୍ (ଗିଅର ଟାଇପ୍) ବ୍ୟବସ୍ଥାରେ ରୂପାନ୍ତରଣ ଏବଂ ପରିବର୍ତ୍ତନ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 26,83,557.88, EMD (ଟଙ୍କାରେ) : 53,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.04.10.2019ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 18.10.2019 ରିଖ 1500 ଘଟିକାରେ।

(2) ଟେଣ୍ଡର ସଂ. ELS-ANGL-OT-19-20-10

କାର୍ଯ୍ୟର ନାମ : ଇଲେକ୍ଟ୍ରିକ୍ ଲୋକୋ ସେଡ୍ (ELS) / ଅନଗୁଳ ଠାରେ ଇଲେକ୍ଟ୍ରିକ୍ ଲୋକୋ (Electric Loco) ପାଣ୍ଟୋଗ୍ରାଫ୍‌ର ପରୀକ୍ଷା ଓ ମରାମତି (Overhauling)।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) 30,94,000/-, EMD (ଟଙ୍କାରେ) : 61,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.08.10.2019ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା. 22.10.2019 ରିଖ 1500 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଉପଲବ୍ଧ ହେବ http://www.ireps.gov.in ରେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୋଳ

PR-394/K/19-20